ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବ୍ରୁୟାରୀ ୨୫ /୨୦୧୯ (୨୦ ପୃଷ୍ଠା) Bhubaneswar, Monday, February 25/ 2019 ★★★★★★

୪୫ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଫେବୃୟାରୀ, ୨୦୧୯

ଭାରତ ସରକାରଙ୍କ ହାଉସିଂ ପ୍ରାଜେକ୍ଟ ଅନ୍ତର୍ଗତ ନିର୍ମାଣ କରାଯାଇଥିବା ୧୫୫ ବାସଗୃହ ଶ୍ରୀଲଙ୍କାର ଚା–ଉତ୍ପାଦନକ୍ଷମ ଅଞ୍ଚଳରେ ରହିଆସୁଥିବା ଭାରତୀୟ ତାମିଲମାନଙ୍କୁ ରବିବାର ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ୍ ୱିକ୍ରମସିଙ୍ଘେ ହସ୍ତାନ୍ତର କରିଛନ୍ତି। ଏ ନେଇ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତୀୟ ଉଚ୍ଚାୟୁକ୍ତ ତରଣଜିତ୍ ସିଂ ସାନ୍ଧୁ ଉପସ୍ଥିତ ରହିଥିଲେ।

ସଂକ୍ଷେପରେ

ଶହୀଦଙ୍କ ପାଇଁ ଲଣ୍ଡା ହେଲେ ସେବକ

ଦେବାଶିଷଙ୍କ ପୋଷ୍ଟର ପୋଡ଼ି

ପୁରୀ ଅଫିସ,୨୪।୨: ଜମ୍ମୁ-କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଭାରତୀୟ ଯବାନମାନଙ୍କ ଏକାଦଶାହ ଶ୍ରାଦ୍ଧ ସିଂହଦ୍ୱାରଠାରେ କରାଯାଇଥିଲା। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣଙ୍କୁ ବସ୍ତ୍ର ଏବଂ ଗରିବ ଲୋକଙ୍କୁ ମିଠା ବଣ୍ଟା ଯାଇଥିଲା। ପୂଜାପଣ୍ଡା ସେବକ ନରସିଂହ ପୂଜାପଣ୍ଡା ଲଣ୍ଡା (ମୁଣ୍ଡନ) ହେବା ସହିତ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପୋଷ୍ଟର ପୋଡ଼ା ଯାଇଥିଲା। ଉପସ୍ଥିତ ଜନସାଧାରଣ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶହୀଦ ଯବାନ ଅମର ରହେ, ରକ୍ତର ଜବାବ ରକ୍ତରେ ଦିଆଯାଉ, ପାକିସ୍ତାନ ମୁର୍ଦ୍ଦାବାଦ, ଦେବାଶିଷ ସାମନ୍ତରାୟ ମୁର୍ଦ୍ଦାବାଦ ସ୍ଲୋଗାନମାନ ଦିଆଯାଇଥିଲା। ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ସେନାର ପ୍ରତିନିଧି ଦଳ ପୁରୀଗୁ ଦୁର୍ଘଟଣାସ୍ଥଳ ପୁଲୱାମାକୁ ଯାଇ ସେଠାରେ ସମୂହ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଦେବେ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

■ ଗଡ଼ିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍

ପୂର୍ବ ଭାରତ ଭ୍ରମଣରେ ୯୬୪ ବରିଷ୍ଠ ନାଗରିକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପତାକା ଦେଖାଇ ଏକାଦଶ ତୀର୍ଥଯାତ୍ରୀ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଆଇଆର୍‌ସିଟିସି ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୧୮–୧୯ର ଶୁଭାରମ୍ଭ କରାଯାଇଛି। ଏହି ତୀର୍ଥଯାତ୍ରାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ରେଳଷ୍ଟେଶନରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଏହି ଏକାଦଶ ତୀର୍ଥଯାତ୍ରୀ ଟ୍ରେନ୍ ରବିବାର ଯାତ୍ରା ଆରମ୍ଭ କରିଥିବା ବେଳେ ଏଥିରେ କେନ୍ଦ୍ରାଞ୍ଚଳର ବିଭିନ୍ନ ଜିଲାର ବରିଷ୍ଠ ନାଗରିକ କୋଲକାତା ଓ କାମାକ୍ଷା ଭ୍ରମଣରେ ବାହାରିଛନ୍ତି।

୨୦୧୬ରୁ ଆରମ୍ଭ ହୋଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଚଳିତବର୍ଷ ସାମିଲ ହୋଇଛନ୍ତି ୯୬୪ ବରିଷ୍ଠ ନାଗରିକ। ଭୁବନେଶ୍ୱର ରେଳଷ୍ଟେଶନରୁ ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ ଛାଡ଼ିଥିବା ଏହି ଟ୍ରେନ୍‌ରେ ତୀର୍ଥଯାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ମିଶାଇ ମୋଟ ୧ ହଜାର ଜଣ ରହିଛନ୍ତି। ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ୬ଦିନିଆ ଯାତ୍ରା ମାର୍ଚ୍ଚ ୧ରେ ଶେଷ ହେବାକୁ ଥିବାବେଳେ ଏଥର ଯାତ୍ରୀଙ୍କୁ ପୂର୍ବ ଭାରତର ବିଭିନ୍ନ ତୀର୍ଥସ୍ଥଳୀ ଦେଖାଇବାର ଯୋଜନା ରହିଛି। ଟ୍ରେନ୍‌ଟି ଭୁବନେଶ୍ୱରରୁ କୋଲକାତା ଯିବା ପରେ ସେଠାରୁ ଗୁଆହାଟୀ ଅଭିମୁଖେ ଯାତ୍ରା କରିବ। ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ବରିଷ୍ଠ ନାଗରିକମାନେ ଏଥିରେ ସାମିଲ ହୋଇଛନ୍ତି। ତୀର୍ଥଯାତ୍ରାର ଶୁଭାରମ୍ଭ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବଙ୍କ ସହ ପର୍ଯ୍ୟଟନ ବିଭାଗ ଏବଂ ପର୍ଯ୍ୟଟନ ଉନ୍ନୟନ ନିଗମର ବରିଷ୍ଠ ଅଧିକାରୀ, ଆଇଆର୍‌ସିଟିସିର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ରାଜ୍ୟର ଆର୍ଥିକ ଅନଗ୍ରସର ତଥା ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୧୬–୧୭, ୨୦୧୭–୧୮ ଏବଂ ୨୦୧୮–୧୯ରେ ଏହି ତୀର୍ଥଯାତ୍ରା ମାଧ୍ୟମରେ ୧୦ଟି ପର୍ଯ୍ୟାୟରେ ପାଖାପାଖି ୧୦,୦୦୦ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ସୁଯୋଗ ଲାଭ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମାଞ୍ଚଳର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ପାଇଁ ପଠାଯିବାକୁ ଥିବାବେଳେ ୩ୟ ପର୍ଯ୍ୟାୟରେ ଦକ୍ଷିଣାଞ୍ଚଳର ବରିଷ୍ଠ ନାଗରିକମାନେ ଯାତ୍ରାର ସୁଯୋଗ ପାଇବେ।

ସଡ଼କ ଦୁର୍ଘଟଣାରେ ୧୦ମୃତ

ଭବାନୀପାଟଣା,(ଡି.ଏନ.ଏ.)/ ଭଦ୍ରକ ଅଫିସ/ ଆନନ୍ଦପୁର/ଠାକୁରମୁଣ୍ଡା, (ସ୍ୱ.ପ୍ର.)/ଭୁବନ/ ରାଇରଙ୍ଗପୁର, ୨୪।୨(ଡି.ଏନ୍.ଏ.)

■ ଟ୍ରକକୁ ପିଟିଲା ବରଯାତ୍ରୀ ଭ୍ୟାନ
■ ଟ୍ରାକ୍ଟର ତଳେ ଚାପି ହୋଇଗଲେ ଡ୍ରାଇଭର, ହେଲ୍‌ପର
■ କନ୍‌ଷ୍ଟେବଳ ମୃତ, ଯୁବକଙ୍କ ଗୋଡ଼ ଛିଣ୍ଡିଲା

ଭବାନୀପାଟଣା, ଭଦ୍ରକ, କେନ୍ଦୁଝର ଜିଲା ଆନନ୍ଦପୁର, ଢେଙ୍କାନାଳ ଜିଲା ଗଁଦିଆ ଓ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ନର୍ଲା–ଡୁଳାପଡ଼ା ରାସ୍ତାର ଆମପଡ଼ାରେ ଶନିବାର ବିଳମ୍ବିତ ରାତିରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ରାସ୍ତାକଡ଼ରେ ଠିଆହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ପିଲାଙ୍କ ସହ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଭବାନୀପାଟଣା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ୪ ଜଣଙ୍କୁ ବୁର୍ଲା ଏବଂ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମୃତକମାନେ ହେଲେ ଭବାନୀପାଟଣା ପୁରୁଣାପଡ଼ାର ଧନେଶ୍ୱର ପ୍ରଧାନ (୫୫) ଓ ଜେନାଖାଲ ପଡ଼ାର ଶଶୀ ଆରୁଖ (୪୫)। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତରଖାନାକୁ ପଠାଇବା ସହ ପୋଲିସକୁ ଖବର ଦେଇଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୨୨/୧୯) ରୁଜୁ ହୋଇଛି।

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ରବିବାର ପୃଥକ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମଧ୍ୟାହ୍ନରେ ଏହି ଥାନା ଅଧୀନ ଚଣ୍ଡୀ ଗାଁରେ ବାହାଘର ଶୋଭାଯାତ୍ରା ଚାଲିଥିବା ବେଳେ ଡିଜେ ଗାଡ଼ି ଚାପାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ବରାଙ୍ଗ ପେଟ୍ରୋଲ ପମ୍ପ୍ ନିକଟରେ ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାସୁଦେବପୁର ବେତଡ଼ା ଅଞ୍ଚଳର ରବୀନ୍ଦ୍ର ସେଠୀ, ଭଦ୍ରକ ହଳଦୀଡିହ ବାଇପାସ୍ ଅଞ୍ଚଳର ସଜତ ଶାହା ଓ ବାସୁଦେବପୁର ସୁଗୋ ଅଞ୍ଚଳର ଉତ୍ତମ ନାୟକ। ଆହତମାନେ ହେଲେ ବାସୁଦେବପୁର ସୁଗୋ ଅଞ୍ଚଳର ଅକ୍ଷୟ ନାୟକ ଓ ଭଦ୍ରକ ବାଇପାସ୍ ଅଞ୍ଚଳର ରିଙ୍କୁ ଖାନ୍। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଆନନ୍ଦପୁର ସୀମାନ୍ତ ମଝୁଲଡିହା ଥାନା ଗୋଡ଼ଭଙ୍ଗା ନିକଟରେ ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଟ୍ରାକ୍ଟର ଚାଳକ ଓ ହେଲ୍‌ପରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଆନନ୍ଦପୁର ଥାନା କୋଡ଼ପଡ଼ା ଅଞ୍ଚଳରେ ରହୁଥିବା କାର୍ତ୍ତିକ ମହାରଣା। ହେଲ୍‌ପରଙ୍କ ପରିଚୟ ମିଳିପାରିନାହିଁ।

ଢେଙ୍କାନାଳ ଜିଲା ଗଁଦିଆ ଥାନା ମନ୍ଦାର ଛକ ପୂର୍ବ ବିଭାଗ ରାସ୍ତାରେ ରବିବାର ସକାଳ ସାଢ଼େ ୬ଟାରେ ଦୁର୍ଘଟଣା ଘଟି ଜଣେ କନ୍‌ଷ୍ଟେବଳଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଁଦିଆ ଥାନା ନୂଆଗଡ଼ ଗ୍ରାମର ସୌମ୍ୟରଞ୍ଜନ ସାହୁ (୩୧)। ବାଇକ୍ ପଛରେ ବସିଥିବା ତାଙ୍କ ସାଙ୍ଗ ସଂଗ୍ରାମ କିଶୋର ପଣ୍ଡା (୨୭)ଙ୍କ ଡାହାଣ ଗୋଡ଼ ଛିଣ୍ଡିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସେହିପରି ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ବଡ଼କାଣ୍ଡ ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ଜଣେ ମହିଳାଙ୍କ ସମେତ ୨ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ନାସା ମାରାଣ୍ଡି ଓ ଦୀକ୍ଷିତ କିସ୍କୋ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ରାଇରଙ୍ଗପୁର ମେଡିକାଲକୁ ପଠାଇ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଥିବା ଥାନା ଅଧିକାରୀ ଶଶଧର ସେଠୀ କହିଛନ୍ତି। ଏ ନେଇ ଥାନାରେ ୬/୧୯ରେ ଏକ ମାମଲା ରୁଜୁ ହୋଇଛି।

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ବୈଠକ

ପ୍ରତିବର୍ଷ ମାର୍ଚ୍ଚ ଶେଷ ଶନିବାର ହେବ ବାର୍ ନିର୍ବାଚନ

■ ଚଳିତ ବର୍ଷ ମାର୍ଚ୍ଚ ୩୦କୁ ନିର୍ବାଚନ ତାରିଖ ଧାର୍ଯ୍ୟ
■ ଛୁଟିଦିନ ହୋଇଥିଲେ ପୂର୍ବ ଶନିବାର ହେବ ଭୋଟ ଗ୍ରହଣ

କଟକ ଅଫିସ, ୨୪।୨

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସାଧାରଣ ବୈଠକ ରବିବାର ହାଇକୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବ ଅନୁଯାୟୀ ରାଜ୍ୟର ଆଇନଜୀବୀ ସଂଘଗୁଡ଼ିକରେ ଗୋଟିଏ ବାର୍ ଗୋଟିଏ ଭୋଟ ନୀତି ଲାଗୁ କରାଯିବ। ତଦନୁଯାୟୀ ସମସ୍ତ ବାର୍ ଆସୋସିଏଶନର ନିର୍ବାଚନ ପ୍ରତିବର୍ଷ ମାର୍ଚ୍ଚ ଶେଷ ଶନିବାର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଯଦି କୌଣସି ଶେଷ ଶନିବାର ଛୁଟିଦିନ ରୂପେ ଘୋଷିତ ହୋଇଥାଏ, ତେବେ ତାହାର ପୂର୍ବ ଶନିବାରକୁ ନିର୍ବାଚନ ଦିନ ହିସାବରେ ଗ୍ରହଣ କରାଯିବ। ଏହି କ୍ରମରେ ଚଳିତବର୍ଷ ପାଇଁ ପଞ୍ଜୀକୃତ ବାର୍ ଆସୋସିଏଶନଗୁଡ଼ିକର ନିର୍ବାଚନ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଫେବୃୟାରୀ ୨୮କୁ ଶେଷ ଦିବସ ରୂପେ ଗ୍ରହଣ କରାଯାଇଛି। ତେବେ ଆଗାମୀ ବର୍ଷଗୁଡ଼ିକ ନିମନ୍ତେ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରସ୍ତୁତିର ଶେଷ ତାରିଖ ଜାନୁୟାରୀ ୩୧ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ 'ୱାନ୍ ବାର୍ ୱାନ୍ ଭୋଟ' ଲାଗୁ କରିବାକୁ ହାଇକୋର୍ଟ ଶୁକ୍ରବାର ଓଡ଼ିଶା ଆଇନଜୀବୀ ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଜଣେ ଓକିଲ ଏକାଧିକ ସଂଘରେ ସଦସ୍ୟତା ଗ୍ରହଣ କରି ସବୁଠାରେ ଭୋଟ ଦେଇପାରୁଥିଲେ। କିନ୍ତୁ ଏଣିକି ଜଣେ ଓକିଲ କେବଳ ଗୋଟିଏ ସଂଘରେ ଥରେମାତ୍ର ଭୋଟ ଦେଇପାରିବେ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ବୈଠକରେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୫ /୨୦୧୯ | Bhubaneswar, Monday, February 25/ 2019 | ପୃଷ୍ଠା-୧

ସୋନାକ୍ଷୀଙ୍କ ନାମରେ ଠକେଇ ମାମଲା

ଉତ୍ତରପ୍ରଦେଶର ମୋରାଦାବାଦ୍ ଥାନାରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ନାମରେ ଏକ ଠକେଇ ମାମଲା ରୁଜୁ ହୋଇଛି।

୦୭

୧୭

ସୌରଭଙ୍କ ବିଶ୍ୱ ରେକର୍ଡ

ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ସୌରଭ ଚୌଧାରୀ ସ୍ୱର୍ଣ୍ଣପଦକ ସହ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

■ ପିଏମ୍ କିଷାନ ଯୋଜନା ଶୁଭାରମ୍ଭ କଲେ ମୋଦି

କୋଟିଏ କୃଷକଙ୍କୁ ପ୍ରଥମ କିସ୍ତି

ଗୋରଖପୁର,୨୪।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମହତ୍ତ୍ୱାକାଂକ୍ଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ଶୁଭାରମ୍ଭ କରି ପ୍ରଥମ କିସ୍ତିରେ ୧ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏ ପଠାଇଛନ୍ତି। ଏହି ଅବସରରେ ସେ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି ସେମାନେ ୧୦ ବର୍ଷରେ ଥରେ ନିର୍ବାଚନ ଆସିଲେ କୃଷକଙ୍କ କଥା ମନେ ପକାଇଥାନ୍ତି ବୋଲି କହିଛନ୍ତି। ଗୋରଖପୁରର ଏଫସିଆଇ ପଡିଆରେ ଯୋଜନାର ଶୁଭାରମ୍ଭ କରିବା ଅବସରରେ ମୋଦି କହିଥିଲେ, ରବିବାର ପ୍ରଥମ କିସ୍ତି ଅର୍ଥ ୧.୦୧ କୋଟି କୃଷକଙ୍କ ବ୍ୟାଙ୍କଖାତାରେ ଜମା ହୋଇଛି। ଅନ୍ୟ ଯେଉଁମାନେ ବାଦ ପଡିଛନ୍ତି ସେମାନଙ୍କ ଖାତାକୁ ଖୁବ୍ଶୀଘ୍ର ଏହି ଟଙ୍କା ପଠାଯିବ। ୨୧ଟି ରାଜ୍ୟ ଏବଂ ସମସ୍ତ କେନ୍ଦ୍ରଶାସିତ ଅଞ୍ଚଳର ଚାଷୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ତୁରନ୍ତ ଚାଷୀ ତାଲିକା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହିତ ମୋଦି ଭିଡିଓ କନ୍ଫରେନ୍ସିଂ ଜରିଆରେ ବିଭିନ୍ନ ରାଜ୍ୟର କୃଷକ ସଂଗଠନଗୁଡ଼ିକ ସହ ଆଲୋଚନା କରିଥିଲେ।

'ଜୟ ଯବାନ, ଜୟ କିଷାନ'ରୁ ପ୍ରଧାନମନ୍ତ୍ରୀ ଭାଷଣ ଆରମ୍ଭ କରି ୭୫ ହଜାର କୋଟି ଟଙ୍କାର ପିଏମ୍ କିଷାନ ଯୋଜନା ନିର୍ବାଚନ ପ୍ରତିଶ୍ରୁତି ନୁହେଁ ବୋଲି କହିଥିଲେ। କୃଷି ଋଣ ଛାଡ଼ ସରକାରଙ୍କ ପାଇଁ ମଧ୍ୟ ସହଜ ହୋଇଥାନ୍ତା। ତେବେ ରାଜନୈତିକ ଏବଂ ନିର୍ବାଚନୀ ଫାଇଦା ପାଇଁ ସରକାର ଏଭଳି ଏକ ପାପ କରିବାକୁ ଚାହାନ୍ତି ନାହିଁ। ଏହାଦ୍ୱାରା ନିର୍ଦ୍ଦିଷ୍ଟ କେତେଜଣ ଉପକୃତ ହୋଇଥାନ୍ତେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ଆପଣମାନଙ୍କ ଟଙ୍କା ଏବଂ ଏହାକୁ ଫେରାଇ ନିଆଯିବ ନାହିଁ। କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ଦୁଇଗୁଣ କରିବା ଲାଗି ସରକାର ସମ୍ପୂର୍ଣ୍ଣ ସାଧୁତାର ସହ ଉଦ୍ୟମ ଚଳାଇଛନ୍ତି। ସରକାର ୧୦୦ ଟଙ୍କା ମଞ୍ଜୁର କଲେ ସେଥିରୁ ୮୫ ଟଙ୍କା ମଧ୍ୟସ୍ଥଙ୍କ ଦ୍ୱାରା ବାଟମାରଣା ହେଉଥିଲା। ଏବେ ସେ ସମୟ ଆଉ ନାହିଁ। ସରକାର ମଞ୍ଜୁର କରୁଥିବା ପ୍ରତିଟି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ☞ପୃଷ୍ଠା–୨

ଉତ୍ତରପ୍ରଦେଶ ଗୋରଖପୁରଠାରେ ଆୟୋଜିତ ପିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

■ ସାତମାଇଲ ଚାଷୀ ସମାବେଶକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ

'କାଳିଆ ଯୋଜନା ଐତିହାସିକ'

■ ଏପ୍ରିଲ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

ଢେଙ୍କାନାଳ ଅଫିସ, ୨୪।୨

ସାରା ଦେଶର ଚାଷୀଙ୍କୁ ବାଟ ଦେଖାଇଛି 'କାଳିଆ'। ଏହି ଯୋଜନାରେ ରାଜ୍ୟର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହେଲେଣି। ଏଥିରେ ଛୋଟଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, କୃଷି ଶ୍ରମିକ ସମସ୍ତେ ସହାୟତା ପାଇପାରିବେ। ଏଥିରୁ ଯେପରି କେହି ଜଣେ ବି ବାଦ୍ ନ ପଡ଼ନ୍ତି ସେ ନେଇ ନଜର ରଖାଯାଇଛି। କାଳିଆ ଛାତ୍ରବୃତ୍ତି ଦ୍ୱାରା ଚାଷୀ ପରିବାରର ମେଧାବୀ ପିଲା ଉପକୃତ ହେଉଛନ୍ତି। ସମସ୍ତେ ଏହାର ସୁଯୋଗ ନିଅନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ବଡ଼ବର ପଡ଼ିଆରେ ରବିବାର ଅପରାହ୍ନରେ ଆୟୋଜିତ ବିଶାଳ ଚାଷୀ ସମାବେଶକୁ ସମ୍ବୋଧିତ କରି ସେ ଏପରି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଛେଣ୍ଡିପଦା ଅଞ୍ଚଳର ମହିଳା ଚାଷୀ ସୌଦାମିନୀ ମାଝି ବକ୍ତବ୍ୟ ରଖି କାଳିଆ ଯୋଜନା ସମ୍ପର୍କରେ ବ୍ୟକ୍ତିଗତ ☞ପୃଷ୍ଠା–୫

ଢେଙ୍କାନାଳ ଜିଲା ସାତମାଇଲସ୍ଥିତ ବଡ଼ବର ପଡ଼ିଆରେ ରବିବାର ଆୟୋଜିତ ଚାଷୀ ସମାବେଶ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଆଜିର ସମ୍ପାଦକୀୟ

ଯୁଦ୍ଧ ରାଜନୀତି

ଆଜିର ମନ୍ତବ୍ୟ

ଉତ୍ତର କୋରିଆ ଆଣବିକ ଅସ୍ତ୍ରଶସ୍ତ୍ର ତ୍ୟାଗକଲେ ଏକ ଅର୍ଥନୈତିକ ମହାଶକ୍ତି ହୋଇପାରିବ।

– ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

ଶସ୍ତା ହେବ ଘର କିଣା

ନୂଆଦିଲ୍ଲୀ,୨୪।୨

ଘର କିଣିବାର ସ୍ୱପ୍ନ ଦେଖୁଥିବା ନାଗରିକଙ୍କୁ ଜିଏସ୍ଟି କାଉନ୍ସିଲ୍ ରବିବାର ବଡ଼ ଉପହାର ଦେଇଛନ୍ତି। ଘର ଉପରେ ଲାଗୁ ହେଉଥିବା ଜିଏସ୍ଟି ହ୍ରାସ କରାଯାଇଛି। ନିର୍ମାଣାଧୀନ ଘର ଉପରେ ଜିଏସ୍ଟି ହାରକୁ ୧୨ ପରିବର୍ତ୍ତେ ୫%(ଇନପୁଟ ଟ୍ୟାକ୍ସ କ୍ରେଡିଟ ବିନା) ଏବଂ ସୁଲଭ ଘର(ଆଫୋର୍ଡେବୁଲ ହାଉସିଂ) ଉପରେ ୮% ବଦଳରେ ୧%(ଇନପୁଟ ଟ୍ୟାକ୍ସ କ୍ରେଡିଟ ବିନା)ଜିଏସ୍ଟି ଆଦାୟ କରାଯିବ। ନୂଆ ଜିଏସ୍ଟି ହାର ଚଳିତବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ ଏବଂ ବିଲ୍ଡର ଇନପୁଟ ଟ୍ୟାକ୍ସ କ୍ରେଡିଟ ଦାବି କରିପାରିବେ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ କାଉନ୍ସିଲ ବୈଠକ ଶେଷରେ ପ୍ରକାଶ କରିଛନ୍ତି।

ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ରିୟଲିଟି ସେକ୍ଟରକୁ ପ୍ରୋତ୍ସାହିତ କରିବାକୁ ସରକାର ଚାହୁଁଛନ୍ତି। ଏହି କାରଣରୁ କାଉନ୍ସିଲ ଆଫୋର୍ଡେବୁଲ ହାଉସିଂର ସଂଜ୍ଞା ବଦଳାଇ ଦେଇଛନ୍ତି। ଫଳରେ ଅଧିକରୁ ଅଧିକ ଲୋକେ ଏହାର ଫାଇଦା ଉଠାଇ ପାରିବେ। କାଉନ୍ସିଲର ନିଷ୍ପତ୍ତି ଯୋଗୁ ନିର୍ମାଣ ସେକ୍ଟରକୁ ପ୍ରୋତ୍ସାହନ ମିଳିବ। ଜେଟ୍ଲୀ କହିଛନ୍ତି ଯେ, ଉକ୍ତ ନିଷ୍ପତ୍ତି ପରେ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ–ଏନ୍ସିଆର(ଦିଲ୍ଲୀ, ନୋଇଡା, ଗ୍ରେଟର ନୋଇଡା, ଗାଜି ଆବାଦ, ଗୁଡ଼ଗାଓଁ,ଫରିଦାବାଦ), ହାଇଦ୍ରାବାଦ, କୋଲକାତା ଏବଂ ମୁମ୍ବାଇ ଭଳି ମେଟ୍ରୋ ସହରରେ ନୂଆ ସଂଜ୍ଞା ଅନୁଯାୟୀ, ୬୦ ବର୍ଗ ମିଟର ☞ପୃଷ୍ଠା–୨

ଜିଏସ୍ଟି କାଉନସିଲ ବୈଠକରେ ନିଷ୍ପତ୍ତି

- ନିର୍ମାଣାଧୀନ ଘର ଉପରେ ୧୨ ପରିବର୍ତ୍ତେ ୫% ଜିଏସ୍ଟି
- ସୁଲଭ ଘରରେ ୮ରୁ ୧%କୁ ଜିଏସ୍ଟି ହ୍ରାସ କରାଯାଇଛି
- ଏପ୍ରିଲ ପହିଲାରୁ ଲାଗୁ ହେବ

ଆଜି ଅଧିକାରୀ, ବୈଷୟିକ ବିଶେଷଜ୍ଞସ୍ତରୀୟ ବୈଠକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞସ୍ତରୀୟ ବୈଠକ ସୋମବାର ଦିଲ୍ଲୀରେ ଅନୁଷ୍ଠିତ ହେବ। ମହାନଦୀ ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ଏହି ବୈଠକ ବସୁଛି। ଅଣମୌସୁମୀ ସମୟରେ ମହାନଦୀ ଜଳର ବଣ୍ଟନ ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି। ଓଡ଼ିଶା ଅଣମୌସୁମୀ ସମୟରେ ୧.୭୪ ମିଲିୟନ ଏକର ଫିଟ୍(ଏମ୍ଏଏଫ୍) ଜଳ ପାଇଁ ଦାବି କରୁଛି। ଟ୍ରିବ୍ୟୁନାଲ ନିଜର ପ୍ରଥମ ଶୁଣାଣି କରିବା ପୂର୍ବରୁ ୧.୭୪ ଏମ୍ଏଏଫ୍ ଜଳ ପାଇଁ ନିର୍ଦ୍ଦେଶ ଦେବାକୁ ବୈଠକରେ ଦାବି କରିବ। ରାଜ୍ୟର ଦାବି ସମ୍ପର୍କିତ ସମସ୍ତ ତଥ୍ୟ କମିଟି ଆଗରେ ରଖାଯିବ। ଓଡ଼ିଶାର ଦାବି ଆଉ ଛତିଶଗଡ଼ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ଅଧିକାରୀସ୍ତରୀୟ–ବୈଷୟିକ କମିଟି ବୈଠକ ନିଷ୍ପତ୍ତିକୁ ନେଇ ରାଜ୍ୟ ରାଜନୀତି ମଧ୍ୟ ସରଗରମ ହେବ ସମ୍ଭାବନା ରହିଛି।

ଗହାନଦୀ ପ୍ରସଙ୍ଗ

- ଯୋଗଦେବେ ଛତିଶଗଡ଼, ଓଡ଼ିଶାର ପ୍ରତିନିଧି
- ଅଣ ମୌସୁମୀରେ ୧.୭୪ ଏମ୍ଏଏଫ୍ ଜଳ ପାଇଁ ରାଜ୍ୟର ଦାବି

ଜାପାନ ସମ୍ରାଟ୍ ଆକିହିତୋଙ୍କ ୩୦ ବର୍ଷ ଶାସନ ପୂର୍ତ୍ତି ରବିବାର ପାଳିତ ହୋଇଛି। ଏପ୍ରିଲ ୩୦ରେ ସେ ରାଜଗାଦି ତ୍ୟାଗ କରିବେ। ଜନସାଧାରଣଙ୍କ ସହଯୋଗ ଯୋଗୁ ସେ ଦୀର୍ଘବର୍ଷ ଧରି ତାଙ୍କ ଦାୟିତ୍ୱ ସୂଚାରୁ ଭାବେ ସମ୍ପାଦିତ କରିଥିବା ଆକିହିତୋ କହିଛନ୍ତି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉତ୍ସବରେ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଉପସ୍ଥିତ ରହିଥିଲେ।

୧୧ ଚାଷୀଙ୍କୁ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ'

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ନିଜସ୍ୱ ଜ୍ଞାନକୌଶଳକୁ ଉପଯୋଗ କରି ଚାଷୀମାନେ ଯେଉଁ ଛୋଟ ଛୋଟ ଅଭିନବ କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରସ୍ତୁତ କରିଛନ୍ତି, ତାହା ରାଜ୍ୟର କୃଷି ବ୍ୟବସ୍ଥାକୁ ସୁଦୃଢ଼ କରିବ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟକୁ ସହଜ ତଥା ମହିଳା କୃଷି ଶ୍ରମିକଙ୍କ ଶ୍ରମକୁ ଲାଘବ କରିବା ପାଇଁ ଚାଷୀମାନେ ପ୍ରସ୍ତୁତ କରିଥିବା ଏହି ଯନ୍ତ୍ରପାତି ଅନ୍ୟ ରାଜ୍ୟର ଚାଷୀମାନଙ୍କ ନିମନ୍ତେ ଉପାଦେୟ ସାବ୍ୟସ୍ତ ହେବ। ରବିବାର କୃଷି ଭବନଠାରେ ଆୟୋଜିତ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ପ୍ରଦାନ ଉତ୍ସବରେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଅର୍ଥ ଓ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ଏହା କହିଛନ୍ତି। ଏହି ଅବସରରେ ନିଜସ୍ୱ ସୃଜନଶୀଳତାରେ ନୂତନ ଯନ୍ତ୍ରପାତି ସୃଷ୍ଟି କରିବା ନିମନ୍ତେ ୧୧ଜଣ ଚାଷୀଙ୍କୁ ରାଜ୍ୟସ୍ତରରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଲେଖାଏ ୩ଜଣଙ୍କୁ, ଦ୍ୱିତୀୟ ପୁରସ୍କାର ବାବଦରେ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ୩ଜଣଙ୍କୁ ଓ ତୃତୀୟ ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଲେଖାଏ ୫ଜଣଙ୍କୁ ପ୍ରଦାନ କରାଯାଇଥିଲା। ୩ଜଣ ଚାଷୀଙ୍କୁ ପ୍ରଶଂସାପତ୍ର ଦିଆଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ରାଜ୍ୟର ୩୦ ଜିଲାରୁ ୨୦୦୦ରୁ ଅଧିକ ଚାଷୀ ଆବେଦନ କରିଥିବା ବେଳେ ୯୦ଜଣଙ୍କୁ ଜିଲାସ୍ତରରେ ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶାର କୃଷକମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଏହି ନବପ୍ରବର୍ତ୍ତନ ଯନ୍ତ୍ରଗୁଡ଼ିକର ବ୍ୟବହାର କୃଷକର ଦକ୍ଷତା ଓ ଉତ୍ପାଦିକତା ବୃଦ୍ଧି ସହିତ ଚାଷ ଖର୍ଚ୍ଚକୁ କମ୍ ତଥା ମୂଲ୍ୟଯୁକ୍ତ କରିବାରେ ସାହାଯ୍ୟ କରିବ। ଏହାସହ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ଚାଷୀମାନଙ୍କର ଏହି ବୈଷୟିକ ସଫଳତାକୁ ବ୍ୟାପକ ପ୍ରଚାର ପ୍ରସାର ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ସରକାରଙ୍କ ପକ୍ଷରୁ ପୁରସ୍କାର ବାବଦରେ ଦିଆଯାଉଥିବା ଅର୍ଥରାଶି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିବା ସହ କୃଷିକ୍ଷେତ୍ରରେ ଏହାର ସଫଳ ଉପଯୋଗ ନିମନ୍ତେ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି କହିଥିଲେ। ପୁରସ୍କାର ଚୟନ କମିଟି ଅଧ୍ୟକ୍ଷ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଉତ୍ସବରେ ଯୋଗଦେଇ ଓଡ଼ିଶାର ଚାଷୀମାନଙ୍କର ଏହି ଅଭିନବ ସଫଳତା ରାଜ୍ୟକୁ ନିଶ୍ଚିତ ଭାବେ ଆଗକୁ ନେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହନି ବି ନେଟ୍‌ୱର୍କର ପ୍ରତିଷ୍ଠାତା ପ୍ରଫେସର ଅନିଲ ଗୁପ୍ତା, ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ନିର୍ଦ୍ଦେଶକ ତଥା ଚିଫ୍ ଇନୋଭେଟିଭ୍ ଅଫିସର ଡ. ବିପିନ କୁମାର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ମୁଖ୍ୟଯନ୍ତ୍ରୀ(କୃଷି) ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୬୦,୭୨୬ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିଛନ୍ତି।

—ଅର୍ଥ ମନ୍ତ୍ରଣାଳୟ

୧ରେ ଓପିଜିସି ୩, ୪ନଂ ୟୁନିଟ୍ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୨୪।୨

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ୩ ଏବଂ ୪ନଂ ୟୁନିଟ୍ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଜିଲା ଗସ୍ତରେ ଆସୁଛନ୍ତି। ମାର୍ଚ୍ଚ ୧ରେ ମୁଖ୍ୟମନ୍ତ୍ରୀ ବନହରପାଲିସ୍ଥିତ ଓପିଜିସିର ଏହି ଦୁଇ ୟୁନିଟ୍ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସୂଚନା ମୁତାବକ, ଓପିଜିସିର ପ୍ରଥମ ଦୁଇ ୟୁନିଟ୍ କାର୍ଯ୍ୟକ୍ଷମ ଥିବାବେଳେ ୩ ଏବଂ ୪ନଂ ୟୁନିଟ୍ କାମ ଚାଲିଥିଲା। ପ୍ରଥମ ଦୁଇ ୟୁନିଟ୍‌ରୁ ବାର୍ଷିକ ୨୧୦ ମେଗାୱାଟ୍ ଲେଖାଏଁ ୪୨୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ହେଉଥିଲା। ଏହି ଦୁଇ ୟୁନିଟ୍ ଉଦ୍‌ଘାଟିତ ହେଲେ ଅଧିକ ୧୩୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ।

କୁଆପଥର ବର୍ଷା

ନୟାଗଡ଼ ଅଫିସ,୨୪।୨

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଅପରାହ୍ନରେ କୁଆପଥର ବର୍ଷା ହୋଇଥିଲା। ଅପରାହ୍ନ ୩ଟା ୨୦ ମିନିଟ ସମୟରେ ପ୍ରଥମେ ୧୦ ମିନିଟ ଧରି ଝିପିଝିପି ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଏହି ସମୟରେ ରାସ୍ତାରେ ଯାଉଥିବା ବାଟେଇମାନେ ଏଣେତେଣେ ଦୌଡ଼ିଥିଲେ। ଯିଏ ଯେଉଁଠି ପାରିଲା ନିରାପଦ ସ୍ଥାନ ଦେଖି ଅଟକି ଯାଉଥିଲେ। ପ୍ରଥମ କୁଆପଥର ମାଡ଼ ପରେ କିଛି ସମୟ ବର୍ଷା ହୋଇଥିଲା। ଏହାର ୧୫ ମିନିଟ ପରେ ପୁନର୍ବାର ୫ ମିନିଟ କୁଆପଥର ବର୍ଷା ହୋଇଥିଲା। ସେହିଭଳି ଶରଣକୁଳ, ଦଶପଲ୍ଲା ଓ ନୂଆଗାଁ ଅଞ୍ଚଳରେ କୁଆପଥର ମାଡ଼ ସହ ବର୍ଷା ହୋଇଥିବା ଦେଖିବାକୁ ମିଳିଥିଲା।

ପୋଲିସ ପରିଚୟ ଦେଇ ପୁଣି ଲୁଟିଲେ

ବ୍ରହ୍ମପୁର ଅଫିସ,୨୪।୨

ବ୍ରହ୍ମପୁର ସହରରେ ପୁଣି ଅଭିନବ ଉପାୟରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କଠାରୁ ରବିବାର ଦୁର୍ବୃତ୍ତମାନେ ୭ ତୋଳା ସୁନା ଅଳଙ୍କାର ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଖାସ୍‌ପା ସାହିର ପାର୍ବତୀ ବେହେରା(୭୦)। ଏ ନେଇ ବଡବଜାର ପୋଲିସ ନଂ. ୨୪/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଲୁଟ୍ ପରେ ଉକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପହରା ବ୍ୟବସ୍ଥା ହେବା ସହିତ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରାଯାଇ ତଦନ୍ତ ଚଳାଯାଉଥିବା ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି।

ପ୍ରକାଶ ଯେ, ରବିବାର ପୂର୍ବାହ୍ନରେ ବଡବଜାର ଥାନା ଅଧୀନ ଭେଙ୍କଟେଶ୍ୱର ମନ୍ଦିର ନିକଟରେ ଖାସ୍‌ପା ସାହିର ପାର୍ବତୀ ମନ୍ଦିର ଅଭିମୁଖେ ଯାଉଥିଲେ। ସେହି ସମୟରେ ସାଦା ପୋଷାକରେ କେତେକ ଯୁବକ ନିଜକୁ ପୋଲିସ ପରିଚୟ ଦେଇ ପାର୍ବତୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଅଧିକ ଅଳଙ୍କାର ଲଗାଇ ଗଲେ ମନ୍ଦିର ସମ୍ମୁଖରେ ଥିବା ମେଶିନ୍‌ରେ ଟିକସ ଭରିବାକୁ ପଡିବ ବୋଲି କହିଥିଲେ। ସେମାନଙ୍କୁ ସୁନା ଅଳଙ୍କାର ଦେଇ ଦର୍ଶନ ପରେ ସେସବୁକୁ ନେଇଯିବାକୁ କହିଥିଲେ। ପାର୍ବତୀ ସମସ୍ତ ସୁନା ଅଳଙ୍କାର ସେମାନଙ୍କ ହାତରେ ଦେବାକ୍ଷଣି ଯୁବକମାନେ ଦ୍ରୁତ ଗତିରେ ଫେରାର୍ ହୋଇଯାଇଥିଲେ। ବୃଦ୍ଧା ଜଣକ ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଥିଲେ। ପୋଲିସକୁ ଲୋକେ ଖବର ଦେବାପରେ ସଦର ଏସ୍‌ଡିପିଓ ପତି ଓ ବଡବଜାର ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ମୁର୍ଶିଦାବାଦ୍ ଆଦି ଅଞ୍ଚଳରୁ ବିଭିନ୍ନ ଚୋରି, ଲୁଟ୍ ଓ ରାହାଜାନି ଭଳି ସଙ୍ଗିନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନେ ଏହି ଲୁଟ୍‌ରେ ସାମିଲ ଥିବା ସୂଚନା ମିଳିଛି ବୋଲି ଏସ୍‌ଡିପିଓ ପତି କହିଛନ୍ତି।

ଏଥିପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଥିବା ବେଳେ ଦୁର୍ବୃତ୍ତମାନଙ୍କଠାରୁ ଦୂରେଇ ରହିବା ପାଇଁ ଜନସଚେତନତା ଆବଶ୍ୟକ ରହିଛି ବୋଲି ଏସ୍‌ପି ପିନାକ ମିଶ୍ର ଜଣାଇଛନ୍ତି । ସେହିପରି କେହି ଅଜଣା ବ୍ୟକ୍ତି ନିଜକୁ କୌଣସି ଅଫିସର ପରିଚୟ ଦେଇ ବନ୍ଧୁତ୍ୱ ସୃଷ୍ଟି କରି ଯଦି କିଛି ତଥ୍ୟ ପଚାରିଲେ ତୁରନ୍ତ ସମ୍ପୃକ୍ତ ଥାନାକୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିବା ନେଇ ବ୍ରହ୍ମପୁର ଏସ୍‌ପି ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

ବିଜେଡିରେ ମିଶିଲେ କଂଗ୍ରେସ, ଆପ୍, ଭାଜପା ନେତା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନ୍‌ସିଲରଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଭାଜପା, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି ନେତା ଓ କର୍ମୀ ରବିବାର ନବୀନ ନିବାସ ଯାଇ ବିଜେଡିରେ ଯୋଗଦେଇଛନ୍ତି। ପାଟଣାଗଡ଼ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ ନିର୍ବାଚନ ସମୟରେ ଆପ୍ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସୁନୀଲ ଗୋଏଲ୍ ଏବଂ ଶାରଦା ଗୋଏଲ୍, ଶାନ୍ତି ମେହେର, ସନ୍ୟାସୀ ବାଗ, ଗୁନମଣୀ ମେହେର, ଖେଡୁ ମାଝୀ, ବଲାଙ୍ଗୀର ଜିଲା ଯୁବମୋର୍ଚ୍ଚା ଉପସଭାପତି ଲକ୍ଷ୍ମଣ ପୁଟେଲ୍, ଗତ ନିର୍ବାଚନରେ ବିଏସ୍‌ପି ବିଧାୟକ ପ୍ରାର୍ଥୀ ସଦାନନ୍ଦ ମହାନନ୍ଦ, ଅନୁସୂଚିତ ଜନଜାତି ନେତା ଭୋଜରାଜ ବରିହାଙ୍କ ସମେତ କେତେଜଣ କଂଗ୍ରେସ ନେତା ମଧ୍ୟ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ ନେତା ମତ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ନବାଗତ ନେତାଙ୍କୁ ସ୍ୱାଗତ କରିଛନ୍ତି। ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଭାଜପା, କଂଗ୍ରେସ ଓ ଆପ୍ ନେତା ଓ କର୍ମୀମାନେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ଫଳରେ ବଲାଙ୍ଗୀର ଜିଲା ଓ ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସୁନୀଲ ଗୋଏଲ୍ କହିଛନ୍ତି ଯେ, ମୁଁ କଲେଜ୍‌ରେ ଛାତ୍ର ସଭାପତି ଥିବାବେଳେ ବିଜୁ ପଟ୍ଟନାୟକଙ୍କ ସହ କାମ କରିବାର ସୁଯୋଗ ମିଳିଥିଲା। ବର୍ତ୍ତମାନ ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ସହ କାମ କରିବାର ସୁଯୋଗ ମିଳିଥିବାରୁ ମୁଁ ଭାଗ୍ୟବାନ ମନେକରୁଛି ବୋଲି ସେ କହିଛନ୍ତି। ସେହିପରି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ପାଡ୍ରିପାଣିର ଭାଜପା ମଣ୍ଡଳ ସଭାପତି ରାମଚନ୍ଦ୍ର କୋପିଙ୍କ ସହ ୧୫ରୁ ଊର୍ଦ୍ଧ୍ୱ କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ରାମଚନ୍ଦ୍ର ବିଜେଡିରେ ମିଶିଥିବା କହିଛନ୍ତି। ତାଙ୍କୁ ସ୍ୱାଗତ କରି ଭାଜପା ନେତା ଓ କର୍ମୀ ବିଜେଡିରେ ଯୋଗଦେଇଥିବାରୁ ବହୁତ ଖୁସି ବୋଲି ନବୀନ କହିଛନ୍ତି।

ପ୍ରଶ୍ନପତ୍ର ପ୍ରଘଟ ଘଟଣା: ଆଉ ୨ ଗିରଫ

ନୂଆପଡା ଅଫିସ,୨୪।୨

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ସାହିତ୍ୟ ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ନୂଆପଡ଼ା ଜିଲା ବୋଡେନ ପୋଲିସ ଦୁଇ ଦିନରେ ମୋଟ ୭ ଜଣଙ୍କୁ ଗିରଫ କରିଛି। ଶନିବାର ୨ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୩ଜଣ ପରୀକ୍ଷା ନିରୀକ୍ଷକଙ୍କୁ ମିଶାଇ ୫ଜଣଙ୍କୁ ଗିରଫ କରାଯାଇଥିବାବେଳେ ରବିବାର ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଗିରଫ ବ୍ୟକ୍ତିମାନେ ହେଲେ ବୋଡେନ ଥାନା କେରାପଦର ହାଇସ୍କୁଲ ସହଶିକ୍ଷକ ସର୍ବଜ୍ଞ ସୁପକାର (୪୮) ଏବଂ ତାଙ୍କ ପୁତୁରା ଜ୍ଞାନଦତ୍ତ ସୁପକାର (୩୦) । ସେମାନଙ୍କ ଘର ରାନୀମୁଣ୍ଡାରେ ବୋଲି ଜଣାପଡିଛି। ପ୍ରକାଶ ଯେ, ଗତ ଶୁକ୍ରବାର ପରୀକ୍ଷାରେ ପ୍ରଶ୍ନପତ୍ରର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଛାନଭିନ କରି ଗୋପୀନାଥ ହାଇସ୍କୁଲ ଲିଟିସେର୍ଗି ଏବଂ କରଙ୍ଗାମାଲ ପରୀକ୍ଷା କେନ୍ଦ୍ର ଉପରେ ଚଢାଉ କରିଥିଲା। ଏଥିରେ ଶନିବାର କରଙ୍ଗାମାଲ ହାଇସ୍କୁଲରୁ ୩ ଜଣ ଏବଂ ଲିଟିସେର୍ଗିରୁ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚାଲୁ ରହିଥିଲା । ରବିବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରିଛି।

ପ୍ରଥମ ପୃଷ୍ଠାରୁ...

କୋଟିଏ...

ବ୍ୟାଙ୍କ ଖାତାକୁ ଯାଉଛି। ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ୨୦୧୯-୨୦ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ପିଏମ୍-କିଷାନ ଯୋଜନା ଘୋଷଣା କରିଥିଲେ'। ଏହି ଯୋଜନାରେ ଦେଶର ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କର ୨ ହେକ୍ଟରରୁ କମ୍ ଚାଷଜମି ଥିବ, ସେମାନଙ୍କୁ ବର୍ଷକୁ ୬୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯିବ। ସେହିପରି କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓଡ଼ିଶା ଆସି ଭୁବନେଶ୍ୱରସ୍ଥିତ ଆଇସିଏଆର୍‌ଠାରେ ପିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଅନ୍ୟପଟେ ଓଡ଼ିଶାର କୃଷକମାନଙ୍କ ତାଲିକା କେନ୍ଦ୍ରକୁ ଦେବାରେ ବିଳମ୍ବ ନେଇ ଶେଖାୱତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

ଏନ୍‌ଡିଏ ସରକାରଙ୍କ ଏହି ଯୋଜନାକୁ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଏହା ଭୋଟ ପାଇଁ କୃଷକଙ୍କୁ ଲାଞ୍ଚ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି। ସେହିପରି ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ଯୋଜନାକୁ ସମାଲୋଚନା କରି କହିଛନ୍ତି, କୃଷକ ପରିବାରକୁ ମାସକୁ ୫୦୦ ଟଙ୍କା ସହାୟତା ସେମାନଙ୍କ ପ୍ରତି ଅପମାନ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଏକ ଐତିହାସିକ ପଦକ୍ଷେପ ଏବଂ କୃଷକଙ୍କ ଆୟ ଦୁଇଗୁଣ କରିବାରେ ଏହା ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଆବାସ୍ ନକ୍‌ଭି କହିଛନ୍ତି।

ଶସ୍ତା ହେବ...

କାର୍ପେଟ ଏରିଆରେ ନିର୍ମିତ ଘରକୁ ସୁଲଭ ଘର ବୋଲି ମନେକରାଯିବ। ଅନ୍ୟପକ୍ଷରେ ଅଣ ମେଟ୍ରୋ ସହର ପାଇଁ ଏହା ୯୦ ବର୍ଗ ମିଟର ପର୍ଯ୍ୟନ୍ତ ରଖାଯାଇଛି, ଯାହାର ସର୍ବାଧିକ ମୂଲ୍ୟ ୪୫ ଲକ୍ଷ ଟଙ୍କା ରହିବ। ସୂଚନାଥାଉ କି, ମନ୍ତ୍ରିଗୋଷ୍ଠୀ ନିର୍ମାଣାଧୀନ ଘର ଉପରେ ୩% ଏବଂ ସୁଲଭ ଘର ଉପରେ ୮% ଜିଏସ୍‌ଟି ଆଦାୟ ଲାଗି ସୁପାରିସ କରିଥିଲେ। ବର୍ତ୍ତମାନ ନିର୍ମାଣାଧୀନ ସମ୍ପତ୍ତି ଅଥବା ରେଡି ଟୁ ମୁଭ୍ ଫ୍ଲାଟ୍, ଯାହାକୁ କମ୍ପ୍ଲିଶନ ସାର୍ଟିଫିକେଟ ଦିଆଯାଇନି, ଏହା ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଛି। ତେବେ ବିକ୍ରି ସମୟରେ କମ୍ପ୍ଲିଶନ ସାର୍ଟିଫିକେଟ ହାସଲ କରାଯାଇଥିଲେ ଘର ବା ଫ୍ଲାଟ୍ ଉପରେ ଜିଏସ୍‌ଟି ଆଦାୟ କରାଯିବ ନାହିଁ।

ଲଟେରି ଉପରେ ନିଷ୍ପତ୍ତି ଟଳିଲା

ଅର୍ଥମନ୍ତ୍ରୀ ଜେଟ୍‌ଲୀ କହିଛନ୍ତି ଯେ, ଲଟେରି ଉପରେ ଜିଏସ୍‌ଟି ଆଦାୟ ନିଷ୍ପତ୍ତିକୁ ଟାଳି ଦିଆଯାଇଛି। ଏ ସମ୍ପର୍କରେ ମନ୍ତ୍ରିଗୋଷ୍ଠୀ ବୈଠକରେ ପୁନର୍ବାର ଆଲୋଚନା ହେବ। ସୂଚନାଥାଉ କି, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଲଟେରି ଯୋଜନା ଉପରେ ୧୨% ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଲଟେରି ଉପରେ ୨୮% ଜିଏସ୍‌ଟି ଆଦାୟ କରାଯାଉଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ଶନିଙ୍କ ନକ୍ଷତ୍ରରେ ରବି ହେତୁ ବୟସ୍କ ବ୍ୟକ୍ତି କିମ୍ବା ସରକାରୀ କର୍ମଚାରୀଙ୍କ ସହ ଯୁକ୍ତିତର୍କ ଲାଗିପାରେ। ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଅତି ନିକଟରେ ରହୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

ବୃଷ

ବିଶାଖା ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ସାମାନ୍ୟ ବଚସା ମଧ୍ୟରେ ଯାହା ପାଇବା କଥା ତାହା ପାଇବେ। କର୍ମକ୍ଷେତ୍ରରେ କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ଗବେଷଣା ଲେଖାପଢ଼ା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

ମିଥୁନ

ମଙ୍ଗଳ ଅଶ୍ୱିନୀ ନକ୍ଷତ୍ରସ୍ଥ ହେତୁ ପ୍ରାପ୍ତି ଆଶା ନିରର୍ଥକ ହୋଇପାରେ। ପାରିବାରିକ ଅଶାନ୍ତି ସୃଷ୍ଟି କରିବା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟା ଯୁକ୍ତ ରହିବ। ମାନସିକ ଅସ୍ଥିରତା କାରଣରୁ କଥାରେ ସଂଯମତା ହରାଇବେ ଓ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

କର୍କଟ

ବୁଧ ଭାଗ୍ୟାଧିପଙ୍କ ନକ୍ଷତ୍ରସ୍ଥ ହେତୁ ଭଲ ସମ୍ପର୍କ ନ ଥିବା ବନ୍ଧୁ ମଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବିଶେଷ ଅସୁବିଧା ନ ହେଲେ ମଧ୍ୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବଢିଯିବ।

ସିଂହ

ବୃହସ୍ପତି ଜ୍ୟେଷ୍ଠା ନକ୍ଷତ୍ରରେ ଥିବାରୁ କୌଣସି ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟସିଦ୍ଧି ଘଟିବ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ, ଯାହା ଭାବିଛନ୍ତି ତାହା ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। କିନ୍ତୁ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ।

କନ୍ୟା

ଅସୁରଗୁରୁ ଶୁକ୍ର ବ୍ୟୟାଧିପ ରବିଙ୍କ ନକ୍ଷତ୍ରସ୍ଥ ହେତୁ ମନୋରଞ୍ଜନ ଦିଗରେ ଅର୍ଥବ୍ୟୟ କରିପାରନ୍ତି। ପ୍ରତ୍ୟେକ କାମରେ ଅଗ୍ରଣୀ ହେବେ ଓ ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ପ୍ରୋତ୍ସାହନ ମଧ୍ୟ ପାଇବେ। ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ରାହୁଙ୍କ ପ୍ରଭାବରୁ ସ୍ତ୍ରୀଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ।

ତୁଳା

ଯୋଗକାରକ ଗ୍ରହ ଶନି ରାଶ୍ୟାଧିପ ଶୁକ୍ରଙ୍କ ନକ୍ଷତ୍ରସ୍ଥ ଯୋଗୁ ଯାହା ଇଚ୍ଛା କରୁଛନ୍ତି ସେଥିରେ କୌଣସି ଅସୁବିଧା ହେବ ନାହିଁ। ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ କିନ୍ତୁ କୌଣସି ପ୍ରକାରର ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଅଭାବ ରହିଥିଲେ ମଧ୍ୟ କିଏ ନା କିଏ ସାହାଯ୍ୟ କରିବେ। ଆପଣଙ୍କ ଅଧିକାଂଶ ସମୟର ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି।

ବିଛା

ଭାଗ୍ୟସ୍ଥାନରେ ରାହୁ ଓ ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଆପଣଙ୍କ ଆଶା ଓ କଳ୍ପନା ନୈରାଶ୍ୟଜନକ ସ୍ଥିତି ଉତ୍ପନ୍ନ କରିବ। କୌଣସି କ୍ଷେତ୍ରରେ ଚଟାପଟ୍ ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦୀର୍ଘଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେ ନାହିଁ।

ଧନୁ

କେତୁଙ୍କ ନକ୍ଷତ୍ରରେ ରବି ଥିବାରୁ ନିଜଲୋକମାନଙ୍କ ବିରୋଧର ସାମନା କରି ମାନସିକ ସ୍ତରରେ ଅସୁଖୀ ରହିବେ। ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ପୂର୍ବାଷାଢ଼ା ନକ୍ଷତ୍ର ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

ମକର

ରାଶିରେ ଶୁକ୍ର ଆପଣଙ୍କୁ ମଜାମଉଜ ଓ ମନୋରଞ୍ଜନ ଦିଗରେ ଆକର୍ଷିତ କରିପାରନ୍ତି। କିନ୍ତୁ ଆପଣଙ୍କ ରୋକ୍‌ଠୋକ୍ କଥା ବନ୍ଧୁ ମନରେ ଦୁଃଖ ପ୍ରଦାନ କରିପାରେ। ସମ୍ପର୍କୀୟ ବନ୍ଧୁ କିମ୍ବା ପଡୋଶୀମାନେ ମନ ବୁଝିଲାଭଳି ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତି କରିବ।

କୁମ୍ଭ

ଚନ୍ଦ୍ରଙ୍କ ଶୁଭସଂସ୍ଥାନ ବନ୍ଧୁମାନଙ୍କ ସହାୟତାରେ କାର୍ଯ୍ୟ ହାସଲର ମାର୍ଗ ଉନ୍ମୁକ୍ତ କରିପାରେ। ନୀରବତା ଅବଲମ୍ବନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ଉପରିସ୍ଥଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ମୁହଁ ଖୋଲି କିଛି କହି ପାରିବେ ନାହିଁ।

ମୀନ

ପରିସ୍ଥିତିବଶତଃ ଆପଣଙ୍କ ବିରକ୍ତି ଓ ରୁକ୍ଷ ବ୍ୟବହାର ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ତଥାପି ସଭାସମିତି, କଳା,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଫାଲ୍‌ଗୁନ କୃଷ୍ଣ ସପ୍ତମୀ ସୋମବାର, ଫେବୃୟାରୀ ୨୫ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ମିଥୁନ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୯ମି. ମଧ୍ୟେ, ଘ୧।୩୦ମି. ଗତେ ଘ୨।୫୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୦୫ମି. ଗତେ ଘ୧୦।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୪୦ମି. ଗତେ ଘ୯।୦୬ମି. ମଧ୍ୟେ ରାହୁକାଳ।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ରାଜନୀତିରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ସେ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରଚାର କରିଛନ୍ତି। ଉତ୍ତରପ୍ରଦେଶରେ ପ୍ରଚାର ବେଳେ ଲୋକଙ୍କ ପାଇଁ ଅଧିକ କିଛି କରାଯାଇପାରିବ ବୋଲି ଅନୁଭବ କରିଥିବା ଫେସ୍‌ବୁକ୍ ପୋଷ୍ଟରେ ରବର୍ଟ ଲେଖିଛନ୍ତି।

‘ଆତଙ୍କବାଦ ବିରୋଧରେ ଏକାଠି ହୁଅ’

ନୂଆଦିଲ୍ଲୀ,୨୪।୨(ପି.ଟି.)

ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ ସେନା ସଙ୍କଳ୍ପବଦ୍ଧ ହୋଇଛି। ସିଆର୍‌ପିଏଫ୍ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନି। ଆତଙ୍କବାଦର ମୂଳୋତ୍ପାଟନ ହେବ। କଠୋର ପଦକ୍ଷେପ ନିଆଯିବ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର୍ ହୋଇଥିବା ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆତଙ୍କବାଦ ନିରୋଧୀ ଲଢ଼ାଇରେ ଏକଜୁଟ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି।

ରବିବାର ୫୩ତମ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ଆତଙ୍କବାଦର ଚେର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନକୁ ଲମ୍ବିଛି। ପାକିସ୍ତାନସ୍ଥିତ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ସୁରକ୍ଷା ଯବାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ୧୦୦ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଶ୍ମୀର ଉପତ୍ୟକାରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ସେନା, ପୋଲିସ ଏବଂ ଅର୍ଦ୍ଧସାମରିକବଳଙ୍କ ଅଭିଯାନ ଜାରି ରହିଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନଙ୍କ ତ୍ୟାଗ ଆତଙ୍କବାଦୀ ଶକ୍ତି ବିରୋଧୀ ଲଢ଼ାଇକୁ ଆହୁରି ସଶକ୍ତ କରିବ ବୋଲି ମୋଦି ଦର୍ଶାଇଛନ୍ତି।

ମନ୍ କୀ ବାତ୍‌ରେ ଓଡ଼ିଶାର ଦୈତାରି ନାୟକଙ୍କୁ ପ୍ରଶଂସା କଲେ ମୋଦି

ଏଥିସହ ସେନା ଓ ସୁରକ୍ଷା ଯବାନଙ୍କ ମହାବଳିଦାନର ସ୍ମୃତି ସ୍ୱରୂପ ଖୁବ୍ କମ୍ ସମୟ ମଧ୍ୟରେ ନିର୍ମାଣ କରାଯାଇଥିବା ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସୋମବାର ଉତ୍ସର୍ଗୀକୃତ କରିବେ ବୋଲି ମୋଦି କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ସଫଳତା କାମନା କରିବା ସହ ଆଦିବାସୀ ଯୋଦ୍ଧା ବୀର୍ସା ମୁଣ୍ଡା ଏବଂ ଖ୍ୟାତନାମା ଔଦ୍ୟୋଗିକ ଜାମଶେଦ୍‌ଜୀ ଟାଟାଙ୍କ ତ୍ୟାଗପୂତ ଜୀବନକୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପାହାଡ଼କୁ କାଟି ନିଜ ଗାଁରେ ୩ କି.ମି. ଲମ୍ବ କେନାଲ ଖୋଳିଥିବା ‘ଦି କେନାଲ୍ ମ୍ୟାନ୍ ଅଫ୍ ଓଡ଼ିଶା’ ଦୈତାରି ନାୟକଙ୍କ ଦୃଢ଼ ମନୋବଳକୁ ପ୍ରଶଂସା କରିଛନ୍ତି। ‘ଯୋଗଃ କର୍ମସୁ କୌଶଳମ୍’ ଗୀତାର ଉକ୍ତିକୁ ସେ ପ୍ରମାଣିତ କରିଥିବା ଜଣାଇଛନ୍ତି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଓଡ଼ିଶାର ଯବାନ ପ୍ରସନ୍ନ ସାହୁ ଶହୀଦ ହୋଇଥିଲେ ମଧ୍ୟ ତାଙ୍କ ସ୍ତ୍ରୀ ନିଜର ଏକମାତ୍ର ପୁଅକୁ ସିଆର୍‌ପିଏଫ୍‌ରେ ସାମିଲ କରାଇବାକୁ ନେଇଥିବା ନିଷ୍ପତ୍ତିକୁ ମୋଦି ସମ୍ମାନ ଜଣାଇଛନ୍ତି।

ଆଳୁ ମିଶନ ଫେଲ୍, ଅନିଶ୍ଚିତତାରେ ଶୀତଳଭଣ୍ଡାର ସ୍ୱପ୍ନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟରେ ଆଳୁର ଚାହିଦା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୫ରେ ଆଳୁ ମିଶନର ପରିକଳ୍ପନା କରାଯାଇଥିଲା। ସେହି ଅନୁସାରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ହେଲେ ଏହାର ଠିକ୍ ୪ ବର୍ଷ ପରେ ଉକ୍ତ ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ସ୍ପଷ୍ଟ ହୋଇଛି। ଆଳୁ ମିଶନକୁ ଦୃଷ୍ଟିରେ ରଖି ରାଜ୍ୟରେ ସଂଖ୍ୟାଧିକ ଶୀତଳଭଣ୍ଡାର ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତାହା ଫେଲ୍ ମାରିବାରୁ ଶୀତଳଭଣ୍ଡାରଗୁଡିକ ପାଇଁ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟ ପ୍ରଶାସନର କୃଷି ଓ ସମବାୟ ବିଭାଗର ଦୂରଦୃଷ୍ଟି ଅଭାବରୁ ଏପରି ସ୍ଥିତି ଉପୁଜିଥିବା କୃଷି ବିଶେଷଜ୍ଞମାନେ ମତ ରଖିଛନ୍ତି।

୨୦୧୫ ମସିହା ବେଳକୁ ରାଜ୍ୟର ୧୫,୦୦୦ ହେକ୍ଟର ଜମିରୁ ପ୍ରାୟ ୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହେଉଥିଲା। ୨୦୧୮ ସୁଦ୍ଧା ଏହି ପରିମାଣ ୧୧.୨୫ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଆବଶ୍ୟକ ୧୧୨ଟି ଶୀତଳଭଣ୍ଡାର ସ୍ଥାପନ, ବୀଜ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଭଳି ଅନେକ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ୩ ବର୍ଷ ମଧ୍ୟରେ ଆଳୁ ଉତ୍ପାଦନରେ ରାଜ୍ୟ ନିର୍ଭରଶୀଳ ହୋଇପାରିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷହେବାକୁ ବସିଲାଣି। ମାତ୍ର ଆଳୁ ମିଶନ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଶନ ଏବଂ ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଳଭଣ୍ଡାରମାନ ନିର୍ମାଣ କରାଗଲା। ହେଲେ ଆବଶ୍ୟକ ସାମଗ୍ରୀ ଅଭାବରୁ ଶୀତଳଭଣ୍ଡାର ପରିଚାଳକମାନେ ଦିନକୁ ଦିନ କ୍ଷତି ସହିବାକୁ ଲାଗିଲେ। ଚଳିତ ମାସ ୨୨ରୁ ଶୀତଳଭଣ୍ଡାର ସଂଘ ଆନ୍ଦୋଳନ ଜାରି ରଖିଛି। ଏହା ଦ୍ୱାରା ୩୦୦ କର୍ମଚାରୀ ପ୍ରତ୍ୟକ୍ଷ ଏବଂ ୧୦,୦୦୦ ଚାଷୀ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି।

- ମିଶନକୁ ପୂରିଲା ୪ ବର୍ଷ
- ଶୀତଳଭଣ୍ଡାର ସଂଘର ଆନ୍ଦୋଳନ ଜାରି
- ଆଳୁ ମିଶନ ପାଇଁ ରଖାଯାଇଥିବା ଲକ୍ଷ୍ୟରେ ତ୍ରୁଟି ବିଚ୍ୟୁତି ଘଟିଛି: କୃଷିମନ୍ତ୍ରୀ

୩ ବର୍ଷ ପୂର୍ବର ଆଳୁ ଉତ୍ପାଦନ ପରିମାଣଠାରୁ ବର୍ତ୍ତମାନ ଉତ୍ପାଦନ ହ୍ରାସ ପାଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ପ୍ରାଥମିକ ଭାବେ ଏଥିପାଇଁ କରାଯାଇଥିବା ୨୬ଟି ଶୀତଳଭଣ୍ଡାର ଦିନକୁ ଦିନ କାର୍ଯ୍ୟକ୍ଷମ ହେବା ବନ୍ଦ ହୋଇଯାଇଛି। ବୀଜ ଉତ୍ପାଦନ ବନ୍ଦ, ଉଦ୍ୟୋଗୀଙ୍କୁ ଋଣ ସହାୟତା ମଧ୍ୟ ନାହିଁ। ଉଦ୍ୟାନ କୃଷି ବିଭାଗର ଦୂରଦର୍ଶିତାର ଅଭାବ ଆଳୁ ମିଶନ ଫେଲ୍ ହେବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏ ସମ୍ପର୍କରେ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଆଳୁ ମିଶନକୁ ଫେଲ୍ ବୋଲି କହିପାରିବା ନାହିଁ। ଯେଉଁ ଲକ୍ଷ୍ୟ ରଖି ତାହା ଆରମ୍ଭ କରାଯାଇଥିଲା ସେଥିରେ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଛି, ଯାହା ସରକାରଙ୍କ ନଜରକୁ ଆସିସାରିଛି। ଆଗାମୀ ଦିନରେ ଏହିସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ନିତ୍ୟବ୍ୟବହାର୍ଯ୍ୟ ପରିବା ଆଳୁ ରାଜ୍ୟରେ ସୁଲଭ ଦରରେ ଯୋଗାଇବା ସରକାରଙ୍କ ପ୍ରାଥମିକତା। ଏଥିରେ କୌଣସି ପ୍ରକାର ତ୍ରୁଟିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ବିଭାଗକୁ ବାଦ୍ ଦେଲେ ସମବାୟ ବିଭାଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଆଳୁ ମିଶନ ବାବଦକୁ ପ୍ରାଥମିକ ଭାବେ ୨୬୭ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା। ୨୦୧୫-୧୬ ରାଜ୍ୟ ବଜେଟରେ ୬୭.୪୫ କୋଟି ଟଙ୍କା ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ମିଶନ ଫେଲ ହେବା ପଛରେ କେତେକ ବୈଷୟିକ ଦିଗ ମଧ୍ୟ ଦାୟୀ। ଆଳୁ ଉତ୍ପାଦନ ଏବଂ ତାହାର ସଂରକ୍ଷଣ ନେଇ ଦକ୍ଷ କୃଷିଯନ୍ତ୍ରୀଙ୍କ ଆବଶ୍ୟକତା ରହିଛି। ହେଲେ କାମଚଳା ଭାବେ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଅଭିଜ୍ଞତା ନ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଗଲା। ଏହା ଦ୍ୱାରା ମିଶନ ଫେଲ୍ ହେବା ସହ ଶୀତଳଭଣ୍ଡାରଗୁଡିକର ଦୁରବସ୍ଥା ଆସିଥିବା କିଛିଦିନ ତଳେ ସଂଘ ଅଭିଯୋଗ କରିଥିଲା। ପ୍ରସ୍ତାବିତ ମିଶନ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇଥିଲେ ୧୨,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଥା'ନ୍ତା। ହେଲେ ତାହା ହୋଇପାରିନାହିଁ। ଏହି ପ୍ରସଙ୍ଗରେ ସମବାୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ, କେତେକ ଶୀତଳଭଣ୍ଡାର ରାଜ୍ୟରେ ଉତ୍ପାଦିତ ଆଳୁ ନ ରଖି ବାହାର ରାଜ୍ୟର ଆଳୁକୁ ପ୍ରାଧାନ୍ୟ ଦେଲେ। ସେହିପରି ଆଳୁ ମିଶନ ମୁଖ୍ୟତଃ କୃଷି ବିଭାଗର ଦାୟିତ୍ୱ। ତେଣୁ ଏ ସମ୍ପର୍କରେ ମତାମତ ରଖିବା ଠିକ୍ ହେବ ନାହିଁ।

■ ଏୟାର ଇଣ୍ଡିଆ ବିମାନ ଅପହରଣ ଧମକ

ଭୁବନେଶ୍ୱର ବିମାନବନ୍ଦରର ସୁରକ୍ଷା ବଢ଼ିଲା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

- ଡଗ୍ ସ୍କ୍ୱାଡ୍, ବୋମା ନିଷ୍କ୍ରିୟକାରୀ ଟିମ୍‌ର ଯାଞ୍ଚ
- କଡ଼ାକଡ଼ି ହେଲା ୮ ପ୍ରକାର ସୁରକ୍ଷା ବ୍ୟବସ୍ଥା

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିଚାଲିଛି। ଏପରିସ୍ଥଳେ ଶନିବାର ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଫୋନ୍‌ରେ ଆସିଥିବା ବିମାନ ଅପହରଣ ଧମକକୁ ନେଇ ଦେଶର ସମସ୍ତ ବିମାନ ବନ୍ଦରର ସୁରକ୍ଷାକୁ କଡାକଡି କରାଯାଇଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବିମାନ ବନ୍ଦର ନିର୍ଦ୍ଦେଶକ ସୁରେଶ କୁମାର ହୋତା ସୂଚନା ଦେଇ କରିଛନ୍ତି, ବ୍ୟୁରୋ ଫର୍ ସିଭିଲ ଆଭିଏଶନ ସିକ୍ୟୁରିଟି (ବିସିଏଏସ୍) ନିର୍ଦ୍ଦେଶ ମୁତାବକ ବିମାନ ବନ୍ଦରର ଭିତର ଓ ବାହାର ସହ ରନ୍‌ୱେ ଓ ପାର୍କିଂ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଦ୍ୱିଗୁଣିତ କରାଯାଇଛି। ସମ୍ବେଦଶୀଳ ସ୍ଥାନଗୁଡିକରେ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଛି। ୧୩୨ ସିସି କ୍ୟାମେରା ନଜରରେ ପୂରା ବିମାନ ବନ୍ଦର ରହିଛି। ଏଥିସହ ବିମାନବନ୍ଦରରେ ନିୟୋଜିତ ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)କୁ ମଧ୍ୟ ଦୁଇ ଗୁଣ କରାଯାଇଛି। ସାଦା ପୋଷାକରେ ସୁରକ୍ଷାକର୍ମୀମାନେ ପଇଁତରା ମାରିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ପ୍ରବେଶ କରୁଥିବା ପ୍ରତ୍ୟେକ ଯାତ୍ରୀ ଓ ଲଗେଜକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ଚାଲିଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବିମାନ ବନ୍ଦର ଭିତରେ କୁଇକ ରିଆକ୍ସନ ଯାନ ଦ୍ୱାରା କଡ଼ା ପାଟ୍ରୋଲିଂ କରାଯାଉଛି। ବିସିଏଏସ୍ ସମେତ ଏୟାର ପୋର୍ଟ ସିକ୍ୟୁରିଟି ୟୁନିଟ୍ ଓ ଆଭିଏଶନ ସିକ୍ୟୁରିଟି ଗ୍ରୁପ୍ ପକ୍ଷରୁ ସତର୍କତା ଜାରି କରାଯାଇଛି। ବିଶେଷକରି ୮ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ହୋତା ସୂଚନା ଦେଇଛନ୍ତି।

ମଙ୍ଗଳବାର ବସିପାରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଗତ ଶୁକ୍ରବାର ବସିଥିଲା। ଏଥିରେ ୨୭ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏହାର ମାତ୍ର ୩ଦିନ ପରେ ପୁନର୍ବାର କ୍ୟାବିନେଟ୍ ବସିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟା ୫ଟା ୪୫ରେ ବୈଠକ ବସିବ ବୋଲି ଶୁଣିବାକୁ ମିଳିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖୁବ୍ କମ୍ ସମୟ ରହିଯାଇଛି। ତେଣୁ ଏହା ପୂର୍ବରୁ ସପ୍ତାହ ମଧ୍ୟରେ ଦୁଇଥର କ୍ୟାବିନେଟ୍ ବସିବା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ବୋଲି ଶୁଣିବାକୁ ମିଳୁଛି। କ୍ୟାବିନେଟ୍‌ରେ ନିହାତି କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ଥିବା ଚର୍ଚ୍ଚା ହେଉଛି।

କୁଆଖାଇରେ ଭାସିଗଲେ ଇଞ୍ଜିନିୟରିଂ ଛାତ୍ର

ଭୁବନେଶ୍ୱର, ୨୪।୨(ବ୍ୟୁରୋ)/ ବାଳକାଟୀ (ଡି.ଏନ୍.ଏ.)

- ଭୋଜି ପରେ ୫ ସାଙ୍ଗଙ୍କ ସହ ଗାଧୋଉଥିଲେ
- ଘଣ୍ଟାଏ ଧରି ଖୋଜାଖୋଜି ପରେ ମିଳିଲା ମୃତଦେହ

ବାଲିଅନ୍ତା ଥାନା ଅନ୍ତର୍ଗତ ଟଙ୍କପାଣି ବ୍ରିଜ୍ ବାଙ୍କୁଆଳ ଗଡ଼ା ନିକଟ କୁଆଖାଇ ନଦୀରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଟାଉନ ଥାନା ଅଧୀନ ମନକରନପୁରର ମନୀନ୍ଦ୍ର ଖଟୁଆ (୨୬)। ମନୀନ୍ଦ୍ର ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇ ଗାଧୋଉଥିବାବେଳେ ଏହି ଘଟଣା ଘଟିଥିଲା। ନିକଟରେ ବୁଡି ଯାଉଥିବା ଜଣେ ଲୋକଙ୍କୁ ବଞ୍ଚାଇ ନିଜେ ମନୀନ୍ଦ୍ର ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଣ୍ଟାଏ ଧରି ଖୋଜାଖୋଜି କରିବା ପରେ ମନୀନ୍ଦ୍ରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନାନୁସାରେ, ମନୀନ୍ଦ୍ର ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଚତୁର୍ଥବର୍ଷ ଛାତ୍ର। ଅନ୍ୟ ସାଙ୍ଗମାନଙ୍କ ସହ ସେ ଭୀମଟାଙ୍ଗୀ ଅଞ୍ଚଳରେ ରହୁଥିଲେ। ରବିବାର ଛୁଟିଦିନ ହୋଇଥିବାରୁ ମଧ୍ୟାହ୍ନରେ ୫ଜଣ ସାଙ୍ଗଙ୍କ ସହ ମନୀନ୍ଦ୍ର ବାଙ୍କୁଆଳଗଡା ନିକଟରେ ଭୋଜି କରୁଥିଲେ। ଅପରାହ୍ନ ପ୍ରାୟ ୩ଟା ୪୦ରେ ସେମାନେ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନେ ଯେଉଁଠି ଗାଧୋଉଥିଲେ ଅତି ନିକଟରେ ବାହାର ଲୋକେ ମଧ୍ୟ ଗାଧୋଉଥିଲେ। ଏହି ସମୟରେ ଜଣେ ଲୋକ ପାଣିରେ ବୁଡିଯାଉଥିବା ଦେଖି ମନୀନ୍ଦ୍ର ଓ ସାଙ୍ଗମାନେ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଉକ୍ତ ଲୋକଙ୍କୁ ସାଙ୍ଗମାନେ ଉଦ୍ଧାର କରି ଉପରକୁ ଆଣିଥିବାବେଳେ ଗଭୀର ପାଣିରେ ଫସି ଯାଇଥିଲେ ମନୀନ୍ଦ୍ର। ହେଲେ ଉଦ୍ଧାର ପାଇଥିବା ଲୋକଙ୍କ ଉପରେ ସମସ୍ତଙ୍କ ନଜର ରହିଥିବାରୁ କେହି ଏକଥା ଜାଣିପାରି ନ ଥିଲେ। ଜାଣିବାବେଳକୁ ମନୀନ୍ଦ୍ର ପାଣି ଭିତରେ ପୂରା ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା। ପ୍ରାୟ ଘଣ୍ଟାଏ ପରେ ଅଗ୍ନିଶମ କର୍ମଚାରୀମାନେ ଗଭୀର ପାଣିରୁ ମନୀନ୍ଦ୍ରଙ୍କ ନିସ୍ତେଜ ଶରୀରକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ.୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଯୁଦ୍ଧ ରାଜନୀତି

କାଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଦେଶବ୍ୟାପୀ ଗୋଟିଏ କଥା ଗୁଞ୍ଜରିତ ହେଉଛି–ପାକିସ୍ତାନକୁ ପାନେ ଦିଆଯାଉ । ସାଧାରଣତଃ ପାକିସ୍ତାନ ବିପକ୍ଷରେ କ୍ରିକେଟ ଖେଳଠାରୁ ଆରମ୍ଭ କରି ଯୁଦ୍ଧ ଯାଏ ଆଲୋଚନା ହେଲେ ଅଧିକାଂଶ ଭାରତୀୟ ଉତ୍ତେଜିତ ହୋଇଯାଇଥାଆନ୍ତି । ଏବେ ମଧ୍ୟ ପାକିସ୍ତାନକୁ ଆକ୍ରମଣ କରାଯାଉ ବୋଲି ଦେଶପ୍ରେମୀଙ୍କ ସ୍ୱର ଉଠୁଛି । ଏଭଳି ବିକୃତ ଦେଶପ୍ରେମରେ ଭାସିଯାଉଥିବା ଲୋକେ ବୁଝିବା ଦରକାର ଯେ, ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଆହୁରି ଅନେକ ହଜାର ସୈନ୍ୟଙ୍କ ଜୀବନ ବାଜିରେ ଲାଗିବ । ଯେଉଁ ଯବାନଙ୍କ ପ୍ରୀତିରେ 'ଘୋ' ସୃଷ୍ଟି କରାଯାଉଛି, ସେହିମାନଙ୍କ ଭଳି ଅନ୍ୟ ଯବାନଙ୍କ ପରିବାର ମଧ୍ୟ ଶୋକ ପାଳିବେ । ଭାରତୀୟମାନେ କେବେ ହେଲେ ବଡ଼ଧରଣର ଯୁଦ୍ଧର ସାମ୍ନା କରିନାହାନ୍ତି । ଯୁଦ୍ଧ ବେଳେ କେବଳ ସୈନ୍ୟ ନୁହେଁ, ସାଧାରଣ ନାଗରିକ ପିଲାଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଅସୁରକ୍ଷିତ ହୋଇଯାଏ । ଅର୍ଥନୀତି ଧୂଳିସାତ୍ ହେବା ସହ ଖାଦ୍ୟ ଓ ପାନୀୟଜଳ ସଙ୍କଟ ମଧ୍ୟ ଦେଖାଦିଏ । ଦେଶର ମଙ୍ଗଳ ଚାହୁଁଥିବା ନାଗରିକ କେବେ ହେଲେ ଯୁଦ୍ଧର ନାରା ଦେବେ ନାହିଁ । ଦୁଃଖର ବିଷୟ, ଶାନ୍ତି ରକ୍ଷା ପାଇଁ ଆହ୍ୱାନ ଦେଉଥିବା ନାଗରିକଙ୍କୁ ଏବେ ଜାତୀୟତାବାଦ ବିରୋଧୀ ଆଖ୍ୟା ଦିଆଯାଉଛି ।

ଭାରତର ବାହାଦୁରି ନିକଟରେ କ୍ରୀଡ଼ା କ୍ଷେତ୍ରରେ ଜଣାପଡ଼ିଛି । ନୂଆଦିଲ୍ଲୀରେ ଚାଲିଥିବା ଶୁଟିଂ ବିଶ୍ୱକପ୍ ଲାଗି ପାକିସ୍ତାନର ଦୁଇ ଜଣ ଖେଳାଳିଙ୍କୁ ଭାରତ ପୁଲଓ୍ୱାମା ଆକ୍ରମଣ ପରେ ଭିଜା ଦେବାକୁ ମନା କରିଦେଇଥିଲା । ଏହା ପରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଭାରତରେ ଆଉ କୌଣସି ଅଲିମ୍ପିକ୍ସ ସମ୍ବନ୍ଧୀୟ କ୍ରୀଡ଼ା ଆୟୋଜନ କରାଯିବ ନାହିଁ ବୋଲି ଜଣାଇଦେଇଛି । ଏଥିସହିତ ଏହି ଉଚ୍ଚସ୍ତରୀୟ ସ୍ପୋର୍ଟ୍ସ କମିଟି ଅନ୍ୟସବୁ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘକୁ ଭାରତକୁ ସବୁ ପ୍ରକାର କ୍ରୀଡ଼ା ଆୟୋଜନରୁ ବାଦ୍ ପକାଇବା ପାଇଁ ପରାମର୍ଶ ଦେଇଛି । ଏହା ଭାରତ ପାଇଁ ଏକ ଶକ୍ତ ଚାପୁଡ଼ା । ଏଭଳି ମନୋଭାବ ପ୍ରଦର୍ଶନ କରି ନା ଯେ କେବଳ ଭାରତ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି ତାହା ନୁହେଁ, ଏବେ ଭବିଷ୍ୟତର ସବୁ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନରୁ ବାଦ୍ ପଡ଼ିଲା ଭଳି ପରିସ୍ଥିତି ଉପୁଜିଛି । ଏହି ଘଟଣା ଉତ୍କଟ ଜାତୀୟତାବାଦର ଏକ ଜଘନ୍ୟ ପ୍ରତିଫଳନ ବୋଲି କୁହାଯାଇପାରେ ।

ଇତିମଧ୍ୟରେ ସୀମାନ୍ତକୁ ଭାରତ ଅଧିକ ସୈନ୍ୟ ପଠାଇବା ସହିତ ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଜମାତ୍–ଇ–ଇସ୍‌ଲାମୀ ନେତା ହମିଦ ଫୟାଜଙ୍କ ସମେତ ୧୫୦ ଜଣଙ୍କୁ ଗିରଫ କରାଯାଇଛି । ଏହା ପୂର୍ବରୁ ଜେକେଏଲ୍ଏଫ୍ ନେତା ୟାସିନ୍ ମଲିକ୍‌ଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଏସବୁକୁ ନେଇ ଉପତ୍ୟକାରେ ଉତ୍ତେଜନା ଚରମସୀମାରେ ପହଞ୍ଚିଲାଣି । ସ୍ଥିତି ଏମିତି ହେଲାଣି, ପୁଲଓ୍ୱାମା ଆକ୍ରମଣଠାରୁ ଏବକାର ବାତାବରଣ କଶ୍ମୀରବାସୀଙ୍କୁ ବେଶି ଆତଙ୍କିତ କରିଦେଇଛି ।

ସାଧାରଣ ନିର୍ବାଚନ ପ୍ରାୟ ଦୁଇ ମାସ ବାକି ଥିବାବେଳେ ଆତଙ୍କବାଦୀ ଆକ୍ରମଣ ଲାଗି କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ବିରୋଧୀ ଟାର୍ଗେଟ କରୁଛନ୍ତି । ଆକ୍ରମଣର ତରିକା ଦେଖିଲେ ଗୋଇନ୍ଦା ବ୍ୟବସ୍ଥାକୁ ସମାଲୋଚନା କରାଯିବା ସ୍ୱାଭାବିକ । ଏବେ ଯେଉଁଭଳି ଭାବେ ସୀମାନ୍ତକୁ ସୈନ୍ୟ ପ୍ରେରଣ କରାଯାଉଛି ଓ ବିଚ୍ଛିନ୍ନତାବାଦୀ ସଙ୍ଗଠନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲାଣି, ସେଥିରୁ ପରିସ୍ଥିତି ସଙ୍କଟ ଆଡ଼କୁ ଗତି କରୁଥିବା ଦେଖାଯାଉଛି । ୨୦୧୬ ଭଳି ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍‌ର କଥା ମଧ୍ୟ ଉଠିଲାଣି । ଏଠାରେ କୁହାଯାଇପାରେ ଯେ, ସେତେବେଳେ ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିବା ନେଇ ଦେଶବାସୀଙ୍କୁ ଏବେ ବି ଅନ୍ଧାରରେ ରଖାଯାଇଛି ।

ଏବେ ଭାରତରେ ଏକ ସଙ୍ଗିନ ପରିସ୍ଥିତି ଦେଖାଦେଲାଣି । କଶ୍ମୀରୀମାନଙ୍କୁ ଟାର୍ଗେଟ କରାଯାଉ ବୋଲି ମଧ୍ୟ କିଛି ଜାଗାରେ ପରୋକ୍ଷ ବାର୍ତ୍ତା ଦିଆଯାଉଛି । ଦେଶର ବିଭିନ୍ନ ଭାଗରେ ପଢୁଥିବା କଶ୍ମୀର ଛାତ୍ରୀଛାତ୍ର ଓ କଶ୍ମୀରୀମାନଙ୍କୁ ଆକ୍ରମଣ ହେଉଥିବାବେଳେ ସରକାର ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏଭଳି ଅପ୍ରୀତିକର ସମୟରେ କେବଳ ଶିଖମାନେ ଦମ୍ଭ ଧରି କଶ୍ମୀରୀମାନଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଇଥିବା ଦେଖିବାକୁ ମିଳିଛି । ପ୍ରକୃତରେ ଏକ ଅଶାନ୍ତ ଅଞ୍ଚଳରେ ଅଧିକ ଅଶାନ୍ତ ସ୍ଥିତି ସୃଷ୍ଟି କରାଗଲେ ସେଠାକାର ଅଧିବାସୀମାନେ ଅନିଶ୍ଚିତତା ଦେଇ ଗତି କରିବେ । ଏହା ଜଣାଶୁଣା ଯେ ସ୍ଥାନୀୟ ଲୋକଙ୍କ ସହାୟତା ନ ମିଳିଲେ ଆତଙ୍କବାଦୀମାନେ ବଡ଼ କାଣ୍ଡ ଭିଆଇବାକୁ ସକ୍ଷମ ହୁଅନ୍ତେ ନାହିଁ । ଦେଶର ନେତୃତ୍ୱ ପ୍ରଥମେ ଏହି ଭିତିରି କାରଣକୁ ବୁଝିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଅନ୍ୟ ଉପରେ ଦୋଷ ଲଦିବା ଅପେକ୍ଷା କେଉଁଠାରେ ଭୁଲ୍ ରହୁଛି ତାହାକୁ ଚିହ୍ନଟ କରାଯିବା ଉଚିତ । ଗୋଇନ୍ଦା ବିଫଳତା ପାଇଁ ଶୀର୍ଷ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବା ଦରକାର । କିନ୍ତୁ ତାହା କେବେ ଦେଖିବାକୁ ମିଳୁନାହିଁ । ପୁଲଓ୍ୱାମା ଆକ୍ରମଣ ପରେ ଫେବୃୟାରୀ ୨୩ରେ ଉପତ୍ୟକାରେ ଲୋକେ କ'ଣ ଗୋଟାଏ ବଡ଼ ହେବାକୁ ଯାଉଛି ଅନୁଭବ କରିବା ପରେ ପେଟ୍ରୋଲ ପମ୍ପ, ଏଟିଏମ୍ ଏବଂ ଦୋକାନ ଆଗରେ ଲମ୍ବାଧାଡ଼ିରେ ଥିବା ଦେଖିବାକୁ ମିଳିଥିଲା । ଏଥିରୁ ବୁଝିବାକୁ ହେବ ଯେ, ସ୍ଥିତିକୁ ଶାନ୍ତ କରିବାକୁ ହେଲେ ପ୍ରଥମେ ସେଠାକାର ନାଗରିକଙ୍କ ସ୍ୱର ଶୁଣିବାକୁ ହେବ । ତାହା ନ କରି ଉତ୍ତେଜନା ସୃଷ୍ଟି କରାଗଲେ ମୂଳ ଲକ୍ଷ୍ୟ ଦୂରେଇଯିବ । ସଙ୍କଟ ସମୟରେ ଯୁଦ୍ଧ ରାଜନୀତି ସମାଧାନର ବାଟ ଦେଖାଇ ନ ଥାଏ ।

ହ୍ୱାଟ୍ସଆପ୍‌ରେ କପି

ଡ. ପ୍ରଫୁଲ୍ଲ କୁମାର ସାହୁ

ରାଜ୍ୟରେ ଶୁକ୍ରବାର (୨୨।୦୨)ଠାରୁ ଆରମ୍ଭ ହୋଇଛି ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଆରମ୍ଭରୁ ତା'ର ସ୍ୱଚ୍ଛତାକୁ ନେଇ ରାଜ୍ୟସାରା ଉଠିଛି ଗୁଞ୍ଜରଣ । ପ୍ରଥମଦିନ ପରୀକ୍ଷା ଆରମ୍ଭ ହେବାର ଦେଢଘଣ୍ଟା ଭିତରେ ଭାଇରାଲ ହୋଇଛି ମାତୃଭାଷା ପ୍ରଶ୍ନପତ୍ର । ଗତବର୍ଷର ଅଭିଜ୍ଞତାକୁ ଭିତ୍ତିକରି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେବା ଉପରେ ଜାରି ହୋଇଥିଲା କଟକଣା, ମାତ୍ର ସବୁ ସତର୍କତା ସତ୍ତ୍ୱେ ସୋସିଆଲ ମିଡ଼ିଆରେ ଘୁରିବୁଲିଲା ଫର୍ଦ୍ଦ ଫର୍ଦ୍ଦ ପ୍ରଶ୍ନପତ୍ର । ଏଥିରେ ପ୍ରତିଫଳିତ ହେଉଛି ଆମ ଶିକ୍ଷକ ଓ ଅଭିଭାବକଙ୍କ ଭିତରେ ଲୁଚି ରହିଥିବା ବ୍ୟବସ୍ଥାବିରୋଧୀ ଲୋକଚରିତ୍ର । ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ପୂର୍ବରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଥିଲେ ବି ଏହାଥିଲା କେବଳ ବାଆକୁ ବତା ପରି । ଗତବର୍ଷଠାରୁ ଯେତେବେଳେ ଗଣଶିକ୍ଷା ବିଭାଗ ପକ୍ଷରୁ ବଦଳିଲା ନିଜ ନିଜ ସ୍କୁଲରେ ପରୀକ୍ଷା ଦେବା ବ୍ୟବସ୍ଥା, ସେତେବେଳେ ଏ ପରୀକ୍ଷା ସଂସ୍କାରକୁ ନେଇ ପରିଶ୍ରମୀ ଛାତ୍ରୀଛାତ୍ର ଖୁସିହେଲେ ସତ, କିନ୍ତୁ ହତାଶ ହୋଇପଡ଼ିଲେ କପି କରି ପାସ୍ କରିବାକୁ ଚାହୁଁଥିବା ପିଲା ଓ ସେମାନଙ୍କ ଅଭିଭାବକ ।

ଉପଯୁକ୍ତ ଶିକ୍ଷା ଅଭାବରୁ ଛାତ୍ରୀଛାତ୍ର ଯେଉଁଠି ଶିକ୍ଷାଗତ ଦାରିଦ୍ର୍ୟରେ ଶଢ଼ନ୍ତି, ସେଠାରେ ସେମାନଙ୍କ ଭିତରେ ବସା ବାନ୍ଧେ ଅସତ୍ ଉପାୟ ଅବଲମ୍ବନ କରି ଆଗକୁ ବଢ଼ିବାର ଦୁଷ୍ଟ ମାନସିକତା । ଏକଥା ଆମକୁ ଭାବିବାକୁ ବାଧ୍ୟ କରୁଛି ଗତବର୍ଷ ଉତ୍ତରପ୍ରଦେଶ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା କିଛି ଉଦ୍‌ବେଗଜନକ ଖବର । ଦୀର୍ଘବର୍ଷ ଧରି ଚାଲିଥିବା ବିପର୍ଯ୍ୟସ୍ତ ପରୀକ୍ଷା ପଦ୍ଧତିକୁ ସଜାଡ଼ିବା ପାଇଁ ଗତବର୍ଷ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଯେଉଁ କଠୋର ଆଭିମୁଖ୍ୟ ଗ୍ରହଣ କଲେ, ତା'ର ସିଧାସଳଖ ପ୍ରଭାବ ପଡ଼ିଲା ସେଠାରେ ଅନୁଷ୍ଠିତ ହୋଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ । ଶିକ୍ଷାର ଗୁଣାତ୍ମକ ବିକାଶ ଚାହୁଁଥିବା ସରକାରଙ୍କ ନିର୍ଦ୍ଦେଶରେ ସେଠାରେ କଡ଼ାକଡ଼ି କରିଦିଆଗଲା ପରୀକ୍ଷା ପ୍ରକୋଷ୍ଠରେ ନିରୀକ୍ଷକମାନଙ୍କ ପହରା ବ୍ୟବସ୍ଥା । ସ୍ଥିତି ଅନୁଧ୍ୟାନ ପାଇଁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ନିଜେ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା । ଏହାଦ୍ୱାରା ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଖେଳିଗଲା କୋକୁଆ ଭୟ । ହତାଶ ହେଲେ କପି କରିବାକୁ ଆସିଥିବା ଅନେକ ଛାତ୍ରୀଛାତ୍ର । କ୍ରମାଗତ ଦୁଇଟି ବିଷୟରେ ବିଫଳ ହେଲାପରେ ତୃତୀୟ ଦିନ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଲେ ଅନେକ ପରୀକ୍ଷାର୍ଥୀ । ଗଣମାଧ୍ୟମରେ ପ୍ରକାଶ ପାଇଲା କପି କରିବାର ସୁଯୋଗ ନ ପାଇ ପରୀକ୍ଷା ଛାଡ଼ିଲେ ପାଞ୍ଚଲକ୍ଷ ଛାତ୍ରୀଛାତ୍ର । ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି ନିଶ୍ଚୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବିଦ୍ୟାର୍ଥୀମାନେ ଭୋଗୁଥିବା ଶିକ୍ଷାଗତ ଦାରିଦ୍ର୍ୟ ଆଡ଼କୁ ।

ବିଦ୍ୟାର୍ଥୀର ବୋଧଶକ୍ତି ଓ ଜ୍ଞାନର ଗଭୀରତା ମାପିବା ପାଇଁ ପରୀକ୍ଷା ହେଉଛି ଏକ ସର୍ବସ୍ୱୀକୃତ ମାପକାଠି । ପରୀକ୍ଷା ଜଣେଇ ଦିଏ ପରୀକ୍ଷାର୍ଥୀ କେତେ ଜାଣିଛି ଓ ଆଉ କେତେ ବାକିଅଛି ଜାଣିବାକୁ । ଏକଥାଟି ବୁଝିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି ପାଠପଢ଼ାରେ ଅମନୋଯୋଗୀ ଛାତ୍ରୀଛାତ୍ର । ଏ ଦୋଷ କେବଳ ସେମାନଙ୍କର ନୁହେଁ, ଏଥିପାଇଁ ଆମ ପ୍ରଚଳିତ ବ୍ୟବସ୍ଥା ମଧ୍ୟ ବହୁ ପରିମାଣରେ ଦାୟୀ । ଇତିହାସ କହେ ଗୁଣାତ୍ମକ ଶିକ୍ଷାପାଇଁ ଏକଦା ବିଶ୍ୱରେ ସୁନାମ ଅର୍ଜିଥିଲା ଏ ଦେଶ । ଅଧ୍ୟୟନ ପାଇଁ ଏଠାକୁ ପୃଥିବୀର କୋଣ ଅନୁକୋଣରୁ ଛୁଟି ଆସୁଥିଲେ ଅନେକ ବିଦ୍ୟାର୍ଥୀ । ଏକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା ପାଇଁ ସେତେବେଳେ ଭାରତୀୟମାନଙ୍କର ନୈତିକ ମାନଦଣ୍ଡ ଥିଲା ଖୁବ୍ ଉଚ୍ଚରେ । ପ୍ରାୟତଃ ସମସ୍ତଙ୍କ ଭିତରେ ଥିଲା ନୈତିକତା ପ୍ରତି ଆଦର ଓ ସମ୍ମାନ । ଏହା ସମ୍ଭବ ହୋଇଥିଲା ତତ୍କାଳୀନ ଆର୍ଯ୍ୟାବର୍ତ୍ତରେ ଗଢ଼ିଉଠିଥିବା ଅସଂଖ୍ୟ ଗୁରୁକୁଳ ଆଶ୍ରମ ପାଇଁ । ମାତ୍ର ଦେଶ ସ୍ୱାଧୀନ ହେବାପରେ କ୍ରମଶଃ ବଦଳିବାକୁ ଲାଗିଲା ସ୍ଥିତି । ଶିକ୍ଷାର ପ୍ରସାର ପାଇଁ ଗଢ଼ିଉଠିଲା ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ । ଦେଶର ଶିକ୍ଷାକୁ ଗୁଣାତ୍ମକ କରିବା ନାଁରେ ଗଠନ ହେଲା କମିଶନ ପରେ କମିଶନ । ପ୍ରସ୍ତୁତ ହେଲା ଯୋଜନା ପରେ ଯୋଜନା ଏବଂ ତା'ର କାର୍ଯ୍ୟାନ୍ୱୟନ ପାଇଁ ଖର୍ଚ୍ଚ ହେଲା ବିପୁଳ ଅର୍ଥ । ଫଳରେ ଶିକ୍ଷାର ପ୍ରସାର ଘଟିଲା ସତ, କିନ୍ତୁ ପ୍ରତୀୟମାନ ହେଲା ମୂଲ୍ୟବୋଧର ଅବକ୍ଷୟ । କାରଣ ଭିତ୍ତିଭୂମିର ବିକାଶ ଦିଗରେ ଯେତିକି ଗୁରୁତ୍ୱ ଦିଆଗଲା ସେତିକି ଗୁରୁତ୍ୱ ଦିଆଗଲାନି ନୈତିକ ଶିକ୍ଷାର ପ୍ରସାର ଉପରେ । ଆଗେ ବିଦ୍ୟାଳୟ କହିଲେ ଗୋଟେ ଝଟିମାଟି କାନ୍ଥ ଓ ଚାଳଛପର ଘରକୁ ବୁଝାଉଥିଲା, ମାତ୍ର ଏବେ ବଦଳିଯାଇଛି ତା'ର ଚେହେରା । ଚାଳଛପର ଘର ପରିବର୍ତ୍ତେ ଗଢି ଉଠିଛି ସୁଦୃଶ୍ୟ ପକ୍କାଘର । ପ୍ରାଥମିକ ବିଦ୍ୟାଳୟ କାନ୍ଥରେ ଲେଖାଯାଇଛି 'ସମସ୍ତେ ପଢିବା, ସମସ୍ତେ ବଢିବା' । କିନ୍ତୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏହି ବଢିବା କଥାଟି ସଂପୂର୍ଣ୍ଣ ଅନୁପସ୍ଥିତ । ଏଠି କେବଳ ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ ଓ ଲାପ୍‌ଟପ୍‌ର ଲୋଭ ଦେଖାଇ ପିଲାଙ୍କୁ ଶିକ୍ଷାଳୟକୁ ଅଣାଯାଏ, ଯେଉଁଠି ତା'ର ଚେତନାର ବିକାଶ ପ୍ରତି ଦିଆଯାଏନି ଗୁରୁତ୍ୱ । ଯଦି ଜଳର ଶୁଦ୍ଧତା ପ୍ରତି ଦୃଷ୍ଟି ନ ଦେଇ କେବଳ ପାଣିଟାଙ୍କି ନିର୍ମାଣରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଏ, ସେଠାରେ ଯାହା ହେବାକଥା ତାହା ହିଁ ଏଠି ପ୍ରତିଫଳିତ ହେଉଛି ବିଦ୍ୟାର୍ଥୀର ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ।

ଏକଦା ରାଜ୍ୟରେ ସୁନାମ ଅର୍ଜନ କରିଥିବା ଅନେକ ମାଧ୍ୟମିକ ବିଦ୍ୟାଳୟ ଥିଲା, ଯେଉଁ ବିଦ୍ୟାଳୟରୁ ସୃଷ୍ଟି ହୋଇଛନ୍ତି ବହୁ ବୈଜ୍ଞାନିକ, ଚିକିତ୍ସକ, ପ୍ରଶାସକ, ଶିକ୍ଷାବିତ୍ ତଥା ଭଲ ମଣିଷ । ସମୟକ୍ରମେ ଆଜି ହଜିଯାଇଛି ସେ ସବୁ ବିଦ୍ୟାଳୟର ପୂର୍ବ ଗୌରବ । ଆଗେ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ହେଉଥିଲେ ଏବଂ ସେମାନେ ହିଁ ବରିଷ୍ଠତା ଭିତ୍ତିରେ ମଣ୍ଡନ କରୁଥିଲେ ପରିଦର୍ଶକ ପଦବୀ । ଅଭିଜ୍ଞ ଓ ବରିଷ୍ଠ ଶିକ୍ଷକମାନଙ୍କ ଉପସ୍ଥିତି ଯୋଗୁ ଶିକ୍ଷା ବିଭାଗରେ ନିଷ୍ଠା ଓ ସ୍ୱଚ୍ଛତା ଥିଲା ମୂଳକଥା । ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠତାକୁ ଅଣଦେଖାକରି ସିଧାସଳଖ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଲେ ଓ ସେମାନଙ୍କ ଅଧୀନରେ କାର୍ଯ୍ୟ କରିବାକୁ ବାଧ୍ୟହେଲେ ବରିଷ୍ଠ ଶିକ୍ଷକମାନେ । ଏହାଦ୍ୱାରା କେବଳ ପ୍ରଧାନଶିକ୍ଷକ ପଦର ମର୍ଯ୍ୟାଦା ହାନି ହେଲାନି, ପିଲାମାନଙ୍କ ମନରୁ ବି ଦୂରେଇଗଲା ସେମାନଙ୍କର ପିତୃପ୍ରତିମ ଭାବମୂର୍ତ୍ତି ।

ଆଗେ ଚରିତ୍ର ଗଠନକୁ ଅଗ୍ରାଧିକାର ଦେଇ ପ୍ରସ୍ତୁତ ହେଉଥିଲା ପାଠ୍ୟକ୍ରମ । ବିଦ୍ୟାଳୟରେ ଖଞ୍ଜାଯାଇଥିଲା ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା । ମାତ୍ର ଯେବେଠାରୁ ଶିକ୍ଷାଳୟ ଭିତରକୁ ରାଜନୀତି ପଶିଲା, ସେବେଠାରୁ ବିପର୍ଯ୍ୟସ୍ତ ହେବାକୁ ଲାଗିଲା ଆମ ସମୃଦ୍ଧ ଶିକ୍ଷା ବ୍ୟବସ୍ଥା । ବିଶେଷ କରି ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନ ମୁଖ୍ୟମାନେ ନାଚିବାକୁ ଆରମ୍ଭକଲେ ସ୍ଥାନୀୟ ନେତାଙ୍କ ଇସାରାରେ । କେତେକ ସହକାରୀ ଶିକ୍ଷକଙ୍କୁ ବି ମିଳିଗଲା ଆର୍ଥିକ ଫାଇଦା ହାସଲ କରିବାର ସୁବିଧାଜନକ ପନ୍ଥା । ସାଧାରଣତଃ ଶିକ୍ଷକମାନେ ସମାଜର ଆଲୋକ ବର୍ତ୍ତିକା । ରାଷ୍ଟ୍ର ଗଠନର କର୍ଣ୍ଣଧାର । ଅଥଚ ସେହିମାନେ ଶିକ୍ଷାର୍ଥୀଙ୍କୁ ଭୁଲ୍ ରାସ୍ତା ଦେଖାଇବା ଫଳରେ ହଜିଗଲା ଶ୍ରେଣୀ କକ୍ଷର ମହକ । ଅସତ୍ ଉପାୟ ଅବଲମ୍ବନ କରି ଆଗକୁ ବଢିବା କେବେ ସ୍ଥାୟୀ ସଫଳତା ନୁହେଁ– ଏକଥା ଜାଣିବାର ସୁଯୋଗରୁ ବଞ୍ଚିତ ହେଲେ ପିଲା । କପି କରିବାର ସୁଯୋଗକୁ ସେମାନେ ସୌଭାଗ୍ୟ ମଣିଲେ ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କ ପ୍ରରୋଚନାରେ । ଯେଉଁ ଅଳ୍ପ କେତେଜଣ ନିଷ୍ଠାପର ଶିକ୍ଷକ ଏ ଅନୀତିକୁ ଗ୍ରହଣ କରିପାରିଲେନି ସେମାନେ ହେଲେ କୋଣଠେସା । ଆଗେ ଅଭିଭାବକମାନେ ଭାବୁଥିଲେ ଅସତ୍ ପଥରେ ଯାଇ ସଫଳ ହେବା ଅପେକ୍ଷା ସତ୍ ପଥରେ ଯାଇ ବିଫଳ ହେବା ଶତଗୁଣ ଶ୍ରେୟସ୍କର । ଆଜି ଆଉ କାହାନ୍ତି ଏଭଳି ଭାବନା ପୋଷଣ କରୁଥିବା ଅଭିଭାବକ ? ତେଣୁ ଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଚାଲିଛି ପରୀକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବାର ସୁଚିନ୍ତିତ ପ୍ରୟାସ ।

ଏହି ପରିପ୍ରେକ୍ଷୀରେ ସେମାନେ ଜାଣି ରଖିବା ଦରକାର ମାଟ୍ରିକ୍ ପରୀକ୍ଷା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ସ୍ତର । ଭବିଷ୍ୟତ ନିର୍ମାଣର ପ୍ରଥମ ସୋପାନ । ଏହି ସୋପାନ ଅତିକ୍ରମ କଲେ ଖୋଲିଯାଏ ଉଚ୍ଚଶିକ୍ଷା ଆହରଣର ମାର୍ଗ । ଯେ କୌଣସି ସାଧାରଣ ଚାକିରି ପାଇଁ ମାଟ୍ରିକ୍ ପାସ୍ ସର୍ବନିମ୍ନ ଯୋଗ୍ୟତା । ଏହି ଦୃଷ୍ଟିରୁ ଆମ ଶିକ୍ଷାବ୍ୟବସ୍ଥାରେ ଯେ କୌଣସି ପରୀକ୍ଷାଠାରୁ ମାଟ୍ରିକ୍ ପରୀକ୍ଷାର ଗୁରୁତ୍ୱ ବେଶି । ମାତ୍ର ଅସତ୍ ଉପାୟ ଅବଲମ୍ବନ କରି ଯଦି ମାଟ୍ରିକ୍ ପ୍ରମାଣପତ୍ର ହାସଲ କରାଯାଏ, ତେବେ ବ୍ୟକ୍ତିଗତ ଓ ସମାଜ ଜୀବନରେ କେତେ ମହତ୍ତ୍ୱ ରଖିବ ସେ ପ୍ରମାଣପତ୍ର । ଏ ପ୍ରଶ୍ନ ଆମ ଛାତ୍ର, ଶିକ୍ଷକ, ଅଭିଭାବକଙ୍କ ହୃଦୟକୁ ଆଲୋଡ଼ିତ ନ କଲା ଯାଏ କେବେ ବି ମାଟ୍ରିକ୍ ପରୀକ୍ଷାରୁ ସଂପୂର୍ଣ୍ଣ ଦୂର ହେବନି କପି କଳଙ୍କ ।

ମୋ– ୯୪୩୮୪୫୦୮୮

ଅକାମୀ ନାଗରିକତା ବିଲ୍



ଧବଳ ପ୍ରସାଦ ଚୌଧୁରୀ

ସଂସଦର ଶୀତ ଅଧିବେଶନରେ କେନ୍ଦ୍ର ସରକାର ନାଗରିକତା ସଂଶୋଧନ ବିଲ୍ ଆଗତ କଲାଦିନଠାରୁ ତାହା ସପକ୍ଷରେ ଓ ବିପକ୍ଷରେ ଦେଶସାରା ବିତର୍କ ଆରମ୍ଭ ହୋଇଯାଇଛି । ଏହି ବିଲ୍‌ର ଉଦ୍ଦେଶ୍ୟ– ଗତ ସତୁରି ବର୍ଷ ଭିତରେ ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶରୁ ନିର୍ଯ୍ୟାତିତ ହୋଇ ଯେଉଁ ହିନ୍ଦୁ, ଖ୍ରୀଷ୍ଟିଆନ, ପାର୍ସୀ, ଶିଖ, ବୌଦ୍ଧ, ଜୈନ ଧର୍ମର ବ୍ୟକ୍ତିମାନେ ପଳାୟନ କରି ଆସି ଭାରତରେ ଆଶ୍ରୟ ନେଇଛନ୍ତି, ସେମାନଙ୍କୁ ଆଇନସମ୍ମତ ନାଗରିକତା ପ୍ରଦାନ କରିବା । ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କର ଯୁକ୍ତି ହେଲା– ଭାରତ ଏକ ଧର୍ମନିରପେକ୍ଷ ଦେଶ । ତେଣୁ କୌଣସି ବିଶେଷ ଧର୍ମର ନାଗରିକଙ୍କ ସ୍ୱାର୍ଥରେ ନାଗରିକତା ଆଇନ ସଂଶୋଧନ ସମ୍ବିଧାନବିରୋଧୀ । ଏହି ବିରୋଧୀମାନଙ୍କ ମଧ୍ୟରୁ ସବୁଠାରୁ ବେଶି ବିରୋଧ ଆସୁଛି ଆସାମରୁ । ତା'ର କାରଣ– ଏହି ବିଲ୍ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଅସମିୟା ଭାଷା କହୁଥିବା ମୂଳ ଆସାମ ଅଧିବାସୀଙ୍କର ଯେଉଁ କ୍ଷତି ହେବ ତାହା ଅନ୍ୟମାନଙ୍କଠାରୁ ଯଥେଷ୍ଟ ଅଧିକ । ଅସମିୟାମାନେ ଏକ ଶାନ୍ତିପ୍ରିୟ ଜାତି । ଏମାନଙ୍କର ଏକ ଭିନ୍ନ ସଂସ୍କୃତି ଅଛି, ଯାହା ପାଇଁ ଏମାନେ ଗର୍ବ କରନ୍ତି । କିନ୍ତୁ କେତେକ ଐତିହାସିକ କାରଣରୁ ଆସାମରେ ୨୦୧୧ ଜନଗଣନା ଅନୁଯାୟୀ ଅସମିୟା ଭାଷା ଓ ସଂସ୍କୃତି ବହନ କରୁଥିବା ଜନସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ମାତ୍ର ୪୮.୩୮ ପ୍ରତିଶତ । ଏହାର ଏକ କାରଣ ବ୍ରିଟିଶ ଶାସନ ସମୟରେ ବିହାର, ଓଡ଼ିଶା ସହ ଆସାମ ଓ ଅବିଭକ୍ତ ବଙ୍ଗପ୍ରଦେଶ ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ବହୁ କାଳ ଥିଲା । ଆସାମ ଓ ବଙ୍ଗ ପଡ଼ୋଶୀ ପ୍ରଦେଶ ହୋଇଥିବାରୁ ସେହି କାଳରୁ ବହୁ ବଙ୍ଗଳାଭାଷୀ ନାଗରିକ ଆସାମରେ ବସବାସ କରୁଥିଲେ । ଦେଶ ବିଭାଜନ ପରେ ସେମାନେ ଆସାମବାସୀ ହୋଇଗଲେ । ଏହାପରେ କଂଗ୍ରେସ ବହୁବର୍ଷ ଆସାମ ଶାସନ ଦାୟିତ୍ୱରେ ଥିଲା । କଂଗ୍ରେସ ନିର୍ବାଚନ ଜିଣିବା ପାଇଁ ଆଲି, କୁଲି ଏବଂ ବେଙ୍ଗଲୀମାନଙ୍କ ଉପରେ ନିର୍ଭର କରୁଥିଲା ବୋଲି ଏକ ଜନଶ୍ରୁତି ଅଛି । କୁଲି ଅର୍ଥ ଚା ବଗିଚାରେ ଶ୍ରମିକ ଭାବେ କାମ କରୁଥିବା ଅଣଆସାମୀ ଓ ଆଲି ଅର୍ଥ ମୁସଲମାନ । ଏହିପରି କେତେକ ଐତିହାସିକ କାରଣରୁ ଅସମିୟାମାନେ ଆସାମରେ ସଂଖ୍ୟାଲଘୁ ହୋଇଗଲେ ।

୨୦୧୧ ଜନଗଣନା ଅନୁଯାୟୀ ଆସାମରେ ମୋଟ ୨୭ ଜିଲାରୁ ୯ଟି ମୁସଲିମ୍‌ବହୁଳ । ଏହା ପରେ ବାଂଲାଦେଶରୁ ପଳାଇ ଆସିଥିବା ହିନ୍ଦୁମାନଙ୍କୁ ଭାରତୀୟ ନାଗରିକତା ଦିଆଗଲେ ସେମାନେ ଅସମିୟାମାନଙ୍କର ଜମିବାଡ଼ି, ଚାକିରି ଇତ୍ୟାଦିରେ ଭାଗ ବସାଇବେ । ଏମାନେ ବଙ୍ଗଭାଷୀ ହୋଇଥିବାରୁ ଅସମିୟାଭାଷୀ ଜନସଂଖ୍ୟାର ପ୍ରତିଶତ ଆହୁରି ହ୍ରାସ ପାଇବ । ଆସାମର କୃଷକ ମୁକ୍ତି ସଂଗ୍ରାମ ସମିତି ମତରେ ଆସାମରେ ହିନ୍ଦୁ ଶରଣାର୍ଥୀଙ୍କ ସଂଖ୍ୟା କୋଡ଼ିଏ ଲକ୍ଷ । କିନ୍ତୁ ଆସାମର ଅର୍ଥମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା କହନ୍ତି, ଏହି ସଂଖ୍ୟା ଆଠ ଲକ୍ଷରେ ସୀମିତ । ୨୦୧୪ ନିର୍ବାଚନ ପ୍ରଚାର ବେଳେ ନରେନ୍ଦ୍ର ମୋଦି କହିଥିଲେ, ଅତ୍ୟାଚାରିତ ହିନ୍ଦୁମାନେ ଭାରତ ଯଦି ନୁହେଁ, ତା'ହେଲେ ଆଉ କେଉଁ ଦେଶକୁ ଆଶ୍ରୟ ପାଇଁ ପ୍ରାର୍ଥନା କରିବେ ? ତେଣୁ ତାଙ୍କ ଶାସନର ଶେଷ ବର୍ଷରେ ଏହି ନାଗରିକତା ସଂଶୋଧନ ବିଲ୍‌ର ଅବତାରଣା ।

ଏହି ବିଲ୍‌ର ଏକ ସର୍ତ୍ତ ଅନୁସାରେ ନାଗରିକତା ପାଇଁ ଦରଖାସ୍ତ କରିଥିବା ଶରଣାର୍ଥୀମାନଙ୍କୁ ପ୍ରମାଣ କରିବାକୁ ହେବ ଯେ, ସେମାନେ ଅତିକମ୍‌ରେ ଛଅବର୍ଷ ଭାରତରେ ବସବାସ କରିଛନ୍ତି ଓ ଧର୍ମୀୟ ନିର୍ଯ୍ୟାତନାର ଶିକାର ହୋଇ ନିଜଦେଶ ତ୍ୟାଗ କରିଛନ୍ତି । କିନ୍ତୁ ଏହି ବିଲ୍‌ର ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ମତ ହେଲା– ହିନ୍ଦୁ ଇତ୍ୟାଦିଙ୍କୁ ଯଦି ନାଗରିକତା ପ୍ରଦାନ କରାଯାଏ ତା'ହେଲେ ଅନୁପ୍ରବେଶକାରୀ ଦୁଇକୋଟି ମୁସଲମାନଙ୍କୁ ମଧ୍ୟ ନାଗରିକତା ଦିଆଯାଉ । କଥିତ ଯେଉଁ ଦୁଇକୋଟି ମୁସଲମାନ ଭାରତକୁ ଅନୁପ୍ରବେଶ କରିଛନ୍ତି, ସେମାନେ କ'ଣ ତାଙ୍କ ଦେଶରେ ଧର୍ମୀୟ ନିର୍ଯ୍ୟାତନା ଯୋଗୁ ଦେଶ ଛାଡିଛନ୍ତି ? ବିଲ୍‌ର ବିରୋଧ କରୁଥିବା ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ତ କହିବାକୁ ପଛାଇନାହାନ୍ତି ଯେ ବାଂଲାଦେଶରେ ହିନ୍ଦୁ ନିର୍ଯ୍ୟାତନା ହୁଏ ନାହିଁ । ତା'ହେଲେ ୧୯୫୧ ମସିହାରେ ପୂର୍ବପାକିସ୍ତାନ (ବର୍ତ୍ତମାନ ବାଂଲାଦେଶ)ରେ ହିନ୍ଦୁଙ୍କ ସଂଖ୍ୟା ୨୨.୦୫ ପ୍ରତିଶତ ଥିଲାବେଳେ ୧୯୯୧ରେ ଏହା ୯.୨ ପ୍ରତିଶତକୁ ଖସି ଆସିଲା କାହିଁକି ? ବର୍ତ୍ତମାନ ଏହା ୮.୫ ପ୍ରତିଶତ । କେହି ବାଧ୍ୟ ନ ହେଲେ ନିଜ ଜନ୍ମଭୂମି, ଘରଦ୍ୱାର, ଜମିବାଡ଼ି, ବ୍ୟବସାୟ ଇତ୍ୟାଦି ଛାଡି ଅନ୍ୟ ଦେଶରେ ଶରଣାର୍ଥୀ ହୁଏ ନାହିଁ । ଯେଉଁମାନେ ଯୁକ୍ତି କରୁଛନ୍ତି ଯେ, ହିନ୍ଦୁମାନଙ୍କୁ ନାଗରିକତା ପ୍ରଦାନ କଲେ ତାହା ସହ ମୁସଲମାନ ଅନୁପ୍ରବେଶକାରୀଙ୍କୁ ମଧ୍ୟ ନାଗରିକତା ଦେବାକୁ ପଡ଼ିବ, ସେମାନେ ଭୁଲିଯାଉଛନ୍ତି ଯେ, ୧୯୪୭ ମସିହାରେ କେଉଁ ବିଚାରରେ ଦେଶ ବିଭାଜନ ହୋଇଥିଲା ।

ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇ ରାଜ୍ୟ ସଭାର ଅନୁମୋଦନ ନିମିତ୍ତ ଅପେକ୍ଷାରେ ଥିଲା । କିନ୍ତୁ ବିଲ୍‌ଟି ଉପସ୍ଥାପିତ ହେବା ପୂର୍ବରୁ ରାଜ୍ୟ ସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରହିବାରୁ ଏହା ବସ୍ତୁତଃ ଅକାମୀ ହୋଇଯାଇଛି ।

ଶହୀଦନଗର, ଭୁବନେଶ୍ୱର, ମୋ–୯୪୩୯୧୭୫୯୫୦

ଏଇ ଭାରତରେ

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ପରିବାରଙ୍କ ପ୍ରତି କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାର ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଂଗଠନ ମଧ୍ୟ ଆର୍ଥିକ ସହାୟତା କରୁଛନ୍ତି । ଏହି ସ୍ପର୍ଶକାତର ଘଟଣାରେ ବିଭିନ୍ନ ଦିଗରୁ ସହାୟତାର ସୁଅ ଛୁଟିବାରେ ଲାଗିଛି । ନିଜ ଆର୍ଥିକ ସ୍ଥିତି ଅନୁସାରେ ଶହୀଦ ପରିବାରଙ୍କୁ ସହାୟତା ପଠାଇବା କାର୍ଯ୍ୟ ଜାରି ରହିଛି । ଏହି କ୍ରମରେ ଶହୀଦ ପରିବାରଙ୍କୁ ସହାୟତା ଲାଗି ଜଣେ ପ୍ରିନ୍ସିପାଲ ନିଜ ଅଳଙ୍କାର ବିକି ଦେଇଛନ୍ତି । ଉତ୍ତରପ୍ରଦେଶ ରାଜ୍ୟର ବରେଲି ଅନ୍ତର୍ଗତ ଏକ ଘରୋଇ ସ୍କୁଲର ପ୍ରିନ୍ସିପାଲ ନିଜ ଅଳଙ୍କାର ବିକ୍ରିକରି ୧୩,୩୮,୩୮୭ ଟଙ୍କା ସଂଗ୍ରହ କରିଥିଲେ । ଏହାକୁ ଶହୀଦ ପରିବାରଙ୍କ ସହାୟତା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଇଛନ୍ତି । କିରନ୍ ଝାଗ୍‌ୱାଲା ନାମକ ଏହି ପ୍ରିନ୍ସିପାଲଙ୍କ ସହାୟତା ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି । କିରନ୍‌ଙ୍କ ପିତା ଏହି ଅଳଙ୍କାର ତାଙ୍କୁ ବାହାଘର ସମୟରେ ଉପହାର ଦେଇଥିଲେ । ତେବେ ସେ ଶହୀଦ ପରିବାରଙ୍କ ଦୁଃଖରେ ଭାଗିଦାର ହେବା ସହିତ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି ।

ଚିରନ୍ତନୀ

କେତେ ଝର ହଜିଯାଏ ନ ମିଶୁଁ ସାଗରେ
ଅବିଦିତ ପାଷାଣ ଗହ୍ୱରେ ।
ଚିରକାଳ ପାଇଁ ତା'ର ଜୀବନର କ୍ଷୀଣ ଇତିହାସ
ଏ ଭୁବନ କୋଳାହଳେ ଅବହେଳେ ରହେ ଅପ୍ରକାଶ ।
ନ ଦେଖୁଁ ଆଲୋକ ଧରାତଳେ ପଡ଼େ ଝରି
ଅଶୋକର ପେଲବ ମଞ୍ଜରୀ । (ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

୨୫ ବର୍ଷ ତଳର ଧରିତ୍ରୀ

୨୫ ଫେବୃୟାରୀ ୧୯୯୪

- ବୋସ୍‌ନିଆର ଦୁଇ ବିରୋଧୀ ଗୋଷ୍ଠୀ କ୍ରୋଏସୀୟ ମୁସ୍‌ଲିମମାନେ ବୋସ୍‌ନିଆରେ ଦୀର୍ଘକାଳୀନ ଯୁଦ୍ଧ ବିରତି ପାଳନ କରିବା ପାଇଁ ରାଜି ହୋଇଛନ୍ତି ।
- ମୋଜାମ୍ବିକ୍‌ରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ପୋଲିସର କାର୍ଯ୍ୟକଳାପ ଓ ମାନବିକ ଅଧିକାର ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଏକ ୧୧୪୪ ଜଣିଆ ପୋଲିସ ତଦାରଖକାରୀ ଦଳ ଗଠନ ।

ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୧୮– ସୁରକ୍ଷା ବଳ ସହ ୧୨ ଘଣ୍ଟାର ଏନ୍‌କାଉଣ୍ଟରରେ ପୁଲଓ୍ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଅବଦୁଲ ରଶିଦ ଗାଜି ନିହତ । ଏଥିରେ ଅନ୍ୟ ଦୁଇ ଆତଙ୍କବାଦୀ ନିହତ ହେବା ସହ ଜଣେ ମେଜର ଓ ତିନିଜଣ ଯବାନ ଶହୀଦ ହୋଇଛନ୍ତି ।

୨୦– ଗ୍ଲୋବାଲ ଓ୍ୱାର୍ମିଂ (ବିଶ୍ୱତାପନ) ଶବ୍ଦକୁ ଲୋକପ୍ରିୟ କରାଇଥିବା ବିଶିଷ୍ଟ ଆମେରିକୀୟ ଜଳବାୟୁ ବୈଜ୍ଞାନିକ ଓ୍ୱାଲାସେ ସ୍ମିଥ୍ ବ୍ରୋଏକରଙ୍କର ୮୭ ବର୍ଷ ବୟସରେ ପରଲୋକ ।

୨୧– ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଏକ କେମିକାଲ ଓ୍ୱେରହାଉସ୍ ଓ ପାଖ ଆପାର୍ଟମେଣ୍ଟ ବିଲ୍ଡିଂରେ ନିଆଁ ଲାଗି ୫ ଶିଶୁ ଓ ୯ ମହିଳାଙ୍କ ସମେତ ୮୧ ଦଗ୍ଧ ।

୨୨– ଆସାମ ଗୋଲାହାଟ ଜିଲାରେ ବିଷାକ୍ତ ମଦ ପିଇ ୩୨ ଜଣ ଚା ବଗିଚା ଶ୍ରମିକଙ୍କର ମୃତ୍ୟୁ ଘଟିଛି ଓ ୫୦ ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି ।

ଆମ ସମସ୍ୟା

ସତ୍ୟବାଦୀରେ ଅଘୋଷିତ ବିଜୁଳି କାଟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ଅଘୋଷିତ ବିଜୁଳିକାଟ୍ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ରାଜ୍ୟରେ ବିଦ୍ୟୁତ୍ କାଟ ହେବନାହିଁ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ସେସୁ ଅଧିକାରୀ । ଏ ସମ୍ପର୍କରେ ଅଞ୍ଚଳର ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି । ବର୍ତ୍ତମାନ ପିଲାଙ୍କ ମାଟ୍ରିକ ପରୀକ୍ଷା ଚାଲିବେଳେ ସେସୁର ଏହି ବିଦ୍ୟୁତ୍ କାଟ ଯୋଗୁ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି । ବିଭାଗୀୟ ଯନ୍ତ୍ରୀ ତଥା ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ବିଦ୍ୟୁତ୍ କାଟ ରୋକିବାକୁ ଦାବି ହେଉଛି ।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ମନମାନି ସ୍ୱାସ୍ଥ୍ୟସେବା

ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା ବେଳେ ଏହା ବାସ୍ତବ କ୍ଷେତ୍ରରେ ଯେପରିଭାବେ କାର୍ଯ୍ୟକାରୀ ହେଉଛି, ତାହାକୁ ନେଇ ଅନେକ ସ୍ଥାନରେ ରୋଗୀ ଏବଂ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏହିପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ । ଏଠାର ସମସ୍ତ ଓ୍ୱାର୍ଡବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସରକାରୀଭାବେ ବହୁଦିନ ପୂର୍ବରୁ ଗଢ଼ିଉଠିଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଡାକ୍ତରଙ୍କ ମନମାନି ଓ ସମୟାନୁବର୍ତ୍ତିତାର ଅଭାବ ଯୋଗୁ ଏଠାକୁ ଆସୁଥିବା ରୋଗୀ ଠିକ୍‌ଭାବେ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି । ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଶେଷରେ ରୋଗୀମାନଙ୍କୁ ନିରାଶ ଓ ଖର୍ଚ୍ଚାନ୍ତ ହୋଇ ଦୂରଦୂରାନ୍ତକୁ ଚିକିତ୍ସା ପାଇଁ ଯିବାକୁ ପଡୁଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ ।

କୈଳାସ ଚନ୍ଦ୍ର ପୋଲାଇ, ବରଡିହୀ, ଅସ୍ତରଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

su | do | ku ସୁ–ଡୋ–କୁ

		D	1						6					B
	8			9	4			0		A				7
4			2				3		D			9		
7					5					9			2	D
E		9		A	0		C	D			7	1	4	6
					6		A	C		E				1
		0					E	5				7	A	
	2						8						B	
				1	9	B				7	4		0	
5		7			B		9		1		D			C
A		B								0	2	3	9	
						8			3			2	7	5
		6				4		2		C				
	3	4	C						B	8			6	
		5	8	0	D			B	E			C		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

D	A	5	6	B	1	C	2	3	0	7	4	8	9	E
2	3	1	8	4	0	A	E	5	C	D	9	6	B	7
B	9	0	E	2	C	7	8	6	5	1	3	D	4	A
7	6	4	3	A	5	D	9	0	E	8	B	1	2	C
E	C	8	D	7	9	B	1	4	6	2	A	0	5	3
6	8	2	C	5	E	0	A	7	B	4	1	9	3	D
1	0	9	7	3	B	4	6	D	2	A	E	C	8	5
4	B	E	9	D	8	5	3	1	7	0	C	2	A	6
3	7	D	0	6	A	2	C	E	8	9	5	B	1	4
C	5	A	2	1	4	8	B	9	3	6	D	E	7	0
8	E	B	A	0	2	1	D	C	4	3	7	5	6	9
5	4	6	B	C	7	3	0	8	9	E	2	A	D	1
A	2	3	1	E	6	9	7	B	D	5	0	4	C	8
9	D	C	5	8	3	E	4	A	1	B	6	7	0	2
0	1	7	4	9	D	6	5	2	A	C	8	3	E	B

ଗତକାଲିର ଉତ୍ତର

ବିମାନ ଅପହରଣ ଉଦ୍ୟମ

ଢାକା,୨୪।୨(ପି.ଟି.)

ବାଂଲାଦେଶରେ ରବିବାର ଏକ ବିମାନ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ସୁରକ୍ଷା ବଳର ଅପରେଶନ୍‌ରେ ଅପହର୍ତ୍ତା ନିହତ ହୋଇଥିବାବେଳେ ସମସ୍ତ ୧୪୮ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଅପହର୍ତ୍ତାଙ୍କ ଉଦ୍ଦେଶ୍ୟ କ'ଣ ଥିଲା ସେନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ତଦାଘନା ଆରମ୍ଭ ହୋଇଛି।

ବିମାନ ଏୟାରଲାଇନ୍ସର ଏକ ବିମାନ ରାଜଧାନୀ ଢାକାରୁ ଦୁବାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଜଣେ ବନ୍ଧୁକଧାରୀ ଏହାକୁ ଅପହରଣ ପାଇଁ ଉଦ୍ୟମ କରିଥିଲେ। ଫଳରେ ଦକ୍ଷିଣ-ପୂର୍ବସ୍ଥିତ ଉପକୂଳ ଚଟ୍ଟଗ୍ରାମ ସହର ଚଟ୍ଟଗ୍ରାମର ବିମାନବନ୍ଦରରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଅବତରଣ କରିବା ପରେ ସେନା, ନୌସେନା ଓ ପୋଲିସ ତାକୁ ଘେରି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ଉଦ୍ଧାର ବେଳେ କେହି ଜଣେ ହେଲେ ଆହତ ହୋଇନାହାନ୍ତି ବୋଲି ବାଂଲାଦେଶ ବାୟୁସେନା ଉପମୁଖ୍ୟ ଅବ୍‌ଦୁଲ ମତିନ୍ ସୂଚନା ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିଜି-୧୪୭ ବିମାନ ଢାକାରୁ ଚଟ୍ଟଗ୍ରାମ ଦେଇ ଦୁବାଇ ଯାଉଥିଲା। ଚଟ୍ଟଗ୍ରାମ ଶାହ ଅମାନତ

୮ ମିନିଟ୍‌ରେ କମାଣ୍ଡୋଙ୍କ ଗୁଳିରେ ବନ୍ଧୁକଧାରୀ ନିହତ

ସମସ୍ତ ୧୪୮ ଯାତ୍ରୀ ସୁରକ୍ଷିତ

ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଯିବାପାଇଁ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ ପରେ ଏହାକୁ ଜଣେ ବନ୍ଧୁକଧାରୀ ଅପହରଣ କରିଥିବା ଘୋଷଣା କରିଥିଲେ। ସେ ବିସ୍ଫୋରଣରେ ବିମାନକୁ ଉଡ଼ାଇଦେବାକୁ ଧମକ ଦେଇଥିଲେ। ଅପରାହ୍ନ ୫ଟା ୪୦ରେ ଉକ୍ତ ବିମାନବନ୍ଦରରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଏହାର ଜରୁରୀ ପ୍ରସ୍ଥାନ ଦ୍ୱାର ଦେଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ସୁରକ୍ଷା ବଳର ତାଗିଦ ସତ୍ତ୍ୱେ ୨୫ ବର୍ଷୀୟ ବାଂଲାଦେଶୀ ମହାଦି ଆତ୍ମସମର୍ପଣ କରିବାକୁ ମନାକରିଦେଇଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଆଲୋଚନା କରିବାକୁ ଚାହାନ୍ତି ବୋଲି ସେ କହିଥିଲେ। ଫଳରେ କମାଣ୍ଡୋମାନେ ୮ ମିନିଟ ମଧ୍ୟରେ ତାଙ୍କୁ ଗୁଳି କରିଥିଲେ। ଏଥିରେ ସେ ନିହତ ହୋଇଥିବା ମେଜର ଜେନେରାଲ ମତିଉର ରହମନ ସୂଚନା ଦେଇଛନ୍ତି। ଅପହର୍ତ୍ତା ବନ୍ଧୁକ ଓ ବିସ୍ଫୋରକ ନେଇ ବିମାନ ଭିତରକୁ ଯିବାକୁ କିପରି ସକ୍ଷମ ହେଲେ ସେନେଇ ତଦନ୍ତ କରାଯାଉଛି।

କାଳିଆ..

ପ୍ରଥମ ପୃଷ୍ଠାରୁ...

ଅନୁଭୂତି ବଖାଣିଥିଲେ। ଏଥିସହ ଏପ୍ରିଲ ୧ରେ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ତୁରନ୍ତ ମଞ୍ଜୁରୀ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ ସଭାସ୍ଥଳରେ ସମସ୍ତେ କରତାଳି, ହୁଳହୁଳି ଦେଇ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲାରେ ୯୫୩ କୋଟି ଟଙ୍କାର ୧୦୩ ପ୍ରକଳ୍ପ ଏବଂ ଅନୁଗୋଳ ଜିଲାରେ ୧୧୨୯ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ କାଳିଆ ଯୋଜନାରେ ୧ଲକ୍ଷ ୭୯ହଜାର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୫ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି। ସେହିପରି କାଳିଆ ଛାତ୍ରବୃତ୍ତି ଯୋଜନାରେ ମେଧାବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାବେଶରେ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ମଲ୍ଲିକ, ଡା. ନୃସିଂହ ଚରଣ ସାହୁ, ଏମ୍‌ପି ତଥାଗତ ସତପଥୀ, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ରଜନୀକାନ୍ତ ସିଂ, ବ୍ରଜକିଶୋର ପ୍ରଧାନ, ମହେଶ ସାହୁ, ସରୋଜ ସାମଲ, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

୧୫ ଜିଲାରେ ୪୮ ଘଣ୍ଟା ବର୍ଷା

ଭୁବନେଶ୍ୱର, ୨୪।୨(ଷ୍ଟୁରୋ)

- ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷିବ
- ୨୬ ଓ ୨୭ରେ ୫୦ କିମି ବେଗରେ ବହିବ ପବନ

ଶନିବାର ଭଳି ରବିବାର ମଧ୍ୟ ଭୁବନେଶ୍ୱରର ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅସହ୍ୟ ତାତିରେ ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଅନ୍ୟପକ୍ଷରେ ସୁନ୍ଦରଗଡ଼ରେ ସର୍ବନିମ୍ନ ୧୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ତେବେ ଭଦ୍ରକ ଜିଲାରେ ଘନ କୁହୁଡ଼ି ଦେଖାଯିବା ସହ ଗଜପତି ଓ ରାୟଗଡ଼ାରେ ବର୍ଷା ଆରମ୍ଭ ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରପ୍ ଲାଇନ୍ ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳର ୧୫ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, ବାଲେଶ୍ୱର, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ଭଦ୍ରକ, କଟକ, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହିତ ବଜ୍ରୁଳି ଓ ଘଡ଼ଘଡି ମାରିବାର ଆଶଙ୍କା ରହିଛି। ତେବେ ସୋମବାର କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଆଦି ୫ଟି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୬ ଓ ୨୭ ଏହି ଦୁଇଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସହିତ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଆତ୍ମସମର୍ପଣ କଲେ ମାଓବାଦୀ ଧନଞ୍ଜୟ

ମାଲକାନଗିରି,୨୪।୨ (ଡି.ଏନ.ଏ.)

ଆନ୍ଧ୍ର, ଓଡିଶା ଓ ଛତିଶଗଡରେ ସୁରକ୍ଷା କର୍ମୀଙ୍କ ଏକଦା ନିଦ ହଜାଇ ଦେଇଥିବା ହାର୍ଡକୋର ମାଓବାଦୀ ଧନଞ୍ଜୟ ଗୋପେ ଓରଫ ସୁଧୀର (୨୭) ରବିବାର କୋରାପୁଟ ଡି.ଆଇ.ଜି. ହିମାଂଶୁ ଲାଲଙ୍କ ନିକଟରେ ଆତ୍ମସର୍ମପଣ କରିଛନ୍ତି। ମାଲକାନଗିରି ଜିଲା କାଲିମେଳା ଥାନା ଏମ.ପି.ଭି – ୩୧ ଗ୍ରାମର ଧନଞ୍ଜୟ ଆନ୍ଧ୍ର ଓଡିଶା ଡିଭିଜିନାଲ କମିଟି ମେମ୍ବର (ଡି.ସି.ଏମ୍.) ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ନାମରେ ରାଜୁଲକୋଣ୍ଡା ବିସ୍ଫୋରଣ, ଜାନିଗୁଡା ଆୟୁସ, ଆଇ.ଡି ବିସ୍ଫୋରଣ, ହତ୍ୟା, ଗୁଳି ବିନିମୟ ଭଳି ୨୭ଟି ମାମଲା ରହିଛି। ସେ ଏମକେଭିପି ଡିଭିଜନର ଗୁମ୍ଫା ଏରିଆ କମିଟିରେ କାର୍ଯ୍ୟ କରୁଥିଲେ। ତାଙ୍କୁ ଧରାଇ ଦେଲେ ୫ଲକ୍ଷ ଟଙ୍କା ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହା ପରେ ତାଙ୍କ ସ୍ତ୍ରୀ ଆତ୍ମସମର୍ପଣ କରିପାରନ୍ତି ବୋଲି ମାଲକାନଗିରିରେ ଚର୍ଚ୍ଚା ହେଉଛି।

ଆସାମ ମଦମୃତ୍ୟୁ ସଂଖ୍ୟା ରବିବାର ୧୪୩ରେ ପହଞ୍ଚିଛି। ଏବେ ବି ୩ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗତ ଗୁରୁବାର ସନ୍ଧ୍ୟାରେ ସଲମାରା ଚା ବଗିଚାର କର୍ମଚାରୀମାନେ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ବେଆଇନ ମଦ କାରବାରରେ ସମ୍ପୃକ୍ତ ଦେଶୀ ମଦଭାଟି ମାଲିକଙ୍କ ସମେତ ୧୨ ଜଣଙ୍କୁ ଗିରଫ କରିଛି।

ସଂକ୍ଷେପରେ

କାଉଡିଆ ନଦୀରେ ମିଶିଲା ତେଲ

ତେଲ ପାଇପ ଫାଟିଯାଇଥିବା ସ୍ଥାନରେ ମରାମତି କରାଯାଉଛି।

ପୁଣି ଫାଟିଲା ଇଣ୍ଡିଆନ ଅଏଲ୍ ପାଇପ

ପାରାଦୀପ,୨୪।୨(ସ୍ୱ.ପ୍ର.)- ପାରାଦୀପ ବନ୍ଦରରୁ ଇଣ୍ଡିଆନ ଅଏଲ ଟର୍ମିନାଲ ପର୍ଯ୍ୟନ୍ତ ମାଟି ତଳେ ଯାଇଥିବା ୪ ଥାକିଆ ତେଲ ପାଇପ୍ ଲାଇନ ରବିବାର ପୁଣି ଥରେ ଫାଟିଛି। ଏଥିସହ କିଛି ପରିମାଣର ତେଲ କାଉଡିଆ ନଦୀରେ ମିଶିଛି। ଚୋରା ତେଲ ବ୍ୟବସାୟୀମାନେ ମାଟି ତଳେ ପାଇପ କଣା କରି ତେଲ ଛୋରି କରିବା ବେଳେ ଏପରି ଘଟିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଉଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏହି ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି। ୨୦୧୫ ଜୁନ ୬ଠାରୁ ରବିବାର ଘଟଣାକୁ ମିଶାଇ ୧୨ଥର ଏପରି ତେଲ ପାଇପ ଫାଟିଲାଣି। ପ୍ରତ୍ୟେକଥର ବିପୁଳ ପରିମାଣର ତେଲ ନଦୀ ସମୁଦ୍ରରେ ମିଶୁଛି। ଏ ସମ୍ପର୍କରେ ଇଣ୍ଡିଆନ ଅଏଲ କର୍ତ୍ତୃପକ୍ଷ କିଛି କହିବାକୁ ମନା କରିଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଏକ୍କା ତଦନ୍ତ ପରେ କହିଛନ୍ତି ଯେ ସୋମବାର ତେଲ ଜାହାଜରୁ ପାଇପ ଯୋଗେ ତେଲ ଖାଲି କରିବାର ଥିଲା। ଚୋରା ବ୍ୟବସାୟୀମାନେ ଆଗୁଆ ଏହି ଖବର ପାଇ ପାଇପ କଣାକରି ସେଥିରେ ମଟର ଲଗାଇଥିଲେ। ତେବେ ତେଲ ଚୋରି ହେବା ପୂର୍ବରୁ ରୋକାଯାଇପାରିଛି। ଜାହାଜରୁ ତେଲ ଅନ୍‌ଲୋଡିଂ ଖବର ଚୋରା ବ୍ୟବସାୟୀଙ୍କ ପାଖରେ ପହଞ୍ଚାଇବାକୁ ନେଇ କେତେଜଣ କର୍ମଚାରୀଙ୍କୁ ସନ୍ଦେହ କରାଯାଉଛି। ଏନେଇ ସ୍ଥାନୀୟ ପୋଲିସକୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, କାଉଡିଆ ନଦୀ ପାଖ ତେଲ ପାଇପଲାଇନ ଅଞ୍ଚଳରେ ଏକାଧିକ ଘରୋଇ ସିକ୍ୟୁରିଟି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ସିସିଟିଭି ଲାଗିଥିଲେ ମଧ୍ୟ ଚୋରି ହେଉଛି।

■ଉତ୍ତରପ୍ରଦେଶ, ଆସାମ ଘଟଣା ପରେ ବି ଚେତା ପଶୁନି

ଓଡ଼ିଶାରେ ରୋକି ହେଉନି ବିଷାକ୍ତ ମଦ

ଭୁବନେଶ୍ୱର,୨୪।୨ (ବ୍ୟୁରୋ)

ନିକଟରେ ଉତ୍ତରପ୍ରଦେଶରେ ବିଷାକ୍ତ ମଦ ପିଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୮୯ଜଣ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେହିଭଳି ଦୁଇଦିନ ତଳେ ଆସାମ ଗୋଲାଘାଟ ଓ ଜୋରାହାଟ ଜିଲାରେ ବିଷାକ୍ତ ମଦପିଇ ୧୨୩ ଜଣଙ୍କ ମୃତ୍ୟୁ ଘଟିଛି। ୧୨୫ରୁ ଊର୍ଦ୍ଧ୍ୱ ଏବେ ବି ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଦେଶର ଏହି ମଦ ବିଭୀଷିକା ପୂରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଓଡ଼ିଶାରେ ମଧ୍ୟ ଏପରି ସ୍ଥିତି ଉପୁଜିବା ଆଶଙ୍କା କରାଗଲାଣି। ରାଜ୍ୟରେ ମଦ ବ୍ୟବସାୟ ପରିସରକୁ ବ୍ୟାପକ କରି ଦିଆଯାଇଥିବାବେଳେ ସେପରି କୌଣସି ଅଙ୍କୁଶ କି କଟକଣା ରହୁନି। ଏବେ ରାଜ୍ୟରେ ନକଲି ମଦ କାରଖାନା ମଧ୍ୟ ଗଢ଼ି ଉଠୁଛି। ସହରଠାରୁ ଗାଁ ଗହଳି ସବୁଠି ଏହି ନକଲି ତଥା ଚୋରା ଦେଶୀ ତଥା ବିଦେଶୀ ମଦର ସୁଅ ଛୁଟୁଛି। ଇତିମଧ୍ୟରେ ମଦ ପାଇଁ ଅନେକ ଜୀବନ ମଧ୍ୟ ଯାଇଛି। ବହୁ ପରିବାର ଛାରଖାର ହୋଇଯାଇଥିବାବେଳେ ମଦ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଛି। ହେଲେ ସରକାରୀ କଳର ଉଦାସୀନତା ଓ ଚୋରା ମଦ ବେପାରୀଙ୍କ ସହ ପୋଲିସ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ପରିସ୍ଥିତିକୁ ଆହୁରି ବିଗାଡିବାରେ ଲାଗିଛି। ଫଳରେ ରାଜ୍ୟରେ ଏହି ବିଷାକ୍ତ ନକଲି ମଦ ସୁପ୍ତ ଭାବେ ଜଣଙ୍କ ପରେ ଆଉ ଜଣଙ୍କ ତଣ୍ଟି ଚିପି ଚାଲିଛି। ଉତ୍ତରପ୍ରଦେଶ ଓ ଆସାମ ମଦ ବିଭୀଷିକା ସତର୍କ ଘଣ୍ଟି ବଜାଇଥିଲେ ମଧ୍ୟ ସରକାର, ପୋଲିସ ଓ ଅବକାରୀ ବିଭାଗର ନିଦ ଭାଙ୍ଗୁନି। ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଭୋଟ ପାଇଁ ମଦ ବନ୍ୟା ବହିବ। ବିଶେଷକରି ଅନ୍ଧାରରେ ଦଳୀୟ କର୍ମୀ ଓ ନେତା ଭୋଟରଙ୍କୁ ନକଲି ମଦ ପିଆଇଦେବେ। ରାଜ୍ୟ ବାହାରୁ ନକଲି ମଦ ଓଡ଼ିଶାକୁ ଆସୁଥିବାବେଳେ ସେତେବେଳେ ଏହି କାରବାର ଆହୁରି ବଢ଼ିଯିବ।

ଏବେ ରାଜ୍ୟରେ ମଦ ମାଫିଆମାନେ ବେଶ୍ ସକ୍ରିୟ ରହିଛନ୍ତି। ସ୍ଥାନୀୟ ପୋଲିସକୁ ମୋଟା ଅର୍ଥ ଦେଇ ବେଆଇନ କାରବାର କରୁଛନ୍ତି। ବିଭିନ୍ନ ଦାମୀ ବ୍ରାଣ୍ଡର ପ୍ୟାକ୍‌ରେ ନକଲି ମଦ ଭର୍ତ୍ତି କରି ବଜାରକୁ ଛାଡୁଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ କାଉଣ୍ଟର ସମେତ ଚୋରାରେ ମଧ୍ୟ ଏହି ନକଲି ମଦ ବିକ୍ରି ହେଉଛି। ରାଜଧାନୀର ବିଭିନ୍ନ ବସ୍ତି ସମେତ ଗ୍ରାମାଞ୍ଚଳରେ ଏହି ମଦ କାରବାର ବେଧଡ଼କ ଭାବେ ଚାଲିଛି। ଅଧିକ କଡ଼ା କରିବାକୁ ଏଥିରେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ମିଶ୍ରଣ କରାଯାଉଛି। ତାହାର କୌଣସି ପରୀକ୍ଷଣ କରାଯାଉ ନ ଥିବାରୁ ଏଥିଯୋଗୁ ମଣିଷ ଶରୀରକୁ ଧୀରେ ଧୀରେ ଅଚଳ କରି ପକାଉଛି। ପରୋକ୍ଷରେ ମଦ ପାଇଁ ଜୀବନ ଯାଉଥିଲେ ମଧ୍ୟ ଏହା ପଦାକୁ ରୋଗ ଯୋଗୁ ମୃତ୍ୟୁ ବୋଲି ଜଣାପଡୁଛି। ଏକାଧିକ ବସ୍ତିରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ଯାହାକୁ ଅନେକ ବସ୍ତି ଲୋକେ ପିଇଥାନ୍ତି। ଅବକାରୀ ବିଭାଗର ଓ ପୋଲିସ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏହାର ଫାଇଦା ନିଶା ମାଫିଆମାନେ ନେଉଛନ୍ତି। କେବଳ ବୈଠକ ଓ ନିର୍ଦ୍ଦେଶରେ ପଦକ୍ଷେପ ସୀମିତ ରହୁଛି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ମଦ ମୃତ୍ୟୁକୁ ନେଇ ଆମେ ସଚେତନ ଅଛୁ। ଶୀଘ୍ର ଏକ ସ୍ପେଶାଲ ଡ୍ରାଇଭ କରି ରେଡ୍ କରାଯିବ। ଏ ନେଇ ମଧ୍ୟ ସମସ୍ତ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ଏଭଳି ନକଲି ମଦ ବିକ୍ରି ଓ ପ୍ରସ୍ତୁତ କରାଯାଉଛି ଚଢାଉ କରି ଗିରଫ କରିବା ପାଇଁ କୁହାଯାଇଛି। ନିର୍ବାଚନ ଥିବାରୁ ଚଢାଉ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

ଓଡ଼ିଶାରେ ଘଟିଥିବା ମଦ ମୃତ୍ୟୁ

୧୯୯୨ରେ କଟକରେ ବିଷାକ୍ତ ମଦ ପିଇ ପ୍ରାୟ ୨ଶହ ଲୋକଙ୍କ ମୃତ୍ୟୁ ଘଟିଥିଲାବେଳେ ୬ଶହ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୯୯୦ରେ ଓଡିଶାର ଭିନ୍ନ ଭିନ୍ନ ସ୍ଥାନରେ ବିଷାକ୍ତ ମଦ ଯୋଗୁ ୩ଶହ ଲୋକଙ୍କ ଜୀବନ ଯାଇଥିଲା। ଉକ୍ତବର୍ଷ ଭଦ୍ରକ ଜିଲାରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯୯୧ରେ କଟକରେ ୧୦୦ଜଣ ଓ ୨୦୦୧ରେ ପୁରୀ ଜିଲାରେ ୨୧ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ୨୦୦୬ରେ ଖୋର୍ଦ୍ଧା ଜିଲାରେ ବିଷାକ୍ତ ମଦ ପିଇ ୫୮ଜଣ, ୨୦୦୭ରେ ଗଞ୍ଜାମ ଜିଲାରେ ୩୫ ଜଣ, ୨୦୦୯ରେ ଖୋର୍ଦ୍ଧା ଓ ବରଗଡ଼ ଜିଲାରେ ୧୩ ଜଣ, ୨୦୧୦ରେ କଟକ ଜିଲାର ସାଲେପୁରରେ ୩ଜଣ, ୨୦୧୧ରେ ମୟୂରଭଞ୍ଜରେ ୭ଜଣ, ବଲାଙ୍ଗୀରର ୨ଜଣ, ଗଞ୍ଜାମ ଜିଲାର ଆସ୍କା ଏବଂ ଢେଙ୍କାନାଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ରହିଛି। ଅନ୍ୟପକ୍ଷରେ ୨୦୧୨ରେ ଓଡ଼ିଶାରେ ମୋଟ ୪୯ ଜଣଙ୍କର ମୃତ୍ୟୁ ଘଟିଥିଲା।

■ ରାଜଧାନୀ ସମେତ ରାଜ୍ୟରେ ବିକ୍ରି ଚାଲିଛି ନକଲି ମଦ
■ ନିଦରେ ଶୋଇଛି ରାଜ୍ୟ ପୋଲିସ ଓ ଅବକାରୀ ବିଭାଗ
■ ଚଢାଉ ଜୋର୍‌ଦାର ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗତ ଏ ଦିନେ ବିଆଳି ବଛା
ପିଠି ଖାଉଥିଲା ଖରା
ଆଗେ ଖାଉଥିଲୁ କୁଣ୍ଡା ଚକୁଳି
ଏବେ ନ ରୁଚେ ପୂର କାକରା ।

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ୍। ବହୁକ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ସେ ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନକୁ ଭୁଲିଯାଇ ବର୍ତ୍ତମାନ ଅବସ୍ଥାକୁ ନେଇ ଗର୍ବ କରି ବସୁଥିବାର ଲକ୍ଷ୍ୟ କରାଯାଇଥାଏ। ହାତରେ ଧନ ଆସିଗଲେ ବ୍ୟକ୍ତି କ୍ରମଶଃ ଗର୍ବୀ ଓ ଅହଂକାରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଗାଈ ନାଆଁ ଦେଲି ନେତ
ମୋ ଘରେ ଲାଗିଲା ନିତି ଖୁଣ୍ଟୁଣା
ନିଇତି ଖାଇଲା ଖେତ ।

ଗାଈ ଯେବେ ଓଲେଇ ପ୍ରକୃତିର ହୁଏ ବାଡ଼ ଭାଙ୍ଗି ଫସଲ ଖାଇଯାଏ। ତାକୁ ଯେତେ ଆକଟ କଲେ ବା ବାନ୍ଧିକି ରଖିଲେ ମଧ୍ୟ ଲାଭ କିଛି ମିଳି ନ ଥାଏ। ଟିକିଏ ସୁଯୋଗ ପାଇଲେ ସେ ପଘା ଛିଣ୍ଡାଇ ଯୁଆଡ଼େ ଇଚ୍ଛା ସିଆଡ଼େ ଯାଇ ଫସଲ ଖାଇ ବା ନଷ୍ଟକରି ଦେଉଥିବା ବେଳେ ଏଥିପାଇଁ ବିଚରା ମାଲିକକୁ ଅନେକ କଥା ସାଇପଡ଼ିଶାଠୁ ଶୁଣିବାକୁ ପଡ଼ିଥାଏ। ଅତି ଶ୍ରଦ୍ଧାରେ ପାଳିଥିବା ଗାଈ ପାଇଁ ମାଲିକ ଅପଦସ୍ଥ ହେବା ଭଳି ନିଜ ଲୋକ ନିଜର କ୍ଷତି ଘଟାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

■ଜଟଣୀ ତରାବୋଇରେ ଦକ୍ଷତା ବିକାଶ ପ୍ରତିଷ୍ଠାନ ଉଦ୍‌ଘାଟିତ

'ବୈଷୟିକ ତାଲିମ ନିଯୁକ୍ତିରେ ହେବ ସହାୟକ'

ଜଟଣୀ,୨୪।୨(ଡି.ଏନ.ଏ.):

ଖୋର୍ଦ୍ଧା ଜିଲା ଜଟଣୀ ତରାବୋଇଠାରେ ଭାରତୀୟ ତୈଳ ନିଗମ ଦ୍ୱାରା ପରିଚାଳିତ ହେଉଥିବା ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ)ର ଭୁବନେଶ୍ୱର ସ୍ଥାୟୀ କ୍ୟାମ୍ପସ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହାଛଡ଼ା ଏହି କ୍ୟାମ୍ପସ୍‌ରୁ ୧୦୮ କୋଟି ଟଙ୍କା ମୂଲ୍ୟରେ ୧୪୨ଟି ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ୮୮ଟିର ଉଦ୍‌ଘାଟନ ଓ ୫୪ଟିର ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀ ପ୍ରଧାନ ରିମୋଟ୍ ମାଧ୍ୟମରେ କରିଥିଲେ। ଏଥିରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଦ୍ୱାରା ୧୭ ଜିଲାରେ ଶିକ୍ଷା ବ୍ୟବସ୍ଥାର ଉନ୍ନତୀକରଣ ଲାଗି ବିଭିନ୍ନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହି ଅବସରରେ ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ, କେବଳ ବହି ପାଠ ପଢ଼ିଲେ ହେବନି, ବୈଷୟିକ ତାଲିମର ଆବଶ୍ୟକତା ରହିଛି। ଏସ୍‌ଡିଆଇ ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ। ଏଠାରେ ଯୁବପିଢ଼ିଙ୍କୁ ତାଲିମ ମାଧ୍ୟମରେ ନିଯୁକ୍ତି ପ୍ରଦାନ ଓ ଉଦ୍ୟୋଗ ପ୍ରତିଷ୍ଠା କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରିବ। ଯୁବପିଢି ଉଦ୍ୟୋଗ ବା ବ୍ୟବସାୟ କରି ନିଜେ ମାଲିକ ହେବାର ସୁଯୋଗ ପାଇବେ।

ଇଣ୍ଡିଆନ୍ ଅଏଲ ସହ ଆଇଟିଆଇ ଭୁବନେଶ୍ୱର ଓ ଭଦୋଦରା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି ।

ସୂଚନାଯୋଗ୍ୟ, ଏହି ପ୍ରତିଷ୍ଠାନ ୨୦୧୭ରୁ ଭୁବନେଶ୍ୱର ଅସ୍ଥାୟୀ କ୍ୟାମ୍ପସ୍‌ରୁ ଆରମ୍ଭ ହୋଇଥିଲା। ଜଟଣୀ ତରାବୋଇରେ ୪୬ ଏକର ଜମିରେ ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ରାଷ୍ଟ୍ରପତିଙ୍କ ଦ୍ୱାରା ୨୦୧୮ ମାର୍ଚ୍ଚ ୧୮ରେ ହୋଇଥିଲା। ଏହାର କାର୍ଯ୍ୟାରମ୍ଭର ୧୦ ବର୍ଷ ମଧ୍ୟରେ ୫୦ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ୨୫ଟି ଟ୍ରେଡ୍‌ରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି। ଜାତୀୟ ଦକ୍ଷତା ବିକାଶ ମିଶନର ଅନ୍ୟ ନିଯୁକ୍ତି ଭିତ୍ତିକ ତାଲିମ, ଆର୍‌ପିଏଲ ପାଠ୍ୟକ୍ରମ ସମେତ ହାଇଡ୍ରୋକାର୍ବନ କ୍ଷେତ୍ର ଓ ଶିଳ୍ପ ସମ୍ପର୍କିତ ଅଧିକ ଦକ୍ଷତା ପ୍ରଦାନ ଲାଗି କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ ଦକ୍ଷତା ବିକାଶ ତାଲିମ ପ୍ରଦାନ ପାଇଁ ଏସ୍‌ଡିଆଇ ଓ ୪ଟି ଶିଳ୍ପ ସଂସ୍ଥା ବ୍ୟତୀତ ଦ୍ୱୈତ ତାଲିମ ବ୍ୟବସ୍ଥା ଉପରେ ଇଣ୍ଡିଆନ ଅଏଲ୍ ସହ ଆଇଟିଆଇ ଭୁବନେଶ୍ୱର ଓ ଆଇଟିଆଇ (ଗୁଜରାଟର ଭଦୋଦରା) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଆଇଓସିଏଲ୍‌ର ଚେୟାରମ୍ୟାନ୍ ସଞ୍ଜୀବ ସିଂ, ଦକ୍ଷତା ବିକାଶ ପ୍ରତିଷ୍ଠାନର ଚେୟାରମ୍ୟାନ ରଞ୍ଜନ ମହାପାତ୍ର, ସିଇଓ ପ୍ରଫେସର ଏନ୍.ଏନ. ରାଓ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ଗୁରୁପ୍ରିୟା ସେତୁ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ କୃତଜ୍ଞତା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା କାରଣରୁ ୪ ବର୍ଷ ମଧ୍ୟରେ ଗୁରୁପ୍ରିୟା ସେତୁ କାର୍ଯ୍ୟକ୍ଷମ ହୋଇପାରିଛି। ଏହି ସେତୁ ଦୀର୍ଘଦିନ ଧରି ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ଥିଲା। ଗତ ଜୁଲାଇରେ ରାଜ୍ୟ ପ୍ରଶାସନର ପ୍ରଚେଷ୍ଟା କାରଣରୁ ତାହା ସମ୍ଭବ ହୋଇପାରିଛି। ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହୋଇପାରୁଛି। ଏହି କାରଣରୁ ଶତାଧିକ ସ୍ଥାନୀୟ ଅଧିବାସୀ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି।

ମାର୍ଚ୍ଚରୁ ୩ ମେଟ୍ରୋ ସହରକୁ ଉଡ଼ାଣ

ଝାରସୁଗୁଡ଼ା ଅଫିସ,୨୪।୨

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରରୁ ଦେଶର ୩ ମେଟ୍ରୋ ସହରକୁ ଖୁବ୍‌ଶୀଘ୍ର ବିମାନ ଚଳାଚଳ ହେବ। ଏପ୍ରିଲ ନୁହେଁ, ମାର୍ଚ୍ଚରୁ ବିମାନ ଉଡ଼ିବା ଆରମ୍ଭ କରିବ ବୋଲି ସୂଚନା ଦେଇଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନ ନିଜ ଟ୍ୱିଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ଯେ ମାର୍ଚ୍ଚରେ ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ କୋଲକାତାକୁ ବିମାନ ଚଳାଚଳ ହେବ। ଏହି ୩ ରୁଟ୍‌ରେ ବିମାନ ଚଳାଚଳ ପାଇଁ ସ୍ପାଇସ୍ ଜେଟ୍ ଅନୁମତି ପାଇଛି। ସ୍ପାଇସ୍ ଜେଟ୍ ଅଧିକାରୀ ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇସାରିଛି। ଫେବୃୟାରୀ ୯ରେ ସ୍ପାଇସ୍ ଜେଟ୍‌ର ଏକ ୮ଜଣିଆ ଟିମ୍ ଝାରସୁଗୁଡ଼ା ଆସି ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ଫେବୃୟାରୀ ଶେଷ ବେଳକୁ ଆଉ ଏକ ଟିମ୍ ଝାରସୁଗୁଡା ଆସିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେହି ଦୃଷ୍ଟିରୁ ଖୁବ୍‌ଶୀଘ୍ର ଭିଏସ୍ଏସ୍ ବିମାନବନ୍ଦରରୁ ଦେଶର ରାଜଧାନୀ ସମେତ ହାଇଦ୍ରାବାଦ ଓ କୋଲକାତାକୁ ଉଡ଼ାଣ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ଗତ ଜାନୁୟାରୀ ୨୫ରେ ବହୁପ୍ରତୀକ୍ଷିତ ବିମାନ ସେବା ଉଡାନ୍-୩ ଅଧୀନ ରୁଟ୍ ଆୱାର୍ଡ କରାଯାଇଥିଲା। ଝାରସୁଗୁଡ଼ା ଭିଏସ୍ଏସ୍ ବିମାନବନ୍ଦରରୁ ଭୁବନେଶ୍ୱର ସମେତ ଦେଶର ୬ ସ୍ଥାନକୁ ବିମାନ ଚଳାଚଳ ପାଇଁ ରୁଟ୍ ଘୋଷଣା ହୋଇଥିଲା। ଏହି ୬ ରୁଟ୍ ମଧ୍ୟରୁ କୋଲକାତା, ହାଇଦ୍ରାବାଦ ଏବଂ ନୂଆଦିଲ୍ଲୀକୁ ବିମାନ ଚଳାଚଳ ପାଇଁ ସ୍ପାଇସ୍ ଜେଟ୍ ମନୋନୀତ ହୋଇଥିଲା। ସେହିପରି ଝାରସୁଗୁଡ଼ା-ଭୁବନେଶ୍ୱର ଓ ଝାରସୁଗୁଡ଼ା ରାୟପୁରକୁ ବିମାନ ଚଳାଚଳ ପାଇଁ ଆଲାଏନ୍ସ ଏୟାର/ଟର୍ବୋ ଆଭିଏଶନ୍ ଏବଂ ମୁମ୍ବାଇକୁ ବିମାନ ଚଳାଚଳ ପାଇଁ ଜେଟ୍ ଏୟାର ୱେଜ୍ ବିମାନ ସଂସ୍ଥା ମନୋନୀତ ହୋଇଛି। ଫେବୃୟାରୀ ୯ରେ ସ୍ପାଇସ୍ ଜେଟ୍ କମ୍ପାନୀର ବୈଷୟିକ ଏବଂ ବରିଷ୍ଠ ଅଧିକାରୀଙ୍କ ୮ ଜଣିଆ ଟିମ୍ ଝାରସୁଗୁଡ଼ା ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିମାନ ଚଳାଚଳ ଆଶା ସଞ୍ଚାର ହୋଇଛି।

■ ପାର୍ଲାମେଣ୍ଟ, ବିଧାନସଭାରେ ୩୩% ମହିଳା ସଂରକ୍ଷଣ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଜାତିସଂଘର ପ୍ରଶଂସା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ୩୩% ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ହେଉ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ ଜାରି ରଖିଥିବାରୁ ଜାତିସଂଘ(ମହିଳା) ପକ୍ଷରୁ ପ୍ରଶଂସା କରାଯାଇଛି। ଏଥିସହିତ ଜାତିସଂଘ (ୟୁଏନ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ତରଫରୁ ରବିବାର ଏ ବିଷୟରେ ଅବଗତ କରାଯାଇଛି। ରାଜ୍ୟ ବିଧାନସଭାରେ ୩୩% ମହିଳା ସଂରକ୍ଷଣ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ସର୍ବସମ୍ମତକ୍ରମେ ଗୃହୀତ କରାଯାଇଛି। ଦେଶରେ ସକ୍ରିୟ ଥିବା ସମସ୍ତ ରାଜନୈତିକ ଦଳ ଏବଂ ମୁଖ୍ୟମନ୍ତ୍ରୀମାନଙ୍କ ସହଯୋଗ କାମନା କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କର ପ୍ରତିନିଧି ବ୍ୟକ୍ତିଗତ ଭାବେ ବିଭିନ୍ନ ଦଳର ମୁଖ୍ୟଙ୍କୁ ଭେଟି ସମର୍ଥନ ଯୋଗାଡ଼ କରିଛନ୍ତି। କେତେକ ମୁଖ୍ୟମନ୍ତ୍ରୀ ମଧ୍ୟ ନବୀନଙ୍କ ଏହି ଉଦ୍ୟମକୁ ସମର୍ଥନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ୟୁଏନ୍(ମହିଳା) ପକ୍ଷରୁ ଡେପୁଟି କଣ୍ଟ୍ରି ରିପ୍ରେଜେଣ୍ଟେଟିଭ୍ ନିଷ୍ଠା ସତ୍ୟମ ଏହି ଚିଠି ଲେଖିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ସାରା ବିଶ୍ୱର ୫୦ ପ୍ରତିଶତ କେବଳ ମହିଳା। ସେମାନଙ୍କ ରାଜନୈତିକ ଅଧିକାର ସମାଜକୁ ଆହୁରି ପ୍ରଗତିଶୀଳ କରିବ। ଏହା ଦ୍ୱାରା ସାମାଜିକ ଏବଂ ଅର୍ଥନୈତିକ ବିକାଶ ମଧ୍ୟ ହୋଇପାରିବ। ତେଣୁ ମହିଳାଙ୍କୁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ। ଏ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟରେ ଅଟକି ରହିଛି। ଏହାକୁ ଗୃହୀତ କରାଇବା ପାଇଁ ଓଡ଼ିଶା ସରକାର ଯେଉଁ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ଉଦାହରଣ। ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱକୁ ୟୁଏନ୍ ଅନୁଭବ କରୁଛି। ଲିଙ୍ଗଗତ ସମାନତା, ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି କରିବା, ମହିଳାଙ୍କୁ ସଶକ୍ତୀକରଣ କରିବାରେ ୟୁଏନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଲିଙ୍ଗଗତ ସମାନତାରେ ୟୁଏନ୍ ସହଯୋଗୀ ଭାବେ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରୁଛି। ଏଥିରେ ପଞ୍ଚାୟତିରାଜ ବିଭାଗ ସହଯୋଗ କରୁଥିବାରୁ ଧନ୍ୟବାଦ।

ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ କାହାରିକୁ ଦୋଷ ଦିଏନାହିଁ; ବରଂ କୌଣସି ବ୍ୟକ୍ତିଙ୍କୁ ମୋର ସଫଳତାର ଶ୍ରେୟ ଦେଇଥାଏ।
-କରିନା କପୁର,
ବଲିଉଡ୍ ଅଭିନେତ୍ରୀ

ପାଣି ମଡ଼ାଇବ ସ୍ୱୟଂକ୍ରିୟ ଡିଭାଇସ୍

ଉଦ୍ଭାବନ କରିଛନ୍ତି ଦୁଇ ମୂଳ ଭାରତୀୟ

ସିଙ୍ଗାପୁର: ସିଙ୍ଗାପୁରସ୍ଥିତ ଦୁଇଜଣ ମୂଳ-ଭାରତୀୟ ଛାତ୍ର ଏକ ଡିଭାଇସ୍ ଉଦ୍ଭାବନ କରିଛନ୍ତି। ଏହା ଚାଷୀଙ୍କ ଅନୁପସ୍ଥିତିରେ ଫସଲକୁ ଆବଶ୍ୟକ ଜଳ ଯୋଗାଣ କରିପାରିବ। ପ୍ରତ୍ୟୁଷ ବଂଶଲ ଏବଂ ଆଇକସ୍ ସିଂ ଗୁଲାଟି ହେଉଛନ୍ତି ଗ୍ଲୋବାଲ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ସ୍କୁଲ(ଜିଆଇଆଇଏସ୍)ର ଛାତ୍ର। ସ୍କୁଲ ଛୁଟିରେ ବାହାରକୁ ଯାଇ ଫେରିବା ପରେ ଦେଖିବାକୁ ପାଇଲେ ସେମାନେ ଲଗାଇଥିବା ଫୁଲଗଛଗୁଡ଼ିକ ପାଣି ଅଭାବରୁ ମରିଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ସେମାନେ ଏକ ଉପାୟ ପାଞ୍ଚଲେ ଯଦ୍ୱାରା ଜଣକ ଅନୁପସ୍ଥିତିରେ ମଧ୍ୟ ଫସଲ ବା ଫୁଲଗଛରେ ଆପେ ପାଣି ମଡାଯାଇ ପାରିବ। ସିଙ୍ଗାପୁରରେ ଜନ୍ମିତ ଏହି ଦୁଇ ଛାତ୍ର ଭାରତରେ ସେମାନଙ୍କ ଜେଜେବାପାଙ୍କ ଘରେ ଏପରି ଏକ ଯନ୍ତ୍ର ବିକାଶ କରିବାର କୌଶଳ ଚିନ୍ତା କଲେ। ସେମାନେ ଗୋଟିଏ ହାଇଗ୍ରୋମିଟର ଡିଟେକ୍ଟର ଓ ମଏଶ୍ଚର ସେନ୍ସରକୁ ଏକ ପାଣିଟାଙ୍କି ଓ ପାଣିପମ୍ପ ମୋଟର ସହ ସଂଲଗ୍ନ କଲେ। ଏଥିରେ ଏକ ବ୍ୟାଟେରି ସଂଯୋଗ କରାଯିବା ପରେ ଏହା କାର୍ଯ୍ୟକ୍ଷମ ହୋଇପାରିଲା। ପାଣିଟାଙ୍କି ପୂର୍ଣ୍ଣ ହୋଇଯିବା ପରେ ଫସଲକୁ କେତେବେଳେ ପାଣି ଆବଶ୍ୟକ ତାହା ମଏଶ୍ଚର ସେନ୍ସର ଜଣାଇଦିଏ ଏବଂ ମୋଟର ଦ୍ୱାରା ଟାଙ୍କିରୁ ଜଳ ସଂଲଗ୍ନ ପାଇପ୍ ଯୋଗେ ଯାଇ ଫସଲରେ ମାଡିଥାଏ। ଦୁଇ ଛାତ୍ରଙ୍କ ଦ୍ୱାରା ଉଦ୍ଭାବିତ ଡିଭାଇସ୍ ଆଇଆଇଟି ଖଡଗପୁରର ୟଙ୍ଗ୍ ଇନୋଭେଟର୍ସ ପ୍ରୋଗ୍ରାମ୍‌ରେ ପ୍ରଦର୍ଶନ କରାଯିବ। ଏହି ଯନ୍ତ୍ରର ମୂଲ୍ୟ ୯ ସିଙ୍ଗାପୁର ଡଲାର ବା ୪୭୦ ଟଙ୍କା ଧାର୍ଯ୍ୟ କରାଯାଇଛି।

ପ୍ରଧାନମନ୍ତ୍ରୀ ଅନାବରଣ କରିବେ ୮୦୦ କେ.ଜି. ଭଗବଦ୍‌ଗୀତା

ନୂଆଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ଇସ୍କନ୍ ମନ୍ଦିରରେ ସବୁଠୁ ବଡ ଭଗବଦ୍‌ଗୀତା ଅନାବରଣ କରିବେ। ୮୦୦ କିଲୋଗ୍ରାମ୍ ବିଶିଷ୍ଟ ଏହି ଗୀତାର ପୃଷ୍ଠା ସଂଖ୍ୟା ୬୭୦। ଏହି ପୁସ୍ତକର ଲମ୍ବ ୨.୮ ମିଟର ଏବଂ ପ୍ରସ୍ଥ ୨ ମିଟର। ଏହା 'ବିଶ୍ୱର ସର୍ବବୃହତ୍ ପବିତ୍ର ଗ୍ରନ୍ଥ' ବୋଲି ଇସ୍କନ୍ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ କୃଷ୍ଣଚେତନା ସମିତି (ଇସ୍କନ୍) ହରେକୃଷ୍ଣ ନାମର ପସାର ଓ ପ୍ରଚାର ପାଇଁ ବେଶ୍ ପରିଚିତ। ଏହା ଏକ ବିଶ୍ୱସ୍ତରୀୟ ସଂଗଠନ ହୋଇଥିବାବେଳେ ଏହାର ୪୦୦ଟିରୁ ଅଧିକ ମନ୍ଦିର ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃୟାରୀ ୨୬ରେ ନୂଆଦିଲ୍ଲୀସ୍ଥିତ ଇସ୍କନ୍ ମନ୍ଦିର ଓ ସାଂସ୍କୃତିକ କେନ୍ଦ୍ରଠାରେ ଏହି ପୁସ୍ତକକୁ ଉନ୍ମୋଚନ କରିବେ ବୋଲି ଇସ୍କନ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ବିଶ୍ୱର ବିଭିନ୍ନ ଦେଶରୁ ଆଧ୍ୟାତ୍ମିକ ଗୁରୁ, ସମାଜସେବୀ, ବିଦ୍ୱାନ୍ ଏବଂ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ଇତିହାସର ଆଇନାରେ ଫେବୃୟାରୀ ୨୫ର ପ୍ରମୁଖ ଘଟଣା

୧୯୪୫ ଫେବୃୟାରୀ ୨୫ରେ ଜର୍ମାନୀ ବିରୋଧରେ ତୁର୍କୀ ଯୁଦ୍ଧ ଘୋଷଣା କରିଥିଲା। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରୁ ଆରମ୍ଭ ହୋଇ ୧୯୪୫ରେ ଶେଷ ହୋଇଥିଲା। ବିଶ୍ୱର ମହାଶକ୍ତି ବୋଲାଉଥିବା ଦେଶଗୁଡ଼ିକ ସାମରିକ ମେଣ୍ଟ କରି ଦୁଇ ଭାଗରେ ବିଭକ୍ତ ହୋଇଥିଲେ।

୨୦୧୫ ଫେବୃୟାରୀ ୨୫ରେ ଆଫଗାନିସ୍ତାନର ଉତ୍ତର-ପୂର୍ବ ଭାଗରେ ତୁଷାର ଅତଡା ଧସିବା ଯୋଗୁ ୩୧୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୨୯ ଜଣ ଆହତ ହୋଇଥିଲେ। ମୃତାହତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ୧,୦୦୦ ଆଫଗାନି ସେନା ମୁତୟନ ହୋଇଥିଲେ। ପଞ୍ଜଶିର୍ ପ୍ରଦେଶର କାର୍ଯ୍ୟକାରୀ ଗଭର୍ନର ଅବଦୁଲ୍ ରହମନ୍ କବିରିଙ୍କ କହିବାନୁଯାୟୀ, ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଆଫଗାନିସ୍ତାନରେ ଏଭଳି ତୁଷାର ଅତଡା ଧସିବା କେବେ ଘଟି ନ ଥିଲା।

ସୋନାକ୍ଷୀଙ୍କ ନାମରେ ୨୮କୋଇ ମାମଲା

ଲକ୍ଷ୍ନୌ: ଉତ୍ତରପ୍ରଦେଶର ମୋରାଦାବାଦ୍ ଥାନାରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ନାମରେ ୩୨ ଲକ୍ଷ ଟଙ୍କାର ଏକ ଠକେଇ ମାମଲା ରୁଜୁ ହୋଇଛି। ଅପରପକ୍ଷରେ କାର୍ଯ୍ୟକ୍ରମ ଆୟୋଜକ ମିଥ୍ୟା ଖବର ପ୍ରକାଶ ପାଇଁ ଗଣମାଧ୍ୟମକୁ ବ୍ୟବହାର କରୁଥିବା ସୋନାକ୍ଷୀ ଅଭିଯୋଗ କରିଛନ୍ତି। ଏଥିରୁ ବିରତ ନ ରହିଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୋନାକ୍ଷୀ ଏବଂ ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗ ପତ୍ରରେ ସୋନାକ୍ଷୀଙ୍କ ସମେତ ୪ଜଣଙ୍କ ନାମ ଉଲ୍ଲେଖ ରହିଛି। ସେମାନେ ହେଲେ ମାଳବିକା ପଞ୍ଜାବୀ, ଧୁମିଲ ଠକ୍କର, ଏଡ୍‌ଗାର ସାକାରିଆ ଏବଂ ଅଭିଷେକ ସିହ୍ନା। ଆୟୋଜକ ପ୍ରମୋଦ ଶର୍ମା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଏକ କାର୍ଯ୍ୟକ୍ରମରେ ଭାଗ ନେବାଲାଗି ସୋନାକ୍ଷୀଙ୍କ ଆକାଉଣ୍ଟକୁ ୩୨ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। କିନ୍ତୁ ସେ ଏଥିରେ ଯୋଗ ନ ଦେବାରୁ ତାଙ୍କର କ୍ଷତି ଘଟିଛି।

କେମିତି ରହିବ ଆଜିର ପାଗ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବନିମ୍ନ ତାପମାତ୍ରା
ବାଲେଶ୍ୱର	୩୨.୫	୧୯.୮
ବାନ୍ଦବାଲି	୩୧.୨	୨୧.୪
କଟକ	୩୫.୮	୨୦.୨
ପାରାଦ୍ୱୀପ	୩୦.୨	୨୩.୧
ଭୁବନେଶ୍ୱର	୩୬.୮	୨୨.୯
ଗୋପାଳପୁର	୩୦.୯	୨୪.୧
ପୁରୀ	୩୨.୦	୨୫.୨
ଅନୁଗୋଳ	୩୫.୬	୧୭.୬
ବାରିପଦା	୩୩.୬	୨୦.୫
ଝାରସୁଗୁଡ଼ା	୩୪.୬	୧୮.୫
କେନ୍ଦୁଝର	୩୩.୭	୧୮.୪
ସମ୍ବଲପୁର	୩୫.୪	୧୮.୭
ବୁଲବୁଲଡ଼	୩୪.୦	୧୫.୦
ହୀରାକୁଦ	୩୪.୯	୧୯.୯
ତାଲଚେର	୩୫.୩	୧୮.୫
ଭବାନୀପାଟଣା	୩୮.୦	୨୦.୫
ବଲାଙ୍ଗୀର	୩୬.୨	୧୯.୨
କୋରାପୁଟ	୩୪.୮	୧୬.୬
ଫୁଲବାଣୀ	---	---
ଟିଟିଲାଗଡ଼	---	---
ମାଲକାନଗିରି	୩୯.୦	୧୬.୬
ସୋନପୁର	୩୬.୨	୧୯.୦
ବାରିଜିବାଡ଼ି	୩୩.୦	୧୮.୫

ଚିତ୍ରୀ ସେଲ୍‌ସିୟସ୍

ଜମ୍ମୁ-କଶ୍ମୀରରେ ସମ୍ବିଧାନର ଧାରା ୩୫-କ ବଳରେ ମିଳୁଥିବା ସ୍ୱତନ୍ତ୍ର ସୁବିଧାରେ ପରିବର୍ତ୍ତନ ହେବନାହିଁ। ଜନସାଧାରଣ ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ।
-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

ପିଆର୍‌ସି ବିବାଦକୁ ନେଇ କର୍ଫ୍ୟୁ ଜାରି

ଅରୁଣାଚଳରେ ଅଚଳାବସ୍ଥା

ଇଟାନଗର,୨୪।୨(ପି.ଟି.)

ଆସାମରେ ଏନ୍‌ଆର୍‌ସି ବିଭ୍ରାଟ ପରେ ଅରୁଣାଚଳରେ ପିଆର୍‌ସି ବିବାଦ। କେତେକ ନିର୍ଦ୍ଦିଷ୍ଟ ଆଦିବାସୀ ସମୁଦାୟକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ଦିଆଯିବା ପ୍ରତିବାଦରେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା ଓ ଜଳାପୋଡ଼ା କରି ଆଇନ ହାତକୁ ନେଇଛନ୍ତି। ଅରୁଣାଚଳ ପ୍ରଦେଶ ରାଜଧାନୀ ଇଟାନଗରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନା ଏବଂ ଆଇଟିବିପି ଯବାନଙ୍କୁ ମୁତୟନ କରାଯାଇଛି।

ନିମସାଇ ଓ ଚାନାଙ୍ଗଲାଙ୍ଗ ଜିଲାରେ ରହୁଥିବା ୬ଟି ସମ୍ପ୍ରଦାୟର ଲୋକଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ପ୍ରଦାନ ପାଇଁ ଯୁଗ୍ମ ଉଚ୍ଚସ୍ତରୀୟ କମିଟି ଅରୁଣାଚଳ ସରକାରଙ୍କୁ ସୁପାରିସ କରିଛି। ଏହାକୁ ଗ୍ରହଣ ନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ଲୋକଙ୍କୁ ମତାଇ ଅଚଳାବସ୍ଥା ସୃଷ୍ଟି ପାଇଁ ଉଦ୍ୟମ କରୁଛି।
-କିରେନ୍ ରିଜିଜୁ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ


ଉତ୍ୟକ୍ତ ଲୋକେ ଉପମୁଖ୍ୟମନ୍ତ୍ରୀଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି।

ରାସ୍ତାକୁ ଓହ୍ଲାଇଲେ ଛାତ୍ର
- ମୁଖ୍ୟମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା
- ଉପମୁଖ୍ୟମନ୍ତ୍ରୀଙ୍କ ଘର ଜାଳିଦେଲେ
- ୨ ଥାନା ପୋଡ଼ିଲେ
- ପୋଲିସ ଗୁଳିରେ ଜଣେ ନିହତ
- ସଂଘର୍ଷ ବେଳେ ଏସ୍‌ପିଙ୍କ ସମେତ ଅନେକ ଆହତ
- ସ୍ଥିତି ନିୟନ୍ତ୍ରଣ ପାଇଁ ସେନା ମୁତୟନ

ଉତ୍ତର-ପୂର୍ବ ରାଜ୍ୟ ଅରୁଣାଚଳର ନାମସାଇ ଓ ଚାନାଙ୍ଗଲାଙ୍ଗ ଜିଲାରେ ବସବାସ କରୁଥିବା ୬ ସମ୍ପ୍ରଦାୟକୁ ପିଆର୍‌ସି ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ବାହାରର ଏହି ତଫସିଲଭୁକ୍ତ ଉପଜାତି(ଏସ୍‌ଟି) ସମୁଦାୟର ଛାତ୍ରୀଛାତ୍ରଙ୍କୁ ସରକାର ପିଆର୍‌ସି ଦେଲେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥହାନି ହେବ ବୋଲି ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ଛୁଟି ଥିବାରୁ ବହୁସଂଖ୍ୟକ ଲୋକ ରାସ୍ତାରେ ଶୋଭାଯାତ୍ରା କରିଛନ୍ତି। କର୍ଫ୍ୟୁ ଜାରି ହୋଇଥିଲେ ସୁଦ୍ଧା ସେମାନେ ତାକୁ ନ ମାନି ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ବାସଭବନରେ ଭଙ୍ଗାରୁଜା କରିବା ସହ ଉପମୁଖ୍ୟମନ୍ତ୍ରୀ ଚାଓନା ମେଇନ୍‌ଙ୍କ ଘର ଜାଳି ଦେଇଛନ୍ତି। ଏଥିସହ ସେମାନେ ଇଟାନଗର ଓ ନହରଲାଗୁନ ଥାନାରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଶତାଧିକ ଯାନବାହନ ଜାଳି ଦେଇଛନ୍ତି। ବିଭିନ୍ନ ସ୍ଥାନରେ ପୋଲିସ ଓ ସରକାରୀ ଅଧିକାରୀଙ୍କ ଉପରେ ଟେକାମାଡ଼ ହୋଇଛି। ଲୋକଙ୍କ ଆକ୍ରମଣରେ ଜଣେ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଆହତ ହୋଇଛନ୍ତି। ଉତ୍ୟକ୍ତ ଲୋକଙ୍କୁ ଆୟତ୍ତ କରିବାକୁ ଯାଇ ସୁରକ୍ଷା ବଳ ବ୍ଲାଙ୍କଫାୟାର କରିଛି। ନହରଲାଗୁନରେ ପୋଲିସର ଗୁଳିମାଡ଼ରେ ଜଣେ ସାଧାରଣ ନାଗରିକ ନିହତ ହୋଇଛନ୍ତି। ସୋସିଆଲ୍ ମିଡିଆରେ ଗୁଜବ ଏଡାଇବା ଲାଗି ସାରା ରାଜ୍ୟରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଏହାକୁ ଆୟତ୍ତକୁ ଆଣିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଉଥିବା ଗୃହମନ୍ତ୍ରୀ କୁମାର ୱାଇ ସୂଚନା ଦେଇଛନ୍ତି। ରାଜ୍ୟପାଳ ବି.ଡି. ମିଶ୍ର ହିଂସାର ନିନ୍ଦାକରିବା ସହ ଶାନ୍ତି ବଜାୟ ରଖିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଯେ, ଅରୁଣାଚଳର ପେମା ଖଣ୍ଡୁ ସରକାର ରାଜ୍ୟ ବାହାରର ଆଦିବାସୀଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ନବମ ରେବିଆଙ୍କ ନେତୃତ୍ୱାଧୀନ କମିଟି ତଥ୍ୟର ଉପଯୁକ୍ତ ଯାଞ୍ଚ ନ କରି ପିଆର୍‌ସି ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ସରକାର ଉକ୍ତ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଯାଉଥିବାରୁ ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ୪୮ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଲଗାତର ୩ ଦିନ ଧରି ଆନ୍ଦୋଳନ ଲାଗିରହିଛି।

ଜୈଶ୍‌କୁ ପୁଣି ଝଟକା

ଶ୍ରୀନଗର,୨୪।୨

କୁଲଗାମ୍‌ରେ ଏନ୍‌କାଉଣ୍ଟର
- ୩ ଆତଙ୍କବାଦୀ ନିହତ
- ଗୁଳି ବିନିମୟ ବେଳେ ଡିଏସ୍‌ପି, ଯବାନ ଶହୀଦ

ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ରବିବାର ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟବେଳେ ଜଣେ ଡିଏସ୍‌ପି ଓ ଜଣେ ଯବାନ ଶହୀଦ ହୋଇଥିବାବେଳେ ମେଜରଙ୍କ ସମେତ ୩ ଯବାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ୯୨ ବେସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌କାଉଣ୍ଟରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି।

ଆତଙ୍କବାଦୀମାନେ ଗୋଟିଏ ଘରେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ସେନା, ସିଆର୍‌ପିଏଫ ଏବଂ ରାଜ୍ୟ ପୋଲିସ ପକ୍ଷରୁ କୁଲଗାମ୍ ଜିଲାରେ ମିଳିତ ଅପରେଶନ୍ ଆରମ୍ଭ ହୋଇଥିଲା। ସୁରକ୍ଷା ବଳ ଜିଲାର ତୁରିଗାମ୍ ଅଞ୍ଚଳକୁ ଚାରିପଟୁ ଘେରିଯାଇ ସର୍ଚ୍ଚ ଅପରେଶନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଫଳରେ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଶହୀଦ ହୋଇଥିବା ଡିଏସ୍‌ପି ଅମନ କୁମାର ଠାକୁର ପୋଲିସ୍ ଟିମ୍‌ର ନେତୃତ୍ୱ ନେଉଥିଲେ। ଜମ୍ମୁ-କଶ୍ମୀର ପୋଲିସ ସେବାର ୨୦୧୧ ବ୍ୟାଚ୍‌ର ଅଫିସର ଠାକୁର ଦୁଇବର୍ଷ ହେଲା କୁଲଗାମ୍‌ରେ ପୋଷ୍ଟିଂ ହୋଇଥିଲେ। ରାଜ୍ୟ ପୋଲିସ ଜଣେ ନିର୍ଭୀକ ଅଫିସରଙ୍କୁ ହରାଇବା ଦୁର୍ଭାଗ୍ୟଜନକ ବୋଲି ଡିଜିପି ଦିଲ୍‌ବାଗ ସିଂ କହିଛନ୍ତି। ଗୁରୁତର ଆହତ ଯବାନ ସୋମବୀରଙ୍କର ମୃତ୍ୟୁ ଘଟିଛି। ନିହତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ। ରାଜ୍ୟରେ ବିଚ୍ଛିନ୍ନତାବାଦୀଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଚଳାଇଥିବାବେଳେ ଅତିରିକ୍ତ ୧୦ ହଜାର ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ସେଠାକୁ ପଠାଯାଇଛି। ପୁଲଓ୍ୱାମା ଆକ୍ରମଣ ପରେ ସୀମାନ୍ତରେ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ଜମ୍ମୁ-କଶ୍ମୀର ଏବେ ସେନାଛାଉଣୀରେ ପରିଣତ ହୋଇଛି।


ପାଲେଷ୍ଟାଇନ୍‌ର ୱେଷ୍ଟବ୍ୟାଙ୍କସ୍ଥିତ ନେବ୍ଲସ୍‌ରେ ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଇସ୍ରାଏଲ୍‌ର ଜଣେ ସୈନ୍ୟ ପ୍ରସ୍ତୁତ।

ସୌଦି ରାଜକୁମାରୀ ଆମେରିକା ରାଷ୍ଟ୍ରଦୂତ

ରିୟାଦ,୨୪।୨(ଆଇଏଏନ୍‌ଏସ୍)

ସୌଦି ଆରବର ରାଜକୁମାରୀ ରୀମା ବିଣ୍ଟ ବନ୍ଦାର ବିନ୍ ସୁଲ୍‌ତାନ୍ ଅଲ୍ ସୌଦ୍‌ଙ୍କୁ ଶନିବାର ରାତିରେ ଦେଶର ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି। ଆମେରିକାରେ ସେ ହେଉଛନ୍ତି ସୌଦିର ପ୍ରଥମ ମହିଳା ରାଷ୍ଟ୍ରଦୂତ। ପ୍ରିନ୍‌ସେସ୍ ରୀମା କିଙ୍ଗ୍ ସଲମନ୍‌ଙ୍କ ପୁଅ ପ୍ରିନ୍ସ କାଲିଦ୍ ବିନ୍ ସଲମନଙ୍କ ସ୍ଥାନରେ ଏହି ପଦବୀରେ ଅବସ୍ଥାପିତ ହେବେ ବୋଲି ରବିବାର କୁହାଯାଇଛି। ଏହା ପୂର୍ବରୁ ରୀମାଙ୍କ ବାପା ପ୍ରିନ୍ସ ବନ୍ଦାର ବିନ୍ ସୁଲତାନ ମଧ୍ୟ ୧୯୮୩ରୁ ୨୦୦୫ ପର୍ଯ୍ୟନ୍ତ ଆମେରିକାରେ ସୌଦି ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ। ୱାଶିଂଟନରେ ଏକାଦଶ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଥିବା ରାଜକୁମାରୀ ରୀମା ଜର୍ଜ ୱାଶିଂଟନ ୟୁନିଭର୍ସିଟିର ଜଣେ ସ୍ନାତକ। ପୂର୍ବରୁ ସେ କ୍ରାଉନ୍ ପ୍ରିନ୍ସଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ।


ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆସନ୍ତା ୨୭ ଓ ୨୮ରେ ଭିଏତ୍‌ନାମ ରାଜଧାନୀ ହାନୋଇରେ ଆଲୋଚନା ହେବ। ଏଥିପାଇଁ ଉନ୍ ରବିବାର ପ୍ୟୋଙ୍ଗୟାଙ୍ଗରୁ ହାନୋଇ ଅଭିମୁଖେ ଟ୍ରେନ୍ ଯାତ୍ରା ଆରମ୍ଭ କରିଛନ୍ତି।

କଶ୍ମୀର, ମାଓବାଦୀ ପ୍ରଭାବିତ ଜିଲାରେ ଯବାନଙ୍କ ଭତ୍ତା ବଢ଼ିଲା

ନୂଆଦିଲ୍ଲୀ,୨୪।୨

ଜମ୍ମୁ-କଶ୍ମୀରରେ ନିଯୁକ୍ତ ଯବାନମାନଙ୍କୁ ମାଗଣା ବିମାନଯାତ୍ରା ସୁବିଧା ପ୍ରଦାନ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିପଦପୂର୍ଣ୍ଣ ଓ କଷ୍ଟକର ସ୍ଥାନରେ ନିୟୋଜିତ ଯବାନଙ୍କ ଭତ୍ତା (ଆର୍‌ଏଚ୍‌ଏ) ୭୮ ପ୍ରତିଶତ ବଢ଼ାଇଛନ୍ତି। ଗତ ୨୨ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଜମ୍ମୁ-କଶ୍ମୀରର ୧୦ଟି ବିପଦପୂର୍ଣ୍ଣ ଜିଲା ଅନନ୍ତନାଗ, କୁଲ୍‌ଗାମ, ଶୋପିଆନ, ପୁଲଓ୍ୱାମା, ବଡଗାମ୍, ଗଣ୍ଡେରୱାଲ, ବାରମୁଲ୍ଲା, କୁପଓ୍ୱାରା, ବନ୍ଦିପୋରା, ଶ୍ରୀନଗରରେ ନିୟୋଜିତ ଯବାନ ବର୍ଦ୍ଧିତ ଭତ୍ତା ପାଇବେ। ଏହାଦ୍ୱାରା ପାଖାପାଖି ୫୫ ହଜାର ସିଆରପିଏଫ ଏବଂ ଅନ୍ୟ ଅର୍ଦ୍ଧସାମରିକ ବାହିନୀର ଯବାନ ଉପକୃତ ହେବେ। ପୂର୍ବରୁ ସେମାନଙ୍କୁ ୯୭୦୦ ଟଙ୍କା ଭତ୍ତା ମିଳୁଥିବାବେଳେ ଏଣିକି ୧୭,୩୦୦ ଟଙ୍କା ମିଳିବ। ଇନ୍ସପେକ୍ଟର ପାହ୍ୟାରୁ ଉର୍ଦ୍ଧ୍ୱ ଅଫିସରଙ୍କ ଭତ୍ତା ୨୫ ହଜାର ଟଙ୍କାକୁ ବଢ଼ାଯାଇଛି। ସେହିପରି ନକ୍ସଲପ୍ରବଣ ଓଡିଶାର ମାଲକାନଗିରି, ମହାରାଷ୍ଟ୍ରର ଗଡଚିରୋଲି, ଛତିଶଗଡ଼ର ବସ୍ତର, ଦାନ୍ତେୱାଡା, ବିଜାପୁର, ସୁକମା ଓ ନାରାୟଣପୁର, ଝାଡ଼ଖଣ୍ଡର ଲାତେହାର ଜିଲାରେ ନିୟୋଜିତ ଯବାନଙ୍କୁ ମଧ୍ୟ ଏହି ସୁବିଧା ମିଳିବ।

ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର ୩ ମାଓବାଦୀ ନିହତ

ରାଞ୍ଚି,୨୪।୨

ଝାଡ଼ଖଣ୍ଡର ଗୁମ୍‌ଲାରେ ରବିବାର ସକାଳେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟି ୩ ମାଓବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ୨ଟି ଏକେ-୪୭ ସମେତ ୫ ବନ୍ଧୁକ ଜବତ ହୋଇଛି। ମାଓବାଦୀମାନେ ଲୁଚି ରହିଥିବା ଖବର ପାଇ ପୋଲିସ ଓ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ।

୧୭୬ କାର୍ ଭସ୍ମୀଭୂତ

ଚେନ୍ନାଇ,୨୪।୨

ବେଙ୍ଗାଲୁରୁ ୟେଲାହାଙ୍କା ବିମାନ ଘାଟି ପାର୍କିଂସ୍ଥଳରେ ଶନିବାର ଏରୋ ଆରୋବେଟିକ୍ 'ଶୋ' କାର୍ଯ୍ୟକ୍ରମ ବେଳେ ଅଗ୍ନିକାଣ୍ଡ ଘଟି ୩ଶହ କାର୍ ଜଳିଯାଇଥିଲା। ଏହାର ଖୋଳତାଡ଼ ଜାରି ରହିଥିବା ବେଳେ ରବିବାର ଚେନ୍ନାଇର ପୋରୁରସ୍ଥିତ ରାମଚନ୍ଦ୍ର ମେଡ଼ିକାଲ୍ ହସ୍ପିଟାଲ୍ ଅପରପାର୍ଶ୍ୱରେ ଥିବା ପାର୍କିଂସ୍ଥଳରେ ନିଆଁ ଲାଗି ୧୭୬ କାର୍ ଜଳିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅପରାହ୍ନ ୨ଘଟିକାରେ ପାର୍କିଂସ୍ଥଳ ଜଳି ଉଠିଥିଲା। ଚାରିଆଡ଼ ଧୂଆଁମୟ ହୋଇଯାଇଥିଲା। ୩୦ ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିବାରେ ନିୟୋଜିତ କରାଯାଇଥିଲା।

ଏମ୍‌ପିରୁ ଅପହରଣ, ୟୁପିରେ ହତ୍ୟା

ଭୋପାଳ/ଲକ୍ଷ୍ନୌ,୨୪।୨

୨୦ ଲକ୍ଷ ନେଲେ, ଯାଆଁଳାଙ୍କୁ ମାରିଦେଲେ

ଫେବୃୟାରୀ ୧୨ ତାରିଖ। ମଧ୍ୟପ୍ରଦେଶ(ଏମ୍‌ପି)ର ସତ୍‌ନା ଜିଲାସ୍ଥିତ ଚିତ୍ରକୂଟରେ ଏକ ସ୍କୁଲ ବସ୍ ଭିତରକୁ ଧସେଇ ପଶିଥିଲେ କେତେଜଣ ବନ୍ଧୁକଧାରୀ। ସେମାନଙ୍କ ଦେହରେ ଥିଲା ଗେରୁଆ ବସ୍ତ୍ର ଓ ମୁହଁରେ ବନ୍ଧା ହୋଇଥିଲା ମୁଖା। ବନ୍ଧୁକ ଦେଖାଇ କୁନି କୁନି ପିଲାଙ୍କୁ ଭୟଭୀତ କରିବା ପରେ ୨ ଯାଆଁଳା ଭାଇଙ୍କୁ ଘୋଷାଡ଼ି ଘୋଷାଡ଼ି ଟାଣିନେଇଥିଲେ ସେମାନେ। ଏକ କିଣ୍ଡରଗାର୍ଟେନ ସ୍କୁଲରୁ ଘରକୁ ଫେରୁଥିବା ୬ ବର୍ଷୀୟ ଶ୍ରେୟାଂଶ ରାୱତ୍ ଓ ପ୍ରିୟାଂଶ ରାୱତ୍‌ଙ୍କ ଅପହରଣକୁ ନେଇ ସମ୍ପୃକ୍ତ ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା ସେଦିନ। ଅପହର୍ତ୍ତାମାନେ ଯାଆଁଳାଙ୍କ ବାପା ତୈଳ ବ୍ୟବସାୟୀ ବ୍ରଜେଶ ରାୱତ୍‌ଙ୍କୁ ଦୁଇପୁଅଙ୍କୁ ଛାଡ଼ିଦେବା ପାଇଁ ମାଗିଥିଲେ ୨୦ ଲକ୍ଷ ଟଙ୍କା । ୨୦ ତାରିଖରେ ଟଙ୍କା ପାଇବା ପରେ ସେମାନେ ଦୁହିଙ୍କୁ ହତ୍ୟା କରି ମୃତଦେହକୁ ଫିଙ୍ଗିଦେଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ଯାଆଁଳାଙ୍କ ଟିଉଶନ ଶିକ୍ଷକ ଓ ଦୁଇ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ଅନ୍ୟ ୩ ଜଣ। ଜେରା ବେଳେ ଜଣେ ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଆଧାରରେ ଉତ୍ତରପ୍ରଦେଶ (ୟୁପି)ର ବନ୍ଦା ଜିଲା ବବେରୁ ଗ୍ରାମସ୍ଥିତ ଯମୁନା ନଦୀରୁ ଶନିବାର ରାତିରେ ଉଦ୍ଧାର ହୋଇଛି ଦୁଇଭାଇଙ୍କ ଭାସୁଥିବା ମୃତଦେହ। ଅଭିଯୁକ୍ତଙ୍କଠାରୁ ୧୭.୬୭ ଲକ୍ଷ ଟଙ୍କା, ବନ୍ଧୁକ ଓ ବାଇକ୍ ଜବତ ହୋଇଛି ବୋଲି ରବିବାର ୟୁପିର ରାୱା ଜୋନ୍ ପୋଲିସ ଆଇଜି ଚଞ୍ଚଲ ଶେଖର ସୂଚନା ଦେଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଚିତ୍ରକୂଟ ସହରରେ ଉତ୍ତେଜନା ଦେଖାଦେଇଛି। ଲୋକେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହ କେତେକ ଅଫିସରେ ଭଙ୍ଗାରୁଜା କରିଛନ୍ତି। ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ କମଲନାଥ ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

କୁମ୍ଭରେ ବୁଡ଼ ପକାଇଲେ ମୋଦି

ପ୍ରୟାଗରାଜ,୨୪।୨

କୁମ୍ଭମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରୟାଗରାଜ ଯାଇ ସଙ୍ଗମରେ ବୁଡ଼ ପକାଇଛନ୍ତି। ମେଳାସ୍ଥଳକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀମାନଙ୍କ ଉଦ୍ୟମର ସ୍ୱୀକୃତି ସ୍ୱରୂପ ମୋଦି ସେମାନଙ୍କୁ 'ସ୍ୱଚ୍ଛ କୁମ୍ଭ ସ୍ୱଚ୍ଛ ଆଭାର' ପୁରସ୍କାରରେ ସମ୍ମାନିତ କରିଥିଲେ। ଏହି ଅବସରରେ ପୁରସ୍କୃତ ୫ ସଫେଇ କର୍ମଚାରୀଙ୍କୁ ସମ୍ମାନ ସ୍ୱରୂପ ପ୍ରଧାନମନ୍ତ୍ରୀ ନିଜ ହାତରେ ସେମାନଙ୍କ ପାଦ ଧୋଇଦେଇଥିଲେ।

କୁମ୍ଭମେଳାକୁ କୋଟି କୋଟି ଭକ୍ତ ଆସୁଥିବାବେଳେ ଉକ୍ତ ସ୍ଥଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏକ ଚ୍ୟାଲେଞ୍ଜ ଥିଲା। ତେବେ ସଫେଇ କର୍ମଚାରୀମାନେ ନିଜର ଅଦମ୍ୟ ଉଦ୍ୟମ ବଳରେ ଏହାକୁ ସଫଳ କରିଦେଖାଇଛନ୍ତି। ମେଳା ସ୍ଥଳରେ ୨୦ ହଜାର ଡଷ୍ଟବିନ୍, ୧ ଲକ୍ଷ ଟଏଲେଟ ସ୍ଥାପନ କରାଯାଇଛି । ସଫେଇ କର୍ମଚାରୀମାନେ ହେଉଛନ୍ତି କର୍ମଯୋଗୀ। ସେମାନେ ମୋର ଭାଇଭଉଣୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେମାନେ କୌଣସି ପ୍ରଶଂସାକୁ ଅପେକ୍ଷା ନ କରି ସକାଳଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରିଚାଲିଛନ୍ତି। ଏହି ମୁହୂର୍ତ୍ତ ସବୁଦିନ ପାଇଁ ତାଙ୍କର ମନେରହିବ ବୋଲି ମୋଦି କହିଥିଲେ। ଏହା ପୂର୍ବରୁ ଜବାହାରଲାଲ୍ ନେହେରୁ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୫୧ରେ କୁମ୍ଭମେଳାରେ ପ୍ରୟାଗରେ ବୁଡ଼ ପକାଇଥିଲେ।

ସଫେଇ କର୍ମଚାରୀଙ୍କ ପାଦ ଧୋଇଦେଲେ

ଡାଟାବେସ୍‌ରେ ୫ ଲକ୍ଷ ଯୌନ ଅପରାଧୀ

ନୂଆଦିଲ୍ଲୀ,୨୪।୨(ପି.ଟି.)

ମହିଳାଙ୍କ ପ୍ରତି ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁ ଜାତୀୟ ଯୌନ ଅପରାଧୀ ପଞ୍ଜୀକରଣ ଡାଟାବେସ୍‌ରେ ସାମିଲ ହୋଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଦ୍ୱାରା ପରିଚାଳିତ ଜାତୀୟ ଯୌନ ଅପରାଧୀ ପଞ୍ଜୀକରଣ କାର୍ଯ୍ୟାଳୟର ଡାଟାବେସ୍‌ରେ ବଳାତ୍କାର, ଗଣବଳାତ୍କାର, ଶିଶୁ ଯୌନ ଅପରାଧ ଏବଂ ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ ଅପରାଧୀଙ୍କ ନାଁ, ଠିକଣା ଓ ଫଟୋ ରହିଛି। ଯୌନ ଅପରାଧ ମାମଲାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ କେବଳ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଉକ୍ତ ଡାଟାବେସ୍‌ର ସହାୟତା ନେଇପାରିବେ। ତେବେ ବ୍ୟକ୍ତିର ଗୋପନୀୟତା ଉପରେ ସାଲିସ୍ କରାଯିବନି ବୋଲି ଜଣେ ଅଧିକାରୀ କହିଛନ୍ତି। ଭାରତ ସମେତ ଅଳ୍ପ କେତେକ ଦେଶ ଯୌନ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରିଥାନ୍ତି। ସେଗୁଡିକ ମଧ୍ୟରେ ଆମେରିକା, ବ୍ରିଟେନ, କାନାଡା, ଆୟର୍ଲାଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ତ୍ରିନିଦାଦ ଓ ଟୋବାଗୋ ରହିଛନ୍ତି। କେବଳ ଆମେରିକାରେ ଏହି ତାଲିକା ସର୍ବସାଧାରଣଙ୍କୁ ଉପଲବ୍ଧ ହୋଇଥାଏ। ଏନ୍‌ସିଆର୍‌ବି ପରିସଂଖ୍ୟାନ ଅନୁଯାୟୀ ୨୦୧୫ରେ ୩୪,୬୫୧ ଏବଂ ୨୦୧୬ରେ ୩୮,୯୪୭ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଛି। ୨୦୧୫ରେ ମହିଳାଙ୍କ ପ୍ରତି ମୋଟ ଅପରାଧ ସଂଖ୍ୟା ୩,୨୯,୨୪୩ ଥିଲାବେଳେ ୨୦୧୬ରେ ଏହା ୩,୩୮,୯୫୪କୁ ବୃଦ୍ଧି ପାଇଥିଲା। ୨୦୧୬ରେ ମହିଳାଙ୍କ ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁର ଅପରାଧ ସର୍ବାଧିକ ୩୨.୬% ହୋଇଥିବାବେଳେ ୨୫ ପ୍ରତିଶତ ଅପରାଧ ଅସଦାଚରଣକୁ ନେଇ ରୁଜୁ ହୋଇଥିଲା। ସେହିବର୍ଷ ୧୧.୫ ପ୍ରତିଶତ ବଳାତ୍କାର ଓ ୧୯ ପ୍ରତିଶତ ଅପହରଣ ମାମଲା ଦାଏର ହୋଇଥିଲା। ମଧ୍ୟପ୍ରଦେଶରେ ସର୍ବାଧିକ ବଳାତ୍କାର ମାମଲା ୪୮୮୨ଟି ରୁଜୁ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୪୮୧୬ ଓ ମହାରାଷ୍ଟ୍ରରେ ୪୧୮୯ଟି ରୁଜୁ ହୋଇଥିଲା।

- ୨୦୧୬ରେ ୩୮,୯୪୭ ବଳାତ୍କାର ମାମଲା ପଞ୍ଜୀକୃତ
- ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ମହିଳାଙ୍କ ପ୍ରତି ନିଷ୍ଠୁର ଅପରାଧ ସର୍ବାଧିକ ୩୨.୬%

UTI Mutual Fund
Haq, ek behtar zindagi ka.

10 YEARS

ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

ଟିକସ ଯୋଜନା: ମାର୍ଚ୍ଚ ମାସ ପ୍ରତି ସାବଧାନ

ମାର୍ଚ୍ଚ ମାସରେ ବର୍ଷ ପାଇଁ ଟିକସ-ସଞ୍ଚୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ହସ୍ତସନ୍ତ ହେବା ବେତନଭୋଗୀଙ୍କ ମଧ୍ୟରେ ଦେଖିବାକୁ ମିଳୁଥିବା ଏକ ସାଧାରଣ ଅଭ୍ୟାସ। ପ୍ରାୟତଃ ଅନେକ ଟିକସ ଯୋଜନାକୁ ଶେଷ ମୁହୂର୍ତ୍ତକୁ ଠେଲିବାର ଭୁଲ କରିଥାନ୍ତି। ଏବେ, ତରବରିଆ ନିଷ୍ପତ୍ତି ନେବାର ନକାରାତ୍ମକ ଦିଗ ସମ୍ପର୍କରେ ଆମେ ସମସ୍ତେ ଜାଣିଛୁ। ଶେଷ ମିନିଟ୍‌ରେ ଟିକସ ଯୋଜନା କାରଣରୁ ନିବେଶ ବିକଳ୍ପ ଏବଂ ଆପଣଙ୍କ ରିସ୍କ-ରିଟର୍ନ ପ୍ରୋଫାଇଲ ମଧ୍ୟରେ ଅମେଳ ଦେଖାଦେଇପାରେ।

ଟିକସ ଯୋଜନାକାରୀମାନେ ମାର୍ଚ୍ଚ ମାସ ପ୍ରତି ସାବଧାନ କାହିଁକି ହେବା ଆବଶ୍ୟକ ତାହାର କାରଣ:

୧ ଆପଣଙ୍କୁ ଏକକାଳୀନ ₹୧.୫ ଲକ୍ଷର ଯୋଗାଡ଼ କରିବାକୁ ପଡ଼ିପାରେ

ଆପଣ ଜାଣନ୍ତି ଯେ ଟିକସ-ସଞ୍ଚୟକାରୀ ସାଧନରେ ନିବେଶ କରି ଆପଣ ₹୧.୫ ଲକ୍ଷ ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ହେଲେ, ଶେଷ ମୁହୂର୍ତ୍ତରେ ଏହି ପରିମାଣକୁ ଯୋଗାଡ଼ କରିବା ହୁଏତ ଆପଣଙ୍କ ପକ୍ଷେ ସମ୍ଭବ ହୋଇ ନ ପାରେ । ଯୁବବର୍ଗଙ୍କ ପାଇଁ, ଶେଷ ମିନିଟ୍‌ରେ ନିବେଶ ପାଇଁ ଟଙ୍କା ପାଖରେ ନ ରହିବା ଗୋଟିଏ ଚ୍ୟାଲେଞ୍ଜ ହୋଇଥାଏ । ଅନ୍ୟଟି ହେଉଛି ମାର୍ଚ୍ଚ ମାସ ଦରମାର ଅଧିକାଂଶ ଅଂଶ ଯା ପଛରେ ହରାଇବା।

ଫେବୃୟାରୀର ଉପଦେଶ

ଟିକସ ସଞ୍ଚୟ ପାଇଁ ଯଦି ଆପଣ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବାରେ ବିଫଳ ହୁଅନ୍ତି, ତେବେ ଏପ୍ରିଲ ମାସରୁ ହିଁ ଏକ ଇକ୍ୱିଟି-ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍)ରେ ନିଜ ବେତନର ଛୋଟିଆ ଅଂଶ ନିବେଶ କରିବା ଆରମ୍ଭ କରନ୍ତୁ।

୨ ଗବେଷଣା ପାଇଁ ଆପଣଙ୍କୁ ଯଥେଷ୍ଟ ସମୟ ନ ମିଳିପାରେ

ତରବରିଆ କାମ ଓଲଟା ପରିଣତି ଦେଇଥାଏ ବୋଲି ଆପଣ ଶୁଣିଥିବେ। ମାର୍ଚ୍ଚ ମାସରେ, ବିଭିନ୍ନ ନିବେଶ ବିକଳ୍ପଗୁଡ଼ିକ ଉପରେ ଗବେଷଣା କରିବା ପାଇଁ ହୁଏତ୍ ଆପଣଙ୍କୁ ଯଥେଷ୍ଟ ସମୟ ମିଳି ନ ପାରେ। ଟିକସ ସଞ୍ଚୟ ପାଇଁ ଶେଷ ମିନିଟ୍‌ର ଜଲ୍‌ଦିରେ ଆପଣ ହୁଏତ ପୂର୍ବରୁ ଜାଣିଥିବା କୌଣସି ଫଣ୍ଡରେ ନିବେଶ କରିଦେଇପାରନ୍ତି। ଯାହାଫଳରେ, ଆପଣ ଆକର୍ଷଣୀୟ ନିବେଶ ବିକଳ୍ପକୁ ହାତଛଡ଼ା କରିପାରନ୍ତି।

ଫେବୃୟାରୀର ଉପଦେଶ

ନିଜ ଟିକସ-ନିବେଶ ଗବେଷଣା ଏବେ ହିଁ କରନ୍ତୁ। ବିଭିନ୍ନ ଇଏଲ୍‌ଏସ୍‌ଏସ୍ ଫଣ୍ଡ ସ୍କିମ୍‌ଗୁଡ଼ିକୁ ଅଧ୍ୟୟନ କରନ୍ତୁ। ଆପଣଙ୍କ ରିସ୍କ-ରିଟର୍ନ ପ୍ରୋଫାଇଲକୁ ସୁହାଉଥିବା ଆଦର୍ଶ ନିବେଶକୁ ଖୋଜନ୍ତୁ।

୩ ଆପଣ ଅନ୍ୟାନ୍ୟ ଲକ୍ଷ୍ୟଗୁଡ଼ିକ ସହ ତାଳମେଳ ରକ୍ଷାରେ ବିଫଳ ହୋଇପାରନ୍ତି

ଶେଷରେ କେବଳ ଟିକସ ସଞ୍ଚୟ ନିମନ୍ତେ ନିବେଶ କରିବା ଆପଣଙ୍କ ପାଇଁ ସାର ହୋଇପାରେ। ଏହା ହେଉଛି କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଥାଇ ନିଜ କଷ୍ଟୋପାର୍ଜିତ ଟଙ୍କାକୁ ତାଲା ପକାଇ ରଖିବା। ନିଜ ଲକ୍ଷ୍ୟ ନିକଟରେ ପହଞ୍ଚିବାରେ ଆପଣଙ୍କୁ ପାଣ୍ଠି ଅଭାବର ସାମ୍ନା କରିବାକୁ ପଡ଼ିପାରେ ।

ଫେବୃୟାରୀର ଉପଦେଶ

ଆପଣ ନିଜର ଟିକସ-ସଞ୍ଚୟ ଲକ୍ଷ୍ୟ ସହିତ ନିଜର ଅନ୍ୟାନ୍ୟ ଲକ୍ଷ୍ୟଗୁଡ଼ିକର ତାଳମେଳ ରକ୍ଷା କରିପାରିବେ। ଉଦାହରଣସ୍ୱରୂପ, ଆପଣ ନିଜର ବିଶ୍ୱ ଭ୍ରମଣର ଲକ୍ଷ୍ୟକୁ ଇଏଲ୍‌ଏସ୍‌ଏସ୍ ସହିତ କେବଳ ୬ ବର୍ଷ ପାଇଁ ନିଜର ଟିକସ ସଞ୍ଚୟ କରି ହାସଲ କରିପାରିବେ। ତେଣୁ, କେବଳ ଗୋଟିଏରେ କାହିଁକି ସନ୍ତୁଷ୍ଟ ହେବେ, ଯେବେ ଆପଣ ଏକା ସମୟରେ ଦୁଇଟି ଲକ୍ଷ୍ୟକୁ ହାସଲ କରିପାରିବେ।

୪ ନିର୍ବାଚନ କାରଣରୁ ବଜାର ଅନୁକୂଳ ହୋଇ ନ ପାରେ।

ଆର୍ଥିକ ବଜାରଗୁଡ଼ିକ ଚକ୍ରରେ ଗତି କରିଥାନ୍ତି। ଆପଣ ମାର୍ଚ୍ଚରେ କମ୍ ଦରରେ କ୍ରୟ କରିବାର ସମ୍ଭାବନା ୫୦-୫୦ ରହିଥାଏ। ଯଦି ମାର୍ଚ୍ଚ ମାସରେ ₹୧.୫ ଲକ୍ଷ ନିବେଶ କରିବା ପାଇଁ ଆପଣ ବାଧ ହୋଇଥାନ୍ତି, ତେବେ ଆପଣ ହୁଏତ୍ ଦର ସର୍ବୋଚ୍ଚ ରହିଥିବା ସମୟରେ ମଧ କ୍ରୟ କରିବାକୁ ବାଧ ହୋଇପାରନ୍ତି।

ଫେବୃୟାରୀର ଉପଦେଶ

ବଜାର ଅସ୍ଥିରତା ସହ ମୁକାବିଲା କରିବାର ସର୍ବୋତ୍ତମ ଉପାୟ ହେଉଛି ଏକ ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ମାଧ୍ୟମରେ ଟଙ୍କା ମୂଲ୍ୟର ହାରାହାରୀକରଣ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଏହାପରେ କ'ଣ ? ଗୋଟିଏ ଲକ୍ଷ୍ୟରେ କାହିଁକି ସନ୍ତୁଷ୍ଟ ହେବେ, ଯେବେ ଆପଣ ଦୁଇଟି ଲକ୍ଷ୍ୟ ହାସଲ କରିପାରିବେ! ପରବର୍ତ୍ତୀ ବିଭାଗରେ, ଏକା ସମୟରେ ଟିକସ ସଞ୍ଚୟ କରି ଆପଣ ଏକାଧିକ ଲକ୍ଷ୍ୟକୁ କିପରି ପୂରଣ କରିବେ ତାହା ପଢ଼ନ୍ତୁ!

ସ୍ମାର୍ଟ ନିବେଶକମାନେ କେବଳ ଟିକସ ନୁହେଁ ତାହାଠାରୁ ଅଧିକ ସଞ୍ଚୟ କରିଥାନ୍ତି

ଆପଣ ସମାନ ସମୟରେ ନିଜ ଅବସରକାଳ ପାଇଁ ଯୋଜନା କରିବା ସହିତ ଟିକସ ମଧ ସଞ୍ଚୟ କରିପାରିବେ ବୋଲି ଜାଣିଥିଲେ କି ? ସ୍ମାର୍ଟ ଓ ସମୟୋଚିତ ନିବେଶ ମାଧ୍ୟମରେ, ଆପଣ କେବଳ ଯେ ଟିକସ ସଞ୍ଚୟ କରିପାରିବେ ତାହା ନୁହେଁ, ବରଂ ନିଜର ଦୀର୍ଘମିଆଦୀ ଆର୍ଥିକ ଲକ୍ଷ୍ୟରେ ନିବେଶ ମଧ କରିପାରିବେ।

ସୁରେଶଙ୍କ କାହାଣୀ ଶୁଣନ୍ତୁ !

ସୁରେଶ ଇକ୍ୱିଟି-ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍)ରେ ନିବେଶ କରୁଥିଲେ। ତାଙ୍କୁ ଯେବେ ୨୫ ବର୍ଷ ହୋଇଥିଲା, ସେ ₹୧୨,୫୦୦ର ନିଜର ମାସିକ ସିଷ୍ଟେମାଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଆରମ୍ଭ କଲେ। ସେ ଏହି ପରିମାଣକୁ ଟିକସ ସଞ୍ଚୟ କରିବା ପାଇଁ ନିବେଶ କରୁଥିଲେ। ୫୦ ବର୍ଷ ବୟସରେ, ସୁରେଶଙ୍କ ପାଣ୍ଠିର ମୂଲ୍ୟ ₹୪ କୋଟି[1] କିମ୍ବା ତଦୂର୍ଦ୍ଧ୍ୱ ହୋଇପାରିବ। ଏବେ ସେ ୫୦ ବର୍ଷ ବୟସରେ ଅବସର ନେବା ଏବଂ ନିଜର ପ୍ରିୟ ଲକ୍ଷ୍ୟଗୁଡ଼ିକୁ ପୂରଣ କରିବାର ଯୋଜନା କରୁଛନ୍ତି।

ଟିକସ ସଞ୍ଚୟ ପାଇଁ କେବଳ ଇଏଲ୍‌ଏସ୍‌ଏସ୍‌ରେ ମାସିକ ଏସ୍‌ଆଇପି କରି ଆପଣ ଏକ ସୁଦୃଢ଼ ଅବସରକାଳୀନ ପାଣ୍ଠି ଗଢ଼ିପାରିବେ।

ଏହା କେବଳ ଇଏଲ୍‌ଏସ୍‌ଏସ୍ ସହ ସମ୍ଭବ !

ଟିକସ-ସଞ୍ଚୟକାରୀ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଆହୁରି ଅନେକ ଲାଭ ରହିଛି। ଏହି ଲାଭଗୁଡ଼ିକ ଅନ୍ୟ କୌଣସି ଟିକସ-ସଞ୍ଚୟ ସାଧନରେ ଉପଲବ୍ଧ ନୁହେଁ। ଇଏଲ୍‌ଏସ୍‌ଏସ୍ ସହିତ ଅନ୍ୟାନ୍ୟ ଟିକସ-ସଞ୍ଚୟକାରୀ ସାଧନଗୁଡ଼ିକର ତୁଳନା ନିମ୍ନରେ ଦିଆଗଲା।

	ପିପିଏଫ୍	ଏନ୍‌ଏସ୍‌ସି	ଏଫ୍‌ଡି	ଇଏଲ୍‌ଏସ୍‌ଏସ୍
ପ୍ରତିବର୍ଷ ଟିକସ ସଞ୍ଚୟ ପାଇଁ ନିବେଶ (୨୦୦୮ଠାରୁ)	₹୧ ଲକ୍ଷ	₹୧ ଲକ୍ଷ	₹୧ ଲକ୍ଷ	₹୧ ଲକ୍ଷ
ପ୍ରଚଳିତ ସୁଧ ହାର/ରିଟର୍ନ ହାର	୮%[2]	୭.୬୦%[3]	୬.୮୫%[4]	୧୫-୧୮%[1]
ଶେଷ ୧୦ ବର୍ଷରେ ହାରାହାରି ରିଟର୍ନ	୮.୧୬%[5]	୮.୩୦%[6]	୭.୭୪%[7]	୨୦.୩୦%[8]
୨୦୧୮ରେ ରିଟର୍ନ	₹୧୫,୪୦,୪୬୭.୪୫	₹୧୫,୫୦,୨୬୯.୯୨	₹୧୫,୦୨,୫୭୫.୨୫	₹୩୨,୦୨,୩୮୧.୦୭
ବୈଶିଷ୍ଟ୍ୟାବଳୀ				
ଲକ୍-ଇନ୍	୧୫ ବର୍ଷ	୫ ବର୍ଷ	୫ ବର୍ଷ	୩ ବର୍ଷ
ମୁଦ୍ରାସ୍ଫୀତିରୁ ସୁରକ୍ଷା	ନା	ନା	ନା	ହଁ
ମୂଲ୍ୟ-ହାରାହାରୀକରଣ	ଉପଲବ୍ଧ ନୁହେଁ	ଉପଲବ୍ଧ ନୁହେଁ	ଉପଲବ୍ଧ ନୁହେଁ	ହଁ
ଛୋଟ ଛୋଟ ନିବେଶରେ ବିଭାଜନ	ହଁ	ନା	ନା	ହଁ, ଏସ୍‌ଆଇପି ମାଧ୍ୟମରେ

1) Source: https://cleartax.in/s/elss Calculations: Calculated with the help of compounding calculator. Years=25, Percent yield=15 and 18, Initial Balance=₹1,000, Monthly Contribution= ₹12,500/-. Result for 15%= ₹4,05,85,664.3. Result for 18%= ₹7,18,02,725.15 2) Source: https://www.policybazaar.com/income-tax/ppf-interest-rate/
3) http://www.postofficesavingsscheme.in/national-savings-certificate-nsc-scheme-details/
4) https://www.rbi.org.in/SCRIPTs/PublicationsView.aspx?id=₹18,532
5) Years= 10, Percentage yield=8.16, Initial balance= ₹1,000, Monthly contribution= ₹8,333 (₹1 lakh divided by 12).
6) Years=10, Percentage yield=8.30, initial bal= ₹0, Monthly contri= ₹8,333.
7) Years=10, Percentage yield=7.74, Initial balance= ₹0, Monthly contri= ₹8,333.
8) Years=10, Percentage yield=20.30%, Initial balance= ₹1,000, Monthly contri= ₹8,333.

ତେଣୁ, ଇଏଲ୍‌ଏସ୍‌ଏସ୍ ମାଧ୍ୟମରେ ସ୍ମାର୍ଟ ନିବେଶ କରିବା ଦ୍ୱାରା ଆପଣ ଏକ ସମୟରେ ଟିକସ ସଞ୍ଚୟ କରିବା ସହିତ ଅନ୍ୟାନ୍ୟ ଲକ୍ଷ୍ୟ ପାଇଁ ଯୋଜନା କରିପାରିବେ। ହେଲେ, ଟିକସ ଯୋଜନାକୁ ଶେଷ ମୁହୂର୍ତ୍ତ ପାଇଁ ନ ରଖି ଆପଣ ଏହା ସହଜରେ କରିପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି: ୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ଟିକସ ସଞ୍ଚୟର ଶେଷ ମିନିଟ୍ ବିକଳ୍ପଗୁଡ଼ିକୁ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ନିଜର ଟିକସ ଦେୟତାକୁ ହିସାବ କରିବା ଏବଂ ଟିକସ ସଞ୍ଚୟ ପାଇଁ କେତେ ନିବେଶ ଆବଶ୍ୟକ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଏକ ଏସ୍‌ଆଇପିରେ ନିବେଶ କରିବାର ଏକ ସରଳ ନିଷ୍ପତ୍ତି ଆପଣଙ୍କ ଜୀବନରେ କି ବିଶାଳ ପାର୍ଥକ୍ୟ ଆଣିପାରିବ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ବିଶେଷଜ୍ଞ କୁହନ୍ତି

ସ୍ନିଗ୍ଧା ମିଶ୍ର
ଆର୍ଥିକ ପରାମର୍ଶଦାତା

ଜଣେ ପାଠକ ଆମକୁ ପଚାରିଛନ୍ତି: ଏସ୍‌ଆଇପି ଉପରେ ଟିକସ କିପରି ଲାଗୁ ହୋଇଥାଏ ?

ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି

ଏକ ଦୀର୍ଘକାଳୀନ ଭିତ୍ତିରେ ଧନ ଗଢ଼ିବା ଏବଂ ଦୀର୍ଘମିଆଦୀ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ଏସ୍‌ଆଇପି (ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ହେଉଛି ମ୍ୟୁଚୁଆଲ୍ ଫଣ୍ଡ (ଏମ୍‌ଏଫ୍)ରେ ଆପଣଙ୍କ ଟଙ୍କା ନିବେଶ କରିବାର ସର୍ବୋତ୍ତମ ଉପାୟ। ହେଲେ, ଏସ୍‌ଆଇପିର ସର୍ବୋତ୍ତମ ଫାଇଦା ଉଠାଇବା ପାଇଁ, ଆପଣ ଏହାର ବିଭିନ୍ନ ଟିକସ ନିହିତାର୍ଥ ସମ୍ପର୍କରେ ସଚେତନ ରହିବା ମଧ ଗୁରୁତ୍ୱପୂର୍ଣ୍ଣ । ଇକ୍ୱିଟିରୁ ଆପଣଙ୍କ ଲାଭ ଯଦି ବର୍ଷରେ ଟ.୧ ଲକ୍ଷରୁ ଅଧିକ ହୋଇଥାଏ ତେବେ ଆପଣଙ୍କ ଇକ୍ୱିଟି ଫଣ୍ଡ ଏସ୍‌ଆଇପି ରିଡେମ୍ପସନ୍ ଟିକସଯୋଗ୍ୟ ହେବ। ଇକ୍ୱିଟି ଓ ଅଣ-ଇକ୍ୱିଟି ଫଣ୍ଡ ପାଇଁ ଟିକସ ଦର ଭିନ୍ନ ହୋଇଥାଏ । ଅଣ-ଇକ୍ୱିଟି ଫଣ୍ଡ ପାଇଁ ତାହା ୧୦-୧୫% ଅଧିକ ହୋଇଥାଏ । ଯଦି ଆପଣ ଡିଭିଡେଣ୍ଡ ବିକଳ୍ପରେ ନିବେଶ କରିଛନ୍ତି, ତେବେ ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଟିକସ (ଡିଡିଟି) ପ୍ରଯୁଜ୍ୟ ହେବ । ଏନ୍‌ଆର୍‌ଆଇ (ପ୍ରବାସୀ ଭାରତୀୟ) ନିବେଶକଙ୍କ ପାଇଁ ଟିଡିଏସ୍ ପ୍ରଯୁଜ୍ୟ ହୋଇଥାଏ।

ଗୁରୁ କୁହନ୍ତି

ଆଶୁତୋଷ ନାୟକ
ଆର୍ଥିକ ପରାମର୍ଶଦାତା, ଆଶୁତୋଷ ଆଣ୍ଡ ଆସୋସିଏଟ୍‌ସ

ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଟିକସ (ଡିଡିଟି) କ'ଣ ?

ନିବେଶକମାନଙ୍କୁ ପୈଠ କରାଯାଇଥିବା ଲାଭରୁ କମ୍ପାନୀଗୁଡ଼ିକ ଡିଭିଡେଣ୍ଡ ଘୋଷଣା କରିଥାନ୍ତି। ଡିଭିଡେଣ୍ଡ ପୈଠ କରୁଥିବା କମ୍ପାନୀଗୁଡ଼ିକ ଉପରେ ସରକାର ଟିକସ ଲାଗୁ କରିଥାନ୍ତି ଯାହା ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଟିକସ (ଡିଡିଟି) ଭାବେ ଜଣାଶୁଣା ଏବଂ ଏହି କମ୍ପାନୀଗୁଡ଼ିକ ଆୟକର ଅଧିନିୟମର ଧାରା ୧୯୪ ଅଧୀନରେ ଟିକସ ବିଯୋଗ କରିବା ପାଇଁ ଉତ୍ତରଦାୟୀ । ବାର୍ଷିକ ଟ.୧୦ ଲକ୍ଷରୁ ଅଧିକ ଡିଭିଡେଣ୍ଡ ଆୟ କରୁଥିବା ନିବେଶକମାନଙ୍କୁ ଅତିରିକ୍ତ ୧୦% ଟିକସ ପୈଠ କରିବାକୁ ହେବ, ଯାହା ବର୍ଷ ୨୦୧୬ଠାରୁ ଲାଗୁ ହୋଇଛି।

ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରୁ ଡିଭିଡେଣ୍ଡ ନିବେଶକଙ୍କ ହାତରେ ଟିକସମୁକ୍ତ କିନ୍ତୁ ଉତ୍ସରେ ତାହା ଉପରେ ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଟିକସ ଲାଗୁ ହୋଇଥାଏ। ଅଧିକନ୍ତୁ ଇକ୍ୱିଟି ଅଭିମୁଖୀ ସ୍କିମ୍‌ଗୁଡ଼ିକ ୧୦% ଡିଡିଟି ସମେତ ୧୨% ସରଚାର୍ଜ ତଥା ୪% ସେସ୍ ଆକର୍ଷିତ କରିଥାଏ ଯାହାଫଳରେ ନିବାସୀ ଭାରତୀୟ ହୁଅନ୍ତୁ କି ଏନ୍‌ଆର୍‌ଆଇ କିମ୍ବା ଘରୋଇ କମ୍ପାନୀ, ସମସ୍ତଙ୍କ ପାଇଁ ପ୍ରଭାବୀ ଟିକସ ଦର ୧୧.୬୪୮% ହୋଇଥାଏ।

ସ୍ୱତନ୍ତ୍ର କୁମାର ବୁଝାନ୍ତି: ସ୍ଥିତାବସ୍ଥା ପକ୍ଷପାତିତା

ଅନେକ ଲୋକ ସେମାନଙ୍କ ପ୍ରିୟ ରେଷ୍ଟୋରାଁକୁ ଗଲେ ସମାନ ମେନୁ ସାମଗ୍ରୀ ଅର୍ଡର କରିଥାନ୍ତି। ମେନୁରେ ନୂଆ ନୂଆ ସାମଗ୍ରୀ ଯୋଗ ହେବା ସେମାନେ ଦେଖନ୍ତି, କିନ୍ତୁ ତଥାପି ସେମାନେ ପୂର୍ବରୁ ଖାଇଆସୁଥିବା ସମାନ ସାମଗ୍ରୀଗୁଡ଼ିକୁ ଅର୍ଡର କରନ୍ତି। ଏହା ହେଉଛି ଅଜ୍ଞାତର ଭୟ। ଏହା ସ୍ଥିତାବସ୍ଥା ପକ୍ଷପାତିତାକୁ ବୁଝାଇଥାଏ।

ସ୍ଥିତାବସ୍ଥା ପକ୍ଷପାତିତା ଆମର ଆର୍ଥିକ ଜୀବନକୁ କିପରି ପ୍ରଭାବିତ କରିଥାଏ ?

- ଆପଣଙ୍କ ପାଣ୍ଠିକୁ ବୃଦ୍ଧି କରିବା ପାଇଁ ପର୍ଯ୍ୟାପ୍ତ ନିବେଶ ସୁଯୋଗ ରହିଥିଲେ ସୁଦ୍ଧା, ଆପଣ ଯଥାପୂର୍ବଂ ତଥାପରଂ ସ୍ଥିତିରେ ରହିଯାଆନ୍ତି ।
- ଆପଣ ନିଜ ପୋର୍ଟଫୋଲିଓକୁ ଅପ୍‌ଡେଟ୍ କରିବାରେ ବିଫଳ ହୁଅନ୍ତି ଯାହାଦ୍ୱାରା ଏହା ବିବିଧକୃତ ହୋଇପାରେ ନାହିଁ ।
- ଆପଣଙ୍କ ରିସ୍କ-ରିଟର୍ନ ପ୍ରୋଫାଇଲ ସହ ମେଳ ଖାଉ ନ ଥିବା ଏକ ପୋର୍ଟଫୋଲିଓକୁ ଆପଣ ଧରି ରଖନ୍ତି।

ସ୍ଥିତାବସ୍ଥା ପକ୍ଷପାତିତାକୁ ଏଡ଼ାଇବା ପାଇଁ କେତୋଟି ନିବେଶ ଟିପ୍ସ ନିମ୍ନରେ ଦିଆଗଲା:

- ନିଜ ନିବେଶଗୁଡ଼ିକର ସମୟ ସମୟରେ ସମୀକ୍ଷା କରନ୍ତୁ ।
- ଯଦି କୌଣସି ନିମ୍ନ-ପ୍ରଦର୍ଶନକାରୀ ଆସେଟ୍ ଦେଖିବାକୁ ପାଆନ୍ତି ତେବେ ନିଜ ପୋର୍ଟଫୋଲିଓକୁ ପୁନଃ-ସନ୍ତୁଳିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।
- ନୂଆ ନିବେଶ ସୁଯୋଗଗୁଡ଼ିକର ସନ୍ଧାନରେ ରୁହନ୍ତୁ ।
- ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ।

ଗୋଟିଏ ନିବେଶ ସାଧନ ସହିତ ଏକାଧିକ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

ପରବର୍ତ୍ତୀ ସଂସ୍କରଣରେ: ପ୍ରିୟ ମହିଳାବୃନ୍ଦ, ପ୍ରତ୍ୟେକ ଦୃଷ୍ଟିରୁ ଆପଣମାନେ ହେଉଛନ୍ତି ଶକ୍ତିର ପ୍ରତୀକ। ପରବର୍ତ୍ତୀ ସଂସ୍କରଣରେ, ଆପଣଙ୍କ ଆର୍ଥିକ ଶକ୍ତିକୁ ବୃଦ୍ଧି କରିବାରେ ମ୍ୟୁଚୁଆଲ ଫଣ୍ଡ କିପରି ସହାୟକ ହୋଇପାରିବ ଆମେ ତାହା ଉପରେ ନଜର ପକାଇବା।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

f LIVE ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଉପରେ ଅଧିକ ଜାଣିବା ପାଇଁ, ୮ ମାର୍ଚ୍ଚ, ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ 'ପ୍ରିୟ ମହିଳାବୃନ୍ଦ, ନିଜ ଆର୍ଥିକ ସ୍ଥିତିକୁ ନିଜ ଭଳି ମଜଭୁତ କରନ୍ତୁ' ଉପରେ ଲାଇଭ୍ ଶୋ' ଦେଖନ୍ତୁ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

- ଫ୍ରାଙ୍କ୍ଲିନ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ ପକ୍ଷରୁ ଅନଶନ, ଏସ୍‌ବିଆଇ ମୁଖ୍ୟ ଶାଖା, ଜବାହରଲାଲ ନେହେରୁ ମାର୍ଗ, ସକାଳ ୯ଟା।
- ଓଡ଼ିଶା ବିଦ୍ୟୁତ୍ ବିତରଣ ସୁଦୃଢ଼ୀକରଣ ପ୍ରକଳ୍ପର ପ୍ରାଥମିକ ସବଷ୍ଟେସନର ଉଦ୍‌ଘାଟନ, ସକାଳ ୯ଟା ୩୦।
- ମଧୁସୂଦନ ଇନଷ୍ଟିଚ୍ୟୁଟ ଅଫ କୋଅପରେଟିଭ ମ୍ୟାନେଜମେଣ୍ଟର ରାଜ୍ୟସ୍ତରୀୟ କର୍ମଶାଳା, କଲେଜର କନଫରେନ୍ସ ହଲ, ୟୁନିଟ-୮, ପୂର୍ବାହ୍ନ ୧୦ଟା ୩୦।
- ଏନ୍‌ପିଟିଆଇ ପକ୍ଷରୁ ଓଡ଼ିଶା ପାୱାର ସେକ୍ଟର ଷ୍ଟେକହୋଲଡରଙ୍କ ସଭା, ହୋଟେଲ ମେ ଫେୟାର ଲାଗୁନ, ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ସର୍ବଭାରତୀୟ ଦାବି ଦିବସ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟାରୁ ରାତି ୯ଟା।
- ଜୋନ୍‌ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ଏନ୍‌ଏସ୍‌ଡିସି ପକ୍ଷରୁ ନୂଆ ଓଡ଼ିଶା ଧର୍ମପଦ ଡାଏଲଗ, ରେଳ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ଅପରାହ୍ନ ୩ଟା।
- ସୋର୍ଟ୍ସ କ୍ଲାଇମ୍ବିଂ ୱାଲ୍ ଓ ହାଇପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟନ, କଳିଙ୍ଗ ଷ୍ଟାଡିୟମ, ସନ୍ଧ୍ୟା ୫ଟା।
- ନୃତ୍ୟ ଉପାସନା ପୀଠ ପକ୍ଷରୁ ଛନ୍ଦା ନିନଦ ଉତ୍ସବ, ଜିକେସିଏମ୍ ଓଆରସି ଅଡିଟୋରିୟମ, ସନ୍ଧ୍ୟା ୬ଟା।
- ପୂର୍ବ ରଙ୍ଗ, ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ ଉତ୍ସବ, ଜୟଦେବ ଭବନ, ସନ୍ଧ୍ୟା ୬ଟା।

କଟକ

- ଜୀବନ ବିନ୍ଦୁ ରକ୍ତଦାନ ଶିବିର, ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସକାଳ ୮ଟା ।
- ଶୈଳବାଳା ମହିଳା ଅଟୋନମସ କଲେଜର ବି.ଇଡି ସେଲ୍‌ଫ ଫାଇନାନ୍ସିଂ ଡିପାର୍ଟମେଣ୍ଟ ପକ୍ଷରୁ ଆଲୋଚନାଚକ୍ର, କଲେଜ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା ।
- ଉତ୍କଳ ସମ୍ମିଳନୀ କଟକ ଜିଲା ପକ୍ଷରୁ ଅଭିମନ୍ୟୁ ସାମନ୍ତସିଂହାର ଓ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସ୍ମୃତିସନ୍ଧ୍ୟା, ରଘୁନାଥଜୀଉ ମନ୍ଦିର ପରିସର, ତେଲେଙ୍ଗାବଜାର, ଅପରାହ୍ନ ୫ଟା ।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତାମାଳା, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦ ।

ପୁରୀ

- ସରକାର ମହିଳା କଲେଜ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ସେମିନାର, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ଚଣ୍ଡୀ ଆହୂତି, ପୂର୍ଣ୍ଣାହୁତି ସାହେବ ନଗର ମୁଖ୍ୟ ସାହି, ଚଣ୍ଡେଶ୍ୱର ମନ୍ଦିର, ଅପରାହ୍ନ ୪ଟା।

ଶ୍ରୀମନ୍ଦିର ସୁରକ୍ଷା ଢିଲା।

ପୁରୀ ଅଫିସ,୨୪।୨

- ମୋବାଇଲ କଟକଣା ଭେଳିକି
- ମୁକୁଳା ପଡିଛି ପୁରୀ ଉପକୂଳ
- ସିଂହଦ୍ୱାର ଥାନାରେ ଦୁଇ ତୃତୀୟାଂଶ ପଦବୀ ଖାଲି
- ନିୟମିତ ଅନୁଧ୍ୟାନ ହେଉନି ସିସିଟିଭି ଫୁଟେଜ

ଦେଶର ପ୍ରମୁଖ ତୀର୍ଥସ୍ଥାନ ମଧ୍ୟରୁ ପୁରୀ ଅନ୍ୟତମ। ଏଠାକୁ ଦେଶ ବିଦେଶର ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ଆସୁଛନ୍ତି। ଏହି ସହର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ଗତ କିଛିବର୍ଷ ହେଲା ଚର୍ଚ୍ଚା ହେଉଛି। ସେହିପରି ଶ୍ରୀମନ୍ଦିର ଉପରେ ମଧ୍ୟ ଆତଙ୍କବାଦୀଙ୍କ ନଜର ରହିଥିବା ପୂର୍ବରୁ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇସାରିଛି। ଏଭଳି ସ୍ଥିତିରେ ବଡ଼ଦେଉଳର ସୁରକ୍ଷାକୁ ନେଇ ଏନ୍‌ଏସ୍‌ଜି ଚିନ୍ତା ପ୍ରକଟ କରିଛି। ଗତ କିଛିବର୍ଷ ଧରି ଏନ୍‌ଏସ୍‌ଜି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ତଦାରଖ ପରେ କେତେକ ସୁପାରିସ କରୁଛି। ହେଲେ ଏହା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ସୁରକ୍ଷା ସୁବ୍ୟବସ୍ଥିତ କରିବା ଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିକଟରେ ରାଜ୍ୟ ସରକାରଙ୍କୁ ଚିଠି ଦେଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କ ଆଇନ ବିଭାଗ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଛି। ହେଲେ ଶ୍ରୀମନ୍ଦିର ସୁରକ୍ଷା ଯେ ଢିଲା ତାହା ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ବ୍ୟବସ୍ଥାକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି।

ବର୍ତ୍ତମାନ ଭକ୍ତଙ୍କୁ ସିଂହଦ୍ୱାର ଏବଂ ସେବାୟତ, କର୍ମଚାରୀଙ୍କୁ ଚାରି ଦ୍ୱାରରେ ଛଡ଼ାଯାଉଛି। ସିଂହଦ୍ୱାରରେ ଥିବା ମେଟାଲ ଡିଟେକ୍ଟରରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। କିନ୍ତୁ ସେବାୟତ କିମ୍ବା କର୍ମଚାରୀଙ୍କ ପାଇଁ ଯାଞ୍ଚ ବ୍ୟବସ୍ଥା ନାହିଁ। ସମସ୍ତ ସେବାୟତଙ୍କୁ ଯେ ପୋଲିସ କର୍ମଚାରୀ ଏବଂ ଜେଟିପି ଚିହ୍ନି ପାରିବେ ତାହାର କିଛି ଗ୍ୟାରେଣ୍ଟି ନାହିଁ। ସୁରକ୍ଷା ଏବଂ ଶୃଙ୍ଖଳା ଦୃଷ୍ଟିକୋଣରୁ ପରିଚୟପତ୍ର ଗୁରୁତ୍ୱ ବହନ କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ସେବାୟତଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ପାରିଲା ନାହିଁ। କିଏ କେତେବେଳେ ସେବାୟତ ବେଶରେ ପଶି କିଛି ଅଘଟଣ ନ ଘଟାଇବ ତାହା କହିହେବ ନାହିଁ। ଶ୍ରୀମନ୍ଦିର ପରିସରରେ ୭୯ଟି ସିସିଟିଭି କ୍ୟାମେରା ଲଗାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଏହାର ଫୁଟେଜ୍ ଦେଖାଯାଉଛି। କିନ୍ତୁ ନିୟମିତ ଫୁଟେଜ ଅନୁଧ୍ୟାନ କରାଯାଉନାହିଁ। ସେହିପରି ମୋବାଇଲ କଟକଣା ଭେଳିକିରେ ପରିଣତ ହୋଇଛି। କେବଳ ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀଙ୍କୁ ମନ୍ଦିର ମଧ୍ୟକୁ ମୋବାଇଲ ଫୋନ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୦୭ ଫେବ୍ରୁୟାରୀ ୨୬ରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେବାୟତ, ଗୁମାସ୍ତା, ବୋଝିଆ, ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ, ପୋଲିସ ସମସ୍ତେ ଖୁଲମ୍ ଖୁଲା ମୋବାଇଲ ନେଉଛନ୍ତି। ଏପରି କି ମୋବାଇଲରେ ଶ୍ରୀମନ୍ଦିରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ ଉଠାଇ ବାହାରେ ଭାଇରାଲ ମଧ୍ୟ କରାଯାଉଛି। ଯଦି ଭକ୍ତ ନେଇ ଧରାପଡୁଛନ୍ତି ତେବେ ସେମାନଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଉଛି।

ଅନ୍ୟପକ୍ଷରେ ଅସ୍ତରଙ୍ଗ ମୁହାଣଠାରୁ ଚିଲିକା ମୁହାଣ ପ୍ରାୟ ୧୫୦ କିମି ପୁରୀ ଜିଲାର ସାମୁଦ୍ରିକ ଉପକୂଳ ଇଲାକା ରହିଛି। ଜିଲାରେ ୪ଟି ସାମୁଦ୍ରିକ ଥାନା ରହିଥିଲେ ହେଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ଉପକୂଳ ମୁକୁଳା ରହିଛି। ଆତଙ୍କବାଦୀଙ୍କ ଲାଗି ଜଳପଥ ସୁରକ୍ଷିତ ମାର୍ଗ ବୋଲି କୁହାଯାଉଛି। ପୁରୀ ଉପକୂଳରେ ପ୍ରତ୍ୟହ ଏକାଧିକ ମାଛ ଧରା ଟ୍ରଲର ଚକ୍କର କାଟୁଛି। ସମୁଦ୍ର ମାର୍ଗ ଦେଇ ଆତଙ୍କବାଦୀଙ୍କ ସମ୍ଭାବ୍ୟ ପ୍ରବେଶକୁ ଏଡ଼ାଇ ଦିଆଯାଇ ନ ପାରେ।

ଶ୍ରୀମନ୍ଦିର ପରିସରରେ ଦୁଇ ପ୍ରକାର ପୋଲିସ ବ୍ୟବସ୍ଥା ରହିଛି। ସଶସ୍ତ୍ର ପୋଲିସ ବାହିନୀ ଶ୍ରୀମନ୍ଦିର ଚାରି ଦ୍ୱାରରେ ପହରା ଦେଉଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ୪ଟି ୱାଚ ଟାୱାରରେ ସଶସ୍ତ୍ର ପୋଲିସ ମଧ୍ୟ ରହୁଛନ୍ତି। କିନ୍ତୁ ଶ୍ରୀମନ୍ଦିର ପରିସରରେ ଭିଡ଼ ନିୟନ୍ତ୍ରଣ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସିଂହଦ୍ୱାର ଥାନା ପୋଲିସ ଏବଂ ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ କାମ କରୁଛନ୍ତି। ସିଂହଦ୍ୱାର ଥାନା ଦେଶର ସର୍ବବୃହତ ଥାନା ବୋଲି କୁହାଯାଉଛି। ହେଲେ ଏହି ଥାନାର ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ମୋଟ ୪୭ ଅଫିସର ପଦବୀ ଥିବାବେଳେ ବର୍ତ୍ତମାନ ୧୧ ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ ଆସନ୍ତା ୨୮ ତାରିଖରେ ଜଣେ ଅଫିସର ଅବସର ନେବାକୁ ଯାଉଛନ୍ତି। ସେହିପରି ୭୮ କନଷ୍ଟେବଳ ପଦବୀ ମଧ୍ୟରୁ ଅଛନ୍ତି ମାତ୍ର ୨୮। କେବଳ ଏତିକି ନୁହେଁ, ଏହି ଥାନାର ନିଜସ୍ୱ ଗୃହ ନ ଥିବା ବେଳେ ଏକ ମଠ ଘରେ ଭଡ଼ାରେ ଚାଲିଛି। ନିଜର ସୁରକ୍ଷା ଖୋଜୁଥିବା ସିଂହଦ୍ୱାର ଥାନା ଶ୍ରୀମନ୍ଦିର ସୁରକ୍ଷାରେ କିଭଳି ସହାୟକ ତାହାକୁ ନେଇ ପ୍ରଶ୍ନ ଉଠିଛି। ନିକଟରେ ଶ୍ରୀମନ୍ଦିର ସୁରକ୍ଷା ନେଇ ମୁଖ୍ୟ ପ୍ରଶାସକଙ୍କ ପାଖକୁ ଆସିଥିବା ଚିଠି ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ରବିବାର ଭୁବନେଶ୍ୱର ଜନପଥରେ ଅନୁଷ୍ଠିତ ପଥୋତ୍ସବରେ ପରିବେଶ ସଚେତନତା ବାର୍ତ୍ତା ନେଇ କରାଯାଇଥିବା ରଙ୍ଗୋଲି।

୪୦ଏକର ବ୍ୟାପିଗଲା ଡମ୍ପିଂୟାର୍ଡ ନିଆଁ

ବାରଙ୍ଗ,୨୪।୨(ଡି.ଏନ୍.ଏ.)

ବାରଙ୍ଗସ୍ଥିତ ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଶନିବାର ନିଆଁ ଲାଗିଯାଇଛି। ରବିବାର ଚନ୍ଦ୍ରଶେଖରପୁର ଓ ବାରଙ୍ଗରୁ ୫ଟି ଦମକଳ ଯାଇ ନିଆଁକୁ ଲିଭାଇଥିଲେ। କିନ୍ତୁ ପୂର୍ଣ୍ଣରୂପେ ନିଆଁ ନ ଲିଭି କୁହୁକୁ ଥିବାରୁ ବର୍ଜ୍ୟବସ୍ତୁ ନେଇ ଆସିଥିବା ପ୍ରାୟ ୫୦ଟି ଗାଡି ଡମ୍ପିୟାର୍ଡରେ ଅଳିଆ ନ ପକାଇ ଫେରିବାକୁ ପଡିଛି।

ପ୍ରକାଶ ଯେ, ଦାରୁଠେଙ୍ଗ ଗ୍ରାମମୁଣ୍ଡରେ ଥିବା ଡମ୍ପିଂୟାର୍ଡରେ ରାତିରେ ହଠାତ ନିଆଁ ଲାଗିଯାଇଥିଲା। ଚନ୍ଦକା–ବାରଙ୍ଗ ରାସ୍ତାରେ ଯାଉଥିବା ପଥଚାରୀମାନେ ଅଳ୍ପ ନିଆଁ ଲାଗିଥିବାର ଦେଖିଥିଲେ। ଏହି ନିଆଁ ରବିବାର ସକାଳେ ଧୀରେ ଧୀରେ ପ୍ରାୟ ୪୦ଏକରରୁ ଊର୍ଦ୍ଧ୍ୱ ଜାଗାକୁ ବ୍ୟାପି ଯିବାରୁ ଗ୍ରାମବାସୀ ଚନ୍ଦଶେଖରପୁର ଓ ବାରଙ୍ଗ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଉଭୟ ବିଭାଗର ୫ଟି ଅଗ୍ନିଶମ ଗାଡି ଆସି ନିଆଁ ଲିଭାଇଥିଲେ। କିନ୍ତୁ ନିଆଁର ପ୍ରକୋପ ଜାରି ରହିଥିବାରୁ ଅଳିଆ ନେଇ ଆସୁଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗାଡି ଅଳିଆ ନ ପକାଇ ବାରଙ୍ଗ ନୂଆରାସ୍ତା ବଙ୍ଗାଳିସାହି ପାଖରେ ଅଟକି ଯାଇଥିଲା। ଦୀର୍ଘସମୟ ଧରି ଅପେକ୍ଷା ପରେ ଗାଡିଗୁଡିକ ଫେରିଯାଇଥିଲା। ନିଆଁ ଯୋଗୁ ଡମ୍ପିଂୟାର୍ଡ ପାଖରେ ଥିବା ଯୁଝଗଡ ମଙ୍କୁ ସେଠାକର ୨୦ଟି ଓ ସୁଧାକର ଭଟଙ୍କ ୩୦ଟି କାଜୁଗଛ ନଷ୍ଟ ହୋଇଯାଇଛି। ନିଆଁର ତାପ ସାଙ୍ଗକୁ ଧୂଆଁ ଡମ୍ପିୟାର୍ଡର ଆଖପାଖରେ ଥିବା ଗ୍ରାମବାସୀଙ୍କୁ କିଛି ସମୟ ପାଇଁ ଭ୍ରମରେ ପକାଇବା ସହ ଆତଙ୍କିତ କରିଥିଲା।

ବାଦ୍ୟ, ନୃତ୍ୟର ଯୁଗଳବନ୍ଦୀକୁ ଉପଭୋଗ କଲେ ଦର୍ଶକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ନୃତ୍ୟ ଉପାସନା ପୀଠ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଚାଲିଥିବା 'ଛନ୍ଦ ନିନାଦ' ଉତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବାଦ୍ୟ ଓ ନୃତ୍ୟର ଯୁଗଳବନ୍ଦୀ ଏହି ସନ୍ଧ୍ୟାକୁ ସ୍ୱତନ୍ତ୍ର କରିଥିବା ବେଳେ ପ୍ରାୟ ୩ ଘଣ୍ଟା ଧରି ଦର୍ଶକ ତବଲା ବାଦନ ସହ କଥକ ଏବଂ ଓଡ଼ିଶୀ ନୃତ୍ୟକୁ ଉପଭୋଗ କରିଥିଲେ। ବିଖ୍ୟାତ ତବଲା ବାଦକ ପଣ୍ଡିତ କାଳୀନାଥ ମିଶ୍ରଙ୍କ 'ତବଲା ସିମ୍ଫୋନୀ' କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା। ଆକାଶ ରଂଜୀବ ବିଶ୍ୱାଳଙ୍କ ହାର୍‌ମୋନିୟମ୍ ସହ ବିବିଧ ତାଳ, ଲୟରେ ତବଲା ବାଦନ କରି ସେ ପ୍ରାରମ୍ଭିକ ଆସରକୁ ବାଦ୍ୟମୁଖର କରିଥିଲେ।

ମୁମ୍ବାଇର କଥକ ନୃତ୍ୟଶିଳ୍ପୀ ଉମା ଡୋଗ୍ରା ଓ ସରିତା କାଲେଲେଙ୍କ ନୃତ୍ୟ ପରିବେଷଣ।

'ଛନ୍ଦ ନିନାଦ'ର ଦ୍ୱିତୀୟ ସନ୍ଧ୍ୟା

ତବଲା ବାଦନ କରୁଛନ୍ତି ପଣ୍ଡିତ କାଳୀନାଥ ମିଶ୍ର।

ସନ୍ଧ୍ୟାର ଦ୍ୱିତୀୟ ପରିବେଷଣ ଥିଲା ବରିଷ୍ଠ କଥକ ନୃତ୍ୟଶିଳ୍ପୀ ଉମା ଡୋଗ୍ରା ଓ ସରିତା କାଲେଲେଙ୍କ କଥକ ନୃତ୍ୟ। ପ୍ରଥମେ ସନ୍ଥ ତୁକାରାମ୍‌ଙ୍କ ରଚନା ଆଧାରିତ ମରାଠା ଅଭଂଗ ଅନ୍ତର୍ଗତ 'ସୁନ୍ଦରତେ ଧ୍ୟାନ' ପରିବେଷଣ କରିବା ପରେ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦର ଅଷ୍ଟପଦୀରୁ 'ସଖୀ ହେ କୈସି ମଥନ ମୁଦାରଂ' ମଞ୍ଚସ୍ଥ କରିଥିଲେ। କଥକ ନୃତ୍ୟର ଅନ୍ତିମ ପ୍ରସ୍ତୁତି ଥିଲା ୧୪ ମାତ୍ରା ବିଶିଷ୍ଟ 'ଧମାର୍'। କାର୍ଯ୍ୟକ୍ରମର ଶେଷ ପ୍ରସ୍ତୁତିରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି 'ଶ୍ରୀଜଗନ୍ନାଥାଷ୍ଟକଂ', 'କୀରବାଣୀ ପଲ୍ଲବୀ' ଓ ଅଭିନୟରେ 'ଶ୍ୟାମକୁ ଜୁହାର' ପରିବେଷଣ କରି ଏକ ଅଭୂତପୂର୍ବ ପରିବେଶ ସୃଷ୍ଟି କରିଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବେ ପିପିଏଲ୍‌ର ମହାପ୍ରବନ୍ଧକ ଜଗନ୍ନାଥ ଖୁଣ୍ଟିଆ, ସାହିତ୍ୟିକ ଅନ୍ତର୍ଯ୍ୟାମୀ ମିଶ୍ର, ନୃତ୍ୟ ଉପାସନା ପୀଠ ଟ୍ରଷ୍ଟି ନିର୍ମଳ କୁମାର ମହାପାତ୍ର, ସଙ୍ଗୀତଜ୍ଞ ଅଭିରାମ ନନ୍ଦ ଓ ପରିଚାଳନା ଟ୍ରଷ୍ଟି ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ସୋନାଲି ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଚିଣ୍ଟୁ ମିଶ୍ର ପରିଚାଳନା କରିଥିଲେ।

ଅନସୂୟା

ଟୁବୁଲା

ହିନାନ

ସନ୍ତୁ

ଯଜ୍ଞେଶ୍ୱର

ସୌମ୍ୟରଞ୍ଜନ

ଲଡୁକିଶୋର

ମନମୋହନ

ବାଦଲ



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି
କେବେହେଲେ ପଛଆଡ଼କୁ ନୁହେଁ।
- ଆବ୍ରାହିମ୍ ଲିଙ୍କନ୍

ସଂକ୍ଷେପରେ

ଫେରାର୍ ଅଭିଯୁକ୍ତ ଗିରଫ

କଟକ ରୋଡ,୨୪।୨(ଡି.ଏନ୍.ଏ.): ରାଜଧାନୀର ଏକାଧିକ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବଡଗଡ଼ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଇଁଷିଖାଲ ବସ୍ତିର ବି.ଲିଙ୍ଗରାଜ ରାଓ। ପୋଲିସ ସୂଚନା ଅନୁଯାୟୀ, ଗତ ୨୦୧୭-୧୮ ମସିହାରେ ଲିଙ୍ଗରାଜ ବଡଗଡ଼ ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ଥିଲେ। ତେବେ ପୋଲିସ ବାରମ୍ବାର ତାଙ୍କୁ ଗିରଫ କରିବା ପାଇଁ ଯାଉଥବା ବେଳେ ଖସିଯାଉଥିଲେ। ଶନିବାର ରାତିରେ ଲିଙ୍ଗରାଜ କଳ୍ପନା ଛକରେ ଥିବାର ଜାଣି ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା। ଲିଙ୍ଗରାଜଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୫ଟି ମାମଲା ଥିବାବେଳେ ବଡଗଡ଼ ଥାନାରେ ୧୪ଟି ମାମଲା ରହିଥିବା ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

ଛାତ୍ରଙ୍କୁ ଆକ୍ରମଣ କରି ଲୁଟ୍ ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୪ ।୨ (ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରଙ୍କୁ ଆକ୍ରମଣ କରି ବାଇକ୍ ଓ ମୋବାଇଲ ଫୋନ୍ ଲୁଟ ଉଦ୍ୟମ ବେଳେ ଧରାପଡିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ହାସିମ ଖାନ। ସୂଚନା ମୁତାବକ, ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳର ବିଘ୍ନରାଜ ବାଗ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଛନ୍ତି। ସେ ଶନିବାର ରାତି ସାଢେ ୯ଟାରେ କଲେଜରୁ ବାଇକରେ ଫେରୁଥିଲେ। ଆଇଗିଣିଆ ଓଭରବ୍ରିଜ ଉପରେ ତାଙ୍କୁ ବାଇକରେ ପିଛା କରୁଥିବା ୩ଜଣ ଯୁବକ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ବିଘ୍ନରାଜ ବିରୋଧ କରିବାରୁ ଦୁର୍ବୃତ୍ତମାନେ ଏକ ମଦ ବୋତଲ ଓ ହେଲମେଟରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଘଟଣାସ୍ଥଳରେ ପଡିଯାଇଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତ ହାସିମଙ୍କୁ କାବୁ କରି ନେଇଥିବାବେଳେ ଅନ୍ୟ ଦୁଇଜଣ ବାଇକରେ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ବିଘ୍ନରାଜଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଅଭିଯୁକ୍ତ ହାସିମଙ୍କୁ ଧରି ଥାନାକୁ ନେଇଥିଲା।

ଗୀତିଧାରା ଓ ବଂଶୀର ବିଳାପ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ରାଜଧାନୀ ସୂଚନା ଭବନଠାରେ ରବିବାର ଗୀତିଧାରା ଓ ବଂଶୀର ବିଳାପ ପୁସ୍ତକର କବିତା ସଂକଳନ ଲୋକାର୍ପିତ ହୋଇଯାଇଛି। ଗୀତିଧାରା ପୁସ୍ତକକୁ ଶକ୍ତି କୁମାର ରଥ ଓ ମିନର୍ଭା ରଥ ଲେଖିଥିବା ବେଳେ ବଂଶୀର ବିଳାପ ପୁସ୍ତକ ଶର୍ମିଷ୍ଠା ମହାନ୍ତି ରଚନା କରିଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ, ପ୍ରବନ୍ଧକ ତଥା ସମାଲୋଚକ ବୈଷ୍ଣବ ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସିଡିଏମଓ ତଥା କବି ଡ. ଶିବ କୁମାର ରଥ, ଶିକ୍ଷାବିତ ଡ. ଗୌରହରି ମିଶ୍ର, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରଧାପିକା ଉଷା ଶତପଥୀ, ଦିଲୀପ ନନ୍ଦ, ଶଶିଭୂଷଣ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକ ସାମାଜିକ କର୍ମୀ ସ୍ମିତା ସିଂ, ଦିଲୀପ ବଳବନ୍ତ ରାୟ ସଂଯୋଜନା କରିଛନ୍ତି।

ବାସ୍ତୁ-ଜ୍ୟୋତିଷ ସଂସ୍କୃତି ସମ୍ମିଳନୀ

ବାଲିଅନ୍ତା,୨୪।୨(ଡି.ଏନ୍.ଏ.): ପଲାଶୁଣୀସ୍ଥିତ ଇଣ୍ଡିଆନ ବାସ୍ତୁ ଏକାଡେମୀ ପକ୍ଷରୁ ରବିବାର ୧୨ତମ ବାର୍ଷିକ ବାସ୍ତୁ-ଜ୍ୟୋତିଷ ସଂସ୍କୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ରାଜ୍ୟ ସଂସ୍କୃତି ବିଭାଗର ଯୁଗ୍ମଶାସନ ସଚିବ ମନସ୍ୱିନୀ ମିଶ୍ର ମୁଖ୍ୟବକ୍ତା ଭାବେ ଓ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁବାସ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ପଣ୍ଡିତ ଡ.ସୁଧାକାର ମିଶ୍ର, ଅଧକ୍ଷ ଡ. ବିନୋଦ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଡ.ତପସ୍ୱିନୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଇଂ ଦୀପ୍ତିରଞ୍ଜନ ପଣ୍ଡା ଓ ଅସୀମ କୁମାର ମହାପାତ୍ରଙ୍କୁ ସ୍ୱର୍ଣ୍ଣପଦକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଆଇନଜୀବୀ ରମେଶଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଏହାସହ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବୈଦିକ ବ୍ରାହ୍ମଣ ପରିଷଦର ପ୍ରଭାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ରାଜନୈତିକ କାର୍ଯ୍ୟକ୍ରମ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଆଗରେ ଧାରଣା

ଭୁବନେଶ୍ୱର,୨୪।୨ (ବ୍ୟୁରୋ)

ଇନଫୋସିଟି ଥାନା ଅଧୀନ ଏକ ନମ୍ବର ୱାର୍ଡର ପ୍ରଶାନ୍ତି ବିହାର ଅଞ୍ଚଳରେ ରାଜନୈତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଭାଜପା ପକ୍ଷରୁ ସ୍ଥାୟୀ ପଟ୍ଟା ଏବଂ ପକ୍କା ଘର ଯୋଜନାକୁ ନେଇ ପ୍ରଚାର ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳା ଏହାର ବିରୋଧ କରିଥିଲେ। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ପୃଥକ ଅଭିଯୋଗ କରାଯାଇଛି। ଭାଜପା କର୍ମୀଙ୍କ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୂଚନା ମୁତାବକ, ପ୍ରଶାନ୍ତି ବିହାର ଅଞ୍ଚଳରେ ରବିବାର ଅପରାହ୍ନରେ ଭାଜପା ପକ୍ଷରୁ କାର୍ଯ୍ୟକ୍ରମ ଚାଲିଥିଲା। ଭାଜପା ସରକାରକୁ ଆସିଲେ ବାସହୀନ ପରିବାରକୁ ସ୍ଥାୟୀ ପଟ୍ଟା ଏବଂ ପକ୍କା ଘର ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇ ଏକ ଫର୍ମରେ ନିଜର ନାମ ଠିକଣା ଲେଖାଯାଉଥିଲା। ଏହାକୁ କେତେଜଣ ସ୍ଥାନୀୟ ମହିଳା ବିରୋଧ କରିଥିଲେ। ଏହାପରେ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯିବା ସହ ମାଡ଼ ମରାଯାଇଥିବା ଭାଜପା ମଣ୍ଡଳ ସଭାନେତ୍ରୀ ମାନସୀ ମଞ୍ଜରୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସ୍ଥାନୀୟ ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ଭାଜପା କର୍ମୀମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ଼ ମାରି ସେମାନଙ୍କ ସୁନାଚେନ ଛଡ଼ାଇ ନେଇଛନ୍ତି। ଏ ସମ୍ପର୍କରେ ଇନଫୋସିଟି ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ଘଟଣାସ୍ଥଳରେ ତଦନ୍ତ କରିବା ପରେ ମାରପିଟ କିମ୍ବା କେହି ଆହତ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଉଭୟପକ୍ଷ ମୁହାଁମୁହିଁ ହୋଇ କଥା କଟାକଟି ହୋଇଥିଲା। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ କରାଯାଉଛି।

ସ୍କୁଲକୁ ଡେସ୍କ, ବେଞ୍ଚ୍ ପ୍ରଦାନ କଲା ରୋଟାରି କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲ

ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ରୋଟାରୀ କ୍ଲବର ସଦସ୍ୟ।

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରୋଟାରି କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲ ପକ୍ଷରୁ ଫେବୃୟାରୀ ୨୩ରେ ୧୧୪ତମ ରୋଟାରି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ତରଫରୁ ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡେସ୍କ ଓ ବେଞ୍ଚ୍ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରୋଟାରି ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ସସ୍ମିତା ମାଳୀ ଓ କ୍ଲବ ସଭାପତି ଶୁଭକାନ୍ତ ସାମନ୍ତସିଂହାର ଉପସ୍ଥିତ ରହି ପିଲାମାନଙ୍କୁ ଭଲ ପାଠପଢ଼ିବା ସହିତ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବ ସଦସ୍ୟ ସାକ୍ୟସିଂହ ଷଡ଼ଙ୍ଗୀ, ଆଦିତ୍ୟ ମହାନ୍ତି, ବି.କେ. ପାଟଯୋଶୀ, ଗୀତାଞ୍ଜଳି ମହାନ୍ତି, ପ୍ରଭାତ ମହାନ୍ତି, ଶୁଭକାନ୍ତ ପାଢ଼ୀ, ଅଜିତ୍ ପାଢ଼ୀ, କୃଷ୍ଣଚନ୍ଦ୍ର ଦାସ, ନୃସିଂହ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୁଟୁ ମହାନ୍ତି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ରକ୍ତଦାନ ଶିବିର

ବାଲକାଟୀ,୨୪।୨(ଡି.ଏନ୍.ଏ.)

ବାଲକାଟୀ ନିକଟସ୍ଥ ଶିଙ୍ଗିରି ଶାସନସ୍ଥିତ ଆଜାଦ ହିନ୍ଦ ପ୍ରୋଗ୍ରେସିଭ ୟୁଥ ଅର୍ଗାନାଇଜେଶନ ଆନୁକୂଲ୍ୟରେ ସ୍ଥାନୀୟ ମଣ୍ଡପ ପାଠଶାଳାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୁରୋହିତପୁର ସରପଞ୍ଚ କବିତା ମାଝୀ ଓ ସମିତିସଭ୍ୟ ବିନ୍ଦୁବାସିନୀ ମଲ୍ଲିକ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ରେଡକ୍ରସ ସହାୟତାରେ ଆୟୋଜିତ ଏହି ଶିବିରରେ ୨୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାପରେ ଶହୀଦ ଯବାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

ନୂତନ ଆଇଆଇସିଙ୍କ ଯୋଗଦାନ

ବାରଙ୍ଗ,୨୪।୨(ଡି.ଏନ୍.ଏ.)

ନନ୍ଦନକାନନ ଥାନାରେ ରବିବାର ସନ୍ଧ୍ୟାରେ ନୂତନ ଆଇଆଇସି ଭାବେ ପରମାନନ୍ଦ ନାୟକ ଯୋଗଦେଇଛନ୍ତି। ପୂର୍ବରୁ ସେ ଦରଘା ବଜାର ଥାନା ଆଇଆଇସି ଭାବେ ଥିଲେ। ପୂର୍ବ ଆଇଆଇସି ରବୀନ୍ଦ୍ରନାଥ ମେହେରଙ୍କ ମର୍କତନଗର ଥାନାକୁ ବଦଳି ହେବା ପରେ ପରମାନନ୍ଦ ନାୟକ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଈଶ୍ୱରଙ୍କ ସାନ୍ନିଧ ପାଇବା ନିମନ୍ତେ ଜପ ମାଧ୍ୟମ

ପୁରୁଣା ଭୁବନେଶ୍ୱର, ୨୪।୨ (ଡି.ଏନ.ଏ.)

ମନୁଷ୍ୟ ଈଶ୍ୱରଙ୍କ ସାନ୍ନିଧ ଲାଭ କରିବାର ଏକମାତ୍ର ମାଧ୍ୟମ ହେଉଛି ନାମ ଜପ। ହରେକୃଷ୍ଣ ହରେରାମ ଏହି ଷୋହଳ ଅକ୍ଷର ନାମ ଜପ ଦ୍ୱାରା ମଣିଷକୁ ପ୍ରଭୁକୃପା ମିଳିଥାଏ ବୋଲି ଅତିଥିମାନେ ମତ ଦେଇଛନ୍ତି। ରବିବାର ଠାକୁର ଶ୍ରୀ ସୀତାରମ ଦାସ, ଓଁକାରନାଥଙ୍କ ୧୨୩ତମ ଜନ୍ମଉତ୍ସବ ପାଳନ ଅବସରରେ ଏହି ମତ ରହିଛି। ସ୍ଥାନୀୟ ଶ୍ୟାମାଶଙ୍କର ମଠ ପରିସରରେ ଆୟୋଜିତ ଉତ୍ସବରେ ମଠ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ସଭାପତିତ୍ୱ କରିଥିଲେ।

‘ଇନୋଭିଜନ-୨୦୧୯’

ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ଓ କର୍ମଚାରୀମାନେ।

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ହେରିଟେଜ୍ ଭିଜନ ଏଜୁକେଶନାଲ୍ ଟ୍ରଷ୍ଟର ବାର୍ଷିକ ବ୍ୟବସାୟିକ ସମ୍ମିଳନୀ ‘ଇନୋଭିଜନ-୨୦୧୯’ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଉଦ୍‌ଘାଟନ କରି ଟ୍ରଷ୍ଟ ନିର୍ଦ୍ଦେଶକ ମହେଶ ପଟ୍ଟନାୟକ ଆଗାମୀ ବର୍ଷ ପାଇଁ ହେରିଟେଜ୍ ଭିଜନର ରୋଡ୍‌ମ୍ୟାପ ସମ୍ପର୍କରେ ସୂଚନା ଦେଇଥିଲେ। ସେହିଭଳି ଟ୍ରଷ୍ଟର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଟ୍ରଷ୍ଟି ଶିଶିର ପାଣିଗ୍ରାହୀ କହିଥିଲେ, ହେରିଟେଜ୍ ଭିଜନ ସର୍ବଦା କିଛି ନୂଆ କରି ଦେଖାଇବାରେ ସଫଳ ହୋଇଛି। ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରି ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାର ଉଦ୍ୟମ ଜାରି ରଖିଛି। ପ୍ରତିବର୍ଷ ଏହି ସମ୍ମିଳନୀରେ ହେରିଟେଜ୍ ଭିଜନ ସଦସ୍ୟମାନେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା ସହ ଆଗାମୀ ବର୍ଷରେ ସଙ୍ଗଠନର କାର୍ଯ୍ୟଧାରା କିପରି ହେବ, ସେ ସମ୍ପର୍କରେ ପ୍ରସ୍ତାବ ଦେଇଥାଆନ୍ତି। ଏହି ଅବସରରେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଉପଦେଷ୍ଟା ମିହିର ପଟ୍ଟନାୟକ ଓ ବିଭିନ୍ନ ୟୁନିଟ୍‌ର ସଂଯୋଜକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଟ୍ରଷ୍ଟ ପକ୍ଷରୁ ହେରିଟେଜ୍ ଭିଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଧ୍ୱନି ଏବଂ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଶେଷରେ ହେରିଟେଜ୍ ଭିଜନ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ୱାର୍ଡସ୍ତରୀୟ କମିଟି ବୈଠକ

ବାଲିଅନ୍ତା,୨୪।୨(ଡି.ଏନ୍.ଏ.)

ଭୁବନେଶ୍ୱର(ଉତ୍ତର) ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ମା’ ପାଟଦେବୀ ପୀଠରେ ଏକ ୱାର୍ଡସ୍ତରୀୟ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ବିଜେଡି ପ୍ରତି ଆସ୍ଥା ଜମାଇବା ଲାଗି ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଇଂ କୃପାସିନ୍ଧୁ ସାହୁ, ଚୈତନ୍ୟ ସାହୁ, ସ୍ୱାକ୍ଷର ରଞ୍ଜନ ମହାନ୍ତି, ଦିଲୀପ ସ୍ୱାଇଁ, ଅନୁପ ଖୁଣ୍ଟିଆ, ତୈଲୋକ୍ୟ ନାଥ ରାଉତ, ରସାନନ୍ଦ ଭୋଇ ପ୍ରମୁଖ ଯୋଗଦେଇଥିଲେ। ବୈଠକକୁ ଆଦିକନ୍ଦ ରାଉତ ପରିଚାଳନା କରିଥିବାବେଳେ ସୀତାନାଥ ସାହୁ ଧନ୍ୟବାଦ ଦେଇଥିଲେ।

ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

କ୍ରିଷ୍ଣାଟାୱାରର ଅନ୍ତେବାସୀମାନେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା।

ଭୁବନେଶ୍ୱର,୨୪।୨

ନୂଆପଲ୍ଲୀସ୍ଥିତ କ୍ରିଷ୍ଣାଟାୱାର ଅନ୍ତେବାସୀମାନେ ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆପାର୍ଟମେଣ୍ଟ ପରିସରରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରିଥିଲେ। ଏହାପରେ ଯବାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ସଭାପତି ଡ.ନୀତା ବହିଦାର, କୋଷାଧକ୍ଷ ଶିଶିର ବାହିନୀପତି, ପ୍ରଫେସର ସତ୍ୟନାରାୟଣ ମହାନ୍ତି, କେ.ଭିଆର ମୂର୍ତ୍ତି, ପ୍ରମୋଦ ପାଣିଗ୍ରାହୀ, ବିଜୟ କୁମାର ପାଢ଼ୀ, ପ୍ରବୋଧ କୂର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

ପୁସ୍ତକ ବିନା ବାସଗୃହ ସ୍ୱୟଂସମ୍ପନ୍ନ ହୁଏ ନାହିଁ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଯେକୌଣସି ପୁସ୍ତକ ପାଠକକୁ ନୂତନ ଅନୁଭୂତି ପ୍ରଦାନ କରେ। ତେଣୁ ପୁସ୍ତକର ଭୂମିକା ସାଂସ୍କୃତିକ ବିକାଶରେ ଅବଶ୍ୟମ୍ଭାବୀ। ପୁସ୍ତକ ମହୋତ୍ସବ କ୍ରମେ ପଲ୍ଲବିତ ହୋଇ ଆମ ସଂସ୍କୃତିରେ ମୁଖଶାଳା ଭାବେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ପ୍ରାବନ୍ଧିକ ରବିନାରାୟଣ ସେନାପତି ମତପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ‘ଅକ୍ଷର’ର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେନାପତି ଏହା କହିଛନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ତଥା ବିଶିଷ୍ଟ ଲେଖକ ଓ ଗବେଷକ ଆର୍. ବାଲକ୍ରିଷ୍ଣନ ଯୋଗଦେଇ ପୁସ୍ତକ ବିନା ଜଣଙ୍କର ବାସଗୃହ ସ୍ୱୟଂସମ୍ପନ୍ନ ହୁଏ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ତମସାରାଣୀ ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଓ ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୟ କୁମାର ନାୟକଙ୍କ ଲିଖିତ ଓ ଗ୍ରନ୍ଥମନ୍ଦିର ପ୍ରକାଶିତ ‘ଜଗନ୍ନାଥ ଓ ଜଗନ୍ନାଥ’ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ରବିବାର ଆୟୋଜିତ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥି।

‘ସୌରୀନ୍ଦ୍ରଙ୍କ କବିତାରେ ସରଳତା ବାସ୍ତବରେ ଜଟିଳ ବ୍ୟାପାର’

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

କବି ସୌରୀନ୍ଦ୍ର ବାରିକଙ୍କ କବିତାରେ ସରଳତା ବାସ୍ତବରେ ଜଟିଳ ବ୍ୟାପାର। ସେ ସରଳତାକୁ ପ୍ରକାଶ କରିବା କଷ୍ଟକର। ସୌରୀନ୍ଦ୍ର କବିତାକୁ ଉପଭୋଗ କରିବା ଜାଣିଥିଲେ ବୋଲି ‘ସୌରୀନ୍ଦ୍ର ସ୍ମୃତି ସଂସଦ’ ଆନୁକୂଲ୍ୟରେ ଅନୁଷ୍ଠିତ କବି ସୌରୀନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ କବି ଡ. ସୌଭାଗ୍ୟ କୁମାର ମିଶ୍ର କହିଛନ୍ତି। ରେଡକ୍ରସ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ତଥା ସୌରୀନ୍ଦ୍ରଙ୍କ ବନ୍ଧୁ ଶାନ୍ତନୁ ମହାପାତ୍ର ଯୋଗଦେଇ ସୌରୀନ୍ଦ୍ର ମଣିଷପଣିଆର ପ୍ରତୀକ ଥିଲେ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ପ୍ରାବନ୍ଧିକ ଡ. ଅଭିରାମ ଦାସ ‘ସୌରୀନ୍ଦ୍ରଙ୍କ କବିତାରେ ପ୍ରାତ୍ୟହିକତା: ପ୍ରଭାବ ଓ ପ୍ରତିଷ୍ଠା’ ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଲେ, ସୌରୀନ୍ଦ୍ର ଯେପରି ବଞ୍ଚିଥିଲେ ସେପରି ଲେଖୁଥିଲେ। ବିଶିଷ୍ଟ ଆଲୋଚକ ତଥା ସ୍ତମ୍ଭକାର ଡ. ଅସିତ ମହାନ୍ତିଙ୍କୁ ‘ସୌରୀନ୍ଦ୍ର ସୃଜନ ସମ୍ମାନ’ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୃଜନ ପ୍ରକାଶିତ ସୌରୀନ୍ଦ୍ରଙ୍କ କବିତା ପୁସ୍ତକ ‘ମହାଗାନ’ ଓ ଜ୍ୟୋତ୍ସ୍ନା ବାରିକଙ୍କ ପୁସ୍ତକ ‘ଜେଜେ ଆସିଥିଲେ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦର ସଭାପତି ଡ. ବିଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସଂସଦର ସମ୍ପାଦକ ସାହିତ୍ୟ ଏକାଡେମୀ ବିଜେତା କବି ରକ୍ଷକ ନାୟକ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ।

■ ‘ପୂର୍ବ ରଙ୍ଗ’ର ଦ୍ୱିତୀୟ ସନ୍ଧ୍ୟା

ଭିନ୍ନସ୍ୱାଦର କାହାଣୀକୁ ନେଇ ନାଟକ ‘ଭଗବଦଜ୍ଜୁକମ୍’

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବ ‘ପୂର୍ବ ରଙ୍ଗ’ର ଦ୍ୱିତୀୟ ସନ୍ଧ୍ୟାରେ ଏକ ନାଟକର ଦୃଶ୍ୟ।

ବୌଦ୍ଧଭିକ୍ଷୁ ଗୁରୁ ପରିବ୍ରାଜକ ଓ ଶିଷ୍ୟ ଶାଣ୍ଡିଲ୍ୟ ଏକ ଉଦ୍ୟାନ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ଶରୀର, ଆତ୍ମା, ପରମାତ୍ମାର ଦ୍ୱୈତ୍ୟବାଦକୁ ନେଇ ମତାନ୍ତର ଆରମ୍ଭ ହେଲା। ଗୁରୁ ଆତ୍ମାର ଉପସ୍ଥିତିକୁ ପ୍ରାଧାନ୍ୟ ଦେଉଥିବା ବେଳେ ଶିଷ୍ୟ ଶାଣ୍ଡିଲ୍ୟ ପୃଥିବୀରେ ମନୁଷ୍ୟର ମନୋକାମନା ଓ ଇଚ୍ଛାଶକ୍ତିର ପୂର୍ତ୍ତି ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଠିକ୍ ସେହି ସମୟରେ ଗଣିକା ବସନ୍ତ ସେନା ନିଜ ପ୍ରେମୀକୁ ଭେଟିବା ପାଇଁ ଉଦ୍ୟାନକୁ ପ୍ରବେଶ କରିବା ପରେ ବସନ୍ତ ସେନାର ରୂପମାଧୁର୍ଯ୍ୟରେ ଶିଷ୍ୟ ଶାଣ୍ଡିଲ୍ୟ ବିମୋହିତ ହେଲେ। ଏପଟେ ରାଜକୁମାରୀ ବସନ୍ତ ସେନାଙ୍କ ଜୀବନର ଶେଷ ସମୟ ଉପନୀତ ହୋଇଥିବାରୁ ଯମରାଜ ତାଙ୍କ ଆତ୍ମାକୁ ଯମପୁରୀକୁ ଆଣିବା ପାଇଁ ଯମଦୂତଙ୍କୁ ନିର୍ଦ୍ଦେଶ ଦିଅନ୍ତି। ହେଲେ ସର୍ପ ରୂପରେ ଆସିଥିବା ଯମଦୂତ ନିଜ ଅଜାଣତରେ ରାଜକୁମାରୀ ବସନ୍ତ ସେନା ବଦଳରେ ଗଣିକା ବସନ୍ତ ସେନାଙ୍କୁ ଦଂଶନ କରିବାରୁ ସେଠାରେ ତାଙ୍କ ମୃତ୍ୟୁ ହେଲା। ସୁନ୍ଦରୀ ବସନ୍ତ ସେନାଙ୍କୁ ଜୀବନଦାନ ଦେବା ପାଇଁ ଶିଷ୍ୟ ଗୁରୁଙ୍କ ନିକଟରେ ଜିଦ୍ କଲେ। ଗୁରୁ ପରିବ୍ରାଜକ ଆତ୍ମାର ସଂଚାର ପ୍ରକ୍ରିୟା ପ୍ରୟୋଗ କରି ମୃତ ବସନ୍ତ ସେନାର ଶରୀର ମଧ୍ୟରେ ପରକାୟା ପ୍ରବେଶ କଲେ। ଏହାଦ୍ୱାରା ବସନ୍ତ ସେନା ତ ଜୀବିତ ହୋଇଗଲେ ହେଲେ ଗୁରୁଙ୍କର ମୃତ୍ୟୁ ଘଟିଲା। ଏପଟେ ଭୁଲ୍‌ରେ ଗଣିକା ବସନ୍ତ ସେନାଙ୍କ ଆତ୍ମା ଆଣିଦେଇଥିବା ଜାଣିବା ପରେ ଯମଦୂତ ପୁଣିଥରେ ମର୍ତ୍ତ୍ୟକୁ ଯାଇ ବସନ୍ତ ସେନାର ମୃତ ଶରୀର ଖୋଜିଲେ। ହେଲେ ତାହା ନ ପାଇବାରୁ ଗୁରୁ ପରିବ୍ରାଜକଙ୍କ ଶରୀର ମଧ୍ୟରେ ବସନ୍ତ ସେନାର ଆତ୍ମାକୁ ପ୍ରବେଶ କରାଇଦେଲେ। ଫଳରେ ଗୁରୁଦେବ ବସନ୍ତ ସେନା ଭଳି କଥା କହିବା, ଚାଲିବା ଓ ବ୍ୟବହାର କରିବା ଆରମ୍ଭ କଲେ। ଏପଟେ ବସନ୍ତ ସେନା ଗୁରୁ ପରିବ୍ରାଜକଙ୍କ ଭଳି ଶାସ୍ତ୍ର ଓ ପ୍ରବଚନ ଦେବା ଆରମ୍ଭ କଲା, ଯାହା କି ଏକ ଭିନ୍ନ ପରିସ୍ଥିତି ସୃଷ୍ଟି କଲା। ଉତ୍ତରପ୍ରଦେଶ ଲକ୍ଷ୍ନୌର ନିପା ରଙ୍ଗମଣ୍ଡଳୀ ଦ୍ୱାରା ମଞ୍ଚସ୍ଥ ହିନ୍ଦୀ ନାଟକ ‘ଭଗବଦଜ୍ଜୁକମ୍’ରେ ଏଭଳି ଏକ ଭିନ୍ନସ୍ୱାଦର କାହାଣୀ ଦେଖିବାକୁ ମିଳିଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବ ‘ପୂର୍ବ ରଙ୍ଗ’ର ଦ୍ୱିତୀୟ ସନ୍ଧ୍ୟାରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଏହାର ରଚନା ମହାକବି ବୋଧାୟନ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସୂର୍ଯ୍ୟମୋହନ କୁଲଶ୍ରେଷ୍ଠ। ସନ୍ଧ୍ୟାରେ ଅତିଥି ଭାବେ ଓପିଟିସିଏଲ୍ ଅଧ୍ୟକ୍ଷ ହେମନ୍ତ ଶର୍ମା ଓ ଶକ୍ତି ବିଭାଗ ଯୁଗ୍ମ ସଚିବ ମନସ୍ୱିନୀ ନାୟକ ଯୋଗଦେଇଥିଲେ। ଏହି ଅବସରରେ ସୂର୍ଯ୍ୟମୋହନ କୁଲଶ୍ରେଷ୍ଠଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଯୁଦ୍ଧ ପ୍ରଭାବିତ ସିରିଆରେ ରବିବାର ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ ଘଟିଛି। ସାଲାମିୟେହ ସହର ନିକଟବର୍ତ୍ତୀ ଅଞ୍ଚଳରେ ଶ୍ରମିକମାନଙ୍କୁ ନେଇ ଯାତ୍ରା କରୁଥିବା ଏକ ଭ୍ୟାନ ଏଥିରେ ଜଳିଯାଇଛି। ଉକ୍ତ ଭ୍ୟାନରେ ଥିବା ୨୪ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା ଯବାନଙ୍କ ଗାଡ଼ିକୁ ଟାର୍ଗେଟ୍ କରି ଆଇଏସ୍ ଆତଙ୍କବାଦୀମାନେ ଏହି ଲ୍ୟାଣ୍ଡ ମାଇନ୍ ଖଞ୍ଜିଥିଲେ ବୋଲି ଜଣାଯାଇଛି।

ସଂକ୍ଷେପରେ

ଚାଷୀ ଟମାଟୋ ଫିଙ୍ଗିବା ସରକାରଙ୍କୁ ଉପହାସ

ଭୁବନେଶ୍ୱର, ୨୪।୨(ବ୍ୟୁରୋ): ଟମାଟୋ ବିକ୍ରି କରି ନ ପାରି କେନ୍ଦୁଝର ଜିଲାର ଚାଷୀମାନେ ବ୍ଲକ ସମ୍ମୁଖରେ ଉତ୍ପାଦିତ ହେଉଥିବା ସବୁ ଟମାଟୋ ଢାଳିଦେଉଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କାଳିଆ ପ୍ରଚାର ହୋର୍ଡିଂ ସାମ୍ନାରେ ଚାଷୀ ଟମାଟୋ ଫିଙ୍ଗିବା କୌତୂହଳର ବିଷୟ। ଏହା ସରକାରଙ୍କୁ ଉପହାସ ସଦୃଶ। ଦୀର୍ଘ ୧୯ବର୍ଷ ଶାସନରେ ଥିବା ଇଏ ଏକ ପ୍ରଚାର ସର୍ବସ୍ୱ ସରକାର ବୋଲି ସ୍ପଷ୍ଟ ହୋଇଛି। ଗତବର୍ଷ ମଧ୍ୟ ଏହି ଅଞ୍ଚଳର ଚାଷୀ ଉତ୍ପାଦିତ ମୂଲ୍ୟ ନ ପାଇ ରାସ୍ତାରେ ଟମାଟୋ ଫିଙ୍ଗି ପ୍ରତିବାଦ କରିଥିଲେ। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଲା ଭଳି ଲାଗୁଛି। ୧୯ବର୍ଷ ବହୁତ ହୋଇଗଲା, ଏବେ ସରକାର ବଦଳାଇବାର ସମୟ ଆସିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, କାଳିଆ ଯୋଜନାକୁ ନେଇ ସରକାର ତୁମ୍ବିତୋଫାନ କରୁଛନ୍ତି। କେନ୍ଦୁଝର ଜିଲାର ତେଲକୋଇ ବ୍ଲକ୍ କାର୍ଯ୍ୟାଳୟ ସାମ୍ନାରେ ଚାଷୀମାନେ ପ୍ରଚୁର ମାତ୍ରାରେ ଟମାଟୋ ଢାଳୁଛନ୍ତି। ସେମାନେ ଢାଳୁଥିବା ସ୍ଥାନର ଠିକ୍ ପଛପଟେ କାଳିଆ ଯୋଜନା ପ୍ରଚାର ବ୍ୟାନର ଲାଗିଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ ଅର୍ଥ ବ୍ୟବହାର କରି ଡେରାସର ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାରେ ରାଜ୍ୟ ସରକାର କାହିଁକି ବାଧକ ସାଜୁଛନ୍ତି ବୋଲି ଶନିବାର ପ୍ରଶ୍ନ କରିଥିଲି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ହୋଇଥିଲେ ରାଜ୍ୟର ଚାଷୀ ନିଜର କଷ୍ଟ ଅର୍ଜିତ ଅମଳକୁ ପ୍ରତିବାଦ କରି ଫିଙ୍ଗିଦେବା ବଦଳରେ ଉଚିତ ମୂଲ୍ୟ ପାଇଥାନ୍ତେ। ୨୦୧୪ ଇସ୍ତାହାରରେ ଶାସକ ବିଜେଡି ସବୁ ବ୍ଲକରେ ଗୋଟିଏ ଲେଖା ଶୀତଳଭଣ୍ଡାର ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେତକ କଲେନାହିଁ ବରଂ ଯେଉଁ ଉଦ୍ୟମୀମାନେ ଶୀତଳଭଣ୍ଡାର କରିଥଲେ ଏବେ ସେଗୁଡ଼ିକ ବନ୍ଦ ହେବାକୁ ବସିଛି। ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ମିଳୁ ନ ଥିବା ସୁବିଧା ଦାବି ନେଇ ଶୀତଳଭଣ୍ଡାର ମାଲିକମାନେ ଆନ୍ଦୋଳନ କରିଥିଲେ। ଆଳୁ ଓ ପିଆଜ ମିଶନର ବଡ଼ ଯୋଜନାର ବଡ଼ ବିଫଳତା ପଛରେ ଶୀତଳଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଅଭାବ ରାଜ୍ୟ ସରକାର ଜାଣିଛନ୍ତି। ମାତ୍ର ଗୋଟିଏ ସ୍ଥାଣୁ, ଅପାରଗ ଓ ଚାଷୀଙ୍କ ପ୍ରତି ସମ୍ବେଦନହୀନ ସରକାରଠାରୁ ଅଧିକ ଆଶା କରିବା ଅମୂଳକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବିକଳ୍ପ ସମ୍ଭାବନା, ତଥାପି ରହିଛି ଆଶା



ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ, ୨୪।୨

ବରାହ-ବିରଜା କ୍ଷେତ୍ରର ରାଜ୍ୟ ରାଜନୈତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଦଶରଥପୁର ବ୍ଲକର ୨୦ଟି ପଞ୍ଚାୟତ ଓ ଯାଜପୁର ବ୍ଲକର ୧୮ ପଞ୍ଚାୟତକୁ ନେଇ ଗଠିତ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ଦଶନ୍ଧି ହେଲା ବିଜେଡି ଲଗାତାର ଭାବେ ବିଜୟୀ ହୋଇଆସିଛି। ଗତ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାୟ ୭୦ ପ୍ରତିଶତ ଭୋଟ ପାଇଥିଲା। ପ୍ରଣବପ୍ରକାଶ ଦାସ(ବବି) ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଥିଲେ। କିନ୍ତୁ ଏବେ ପରିସ୍ଥିତିରେ ପରିବର୍ତ୍ତନ ଘଟିଛି। ଗତ ୧୯ ତାରିଖରେ ଯାଜପୁର ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ଗସ୍ତବେଳେ ଏହି ପ୍ରଭାବଶାଳୀ ନେତାଙ୍କ ଅନୁପସ୍ଥିତି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି କଂଗ୍ରେସ ଓ ଭାଜପା ମଧ୍ୟ ଏଠାରେ ନୂଆ ମୁହଁକୁ ପ୍ରାଧାନ୍ୟ ଦେବେ ବୋଲି ଆଲୋଚନା ହେଉଛି।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ଗଡ ଭାବେ ପରିଚିତ। ୧୯୫୭ରୁ ୨୦୦୪ ପର୍ଯ୍ୟନ୍ତ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ୨୦୦୯ରୁ ଏହି ନିର୍ବାଚନ ମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି। ସେବେଠାରୁ ବବି ୨ଥର ବିଜେଡି ଟିକେଟରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ ନିର୍ବାଚନରେ ସେ କଂଗ୍ରେସର ସନ୍ତୋଷ କୁମାର ନନ୍ଦଙ୍କୁ ୮୪,୬୧୩ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହେବା ପରେ ଶକ୍ତିମନ୍ତ୍ରୀ ହୋଇଥିଲେ। ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ୨୦୧୭ରେ ତାଙ୍କଠାରୁ ମନ୍ତ୍ରୀ ପଦ କାଢ଼ି ନିଆଯାଇଥିଲା। ଗତ ୫ ବର୍ଷ ମଧ୍ୟରେ ଯାଜପୁର ସହରର ନବ କଳେବର ହୋଇଥିବାବେଳେ ଯାଜପୁର ପୌର ପରିଷଦର ୧୫୦ବର୍ଷ ପୂର୍ତ୍ତି ପାଳନ ହୋଇଛି। ସମୟକ୍ରମେ ବବିଙ୍କୁ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ସଂଗଠନ ଦାୟିତ୍ୱ ଦିଆଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବାର ଅନେକ ନଜିର ରହିଛି। ୨୦୦୦ରେ ସୂର୍ଯ୍ୟମଣି ଜେନା, ୨୦୦୪ରେ ପରମେଶ୍ୱର ସେଠୀ ଓ ୨୦୦୯ ଓ ୨୦୧୪ରେ ବବିଙ୍କୁ ଟିକେଟ ମିଳିଛି। ତେଣୁ ଏଥର କାହାକୁ ଟିକେଟ ମିଳିବ ସେ ନେଇ ଚର୍ଚ୍ଚା ଜୋର ଧରିଛି। ବବିଙ୍କୁ ଯଦି ଟିକେଟ ନ ମିଳେ ତେବେ ତାଙ୍କ ଭାଇ ତଥା ପୂର୍ବତନ ଯାଜପୁର ପୌରପାଳ ଭବପ୍ରସାଦ ଦାସଙ୍କୁ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ପୁତୁରାଙ୍କୁ ଏଠାରେ ଟିକେଟ ଦିଆଯିବ ବୋଲି ମଧ୍ୟ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଭବପ୍ରସାଦ

ଭୋଟର ସଂଖ୍ୟା

ମସିହା	ପୁରୁଷ	ମହିଳା	ଅନ୍ୟାନ୍ୟ	ମୋଟ
୨୦୧୪	୧୧୨୪୯୯	୯୬୬୯୪	୩	୨୦୯୧୯୬
୨୦୧୯	୧୧୯୪୯୨	୧୦୫୬୬୧	୬	୨୨୫୨୫୯

ନିର୍ବାଚନ ଫଳାଫଳ

ନିର୍ବାଚନ	ପ୍ରାର୍ଥୀ	ଦଳ	ଭୋଟ
୨୦୧୪	ପ୍ରଣବ ପ୍ରକାଶ ଦାସ	ବିଜେଡି	୧,୦୪,୪୫୮
	ସନ୍ତୋଷ କୁମାର ନନ୍ଦ	କଂଗ୍ରେସ	୧୯,୮୪୫
	ଜଗନ୍ନାଥ ପ୍ରସାଦ ସାମଲ	ଭାଜପା	୧୭,୧୮୦
୨୦୦୯	ପ୍ରଣବ ପ୍ରକାଶ ଦାସ	ବିଜେଡି	୬୧,୭୧୨
	ଦେବବ୍ରତ କଣ୍ଡ	କଂଗ୍ରେସ	୩୧,୪୬୭
	ଗୌତମ ରାୟ	ଭାଜପା	୨୭,୭୮୫

ଦାସ କୁହନ୍ତି, ଯାହା ସବୁ ଆଲୋଚନା ହେଉଛି ତାହା କପୋଳକଳ୍ପିତ। ସେ ବିଜେଡିରେ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି, ତାହା ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି। ତେବେ ଯାଜପୁର ବିଧାୟକ ବବିଙ୍କ କୌଣସି ମତାମତ ମିଳିପାରି ନାହିଁ।

ଗତ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାରେ ଭାଜପା ଅପ୍ରତ୍ୟାଶିତ ସଫଳତା ପାଇଥିଲା। ଜିଲା ପରିଷଦ ନିର୍ବାଚନରେ ଭାଜପାର ଭୋଟହାର ୧୫ ପ୍ରତିଶତରୁ ୩୨ ପ୍ରତିଶତକୁ ବୃଦ୍ଧି ପାଇଥିଲା। କଂଗ୍ରେସ ଉପରେ ଜିଲାବାସୀ ଭରସା ନ କରି ଭାଜପାକୁ ବିକଳ୍ପ ଭାବେ ଗ୍ରହଣ କରିବାକୁ ଆଗଭର ହୋଇଥିଲେ। ଏହାପରେ ଜିଲାର କୋଣ ଅନୁକୋଣରେ ଭାଜପାର ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀରୁ ଭାଜପା ଜିଲା ସଭାପତି ଗୌତମ ରାୟ ଜଣେ ମାତ୍ର ଆଶାୟୀ ପ୍ରାର୍ଥୀ ରହିଛନ୍ତି। ତେବେ ଜିଲା ଭାଜପାରେ ପୁରୁଣା-ନୂଆ ବିବାଦ ଦଳକୁ ସେତେଟା ସକ୍ରିୟ କରି ପାରି ନ ଥିବା ମନେ ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାଧିକ ଗସ୍ତ କର୍ମୀଙ୍କୁ ଉତ୍ସାହିତ କରିଛି ସତ, ହେଲେ ଭୋଟରଙ୍କ ନିକଟତର କରିପାରି ନାହିଁ। ତଥାପି ଭାଜପା ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିକୁ ଟକ୍କର ଦେବାର କ୍ଷମତା ରଖିଛି ବୋଲି ଜିଲା ସଭାପତି ରାୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏଥର ନିର୍ବାଚନରେ ଜିଲାରେ ଭାଜପା ରେକର୍ଡ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ବିଭିନ୍ନ ଯୋଜନା ଓ ସୁଶାସନ ଜିଲାବାସୀଙ୍କୁ ଆକୃଷ୍ଟ କରିଛି। ଭାଜପାର ସେ ଜଣେ ଶୃଙ୍ଖଳିତ କର୍ମୀ। ଟିକେଟ ପାଇବା ନ ପାଇବା ବଡ କଥା ନୁହେଁ। ଭାଜପାରେ ଜଣେ କର୍ମୀ ଭାବେ କାର୍ଯ୍ୟ କରି ରାଜ୍ୟର ଦୁର୍ନୀତି ଓ ଭ୍ରଷ୍ଟାଚାର ଶାସନକୁ ବିଲୁପ୍ତ କରିବା ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଯାଜପୁର ନିର୍ବାଚନ ମଣ୍ଡଳୀ ଅଣକଂଗ୍ରେସ ଗଡ଼ ଭାବେ ପରିଚିତ। ୧୯୫୧ ଓ ୧୯୫୭ରେ ରାଜ୍ୟର ପ୍ରଥମ, ଦ୍ୱିତୀୟ ନିର୍ବାଚନରେ ଯାଜପୁର ପୂର୍ବ ଓ ପଶ୍ଚିମ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଖଲ କରିଥିଲା। ଏହାପରେ ୧୯୮୦ ନିର୍ବାଚନରେ କଂଗ୍ରେସରୁ ନିରଞ୍ଜନ ଜେନା ନିର୍ବାଚିତ ହୋଇଥିଲେ। ବାକି ସମୟ ଉତ୍କଳ କଂଗ୍ରେସ, ଜନ କଂଗ୍ରେସ, ଜନତା ପାର୍ଟି, ଜନତା ଦଳ ଓ ବିଜେଡି ଅକ୍ତିଆରରେ ରହିଆସିଛି। କଂଗ୍ରେସର ସାଂଗଠନିକ ସ୍ଥିତିକୁ ଦେଖିଲେ ଏବେ ବି ନିର୍ବାଚନରେ ସଫଳ ହେବା ମନେ ହେଉନାହିଁ। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଏଠାରେ ମାତ୍ର ୧୩.୧୪ ପ୍ରତିଶତ ଭୋଟ ହାତେଇଥିଲା ; ଯାହାକି ଅମାନତ ହରାଇବା ସହ ସମାନ। ଏପରିକି ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରୁ ତୃତୀୟ ସ୍ଥାନକୁ ଖସି ଯାଇଥିଲା। ସଂପ୍ରତି ଦେଶର ୩ ପ୍ରମୁଖ ରାଜ୍ୟରେ କଂଗ୍ରେସର ସଫଳତା ପରେ କର୍ମୀଙ୍କ ମଧ୍ୟରେ ବଳ ଫେରିଛି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ସେହି ଉତ୍ସାହ ପ୍ରତିଫଳିତ ହେବ ବୋଲି କର୍ମୀ ଆଶା ବାନ୍ଧିଛନ୍ତି। ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ଏଥର ବି ଆଶାୟୀ ରହିଛନ୍ତି। ସେ କହିଛନ୍ତି, ୩୦ ବର୍ଷ ହେଲା ଦଳରେ ସକ୍ରିୟ କର୍ମୀ ଭାବେ କାମ କରୁଛି। ଲୋକଙ୍କ ସହିତ ରହିଛି। ଯଦି ଟିକେଟ ନ ମିଳେ କଂଗ୍ରେସରେ ରହି ଦଳକୁ ବିଜୟୀ କରିବାକୁ ଉଦ୍ୟମ କରିବି। ଏଆଇସିସିର ସଭ୍ୟ ତଥା ଯୁବନେତା ପୁଲିନ ପୁହାଣ ଟିକେଟ ପାଇବା ଦୌଡରେ ଅଛନ୍ତି। ସେ କୁହନ୍ତି ଯୁବ କଂଗ୍ରେସ କର୍ମୀମାନଙ୍କୁ ନେଇ ଏବେ ଦଳର ସାଂଗଠନିକ ସ୍ଥିତି ସୁଦୃଢ ସ୍ଥିତିରେ ପହଞ୍ଚିଛି। ଆସନ୍ତା ନିର୍ବାଚନରେ କଂଗ୍ରେସ ନିଶ୍ଚିତ ଭାବେ ସଫଳତା ପାଇବ। ଟିକେଟ ନ ମିଳିଲେ ବି ସଂଗଠନ ପାଇଁ କାମ ଜାରି ରଖିବେ। ବରିଷ୍ଠ କଂଗ୍ରେସ ନେତା ବଳଭଦ୍ର ଦାସ କୁହନ୍ତି ଅଶୋକ ଦାସଙ୍କ ପଟଶିଷ୍ୟ ଭାବେ ସେ ଦଳ ବଦଳ କରି ଶିଖି ନାହାନ୍ତି। ସ୍ୱାଭିମାନ ସହିତ କଂଗ୍ରେସରେ ରହି କାମ କରି ଆସୁଛନ୍ତି। କଂଗ୍ରେସ ସମର୍ଥନରେ ସର୍ବାଗ୍ରେ ଟିକେଟ ପାଇବା ଦୌଡରେ ସେ ରହିଛନ୍ତି। ତେଣୁ କଂଗ୍ରେସର ନୀତି ଆଦର୍ଶରେ ସେ ଲୋକଙ୍କ ସେବା କରିବାକୁ ଆଗ୍ରହୀ ଅଛନ୍ତି।

‘କାଳିଆ ଛାତ୍ରବୃତ୍ତି ଯୋଜନା କେବଳ ବାହାନା’

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ସରକାରଙ୍କ କାଳିଆ ଛାତ୍ରବୃତ୍ତି ଯୋଜନା ଏକ ବାହାନା। ଚାଷୀ ତଥା ଓବିସି ପରିବାରକୁ ଧୋକା ଦେବା ପାଇଁ କାଳିଆ ଛାତ୍ରବୃତ୍ତି କେବଳ ନିର୍ବାଚନୀ ଧୂଆଁବାଣ। ସାଧାରଣ ବର୍ଗର ଆର୍ଥିକ ପଛୁଆ ପରିବାର ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟରେ ଲାଗୁ କରିବାକୁ ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଛାତ୍ରବୃତ୍ତିର ଶୁଭାରମ୍ଭ କରି ଚାଷୀ ତଥା ଓବିସି ପରିବାରର ପିଲାଙ୍କୁ ଭଣ୍ଡାଇବାକୁ ବଡ଼ ସ୍ୱପ୍ନ ଦେଖାଉଛନ୍ତି। କାଳିଆ ଛାତ୍ର ବୃତ୍ତି ଅର୍ଥରେ ପିଲାମାନେ ଡାକ୍ତର, ଇଂଜିନିୟର ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଟିରେ ଓଡ଼ିଶା ଚାଷୀ ପରିବାରର ପିଲାଙ୍କ ପାଇଁ ଏପରି ମନ୍ତବ୍ୟ ସଇତାନର ବେଦ ପାଠ ସହ ସମାନ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଓବିସି ବର୍ଗ ପିଲାଙ୍କ ପାଠପଢ଼ା ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ ଏହି ବର୍ଗର ପିଲାଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଦେବା ବଦଳରେ ସାହୁକାର ଭଳି ଟଙ୍କା ଦେବେ ବୋଲି କହିବା ପରିତାପର ବିଷୟ। ରାଜ୍ୟର ଓବିସି ବର୍ଗର ପିଲାମାନେ ପ୍ରଶ୍ନ କରୁଛନ୍ତି, ସେମାନଙ୍କ ସାମ୍ବିଧାନିକ ଅଧିକାର-ଶିକ୍ଷା ଓ ଚାକିରିରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସାରା ଦେଶରେ ଲାଗୁଥିବା ବେଳେ ଓଡ଼ିଶାରେ ଲାଗୁ ହୋଇ ନାହିଁ କାହିଁକି। ସାଧାରଣ ନିର୍ବାଚନ ଘୋଷଣାକୁ ଆଉ ହାତଗଣତି କେଇଟା ଦିନ ରହିଲା। ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ନେଇ ଚର୍ଚ୍ଚା ହେଉଛି। ଠିକ୍ ଏହି ସମୟରେ ବୁଢ଼ା ବାଘ ସ୍ୱର୍ଣ୍ଣ କଙ୍କଣ ଧରି ନିଜର ଶେଷ ଶିକାର ଅପେକ୍ଷାରେ ଅଛି। ରାଜ୍ୟରେ ହରିଶ୍ଚନ୍ଦ୍ର ଯୋଜନାରେ କେମିତି ଟଙ୍କା ମିଳୁଛି, ମହାପ୍ରୟାଣ ଯୋଜନାର ଅବସ୍ଥା କ'ଣ ରାଜ୍ୟବାସୀ ଜାଣିଛନ୍ତି। ଯେଉଁ ସରକାର ମାଟ୍ରିକ୍ ପରୀକ୍ଷାର ପ୍ରଶ୍ନପତ୍ରକୁ ସମ୍ଭାଳି ପାରନ୍ତି ନାହିଁ ଓଡ଼ିଆ ପିଲାଙ୍କ ଭବିଷ୍ୟତ କ'ଣ ଗଢ଼ିବେ ଏଥିରୁ ସ୍ପଷ୍ଟ। ବିଜେଡି ସରକାରର ମିଛ ବାହାନାକୁ ପ୍ରତ୍ୟାଖ୍ୟାନ କରିବାର ସମୟ ଆସିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବିଜେଡି ମୁଖପାତ୍ର ପ୍ରଶାନ୍ତ ନନ୍ଦ କହିଛନ୍ତି ଯେ, ଧର୍ମେନ୍ଦ୍ର ଯାହା କହୁଛନ୍ତି ସେସବୁ କେବଳ ରାଜନୀତି ଉଦ୍ଦେଶ୍ୟ ପ୍ରଣୋଦିତ। ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ସେ ସବୁବେଳେ ଚେଷ୍ଟା କରୁଛନ୍ତି। ଶନିବାର ପଚରାଯାଇଥିବା ୨୦ଟି ପ୍ରଶ୍ନର ଉତ୍ତର ପ୍ରଥମେ ଧର୍ମେନ୍ଦ୍ର ଦିଅନ୍ତୁ ବୋଲି ପ୍ରଶାନ୍ତ କହିଛନ୍ତି।

ସୁନ୍ଦରଗଡ଼ ସହରରେ ଦନ୍ତାହାତୀ

ସୁନ୍ଦରଗଡ଼, ୨୪।୨ (ଡି.ଏନ୍.ଏ.)

ସୁନ୍ଦରଗଡ ସହର ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚ କ୍ୟାମ୍ପସକୁ ପଶି ଆସିଥିବା ଦନ୍ତାହାତୀ।

ସୁନ୍ଦରଗଡ ସହରର ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚ କ୍ୟାମ୍ପସ ମଧ୍ୟକୁ ରବିବାର ସକାଳେ ଏକ ଦନ୍ତାହାତୀ ପଶି ଆସିବା ନେଇ ସହରରେ ଆତଙ୍କ ପ୍ରକାଶ ପାଇଥିଲା। ସକାଳ ପ୍ରାୟ ୬ଟା ବେଳେ ଏହି ହାତୀ ଚର୍ଚ୍ଚ କ୍ୟାମ୍ପସସ୍ଥିତ ବୁଦୁବୁଦିଆ ପ୍ଲାଣ୍ଟେସନ ମଧ୍ୟକୁ ଭଙ୍ଗା ପାଚେରି ଦେଇ ପଶିଆସିଥିଲା। ରବିବାର ଥିବାରୁ ପ୍ରାର୍ଥନା ପାଇଁ ଚର୍ଚ୍ଚ ପରିସରରେ ଲୋକଙ୍କ ସମାଗମ ହେଉଥିବାବେଳେ ଏହି ହାତୀ କ୍ୟାମ୍ପସ୍ ଭିତରେ ପଶିଥିବା ଦେଖିବାକୁ ମିଳିଥିଲା।

ଖବରପାଇ ସୁନ୍ଦରଗଡ ବନଖଣ୍ଡ ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା ଓ ସଦର ରେଞ୍ଜ ଅଫିସର ରୁନେନ୍ଦ୍ର ସ୍ୱାଇଁ ସଦଳବଳେ ପହଞ୍ଚି ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଚର୍ଚ୍ଚ ଆଖପାଖ ସେଣ୍ଟ ମେରୀ ଗାର୍ଲସ ହାଇସ୍କୁଲର ଛାତ୍ରୀ ନିବାସ, ସେଣ୍ଟ ଟେରେସା ଇଂଲିଶ ମାଧ୍ୟମ ସ୍କୁଲ ଓ ଆଖପାଖରେ ଘରବାଡି ତଥା ସହରର ମୁଖ୍ୟ ରାସ୍ତା ଥିବାରୁ ହାତୀ ଘଉଡାଇବା ସମ୍ଭବ ହୋଇ ନ ଥିଲା। ହାତୀ ରହିଥିବା ସ୍ଥାନର ଚତୁଃପାର୍ଶ୍ୱରେ ପାଚେରି ଥିବାରୁ ହାତୀ ସନ୍ଧ୍ୟା ପର୍ଯ୍ୟନ୍ତ ସେହି ଭିତରେ ରହିଥିଲା। ରାତିରେ ହାତୀକୁ ଘଉଡ଼ାଇ ଦିଆଯାଇଛି। ଏହା ସୁନ୍ଦରଗଡ଼ ସହର ନିକଟ ଇବ୍ ନଦୀ ଅତିକ୍ରମ କରି ଉଜ୍ଜଳପୁର ରେଞ୍ଜର ଜଙ୍ଗଲକୁ ଚାଲିଯାଇଛି। ଦନ୍ତାହାତୀର ବୟସ ପ୍ରାୟ ୧୦ବର୍ଷ ହେବ। ଝାରସୁଗୁଡା ସୀମାନ୍ତ ଜଙ୍ଗଲରୁ ଦଳରୁ ଅଲଗା ହୋଇ ସମ୍ଭବତଃ ସୁନ୍ଦରଗଡ ଜିଲା ସୀମାକୁ ଚାଲିଆସି ଶନିବାର ରାତିରେ ସହରରେ ପଶିଥିଲା। ପରେ ଏହି ଚର୍ଚ୍ଚ ପରିସରକୁ ଭଙ୍ଗା ପାଚେରି ଦେଇ ଆସିଥିଲା। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଡ. ଅରୁଣ କୁମାର ମିଶ୍ର ଓ ପୋଲିସ ଅଧୀକ୍ଷକ (ଏସ୍ପି) ସୌମ୍ୟା ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିରେ ଅନୁଧ୍ୟାନ କରିଥିଲେ। ହାତୀର ଗତିବିଧି ଉପରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ନଜର ରଖିଛନ୍ତି ବୋଲି ଡିଏଫ୍ଓ ମିଶ୍ର କହିଛନ୍ତି।

ହୋଟେଲରେ ଅଗ୍ନିକାଣ୍ଡ, ୭ ଆହତ

ଏଲ୍‌ପିଜି ପାଇପ୍ ଫାଟି ନିଆଁ ଲାଗିଥିବା ସୂଚନା

ରାଉରକେଲା ଅଫିସ,୨୪।୨: ରାଉରକେଲା ପାନପୋଷ ଗାନ୍ଧୀ ଛକସ୍ଥିତ ପଞ୍ଚମ ହୋଟେଲରେ ରବିବାର ସକାଳ ସାଢ଼େ ୮ଟାରେ ଅଗ୍ନିକାଣ୍ଡ ଘଟି ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହୋଟେଲ ମାଲିକ ସୁରେଶ ପଶାୟତ, କର୍ମଚାରୀ ପ୍ରଦୀପ ମହାକୁଡ଼ (୪୨), ପଦ୍ମନ ବେହେରା (୪୨), କମଳନାଥ ଗିରି (୪୦), ଲୁଟୁ ଦତ୍ତ (୫୦), ଅଲେଖ ମହାପାତ୍ର (୪୫) ଓ ଟେଲସା ଟପୋ (୬୦)। ଏମାନଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ହୋଟେଲରେ ବ୍ୟବହୃତ ଏଲ୍‌ପିଜି ପାଇପ୍ ଫାଟିଯିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଗ୍ୟାସ୍ ଚୁଲାରେ ହୋଟେଲ ସମ୍ମୁଖରେ ସକାଳ ଜଳଖିଆ ପ୍ରସ୍ତୁତ କରାଯାଉଥିଲା। ତେବେ ହଠାତ୍ ପାଇପ୍ ଫାଟିଯିବାରୁ ହୋଟେଲ ଭିତରକୁ ନିଆଁ ବ୍ୟାପିଯାଇଥିଲା। ଫଳରେ ନିକଟରେ କାର୍ଯ୍ୟ କରୁଥିବା ୬ କର୍ମଚାରୀ ଓ ମାଲିକ ଆହତ ହୋଇଥିଲେ। ଏଥିସହ ହୋଟେଲର ଆସବାବପତ୍ର ଓ ସିଲିଂ ପୋଡ଼ି ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସର୍ବକ୍ଷମା ଘୋଷଣାନାମାର ଭେଦନୀତି

ବାରବାଟୀ

(ଅବିଚ୍ଛିନ୍ନ ଯୁଦ୍ଧ ପ୍ରସ୍ତୁତିରେ ବାଧକ ସାଜିଥିଲେ ଭେଦୁଆ)

ଡ. ସୁରେନ୍ଦ୍ର କୁମାର ମିଶ୍ର

୧୮୧୭ ମସିହାର ଗଣଯୁଦ୍ଧ ଥମିବାର ନାଁ ଧରି ନ ଥିଲା। ଉପକୂଳ ଅଞ୍ଚଳରୁ ବହୁ ଲୋକ ଗାଁ-ଗଣ୍ଡା ଛାଡ଼ି ଗଡ଼ଜାତ ରାଜ୍ୟଗୁଡ଼ିକୁ ଚାଲି ଯାଇଥିଲେ। ସେମାନଙ୍କ ଅସନ୍ତୋଷ ସେଇ ସେଇ ସ୍ଥାନରେ ଦାନା ବାନ୍ଧୁଥିଲା। ୧୫.୦୬.୧୮୧୮ରେ ଏକ ସରକାରୀ ଚିଠିରୁ ଜଣାଯାଏ ବିପ୍ଳବୀମାନଙ୍କୁ ଧରିବା ପାଇଁ ସରକାର ପୁରସ୍କାର ଘୋଷଣା କରିଥିଲେ। ଯେଉଁମାନେ ସରକାରଙ୍କ ପାଖରେ ଆତ୍ମସମର୍ପଣ କରିବେ ସେମାନଙ୍କ ପ୍ରତି ସରକାର ସହୃଦୟତାର ସହିତ ବିଚାର କରିବେ ବୋଲି ଘୋଷଣାନାମାରେ ଥିଲା। ସମାନ ମାସେ ଯାଉ ଯାଉ ବାଣପୁରର ବ୍ରହ୍ମାନନ୍ଦ ସିଂହ ଓ ପଞ୍ଚୁପଲ୍ଲୀର ଦଳବେହେରା ଆତ୍ମସମର୍ପଣ କରିଥିଲେ। ସେ ତାରିଖଟି ଥିଲା ୧୬.୦୭.୧୮୧୮। ଧରିଲେ କାହାକୁ ନା, ଗଙ୍ଗପଡ଼ାର ଭାଗୁ ହରିଚନ୍ଦନ ଓ ମାଖନ ସିଂହଙ୍କୁ। ଦିହେଁ ଥିଲେ ବିପ୍ଳବ ସରଦାର ଗୋପାଳ ଛୋଟରାୟଙ୍କ ପୁତୁରା।

ଆତ୍ମସମର୍ପଣ ଘୋଷଣାନାମା ବିଶେଷ କିଛି ପ୍ରଭାବ ପକାଇଥିବାର ଅନୁଭବ ହୁଏ ନାହିଁ। ଇତିହାସ ଅନୁଶୀଳନରୁ ଜଣାପଡୁଛି ବିପ୍ଳବୀମାନେ ମାନସିକ ସ୍ତରରେ ଏପରି ଏକ ବିଚାରରେ ପହଁଚିଥିଲେ ଯେଉଁଠାରୁ ଫେରିଆସିବା ସହଜ ନ ଥିଲା। ଯୁଦ୍ଧରେ ଜଡ଼ିତ ହୋଇଥିବା ସାଧାରଣ ଲୋକଟିଏ ପ୍ରଥମେ ମୁହଁ ଫେରେଇବାକୁ ଆଗଭର ହେଲାନାହିଁ। ଏଣେ ଇଂରେଜ ଅଧିକାରୀମାନେ ‘ଆତ୍ମସମର୍ପଣ ଘୋଷଣା’ କରିସାରିବା ପରେ ମଧ୍ୟ ଥୟ ଧରି ନ ଥିଲେ। ଗୋପ ଅଞ୍ଚଳରେ ପ୍ରବଳ ଧରପଗଡ଼ ଆରମ୍ଭ କରି ଗଞ୍ଜାପଡ଼ାରୁ ଗୋପାଳ ସାମନ୍ତରାଙ୍କ ସମେତ ତାଙ୍କର ଦୁଇଭାଇଙ୍କୁ ଧରିବା ପରେ ସେଇ ଗାଁର ୩୪ ଜଣ ଯୁଦ୍ଧ ସମ୍ପୃକ୍ତ ଲଢୁଆ ବୀରଙ୍କୁ ଗିରଫ କରିଥିଲେ। ରଥି ସାମନ୍ତସିଂହାର ଓ ତାଙ୍କ ପୁଅ ସରଦାର ଗୁମାନ ସିଂହଙ୍କୁ ଗୋପାଳ ସାମନ୍ତରାଙ୍କ ଗିରଫ ପରେ ପରେ ବୁଢ଼ି ଗ୍ରାମ ଘେରାଉ କରି ଗିରଫ କରାଯାଇଥିଲା, ତଥାପି ଇଂରେଜ ସେନା ଭୟ କରୁଥିଲେ ରଥି ସାମନ୍ତସିଂହାରଙ୍କ ଦ୍ୱିତୀୟ ପୁଅକୁ। ତାଙ୍କୁ ସତ୍ୟବାଦୀଠାରୁ ଉଠାଇ ନେଇଥିଲେ। ଏସବୁ ଘଟଣା ଘଟିଥିଲା ଜୁଲାଇ ମାସ ଶେଷ ଓ ଅଗଷ୍ଟ ମାସ ମଧ୍ୟଭାଗରେ।

ଆମେ ଜାଣିଛେ, ଫିରିଙ୍ଗି କଳି ଭାରତ ପୁସ୍ତକ ସହାୟତାରେ ଯେ ବାରବାଟୀ ଦୁର୍ଗର ପ୍ରବେଶପଥ ଭାଙ୍ଗି ଇଂରେଜମାନେ ପ୍ରବେଶ କଲାବେଳେ ଆମର ବୀର ଲଢୁଆ ପାଇକବାହିନୀର ୨୭୨ ଜଣଙ୍କୁ ହତ୍ୟା କରିଥିଲେ। ମରହଟ୍ଟା ସୁବାଦାର ସେତେବେଳେ ବାରବାଟୀରେ ଥାଆନ୍ତି। ସେ ଜୟୀ ରାଜଗୁରୁଙ୍କ ସଙ୍ଗେ ପରାମର୍ଶ କରି କିପରି ଇଂରେଜମାନଙ୍କୁ ତଡ଼ି ହେବ, ସେ ବିଷୟରେ ବିଚାର କରୁଥାନ୍ତି। ରାଜଗୁରୁ ଶେଷରେ ଇଂରେଜମାନଙ୍କୁ ତଡ଼ିବା ପାଇଁ ମରହଟ୍ଟା ସୁବାଦାରଙ୍କୁ ଅସ୍ତ୍ର କରିଥିଲେ। ଦୁହେଁ ବିଚାର କରି ୧୧ ବର୍ଷ ଧରି ବନ୍ଦୀ ଜୀବନ କଟାଉଥିବା ଜଣେ ଦୁର୍ଦ୍ଧର୍ଷ ଅପରାଧୀକୁ ମୁକ୍ତକରି କିଲ୍ଲାଦାର ଭାବରେ ଘୋଷଣା କରିଥିଲେ। ରାଜଗୁରୁଙ୍କର ଏହା ଥିଲା ସମ୍ପୂର୍ଣ୍ଣ ଭେଦନୀତି। ନା ସେ ମରହଟ୍ଟା ସୁବାଦାରଙ୍କୁ ଅନ୍ତଃକରଣରେ ଗ୍ରହଣ କରିଥିଲେ, ନାଁ ସେ ଦୁର୍ଦ୍ଧର୍ଷ କିଲ୍ଲାଦାରଙ୍କୁ। କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ କେବଳ ସେ ସମର୍ଥନ କରି ଯୁଦ୍ଧର ମୂଳଦୁଆ ପକାଇ ଚାଲିଥିଲେ। କିଲ୍ଲାଦାର ପାଇକ ଯୋଦ୍ଧାମାନଙ୍କ ସହିତ ମିଶି ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି। ଇଂରେଜମାନେ ତୋପ ଫୁଟାଇ ବାରବାଟୀର ପ୍ରବେଶଦ୍ୱାର ଭାଙ୍ଗି ଯେତେବେଳେ କିଲ୍ଲା ଭିତରେ ପ୍ରବେଶ ଉଦ୍ୟମ କରୁଥିଲେ, ସେତେବେଳେ ପ୍ରବଳ ଯୁଦ୍ଧ ହୋଇଥିଲା। ସେଇ ଯୁଦ୍ଧରେ ହିଁ ୨୭୨ ଜଣ ବୀର ସ୍ୱର୍ଗଗତି ଲାଭ କରିଥିଲେ। ଓଡ଼ିଶାର ସୁରକ୍ଷା ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ବୀରମାନଙ୍କ ତାଲିକା ପ୍ରସ୍ତୁତ ହୋଇ ନାହିଁ। ସେମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ସେମାନେ କେଉଁ ଗଡ଼ର କିମ୍ବା କେଉଁ ଗାଁର ଥିଲେ, ତାହା ଖୋଜାଯାଇ ନାହିଁ। ଆମେ ବିଦ୍ରୋହ ଚେତନାରେ ବାନ୍ଧି ହୋଇଯିବା ପରେ ଯୁଦ୍ଧ ଚେତନାକୁ ଆଜିକା ଦିନରେ ମଧ୍ୟ ପ୍ରବେଶ କରିବା ସମ୍ଭବ ହୋଇନାହିଁ। ଏଇ ଘଟଣାକୁ ୧୯୯୪ ମସିହାରେ ଇତିହାସକାର ଫକୀର ହରିଚନ୍ଦନ ସବିଶେଷ ବର୍ଣ୍ଣନା କରିଥିଲେ। କିନ୍ତୁ ଏହାକୁ ନିଃସଙ୍କୋଚରେ ଆଲୋଚକମାନେ ଗ୍ରହଣ କରିବାରେ ଆଗ୍ରହ ଦେଖାଇ ନାହାନ୍ତି। ଆଲୋଚକମାନେ ସନ୍ଦେହ ପ୍ରକାଶ କରିଛନ୍ତି ଯେ, ଇଂରେଜମାନେ ବାରବାଟୀ କିଲ୍ଲାକୁ ଅକ୍ତିଆର କରିବାବେଳେ ମରହଟ୍ଟା ସୁବାଦାର ମରହଟ୍ଟା ସେନାମାନଙ୍କୁ ନେଇ ବାରବାଟୀ ଛାଡ଼ି ଚାଲି ଯାଇଥିଲେ। ବାସ୍ତବରେ ଇତିହାସରେ ଏହି ସନ୍ଧିକ୍ଷଣ ଅନାଲୋଚିତ ହୋଇ ରହିଥିବାରୁ ଫକୀର ହରିଚନ୍ଦନଙ୍କ ମତକୁ ଗ୍ରହଣ କରିବା ପାଇଁ ଅନ୍ୟ କେହି ଆଗ୍ରହ ପ୍ରକାଶ କରିନାହାନ୍ତି।

ଇଂରେଜମାନେ ଓଡ଼ିଶା ଭିତରେ ପ୍ରବେଶ କଲା ଦିନୁଁ ପାଇକ ସେନାବାହିନୀକୁ ଦୁର୍ବଳ କରିବାର ଯୋଜନାକୁ ପ୍ରାଥମିକତା ଦେଇଥିଲେ। ପୁରୀ ଜିଲାର ଗୋପ, ସତ୍ୟବାଦୀ ଓ ଖୋର୍ଦ୍ଧା ଅଞ୍ଚଳରୁ ବିପ୍ଳବୀମାନଙ୍କୁ ଗିରଫ କରିବା ପରେ ଦାମ ସୁବୁଦ୍ଧିଙ୍କୁ ତାଙ୍କର ଦୁଇ ଭାଇ ନିତ୍ୟାନନ୍ଦ ମଙ୍ଗରାଜ ଓ ସୋମନାଥ ପାଟଶାଣୀଙ୍କୁ ସେପ୍ଟେମ୍ବର ମାସରେ ସମ୍ବଲପୁରଠାରୁ ଗିରଫ କରିଥିଲେ। ସମ୍ବଲପୁରରେ ଦାମ ସୁବୁଦ୍ଧିଙ୍କ ପୁତୁରା ଇଂରେଜ ସରକାରଙ୍କ ବିରୋଧରେ ବିପ୍ଳବ ସଂଗଠିତ କରୁଥିବାରୁ ଦାଶରଥି ପାଇକରାୟଙ୍କୁ ମଧ୍ୟ ଗିରଫ କରିବାକୁ ଭୁଲି ନ ଥିଲେ।

ଇଂରେଜମାନଙ୍କର ସର୍ବକ୍ଷମା ଘୋଷଣାନାମାରେ ଆଉ ଗୋଟିଏ ପ୍ରଲୋଭନ ରହିଥିଲା। ଯେଉଁମାନେ ଆତ୍ମସମର୍ପଣ କରିବେ ସେମାନଙ୍କର ବାଜ୍ୟାପ୍ତ ହୋଇଥିବା ଜାଗିରି (ଜାୟଗିରି) ଫେରସ୍ତ ଦିଆଯିବ। କେବଳ ସେତିକି ନୁହଁ, ସ୍ୱତନ୍ତ୍ର ପୁରସ୍କାର ଯୋଜନା ବି ଘୋଷଣା କରିଥିଲେ। ଏହି ଯୋଜନାକୁ ସଫଳ କରିବାକୁ ଗୁପ୍ତରେ ଭେଦୁଆଙ୍କୁ ପରାମର୍ଶ ଦିଆଯାଇଥିବାର ସମ୍ଭାବନା ହୁଏ। ଫଳରେ ଭେଦୁଆମାନେ ବିପ୍ଳବୀମାନଙ୍କୁ କେତେକାଂଶରେ ଆନମନା କରିବାକୁ ସଫଳ ହୋଇଥିଲେ। ଭେଦୁଆମାନେ ଜାତି ପ୍ରତି ବେଇମାନ କରି ଯେଉଁ କ୍ଷତି ପହଁଚାଇଥିଲେ, ତାହା ଇତିହାସରେ କଳାଦାଗ ହୋଇ ରହିଛି, ରହିବ ମଧ୍ୟ। ଏଇ ବେଇମାନୀମାନଙ୍କୁ ପ୍ରୋତ୍ସାହନ ଦେବାରେ ଇଂରେଜମାନେ ହେଳା କରି ନ ଥିଲେ। ଭେଦୁଆ କାର୍ଯ୍ୟ କରି ଶିବପ୍ରସାଦ ଦାରୋଗା ପୁରସ୍କାର ପାଇଥିଲେ ହଜାରେ ଟଙ୍କା। ରାମ ମହାରଥୀ ପାଇଥିଲେ ୫୦୦ ଟଙ୍କା, ଭରତ ମାଝି ପାଇଥିଲେ ୧୦୦ ଟଙ୍କା, ଜଗବନ୍ଧୁ ମଙ୍ଗରାଜ ପାଇଥିଲେ ୧୦୦ ଟଙ୍କା, ନବୀନ ବାହୁବଳେନ୍ଦ୍ର ପାଇଥିଲେ ୧୦୦ ଟଙ୍କା ଓ ଧନୁ ନାମଧାରୀ ଜଣେ ଭେଦୁଆ ୧୦୦ ଟଙ୍କା ପାଇଥିଲେ। ଏହା ଇତିହାସର କଥା। ଏମାନଙ୍କ ବ୍ୟତୀତ ହୃଦୟବିଦାରକ ଓ ଅବିଶ୍ୱସନୀୟ କାର୍ଯ୍ୟ କରିଥିଲେ ମଳିପଡ଼ାର ଜାଗିରଦାର। ସେତେବେଳେ ୧୦୦୦ ଟଙ୍କା ବିନିମୟରେ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଦୁଦୁରା ମଞ୍ଜି ଖାଇବାକୁ ଦେଇ ଧରାଇ ଦେଇଥିଲେ।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : **www.dharitri.com**

SAMPLE PAPER # 4

IITJEE (Main) (PHYSICS)

Time : 1 hour **Maximum Marks: 120**

MARKING INSTRUCTIONS

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

SINGLE CORRECT ANSWER

1. A point charge 'q' is placed at distance 'a' from the centre of an uncharged thin spherical conducting shell of radius R = 2a. A point 'P' is located at a distance '4a' from the centre of the conducting shell as shown. The electric potential due to induced charge on the inner surface of the conducting shell at point 'P' is:



(A) $\frac{kq}{5a}$ (B) $-\frac{kq}{5a}$

(C) $\frac{kq}{4a}$ (D) $-\frac{kq}{4a}$

2. A conducting wire carrying a current I is bent into the shape as shown. The net magnetic field at the centre 'O' of the circular arc of radius 'R' is:



(A) $\frac{\mu_0 I}{2R}\left(\frac{1+3\pi}{\pi}\right)$ (B) $\frac{\mu_0 I}{4R}\left(\frac{1+3\pi}{\pi}\right)$

(C) $\frac{\mu_0 I}{8R}\left(\frac{1+3\pi}{\pi}\right)$ (D) $\frac{\mu_0 I}{8R}\left(\frac{2+3\pi}{\pi}\right)$

3. A thin non-conducting hemispherical shell contains a positive charge q on it, which is uniformly distributed on the shell. A point P lies on the diameter of shell as shown in figure. Then the direction of electric field at the point 'P' is:



4. A particle of mass m is moving in a horizontal circle of radius r. Under centripetal force equal to $\frac{-k}{r^2}$ where k is a constant. The kinetic energy of the particle is

(A) $\frac{-k}{2r^2}$ (B) $\frac{k}{2r}$

(C) $-\frac{k}{2r}$ (D) $\frac{k}{r^2}$

5. The spherical bodies of mass M and 5M and radii R and 2R respectively are released in free space with initial separation between their centres equal to 12R. If they attract each other due to gravitational force only then the distance covered by smaller body just before collision is

(A) 2.5 R (B) 4.5 R

(C) 7.5 R (D) 1.5 R

6. A string is wrapped several times round a solid cylinder. The free end of the string is held stationary. If the cylinder is released to move down, then the acceleration of that cylinder is

(A) g/3 (B) g/2

(C) 3g/2 (D) 2g/3

7. Which of the following statements is **false** for a particle moving in a circle with a constant angular speed ?

(A) the velocity vector is tangent to the circle

(B) the acceleration vector is tangent to the circle

(C) the acceleration vector points to the centre of the circle

(D) the velocity and acceleration points to the centre of the circle

8. A uniform rod AB of length L is hinged at one end A. The rod is kept in the horizontal position by a string tied at B as shown. If the string is cut, the initial angular acceleration is



(A) g/2 (B) 2g/2

(C) 2g/3L (D) 3g/2L

9. A capillary rise of liquid level is 14 cm. If the capillary tube of length 7 cm is immersed in the same liquid then the capillary rise is

(A) 14 cm (B) 10 cm

(C) 7 cm (D) 4 cm

10. A particle lies on the bottom of a tank filled with water up to a height of 90 cm. The medium above the surface of water is of R.I. = 1.2 above which there is mirror M. Beyond the mirror M the region contains air (μ =1). Find the distance of the image formed by the mirror after reflection of the rays coming from P. (w.r.t. mirror)

(A) 120 cm (B) 150 cm

(C) 100 cm (D) 200 cm

11. A clock 'S' is based on the oscillation of a spring and a clock 'P' is based on motion of the pendulum. Both clocks run at the same rate on the earth. On a planet having same density as earth, but twice the radius

(A) S will run faster than P

(B) P will run faster than S

(C) they will both run at the same rate as on the earth

(D) none of these

12. When an ideal diatomic gas is heated at constant pressure, the fraction of heat energy supplied which increases the internal energy of gas is

(A) 2/5 (B) 3/5

(C) 3/7 (D) 5/7

13. ΔV = iR (where ΔV is potential difference, i is current and R is resistance) is valid

(A) only for ohmic conductors

(B) only for non-ohmic conductors

(C) any type of conductors

(D) any type of object

14. A conducting ring of radius 1m is placed in a magnetic field of 0.01T oscillating with a frequency 100Hz with its plane at right angle to B. The induced electric field will be



(A) 7 Vm^{-1} (B) 2 Vm^{-1}

(C) 10 Vm^{-1} (D) 62 Vm^{-1}

15. The ground state energy of hydrogen atom is –13.6 eV. The potential energy of electron in this state is

(A) 0 eV (B) –27.2 eV

(C) –6.8 eV (D) –4.2 eV

16. A photocell is illuminated by a small bright source placed 1m away. When the same source of light is placed 0.5 m away, the number of electrons emitted by the photo cathode would

(A) decrease by a factor of 4

(B) increase by a factor of 4

(C) decrease by a factor of 2

(D) increase by a factor of 2

17. How many times more intense is 90 dB sound than 40 dB sound

(A) 5 (B) 50

(C) 500 (D) 10^5

18. A conducting sphere of radius R is charged to a potential of 'V' volts.Then electric field at a distance r (> R) from the centre of the sphere would be

(A) $\frac{V}{r}$ (B) $\frac{R^2V}{r^3}$

(C) $\frac{RV}{r^2}$ (D) $\frac{rV}{R^2}$

19. An alpha particle of energy 5MeV is scattered through 180^0 by a fixed uranium nucleus. The distance of closest approach is of the order of

(A) $1A^0$ (B) 10^{-10} cm

(C) 10^{-12} cm (D) 10^{-15} cm

20. A conducting loop carrying a current I is placed in a uniform magnetic field pointing into the plane of the paper as shown. The loop will have a



(A) contract (B) expand

(C) move towards +ve x-axis

(D) move towards –ve x-axis

21. A conducting wire bent in the form of a parabola $y^2 = 2x$ carries a current i = 2A as shown in figure. This wire is placed in a uniform magnetic field $\vec{B} = -4\hat{k}$ tesla. The magnetic force on the wire is (in Newton)



(A) $-16\hat{i}$ (B) $32\hat{i}$

(C) $-32\hat{i}$ (D) $16\hat{i}$

22. A conducting rod MN of mass 'm' and length 'l' is placed on parallel smooth conducting rails connected to an uncharged capacitor of capacitance 'C' and a battery of emf ε as shown. A uniform magnetic field 'B' is existing perpendicular to the plane of the rails. The steady state velocity acquired by the conducting rod MN after closing switch S is : (Neglect the resistance of the parallel rails and the conducting rod)



(A) $\frac{2CBl\varepsilon}{\left(m+CB^2l^2\right)}$ (B) $\frac{CBl\varepsilon}{\left(m+CB^2l^2\right)}$

(C) $\frac{CBl\varepsilon}{2\left(m+CB^2l^2\right)}$ (D) $\frac{CBl\varepsilon}{4\left(m+CB^2l^2\right)}$

23. Half life of a radio active substance is 4 days. The probability that a nucleus will decay in two half lives is

(A) $\frac{1}{4}$ (B) $\frac{3}{4}$

(C) $\frac{1}{2}$ (D) 1

24. A transistor is used in common emitter mode as an amplifier, then

(A) the base emitter junction is forward biased

(B) the base emitter junction is reverse biased

(C) the input signal is connected in parallel with the voltage applied to bias the base emitter junction

(D) the input signal is connected in series with the voltage applied to bias the base collector junction.

25. Time taken by the projectile to reach from A to B is t. Then the distance AB is equal to



(A) $\frac{ut}{\sqrt{3}}$ (B) $\frac{\sqrt{3}}{2}ut$

(C) $\sqrt{3}ut$ (D) 2ut

26. Assuming all surfaces to be frictionless, acceleration of the block C shown in figure is



(A) 5 ms^{-2} (B) 7 ms^{-2}

(C) 3.5 ms^{-2} (D) 4 ms^{-2}

27. A rod of length *l* is given two velocities v_1 and v_2 in opposite directions at its two ends at right angles to the length. The distance of the instantaneous axis of rotation from v_1 is

(A) zero (B) $\frac{v_1}{v_1+v_2}l$

(C) $\frac{v_2 l}{v_1+v_2}$ (D) $\frac{l}{2}$

28. Three identical metallic plates with large surface areas are kept parallel to each other as shown in the figure. The left most plate is given a charge Q, the right most a charge –2Q and middle one remains neutral. Find the charge appearing on outer surface of right most plate



(A) Q/2 (B) 3Q/4

(C) –Q/2 (D) zero

29. A reflecting surface is represented by the equation $x^2 + y^2 = a^2$. A ray traveling in negative x-direction is directed towards positive y-direction after reflection from the surface at point P. The coordinates of point P are



(A) (0.8a, 0.6 a) (B) (0.6 a, 0.8 a)

(C) (a, 10) (D) none of these

30. A, B, C, D are large conducting plates kept parallel to each other. A and D are fixed. Plates B and C, connected to each other by a rigid conducting rod can slide over frictionless rails as shown. Initially the distance between plates A and B is same as that between plates C and D. If now the rod (along with plates B and C) is slightly moved towards right, the capacitance between the terminals 1 and 2:



(A) remains unchanged

(B) increases

(C) decreases

(D) nothing can be said

For Answers Key visit: www.dharitri.com

ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଚାଙ୍ଗ୍ଇ-୪



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀକୁ ପରିକ୍ରମା କରିବା ଅବସରରେ ଚନ୍ଦ୍ର ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ମଧ୍ୟ ଘୂର୍ଣ୍ଣନ କରିଥାଏ। ଏହାର ଏହି ପରିକ୍ରମା ବେଗ ସହିତ ଘୂର୍ଣ୍ଣନ ବେଗ ସମାନ। ସେଥିପାଇଁ ସଦାସର୍ବଦା ଆମେ ତା'ର କେବଳ ଗୋଟିଏ ପାର୍ଶ୍ୱ ହିଁ ଦେଖିପାରୁ। ଅପରପାର୍ଶ୍ୱର ଅଧିକାଂଶ ଭାଗ, ଅର୍ଥାତ୍ ତା'ର ୮୨% ଆମ ଦୃଷ୍ଟିଗୋଚର ହୁଏନାହିଁ। ତେଣୁ ଆମେ ତାକୁ 'ଅନ୍ଧକାର ପାର୍ଶ୍ୱ' ବୋଲି କହୁ। ତେବେ, ତାହା ପ୍ରକୃତରେ ଅନ୍ଧକାରମୟ ନୁହେଁ, ବରଂ ବେଶ୍ ଆଲୋକିତ।

ଚନ୍ଦ୍ର ହେଉଛି ଆମର ସବୁଠାରୁ ଅଧିକ ଅଧ୍ୟୟନ ଓ ସର୍ବେକ୍ଷଣ ହୋଇଥିବା ମହାକାଶ ପିଣ୍ଡ। ଏହାର ପୃଷ୍ଠଦେଶକୁ ପଠାଯାଇ ସାରିଛି ଅନେକ ମହାକାଶଯାନ। ସେଗୁଡ଼ିକ ତାହାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଛନ୍ତି। ମଣିଷ ମଧ୍ୟ ସେଠାରେ ପାଦ ରଖିସାରିଛି। ତେବେ ଏ କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ସମାହିତ ହୋଇଛି ତାହାର ପୃଥିବୀ ଆଡ଼କୁ ମୁହଁ କରିଥିବା ଅର୍ଦ୍ଧାଂଶରେ। 'ଅନ୍ଧକାର ପାର୍ଶ୍ୱ' ବୋଲି କୁହାଯାଉଥିବା ଅପରପାର୍ଶ୍ୱଟି ରହିଯାଇଛି ପ୍ରାୟତଃ ଅନାବିଷ୍କୃତ।

ପ୍ରଥମେ ୧୯୫୯ ମସିହାରେ ଏହି ଭାଗର ଫଟୋଚିତ୍ରଟିଏ ଉତ୍ତୋଳନ କରିବାକୁ ସମର୍ଥ ହୋଇଥିଲା ତଦାନିନ୍ତନ ସୋଭିଏଟ୍ ୟୁନିୟନ ଦ୍ୱାରା ପ୍ରେରିତ ଲୁନା-୩ ନାମକ ମହାକାଶ ଅନୁସନ୍ଧାନକାରୀ ବ୍ୟବସ୍ଥା ବା 'ପ୍ରୋବ୍'। ତାହାକୁ ଭିତ୍ତିକରି ୧୯୬୦ ମସିହାରେ ସୋଭିଏଟ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପ୍ରସ୍ତୁତ କରିଥିଲା ଏହାର ଏକ ସୁନିର୍ଦ୍ଦିଷ୍ଟ ହୋଇ ନ ଥିବା ମାନଚିତ୍ର। ତତ୍ପରେ ଆମେରିକା ପ୍ରେରିତ 'ଆପୋଲୋ-୮'ର ମହାକାଶଚାରୀମାନେ ଏହି ପାର୍ଶ୍ୱକୁ ପ୍ରଥମଥର ପାଇଁ ଆଖିରେ ଦେଖିଥିଲେ ଏବଂ ତାହାର ଫଟୋ ଉତ୍ତୋଳନ କରିଥିଲେ। ଇତିମଧ୍ୟରେ ଆଉ କିଛି ମହାକାଶଯାନ ତଥା ମହାକାଶ ଅନୁସନ୍ଧାନ ବ୍ୟବସ୍ଥା ଏହାକୁ ଅଧ୍ୟୟନ ଓ ଅନୁସନ୍ଧାନ କରିଛନ୍ତି। ତେବେ, ସେ ସମସ୍ତ ଅଧ୍ୟୟନ ସୀମିତ ଏବଂ ଅସମ୍ପୂର୍ଣ୍ଣ। ଏ ଦୃଷ୍ଟିରୁ ଜାନୁୟାରୀ ୩ ତାରିଖ (୨୦୧୯)ରେ ଚନ୍ଦ୍ରର ଏହି ତଥାକଥିତ 'ଅନ୍ଧକାର ପାର୍ଶ୍ୱ'ରେ ପ୍ରଥମଥର ପାଇଁ ଧୀରଗତିରେ ଅବତରଣ କରିଥିବା ଚାଇନା ପ୍ରେରିତ ମହାକାଶ ଯାନ 'ଚାଙ୍ଗ୍ଇ-୪' ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସେ ଦେଶର 'ଚନ୍ଦ୍ର ଦେବତୀ'ଙ୍କ ନାମରେ ନାମିତ ଏହି ଚନ୍ଦ୍ର ଅନୁଧ୍ୟାନକାରୀ ବ୍ୟବସ୍ଥା ବା ଲୁନାର ପ୍ରୋବ୍‌ଟି ଦିନ ୧୦ଟା ୨୬ ମିନିଟ୍ ବେଳେ ସେଠାର ଦକ୍ଷିଣ ମେରୁ ନିକଟସ୍ଥ ଭନ୍ କାର୍ମାନ୍ ଗହ୍ୱର ନିକଟରେ ଭୂ-ସ୍ପର୍ଶ କରିଥିଲା ବୋଲି ସୂଚନା ଦେଇଛନ୍ତି ଚାଇନା ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ। ଚନ୍ଦ୍ରର ଏହି ପାର୍ଶ୍ୱଟିର ପୃଥିବୀ ସହିତ ରେଡିଓ ଯୋଗାଯୋଗରେ ସମସ୍ୟା ରହିଛି। ଏଣୁ ମେ' ମାସରେ (୨୦୧୮) ମହାକାଶରେ ଅବସ୍ଥାପିତ ସେ ଦେଶର କ୍ୟୁକ୍ୟିଆଓ ଯୋଗାଯୋଗ ଉପଗ୍ରହ ମାଧ୍ୟମରେ ଏହା ଫଟୋଚିତ୍ର ଓ ସୂଚନାମାନ ପଠାଇବାରେ ଲାଗିଛି। ଏଥିରେ ମଧ୍ୟ ରହିଛି ଜର୍ମାନୀ ଏବଂ ସ୍ୱିଡେନର ଦୁଇଟି ଅନୁଧ୍ୟାନକାରୀ ବ୍ୟବସ୍ଥା, ଯାହା କି କିଛି କିଛି ପରୀକ୍ଷା ନିରୀକ୍ଷା ଲାଗି ଉଦ୍ଦିଷ୍ଟ। ପୁନଶ୍ଚ ଚାଙ୍ଗ୍ଇ-୪ର ଅଂଶବିଶେଷ ହୋଇଥିବା ଚନ୍ଦ୍ର ଭ୍ରମଣକାରୀ ବ୍ୟବସ୍ଥା ବା ଲୁନାର ରୋଭର ୟୁଟୁ-୨ ସେଠାରେ ଭ୍ରମଣକରି ବିବିଧ ତଥ୍ୟ ସଂଗ୍ରହ କରିବାରେ ଲାଗିଛି।

'ଚାଙ୍ଗ୍ଇ-୪'ରେ ଥିବା ବିବିଧ ଯନ୍ତ୍ରପାତି ମଧ୍ୟରେ ରହିଛି ଉଚ୍ଚଶକ୍ତିସମ୍ପନ୍ନ କ୍ୟାମେରା, ନିମ୍ନ ଆବୃତ୍ତି ରେଡିଓ ସ୍ପେକ୍ଟ୍ରୋମିଟର ବିଶ୍ଳେଷକ, ଚନ୍ଦ୍ରରେ ନିଉଟ୍ରନ୍ ଏବଂ ବିକିରଣ ମାତ୍ରା ଚିହ୍ନଟକାରୀ ବ୍ୟବସ୍ଥା ଇତ୍ୟାଦି। ଏଗୁଡ଼ିକ ସାହାଯ୍ୟରେ ଏହା ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ଚନ୍ଦ୍ରର ଭୂଭାଗ ସର୍ବେକ୍ଷଣ, ଭୂମିର ଗଠନ ଓ ଖଣିଜଦ୍ରବ୍ୟ ସମୂହଠାରୁ ଆରମ୍ଭକରି ସେଠାକାର ପରିବେଶ ଅଧ୍ୟୟନ ଲାଗି ନିଉଟ୍ରନ୍ ବିକିରଣ ତଥା ଚାର୍ଜ ବିହୀନ ପରମାଣୁଗୁଡ଼ିକର ଆକଳନ କରିବେ। ଏପରି କି ସେଠାରେ ରେଡିଓ ଟେଲିସ୍କୋପ୍‌ଟିଏ ସ୍ଥାପନ ପାଇଁ ମଧ୍ୟ ପ୍ରାଥମିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ।

ଚନ୍ଦ୍ରର ଦୁଇପାର୍ଶ୍ୱର ରୂପ ମଧ୍ୟରେ ରହିଛି ଅନେକ ବିଭିନ୍ନତା। ଆମ ନିକଟରେ ପାର୍ଶ୍ୱର ବହିରାବରଣ ସ୍ଥୂଳ ଏବଂ ଉତ୍ତୋଳନ ଅଧିକ ହେଲାବେଳେ ଦୂରବର୍ତ୍ତୀ ପାର୍ଶ୍ୱରେ ତାହା ତା'ର ବିପରୀତ। ପୁନଶ୍ଚ ଦୂରବର୍ତ୍ତୀ ପାର୍ଶ୍ୱର ଆଗ୍ନେୟଗିରିଗୁଡ଼ିକ ଅପେକ୍ଷାକୃତ କମ୍ ସକ୍ରିୟ। ସେହିପରି ଏ ଭାଗଟି ପାଖକୁ ପାଖ ଖୁଦିହୋଇ ରହିଥିବା ଗହ୍ୱରଗୁଡ଼ିକରେ ଗଢ଼ା ହୋଇଥିବାରୁ ଏଠାରେ ସମତଳ ଭୂମି ବେଶ୍ କମ୍।

ପାର୍ଶ୍ୱଦ୍ୱୟ ମଧ୍ୟରେ ଥିବା ଏପରି ପ୍ରଭେଦତାର କାରଣ ନିର୍ଦ୍ଦିଷ୍ଟ ରୂପେ ଜଣାନାହିଁ। ତେବେ, ସାଧାରଣ ଭାବେ ଗୃହୀତ ବ୍ୟାଖ୍ୟା ଅନୁସାରେ ନିକଟତର ଗୋଲାର୍ଦ୍ଧରେ ରହିଛି ଅଧିକ ତାପ ଉପନ୍ନକାରୀ ମୌଳିକ ପଦାର୍ଥ। ଆମେରିକା ପ୍ରେରିତ ଲୁନାର ପ୍ରସ୍ପେକ୍ଟର ନାମକ ଗାମାରଶ୍ମି ଚାଳିତ ବ୍ୟବସ୍ଥାରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ପୁନଶ୍ଚ ଏ ଦୁଇ ଗୋଲାର୍ଦ୍ଧରେ ଚନ୍ଦ୍ରର ଚତୁଃପାର୍ଶ୍ୱରେ ଆଗରୁ ଥିବା ଛୋଟ ଛୋଟ ପିଣ୍ଡଗୁଡ଼ିକର ପତନ ହାର ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଥିବାର କୁହାଯାଏ। ପୃଥିବୀ ଦ୍ୱାରା କିଛି ମାତ୍ରାରେ ଘୋଡ଼ାଇ ହୋଇରହିଥିବା ନିକଟତର ପାର୍ଶ୍ୱରେ ଏହା କମ୍ ଘଟିଥିବାର କେତେଜଣଙ୍କର ମତ। ତନ୍ମଧ୍ୟରେ ଥିବା ତାରତମ୍ୟର ଏହା ମଧ୍ୟ କାରଣ ହୋଇପାରେ। ତେବେ, ଆଉ ଏକ ଭିନ୍ନ ମତପୋଷଣ କରନ୍ତି ଅନ୍ୟ କେତେଜଣ ଜ୍ୟୋତିର୍ବିଜ୍ଞାନୀ। ଏଥି ଅନୁଯାୟୀ ଚନ୍ଦ୍ରର ଏକ ଅତି ନଗଣ୍ୟ ଅଂଶକୁ ପୃଥିବୀ ଆଚ୍ଛାଦିତ କରିଥାଏ। ଏଣୁ ପ୍ରକୃତରେ ଏହାର ଉଭୟ ପାର୍ଶ୍ୱରେ ପ୍ରାୟତଃ ସମସଂଖ୍ୟକ ପିଣ୍ଡିଗୁଡ଼ିକର ପତନ ଘଟିଥିଲା। ଅତଏବ ସେଠାରେ ସୃଷ୍ଟି ହୋଇଥିଲା ତଦନୁଯାୟୀ ସମାନ ସଂଖ୍ୟାରେ ଗହ୍ୱର। କିନ୍ତୁ ପୃଥିବୀର ନିକଟତର ପାର୍ଶ୍ୱରେ ଆଗ୍ନେୟଗିରିଗୁଡ଼ିକ ଅଧିକ ସକ୍ରିୟ ଥିବାରୁ ତହିଁରୁ ନିର୍ଗତ ଲାଭାରେ ଅଧିକାଂଶ ଅଳ୍ପବହୁତ ପୋତି ହୋଇପଡ଼ିଛି।

"ଚାଙ୍ଗ୍ଇ-୪ରେ ଥିବା ବିବିଧ ଯନ୍ତ୍ରପାତି ମଧ୍ୟରେ ରହିଛି ଉଚ୍ଚଶକ୍ତିସମ୍ପନ୍ନ କ୍ୟାମେରା, ନିମ୍ନ ଆବୃତ୍ତି ରେଡିଓ ସ୍ପେକ୍ଟ୍ରୋମିଟର ବିଶ୍ଳେଷକ, ଚନ୍ଦ୍ରରେ ନିଉଟ୍ରନ୍ ଏବଂ ବିକିରଣ ମାତ୍ରା ଚିହ୍ନଟକାରୀ ବ୍ୟବସ୍ଥା ଇତ୍ୟାଦି । ଏଗୁଡ଼ିକ ସାହାଯ୍ୟରେ ଏହା ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ଚନ୍ଦ୍ରର ଭୂଭାଗ ସର୍ବେକ୍ଷଣ, ଭୂମିର ଗଠନ ଓ ଖଣିଜଦ୍ରବ୍ୟ ସମୂହଠାରୁ ଆରମ୍ଭକରି ସେଠାକାର ପରିବେଶ ଅଧ୍ୟୟନ ଲାଗି ନିଉଟ୍ରନ୍ ବିକିରଣ ତଥା ଚାର୍ଜ ବିହୀନ ପରମାଣୁଗୁଡ଼ିକର ଆକଳନ କରିବେ..."

ଏହା ବ୍ୟତୀତ ଚନ୍ଦ୍ର ଆମ ନିକଟତର ପାର୍ଶ୍ୱ ତୁଳନାରେ ଅପରପାର୍ଶ୍ୱଟି ପୃଥିବୀରୁ ଉତ୍ପନ୍ନ ରେଡିଓ ତରଙ୍ଗ କମ୍ ମାତ୍ରାରେ ପ୍ରାପ୍ତ ହୁଏ। ପୁନଶ୍ଚ, ମହାକାଶରେ ସ୍ଥାପିତ ବିବିଧ ଯୋଗାଯୋଗ ବ୍ୟବସ୍ଥା, କୃତ୍ରିମ ଉପଗ୍ରହ ଇତ୍ୟାଦିରୁ ଦୂରରେ ଥିବାରୁ ଏହା କମ୍ କୋଳାହଳପୂର୍ଣ୍ଣ। ଏଣୁ ରେଡିଓ ଟେଲିସ୍କୋପ୍ ସ୍ଥାପନ ପାଇଁ ଏହା ଉତ୍ତମ ସ୍ଥାନ। ଚାଙ୍ଗ୍ଇ ଏବଂ ତା' ସହିତ ପ୍ରେରିତ ଭ୍ରମଣକାରୀ ବ୍ୟବସ୍ଥା 'ୟୁଟୁ-୨' ଏ ସବୁ ଉପରେ ଅଧିକ ଅଧ୍ୟୟନ କରିବେ। ଫଳରେ ଅଦ୍ୟାବଧି ଦୃଷ୍ଟିଗୋଚର ହୋଇ ନ ଥିବା ଚନ୍ଦ୍ରର ଏହି ପାର୍ଶ୍ୱ ସମ୍ପର୍କରେ ଅଧିକ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସମ୍ଭବ ହେବ। ବିଶେଷକରି, ଏହା ତା'ର ଦକ୍ଷିଣ ମେରୁସ୍ଥିତ ଆଇଟ୍‌କେନ୍ ଅବବାହିକାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବ। ପ୍ରାୟ ୧୩ କିଲୋମିଟର ଗଭୀର ଏବଂ ୨୫୦୦ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଏହି ଅଞ୍ଚଳରେ ରହିଛି ପ୍ରଚୁର ପରିମାଣରେ ବରଫ। ଏଣୁ ସାରା ଦୁନିଆର ମହାକାଶ ବିଜ୍ଞାନୀଙ୍କ ଦୃଷ୍ଟି ଏବେ ଏହା ଉପରେ ରହିଛି ; କାରଣ ଚନ୍ଦ୍ରପୃଷ୍ଠରେ ସ୍ଥାୟୀ ଶିବିରଟିଏ ସ୍ଥାପନ ପାଇଁ ଏହାକୁ ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିଚାର କରାଯାଉଛି। ଏହାବ୍ୟତୀତ ମହାକାଶ ଗବେଷଣା ତଥା ବିଶ୍ୱବ୍ରହ୍ମାଣ୍ଡର ଅଧ୍ୟୟନ ଲାଗି ଏହା ନୂତନ ମାର୍ଗ ଉନ୍ମୋଚନ କରିବ।

ଚନ୍ଦ୍ରପୃଷ୍ଠରେ ରହିଛି ପ୍ରଚୁର ପରିମାଣରେ ହିଲିୟମ୍-୩, ଯାହା କି ପୃଥିବୀପୃଷ୍ଠରେ ବିରଳ। ଆଗାମୀ ଯୁଗର ଇନ୍ଧନ ରୂପେ ପରିଗଣିତ ଏହି ପଦାର୍ଥଟି ନିଃସିକ୍ତ ରିଆକ୍ଟରରେ ଶକ୍ତି ଉତ୍ପାଦନ ଏବଂ ଗ୍ରହଗ୍ରହାନ୍ତର ଯାତ୍ରା ପାଇଁ ମହାକାଶଯାନକୁ ଶକ୍ତି ଯୋଗାଇବା ଲାଗି ଉଦ୍ଦିଷ୍ଟ। ଏହାବ୍ୟତୀତ ଆଗାମୀ ଦିନଗୁଡ଼ିକରେ ସୁଦୂର ମହାକାଶ ଅଭିଯାନ ଓ ପର୍ଯ୍ୟବେକ୍ଷକ ପାଇଁ ଚନ୍ଦ୍ରପୃଷ୍ଠକୁ ବ୍ୟବହାର କରିବା ଲାଗି ମଧ୍ୟ ଉଦ୍ୟମ ଚାଲିଛି। ଅତଏବ ଏହା ଉପରେ ଅଧିକରୁ ଅଧିକ ଅଧିକାର ସାବ୍ୟସ୍ତ କରିବା ଲାଗି ପ୍ରତିଯୋଗିତା ପ୍ରାୟତଃ ଆରମ୍ଭ ହୋଇଗଲାଣି। ଚାଇନାର ଏହି ନୂତନ ଚନ୍ଦ୍ର ବିଜୟ ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଇତିମଧ୍ୟରେ ଏହା ଚାଙ୍ଗ୍ଇ-୫ ଏବଂ ଚାଙ୍ଗ୍ଇ-୬ ମହାକାଶଯାନ ପ୍ରେରଣ ପାଇଁ ଆରମ୍ଭ କରିଥିବା ଯୋଜନା ଅନେକ ଦୂର ଅଗ୍ରସର ହୋଇସାରିଲାଣି। ଏହା ତାହାକୁ ଆହୁରି ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରିବେ। ଏପରି କି ସେଠାରେ କୃଷିକାର୍ଯ୍ୟ ପାଇଁ ମଧ୍ୟ ପରିକଳ୍ପନା ଆରମ୍ଭ ହେଲାଣି। ସେଥିପାଇଁ ଏବେ ରୋପଣ କରାଯାଇଛି କେତୋଟି ଚାର ଗଛ, ଯାହା କି ଠିକ୍‌ରୂପେ ବଢ଼ୁଥିବାର କୁହାଯାଉଛି।

ଆଶା କରାଯାଏ, ଏ ସବୁରେ ସଫଳତା ଫଳରେ ଚାଇନା ମହାକାଶ ଗବେଷଣା କ୍ଷେତ୍ରରେ ଚାଲିଥିବା ପ୍ରତିଯୋଗିତାରେ, ବିଶେଷକରି ଚନ୍ଦ୍ରପୃଷ୍ଠରେ ଅଧିକାର ସାବ୍ୟସ୍ତ କରିବାରେ ଆମେରିକା ସମେତ ଅନ୍ୟ ସବୁ ଦେଶକୁ ଟପିଯାଇପାରିବ। ତାହା ହୁଏତ ସେହି ଦୁଇଦେଶ ମଧ୍ୟରେ ଆରମ୍ଭ କରିଦେବ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ଯାହାକୁ ପର୍ଯ୍ୟବେକ୍ଷକମାନେ 'ମହାକାଶରେ ଶୀତଳଯୁଦ୍ଧ' ବୋଲି ନାମିତ କରୁଛନ୍ତି।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

ଭାତକୁ ନେଇ ଭ୍ରାନ୍ତ ଧାରଣା

ଆମର ପ୍ରମୁଖ ଖାଦ୍ୟ ଭିତରେ ଭାତ ଅନ୍ୟତମ। ତେବେ ଏହାକୁ ନେଇ ଅନେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ତେବେ ସେଗୁଡ଼ିକ ସତ କି ମିଛ ଜାଣନ୍ତୁ ସେ ସମ୍ପର୍କରେ...

- ଅନେକଙ୍କର ଧାରଣା ଅଛି ଯେ ଭାତ ଖାଇଲେ ମେଦ ବହୁଳତା ବଢ଼ିଥାଏ। କିନ୍ତୁ ବାସ୍ତବରେ ସେପରି କିଛି ଘଟି ନ ଥାଏ। ଭାତରେ ଫ୍ୟାଟ୍ ଅଂଶ କମ ଥାଏ। ଯେହେତୁ ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଡ ଏବଂ ଫାଇବର ରହିଛି ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଭାତ ମଧ୍ୟ କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖିଥାଏ।
- ଧାରଣା ଅଛି ଯେ, ଭାତରେ 'ଗ୍ଲୁଟୋନ୍' ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଆଲର୍ଜି ସୃଷ୍ଟି କରିଥାଏ। ହେଲେ ଏଭଳି ଭାବନା ଭୁଲ। ଏହି ତତ୍ତ୍ୱ ଭାତରେ ଆଦୌ ନାହିଁ। ଯେଉଁଥିପାଇଁ ଅବସ୍ଥା ଦେଖି ଡାଇବେଟିସ୍ ରୋଗୀଙ୍କୁ ଅଳ୍ପ ଭାତ ଖାଇବାକୁ ପରାମର୍ଶ ଦିଆଯାଇଥାଏ।
- କେତେକ ଭାବନ୍ତି ଯେ ଭାତରେ ଆଦୌ ପ୍ରୋଟିନ୍ ନାହିଁ। ହେଲେ ଏଭଳି ଧାରଣା ଅମୂଳକ। ଏକ କପ୍ ଭାତରେ ୧୬୫ କ୍ୟାଲୋରି ଏବଂ ୩-୪ ଗ୍ରାମ ପ୍ରୋଟିନ୍ ଅଛି।
- ଅନେକଙ୍କ ମନରେ ଧାରଣା ରହିଛି ଯେ, ରାତିରେ ଭାତ ଖାଇବା ଠିକ୍ ନୁହେଁ। ଭାତ ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ରାତିରେ ଯଦି ଅଳ୍ପ ଭାତ ଖାଆନ୍ତି ତେବେ ଭଲ ନିଦ ହୋଇଥାଏ। ଏହାର ପରିମାଣ ଅଳ୍ପ ରହିଲେ ତାହା ମଧ୍ୟ ସହଜରେ ହଜମ ହୋଇଥାଏ।
- ଭାତରେ ସୋଡିୟମ ପରିମାଣ ଅଧିକ ଅଛି, ତେଣୁ ଏହାକୁ ବ୍ଲଡ ପ୍ରେସର ରୋଗୀ ଖାଇବା ଠିକ୍ ନୁହେଁ। କିନ୍ତୁ ଏଭଳି ଧାରଣା ଠିକ୍ ନୁହେଁ। ଭାତରେ ଅଳ୍ପ ପରିମାଣରେ ସୋଡିୟମ ରହିଛି, ଯାହାର କୌଣସି କୁପ୍ରଭାବ ଶରୀର ଉପରେ ପଡି ନ ଥାଏ।

ଅତ୍ୟଧିକ ଝାଳ ବୋହିବା ହୋଇପାରେ ରୋଗର ଲକ୍ଷଣ

କେତେକଙ୍କ ଶରୀରରୁ ଅତ୍ୟଧିକ ଝାଳ ବାହାରିଥାଏ। ଏହା କିଛି ରୋଗର କାରଣ ବୋଲି ଜଣାପଡ଼ିଛି। ଶରୀର ଭିତରେ ଯଦି ଇନଫେକ୍ସନ ରହିଲା ତେବେ ଝାଳ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାହାରି ଥାଏ। ବିଶେଷ ଭାବରେ ବୋନ୍ (ଅସ୍ଥି) ଇନ୍‌ଫେକଶନ୍ କିମ୍ବା ଏଚ.ଆଇ.ଭି. ଇନଫେକଶନ ଯୋଗୁ ମଧ୍ୟ ଅଧିକ ଝାଳ ବାହାରିଥାଏ। ତେବେ ଏଭଳି ସମସ୍ୟା ଜଟିଳ ହେବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହୃଦଜନିତ ସମସ୍ୟାର ଅନ୍ୟତମ ଲକ୍ଷଣ ହେଉଛି ହଠାତ୍ ପ୍ରବଳ ଝାଳ ବୋହିବା। ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଦେଲେ ପ୍ରବଳ ଝାଳ ବାହାରି ଥାଏ। ସବୁବେଳେ ଟେନସନରେ ରହିଲେ, ମନରେ ଅଧିକାଂଶ ସମୟ ଭୟ ଜାତ ହେଲେ ଆବଶ୍ୟତାଠାରୁ ଅଧିକ ଝାଳ ବୋହି ଥାଏ। ବେଳେବେଳେ ଆମ ଶରୀରରେ ହରମୋନ ସ୍ତରରେ ଅସନ୍ତୁଳନ ଦେଖାଦେଇଥାଏ। ଏହାଦ୍ୱାରା ଝାଳ ଗ୍ରନ୍ଥୀଗୁଡ଼ିକ ପୂର୍ବାପେକ୍ଷା ସକ୍ରିୟ ହୋଇଉଠନ୍ତି, ଯାହାଫଳରେ ଅତ୍ୟଧିକ ଝାଳ ବାହାରିଥାଏ।

ମସ୍ତିଷ୍କକୁ ସକ୍ରିୟ କରେ ଭିଟାମିନ୍ 'ଡି'

ଭିଟାମିନ୍ 'ଡି'ର ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଶରୀରରେ ଯଦି ଏହାର ପରିମାଣ ସନ୍ତୁଳିତ ରହେ ତେବେ ମସ୍ତିଷ୍କ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଅପରପକ୍ଷରେ ଜଣେ ମାନସିକ ରୋଗୀ ପ୍ରଚୁର ପରିମାଣରେ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ମସ୍ତିଷ୍କରେ ଥିବା 'ସେରୋଟୋନିକ୍' ନାମକ ରାସାୟନିକ ସ୍ତର ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଫଳରେ ମସ୍ତିଷ୍କ ସୁସ୍ଥ ରହିଥାଏ। ଆମେରିକାସ୍ଥିତ ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ୱାସ୍ଥ୍ୟଶଳ୍ୟ ବିଶେଷଜ୍ଞମାନେ 'ସେରୋଟୋନିକ୍ ସ୍ତର ଏବଂ ଭିଟାମିନ୍ ଡି' ଶୀର୍ଷକ ବିଷୟକୁ ନେଇ କରିଥିବା ଗବେଷଣାରୁ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଭିଟାମିନ୍-ଡିଯୁକ୍ତ ଖାଦ୍ୟ ଖାଇବା ସହ ଜଣେ ନିୟମିତ ବ୍ୟାୟାମ କରିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଶରୀରରେ ଏହାର ପରିମାଣ କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ ଏବଂ ଶରୀରରେ କ୍ୟାଲସିୟମ ପରିମାଣ କମିଯାଏ। ଅପରପକ୍ଷରେ ହାର୍ଟ ଆଟାକ, କିଡ୍‌ନୀରେ ଷ୍ଟୋନ୍ ଆଶଙ୍କା ମଧ୍ୟ ରହିଛି। ତେଣୁ ଏହି ଭିଟାମିନ କିପରି ଆମ ଶରୀରରେ ସନ୍ତୁଳିତ ଅବସ୍ଥାରେ ରହିବ ସେ ନେଇ ଆମେ ସଚେତନ ରହିବା ଦରକାର। ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳ ସମୟରେ ଯଦି ଆମେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସୁ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ କଡ୍ ଲିଭର ଅଏଲ, ସୋୟାଜାତୀୟ ଖାଦ୍ୟ, ମାଛ, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ, ଛତୁରେ ଏହି ଭିଟାମିନ୍ ଭରି ରହିଛି।

ବଦହଜମୀ କିଛି କଥା

ଅନେକେ ଖାଦ୍ୟ ଲୋଭକୁ ସହଜରେ ସମ୍ବରଣ କରିପାରନ୍ତି ନାହିଁ। ଫଳରେ ଆବଶ୍ୟକତାଠାରୁ ଅଧିକ ଖାଇଥାଆନ୍ତି। ଏହାଦ୍ୱାରା ସେମାନଙ୍କର ପାଚନକ୍ରିୟା ପ୍ରଭାବିତ ହୋଇଥାଏ। ଫଳରେ ବଦହଜମୀ ଏବଂ ପେଟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି କେତେକଙ୍କର ଏହା ଜଟିଳ ହେବା ଦ୍ୱାରା ସେମାନଙ୍କୁ ହସ୍‌ପିଟାଲରେ ଆଡମିଶନ କରାଯାଇ ଚିକିତ୍ସା କରାଯାଏ। ତେଣୁ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେବା ନିହାତି ଦରକାର। କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଚାପ କିମ୍ବା ଚିନ୍ତାଗ୍ରସ୍ତ ସମୟରେ ନ ଖାଇବା ଭଲ। ଅତ୍ୟଧିକ ଫ୍ୟାଟ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ନିଶାଦ୍ରବ୍ୟ ସେବନ ଠାରୁ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ। ପ୍ରତିଦିନ କେତେବେଳେ ଖାଇବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଅତ୍ୟଧିକ ଖାଦ୍ୟ ଖାଇବା ଅପେକ୍ଷା ଅଧିକ ଥର ହେଉ ପଛେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ଚୋବାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ। କାରଣ ଏହି ସମୟରେ ପାଟି ଖୋଲା ରହିଲେ ବାୟୁ ପେଟଭିତରୁ ଯାଇ ପାଚନ କ୍ରିୟାକୁ ପ୍ରଭାବିତ କରେ। ଖାଇବା ସମୟରେ ପାଣି ପିଅନ୍ତୁ ନାହିଁ। ଖାଇବାର ଅତିକମ୍‌ରେ ଘଣ୍ଟାଏ ପରେ ପାଣି ପିଅନ୍ତୁ। ସବୁଠାରୁ ବଡ କଥା ହେଲା ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ, ଯାହା ଖାଦ୍ୟକୁ ହଜମ କରାଇବାରେ ସାହାଯ୍ୟ କରିଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରି ଭୋଜନ କରନ୍ତୁ।

ସୁଲଭ ବାସଗୃହ କ୍ଷେତ୍ରରେ ଜିଏସ୍‌ଟି ହ୍ରାସ ଭାରତୀୟ ରିୟଲ ଇଷ୍ଟେଟ ଲାଗି ଐତିହାସିକ ନିଷ୍ପତ୍ତି।

– ଜାକ୍ସେୟ ଶାହ, ସଭାପତି, କ୍ରେଡାଇ

ଆଗାମୀ ୧୦ ବର୍ଷରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ୫ଜି ବଜାର ହେବ।

– ଜେମ୍‌ସ ଉ, ସଭାପତି, ହୁଏୱି ଟେକ୍ନୋଲୋଜିଜ୍

ସଂକ୍ଷେପରେ

ବିତରକଙ୍କୁ ଟ୍ରାଇ ନିର୍ଦ୍ଦେଶ ଏକାପ୍ରକାର ଚ୍ୟାନେଲ ଏକାଠି ରଖ

ନୂଆଦିଲ୍ଲୀ,୨୪-୨: ଟିଭି ଚ୍ୟାନେଲ ବିତରକମାନେ ନିୟମ ଅନୁଯାୟୀ ଏକାପ୍ରକାର ଚ୍ୟାନେଲକୁ ଏକାଠି ରଖିବାକୁ ଟେଲିକମ୍ ନିୟାମକ ଟ୍ରାଇ ନିର୍ଦ୍ଦେଶ ଦେଇଛନ୍ତି। ଏହା ପାଳନ କରା ନ ଗଲେ ବିତରକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଗ୍ରାହକଙ୍କ ପକ୍ଷରୁ ଅଭିଯୋଗ କରାଯିବା ପରେ ଟ୍ରାଇ ପକ୍ଷରୁ ଉକ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିଯୋଗୁ ଉପଭୋକ୍ତାଙ୍କୁ ସୁବିଧା ହେବ। କାରଣ ଏକାପ୍ରକାର ଚ୍ୟାନେଲକୁ ବିତରକମାନେ ଭିନ୍ନ ଭିନ୍ନ ନମ୍ବରରେ ପ୍ରସାରଣ କରୁଥିବାରୁ ଏହାକୁ ଖୋଜିବା ଲାଗି ଅସୁବିଧା ହେଉଛି। ଏହାଛଡ଼ା ଗୋଟିଏ ଚ୍ୟାନେଲକୁ ଏକାଧିକ ସ୍ଥାନରେ ଦେଖିଲେ ଏଥିପ୍ରତି ଲୋକଙ୍କ ଆଗ୍ରହ ନଷ୍ଟ ହୁଏ ଏବଂ ରେଟିଂ ଉପରେ ପ୍ରତିକୂଳ ପ୍ରଭାବ ପଡେ। ଡିଟିଏସ୍ ପରିଚାଳକ ଏବଂ ମଲ୍ଟି ସିଷ୍ଟମ ପରିଚାଳକଙ୍କୁ ମଧ ସମାନ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଇ ପରାମର୍ଶଦାତା(ପ୍ରସାରଣ) ଅରବିନ୍ଦ କୁମାର କହିଛନ୍ତି ଯେ, ଏହି ନିର୍ଦ୍ଦେଶକୁ ତତ୍କାଳ କାର୍ଯ୍ୟକାରୀ କରାଯାଇଛି। ଗ୍ରାହକଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଟ୍ରାଇ ଏପରି ପଦକ୍ଷେପ ଗ୍ରହଣ କରିଛି।

ଏନ୍‌ପିଏସ୍ ଗ୍ରାହକଙ୍କୁ ମିଳିବ ସର୍ବନିମ୍ନ ପେନ୍‌ସନ

ନୂଆଦିଲ୍ଲୀ,୨୪-୨: କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ 'ଜାତୀୟ ପେନସନ ସିଷ୍ଟମ'(ଏନ୍‌ପିଏସ୍) ଅଧୀନରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସର୍ବନିମ୍ନ ସୁନିଶ୍ଚିତ ରିଟର୍ନ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଉଛି। ଏନେଇ ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ(ପିଏଫ୍‌ଆର୍‌ଡିଏ) ବିଚାର କରୁଛି। ଅବସର ଲାଗି ଯୋଗଦାନ ଭିତ୍ତିରେ ସଞ୍ଚୟ କରିବାର ଅଭ୍ୟାସ ସୃଷ୍ଟି ଲାଗି ସରକାରଙ୍କ ପକ୍ଷରୁ ଏହି ଏନ୍‌ପିଏସ୍ ଯୋଜନା ଲାଗୁ କରାଯାଇଛି। ଜାନୁୟାରୀ ଶେଷ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୨.୯୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ପରିଚାଳନା କରାଯାଉଛି ଏବଂ ଏଥିରେ ୧.୨୧ କୋଟି ଗ୍ରାହକ ନିଜକୁ ଯୋଡିଛନ୍ତି। ପିଏଫ୍‌ଆର୍‌ଡିଏ ସର୍ବନିମ୍ନ ରିଟର୍ନ ଗ୍ୟାରେଣ୍ଟି ଯୋଜନା ବିକଶିତ କରିବା ତଥା ଏହାର ଡିଜାଇନ ପ୍ରସ୍ତୁତ କରିବା ଉପରେ କାମ କରୁଛି। ଏନ୍‌ପିଏସ୍‌ରେ ରିଟର୍ନ ରାଶି କେତେ ହେବା ଆବଶ୍ୟକ ସେ ଦିଗରେ ପରାମର୍ଶ ଦେବାକୁ ନିୟାମକଙ୍କ ପକ୍ଷରୁ ସମସ୍ତ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ଏନ୍‌ପିଏସରେ ସାମିଲ ହେଉଥିବା କର୍ମଚାରୀଙ୍କୁ ଅବସର ଅଥବା ୬୦ ବର୍ଷ ପର୍ଯ୍ୟନ୍ତ ଏହି ସ୍କିମ୍‌ରେ ନିବେଶ କରିବାକୁ ପଡିଥାଏ। ସେହିଭଳି ଏହି ସ୍କିମ୍‌ରୁ ବାହାରିବାକୁ ଚାହିଁଲେ ତାଙ୍କୁ ଜମା ଅର୍ଥର ୬୦% କାଢ଼ିବାକୁ ସୁଯୋଗ ଦିଆଯାଇଥାଏ।

ବୀମା କମ୍ପାନୀ ମିଶ୍ରଣରେ ବାଧା

ନୂଆଦିଲ୍ଲୀ,୨୪-୨

କେନ୍ଦ୍ର ସରକାର ୩ଟି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀକୁ ମିଶାଇ ଦେବା ଲାଗି ଉଦ୍ୟମ କରୁଥିବା ବେଳେ ଏଥିରେ ଏବେ ବାଧା ସୃଷ୍ଟି ହୋଇଛି। ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ବେଳେ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବା ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍(ଡିଏଫ୍‌ଏସ୍) ତରବରିଆ ମିଶ୍ରଣ ସପକ୍ଷରେ ନ ଥିବା ଦର୍ଶାଇଛି। ବୀମା ପରିଚାଳନା ସଂକ୍ରାନ୍ତ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଥମେ ନିର୍ଦ୍ଧାରଣ କରାଯିବା ଏବଂ ଏହାର ବ୍ୟାପକ ତର୍ଜମା କରିବା ଲାଗି ସୁଯୋଗ ମିଳିବା ଆବଶ୍ୟକ ଦର୍ଶାଇ ଏହା ଡିଆଇପିଏଏମ୍‌କୁ ପତ୍ର ଲେଖିଛି। ତରବରିଆ ପଦକ୍ଷେପ ନ ନେବାକୁ ଏହା ପରାମର୍ଶ ଦେଇଛି।

ଡିଏଫ୍‌ଏସ୍‌ର ପଛଘୁଞ୍ଚା ଯୋଗୁ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଡିଆଇପିଏଏମ୍) ପକ୍ଷରୁ ପ୍ରସ୍ତୁତ ଚଳିତ ବର୍ଷର ପୁଞ୍ଜି ପ୍ରତ୍ୟାହାର କ୍ୟାଲେଣ୍ଡରରୁ ୩ ବୀମା କମ୍ପାନୀଙ୍କ ମିଶ୍ରଣକୁ ବାଦ୍ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଶ୍ରଣ ନେଇ ଆଶଙ୍କା ବ୍ୟକ୍ତ କରାଯାଇଥିବାରୁ ଏବେ ଏହା ସମ୍ଭବ ହେବ ନାହିଁ ବୋଲି ମନେ କରାଯାଉଛି। ଏପରି କି କେନ୍ଦ୍ରରେ ନୂଆ ସରକାର ଆସିବା ପରେ ମଧ ଏହା ଆସନ୍ତାବର୍ଷ ହେବା ନେଇ ଏବେ ସନ୍ଦେହ ସୃଷ୍ଟି ହେଲାଣି।

ସୂଚନାଥାଉ କି, ଏନ୍‌ଡିଏ ସରକାର ୨୦୧୮ ବଜେଟ ଉପସ୍ଥାପନ କରି ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ, ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ଓରିଏଣ୍ଟାଲ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀକୁ ମିଶାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ବୀମା ଉଦ୍ୟୋଗରେ ଏହା ସର୍ବବୃହତ୍ ମିଶ୍ରଣ ହେବ ବୋଲି ସେତେବେଳେ କୁହାଯାଇଥିଲା। କାରଣ ଏହାଦ୍ୱାରା ପ୍ରାୟ ନୂଆ କମ୍ପାନୀର ପୁଞ୍ଜି ୧ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଆଶାକରାଯାଉଥିଲା। ଆର୍ଥିକ ବର୍ଷ ୨୦୧୯ରେ ଏହି ମିଶ୍ରଣ ପ୍ରକ୍ରିୟା ସାରିବାକୁ ଯୋଜନା ହୋଇଥିଲା।

ଅନ୍ୟପକ୍ଷରେ ଡିଏଫ୍‌ଏସ୍ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ବିଭିନ୍ନ ଦୃଷ୍ଟିରୁ ବିଚାର ନ କରି ତରବରିଆ ଭାବେ ନୂଆ ବୀମା କମ୍ପାନୀ ଗଠନ କରିବା ଦ୍ୱାରା ଯେଉଁ ଅସୁବିଧା ସୃଷ୍ଟି ହେବ ତାହାର ସମାଧାନ କରିହେବ ନାହିଁ। ଏହାବାଦ୍ ମିଶ୍ରଣ ପରେ ଉକ୍ତ ୩ଟି କମ୍ପାନୀର କ୍ଷତି ହ୍ରାସ ସହ କମ୍ ଖର୍ଚ୍ଚରେ ଉଚ୍ଚ କାର୍ଯ୍ୟକ୍ଷମ ପ୍ରଦାନ ସମ୍ଭବ ହେବ ବୋଲି ଗ୍ୟାରେଣ୍ଟି ଦେଇ ହେବନାହିଁ। ଏଣୁ ସବୁ ଦୃଷ୍ଟିକୁ ବିଚାରକୁ ନେଇ ମିଶ୍ରଣ କରାଯିବାର ଆବଶ୍ୟକତା ରହିଛି ବୋଲି ଡିଏଫ୍‌ଏସ୍ ନିଜର ପତ୍ରରେ ଦର୍ଶାଇଛି। ଅନ୍ୟପକ୍ଷରେ ବୀମା ନିୟାମକ ଆଇଆରଡିଏଆଇରୁ ପ୍ରାପ୍ତ ସୂଚନାନୁଯାୟୀ, ୨୦୧୭-୧୮ ସୁଦ୍ଧା ଉକ୍ତ ୩ ବୀମା କମ୍ପାନୀଙ୍କ ପ୍ରିମିୟମ ପ୍ରଥମ ୯ ମାସରେ ୩୨,୧୧୫ କୋଟି ଟଙ୍କା ଥିଲା। ଏହି ୩ କମ୍ପାନୀର ମୋଟ୍ ବଜାର ଅଂଶ ୨୯.୫୨% ରହିଛି।

ଭିଗାର୍ଡ ଆଣିଲା ନୂଆ ମଡ୍ୟୁଲାର ସୁଇଚ୍

ଭୁବନେଶ୍ୱର,୨୪-୨

ଭିଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ନୂଆ ରେଞ୍ଜର ମଡ୍ୟୁଲାର ସୁଇଚ ବଜାରକୁ ଆସିଛି। ମାଟେଓ ବ୍ରାଣ୍ଡରେ କମ୍ପାନୀ ନୂଆ ପ୍ରଡକ୍ଟ ଆଣିଛି। କମ୍ପାନୀର ଜାତୀୟ ପ୍ରଡକ୍ଟ ମୁଖ୍ୟ ବିମଳ ଦୀକ୍ଷିତ, ବ୍ରାଞ୍ଚ ମ୍ୟାନେଜର ସୁମନ୍ତ କୁମାର ପ୍ରଧାନ, ରାଜ୍ୟ ପ୍ରଡକ୍ଟ ଇନଚାର୍ଜ ସମରେନ୍ଦ୍ର ରାଉତ ଏହାର ବଜାର ପ୍ରବେଶ କରାଇଥିଲେ। ନୂଆ ପ୍ରଡକ୍ଟରେ ଗୁଣବତ୍ତାକୁ ପ୍ରାଥମିକତା ଦିଆଯାଇଥିବା ଦୀକ୍ଷିତ କହିଛନ୍ତି। ଏହା ଓଡ଼ିଶା ବଜାରରେ ନିଜର ଏକ ସ୍ଥାନ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ରାଜ୍ୟରେ ଭିଗାର୍ଡର ଅଭିବୃଦ୍ଧିକୁ ନେଇ ସୁମନ୍ତ କୁମାର ପ୍ରଧାନ ସୂଚନା ଦେଇଥିଲେ।

ଓଏଚ୍‌ପିସି ପକ୍ଷରୁ ସରକାରଙ୍କୁ ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୨୪-୨

ଓଡ଼ିଶା ଜଳ ବିଦ୍ୟୁତ ନିଗମ(ଓଏଚ୍‌ପିସି) ପକ୍ଷରୁ ସରକାରଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଲାଭାଂଶ ପ୍ରଦାନ କରାଯାଇଛି। ଏହି ସମୟରେ ନିଗମ ୧୮.୬୫ କୋଟି ଟଙ୍କା ପ୍ରଦାନ କରିଥିବା ସୂଚନା ଦେଇଛି। ନିଗମର ଟିକସ ପରବର୍ତ୍ତୀ ଲାଭ ୬୨.୧୭ କୋଟି ଟଙ୍କା ରହିଛି। ନିକଟରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଲାଭାଂଶ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ଶକ୍ତି ସଚିବ ହେମନ୍ତ ଶର୍ମା, ଓଏଚ୍‌ପିସି ସିଏମ୍‌ଡି ବିଶାଳ ଦେବ, ଅର୍ଥ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୪-୨: ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୭୭ତମ ପ୍ରତିଷ୍ଠା ଦିବସ ଜାଗମରାସ୍ଥିତ ମଣ୍ଡଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ପି.କେ ପଣ୍ଡା, ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ପି.କେ.ଷଡଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ରକ୍ତଦାନ ଶିବିର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କିଟ୍‌ର ଏଫ୍‌ଓ ଏଚ୍.କେ. ନାୟକ, ମୁଖ୍ୟ ପ୍ରବନ୍ଧକ ସୁବାସ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ନିର୍ମାଣ କ୍ଷେତ୍ର ମେଗା ରୋଜଗାର ମେଳା ୨୭ରୁ

ଭୁବନେଶ୍ୱର,୨୪-୨

କନଷ୍ଟ୍ରକସନ ସ୍କିଲ ଡେଭଲପମେଣ୍ଟ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତ ମାସ ୨୭ ଏବଂ ୨୮ରେ କଟକଠାରେ ଦୁଇ ଦିନିଆ ନିର୍ମାଣ କ୍ଷେତ୍ର ମେଗା ରୋଜଗାର ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହା ଏଲ୍ ଆଣ୍ଡ ଟି ସ୍କିଲ ଟ୍ରେନିଂ ପ୍ରତିଷ୍ଠାନଠାରେ ଆୟୋଜନ କରାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରମୁଖ ରିୟଲ ଇଷ୍ଟେଟ ସଂସ୍ଥା ବାସ୍ତୁ ବିହାର ଏବଂ ୩୫ ଅନ୍ୟ କମ୍ପାନୀ ଯୋଗଦେବା ସହ ୨୫୦୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରିବେ। ବେରୋଜଗାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ମେଳା ଆୟୋଜନ କରାଯାଉଥିବା ବାସ୍ତୁ ବିହାରର ଅଧ୍ୟକ୍ଷ ବିନୟ କୁମାର ତିୱାରୀ ସୂଚନା ଦେଇଛନ୍ତି। ପଞ୍ଚମ, ସପ୍ତମ, ମାଟ୍ରିକ୍,ଯୁକ୍ତ ଦୁଇ, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ବିଟେକ, ଏମ୍‌ବିଏ ମାର୍କେଟିଂ ଭଳି ଯୋଗ୍ୟତା ଥିବା ପ୍ରାର୍ଥୀ ଏହି ନିଯୁକ୍ତି ମେଳାରେ ଭାଗ ନେଇ ପାରିବେ। ଆଶାୟୀ ପ୍ରାର୍ଥୀ ସିଧାସଳଖ ନିୟୋଜକ ଷ୍ଟଲକୁ ଯାଇ ସାକ୍ଷାତ୍‌କାର ଦେଇପାରିବେ। ପ୍ରାର୍ଥୀଙ୍କୁ ଯୋଗ୍ୟତା ମୁତାବକ ନିଯୁକ୍ତି ମିଳିବ।

ପିସିଏରୁ ବାହାରିବେ ଆହୁରି ୩-୪ ବ୍ୟାଙ୍କ

ନୂଆଦିଲ୍ଲୀ,୨୪-୨

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ପ୍ରଣୀତ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)ରୁ ଆହୁରି ୩ରୁ ୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରି ଆସିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ଆସନ୍ତା ୬ରୁ ୮ମାସ ମଧ୍ୟରେ ଏହା ସମ୍ଭବ ହେବ ବୋଲି କୁହାଯାଇଛି। ଫଶି ଯାଇଥିବା ଋଣ ହ୍ରାସ ପାଇବା ଏବଂ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକରେ ପୁଞ୍ଜି ନିବେଶ କରିବାରୁ ଏହା ସମ୍ଭବ ହେବାକୁ ଯାଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ୧୨ ରାଷ୍ଟ୍ରାୟ ବ୍ୟାଙ୍କକୁ ସରକାର ୪୮,୨୩୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି କାରଣରୁ ଆସନ୍ତା କିଛି ସପ୍ତାହ ମଧ୍ୟରେ କର୍ପୋରେଶନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ପିସିଏରୁ ବାହାରି ଆସିବେ। ସରକାରଙ୍କ ପୁଞ୍ଜି ନିବେଶରୁ କର୍ପୋରେଶନ ବ୍ୟାଙ୍କ ସର୍ବାଧିକ ଲାଭାନ୍ୱିତ ହୋଇଥିଲା ଏବଂ ୯୦୮୬ କୋଟି ଟଙ୍କା ପାଇଥିଲା। ଏହାପରେ ଆଲ୍ଲାହାବାଦ ବ୍ୟାଙ୍କକୁ ୬୮୯୬ କୋଟି ଟଙ୍କା ମିଳିଥିଲା। ପୂର୍ବରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଗତ ମାସରେ ପିସିଏରୁ ବାହାରି ଆସିଥିଲେ। ଫଳରେ ପିସିଏରେ ଥିବା ବ୍ୟାଙ୍କ ସଂଖ୍ୟା ୮କୁ ଖସିଆସିଛି। ଅନ୍ୟପକ୍ଷରେ ଏପ୍ରିଲ ପହିଲାରୁ ଦେନା ବ୍ୟାଙ୍କର ବିଲୟ ପରେ ଏହା ମଧ ପିସିଏରୁ ବାଦ୍ ପଡିବ। ଅପରପକ୍ଷରେ ଏଲ୍‌ଆଇସିର ଅଧିଗ୍ରହଣ ପରେ ଆଇଡିବିଆଇର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେପ୍ଟେମ୍ବର ତ୍ରୈମାସ ଫଳାଫଳ ଘୋଷଣା ପରେ ଏହାକୁ ପିସିଏରୁ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ନାଲ୍‌କୋର ଦୀର୍ଘ ମିଆଦୀ ବେତନ ସମାଧାନ

ଭୁବନେଶ୍ୱର,୨୪-୨

ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ୬ଷ୍ଠ ଦୀର୍ଘ ମିଆଦୀ ବେତନ ସମାଧାନ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କମ୍ପାନୀର ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ୫ ଟ୍ରେଡ ୟୁନିୟନ ଉପସ୍ଥିତ ରହି ଚୁକ୍ତିରେ ସାମିଲ ହୋଇଛନ୍ତି। କାର୍ଯ୍ୟଧାରାକୁ ୧୦୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଥିବାରୁ ଏହାକୁ ୟୁନିୟନଗୁଡ଼ିକ ଐତିହାସିକ କହିବା ସହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଚୁକ୍ତି ସମ୍ପାଦିତ ହୋଇଛି। ଏଭଳି ପଦକ୍ଷେପ କର୍ମଚାରୀଙ୍କ ନୈତିକ ମନୋବଳକୁ ବୃଦ୍ଧି କରିବା ସହ କମ୍ପାନୀର ବାଣିଜ୍ୟ ସଂସ୍କୃତିକୁ ବଢାଇବା ଦିଗରେ ସହାୟକ ହେବ ବୋଲି ସିଏମ୍‌ଡି ଚାନ୍ଦ କହିଛନ୍ତି। ସେହିଭଳି ଲକ୍ଷ୍ୟ ପୂରଣ, କମ୍ପାନୀର ରାଜସ୍ୱ ଏବଂ ଲାଭ ଦିଗରେ ଏହା ସହାୟକ ହେବା ନେଇ ସେ ମତ ରଖିଛନ୍ତି। ଦୀର୍ଘ ମିଆଦୀ ବେତନ ସମାଧାନ ଦ୍ୱାରା ୫୦୦୦ କର୍ମଚାରୀ ଲାଭବାନ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଫେବୃୟାରୀ, ୨୦୧୯

ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମ୍ୟବାଦ ବେଳେ ଏହି ଦେଶକୁ ଯେପରି ଏକଘରିଆ କରାଯାଇଥିଲା, ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ସେପରି କରାଯିବା ଉଚିତ। –ବିନୋଦ ରୟ, ବିସିସିଆଇ ପ୍ରଶାସକ କମିଟି ମୁଖ୍ୟ

ଫେଡ୍ କପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଭାରତୀୟ ମହିଳା ଟେନିସ୍ କ୍ରମେ ଉନ୍ନତି ହେଉଥିବା ପ୍ରତୀୟମାନ ହେଉଛି। –ବିଶାଲ ଉପାଲ୍, ଭାରତୀୟ ଫେଡ୍‌କପ୍ ଟିମ୍ ଅଧିନାୟକ

■ ବାରବାଟୀରେ ବିସିସିଆଇ ସଭାପତି

ସରକାରଙ୍କ ନିଷ୍ପତ୍ତିରେ ଝୁଲୁଛି ଭାରତ-ପାକ୍ ମ୍ୟାଚ୍

କଟକ ଅଫିସ,୨୪।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଓଡ଼ିଶା ଗସ୍ତରେ ଆସିଛନ୍ତି। ରବିବାର ସେ ବାରବାଟୀ ଷ୍ଟାଡିୟମରେ ପହଞ୍ଚିବା ସହ ଏଠାରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟ ମ୍ୟାଚ୍ ଦେଖିଥିଲେ। ଏହି ଅବସରରେ ଖାନ୍ନା ଭାରତୀୟ କ୍ରିକେଟର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମତ ମଧ୍ୟ ଦେଇଥିଲେ।

ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା

ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ହେବା ନେଇ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଖାନ୍ନା କହିଥିଲେ, ଗତ କିଛି ଦିନ ତଳେ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ବୈଠକ ବସିଥିଲା। ସରକାରଙ୍କ ନିଷ୍ପତ୍ତି ଉପରେ ଏହି ମ୍ୟାଚ୍‌ର ଭାଗ୍ୟ ଛଡ଼ାଯାଇଛି। ସରକାରଙ୍କ ନିଷ୍ପତ୍ତି ଯାହା ହେବ ତାହାକୁ ଗ୍ରହଣ କରାଯିବ। ଏହାଛଡ଼ା ଭାରତ ବିଶ୍ୱ କ୍ରିକେଟ ପ୍ରତିଯୋଗିତା ଗୁଡ଼ିକରେ ଟପ୍ ଗିଅରରେ ଅଛି। ବିଶ୍ୱକପରେ ଚାମ୍ପିୟନ ହେବାର ପ୍ରମୁଖ ଦାବିଦାର ଦୌଡ଼ରେ ମଧ୍ୟ ଭାରତ ରହିଛି। ଏହା ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି।

ହେବନି ଆଇପିଏଲ ଉଦ୍‌ଘାଟନୀ ଉତ୍ସବ

ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ଆଗାମୀ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ଖାନ୍ନା। ପୂର୍ବରୁ ପୁଲୱାମାରେ ଶହୀଦ ଯବାନମାନଙ୍କ ନିମନ୍ତେ ୫ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ବିସିସିଆଇ ପକ୍ଷରୁ ଯୋଜନା ହେଉଥିଲା। ମାତ୍ର ଗତ ସିଓଏ ବୈଠକରେ ଆଇପିଏଲ ଉଦ୍‌ଘାଟନୀ ଉତ୍ସବ ନ କରାଯାଇ ବଜେଟ ହୋଇଥିବା ସମସ୍ତ ଅର୍ଥ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଷ୍ଟାଡ଼ିୟମ ପରିଦର୍ଶନ ଅବସରରେ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ.ଖାନ୍ନା (ଡାହାଣ)।

ରାଜ୍ୟ ସଂଘକୁ ମିଳିବ ପାଣ୍ଠି

ସମସ୍ତ ରାଜ୍ୟ କ୍ରିକେଟ ସଂଘ ଗୁଡ଼ିକର ଆର୍ଥିକ ଦୁରବସ୍ଥା କେବେ ଦୂର ହେବ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଖୁବଶୀଘ୍ର ରାଜ୍ୟ ସଂଘମାନଙ୍କୁ ପାଣ୍ଠି ମିଳିବ। ରାଜ୍ୟ ସଂଘଗୁଡ଼ିକ ଏ ବାବଦରେ ସିଓଏ ସହ ଆଲୋଚନା ମଧ୍ୟ କରିପାରିବେ ବୋଲି ଖାନ୍ନା କହିଛନ୍ତି।

ବାରବାଟୀକୁ ପ୍ରଥମ ଗସ୍ତ

ବାରବାଟୀ ଷ୍ଟାଡିୟମକୁ ପ୍ରଥମଥର ଆସିଛି ବୋଲି ଖାନ୍ନା କହିଛନ୍ତି। ଏହି ଅନ୍ତର୍ଜାତୀୟ ଷ୍ଟାଡିୟମର ପରିବେଶ ବହୁତ ଭଲ ବୋଲି ମଧ୍ୟ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଆଗାମୀ ଦିନରେ ଅନ୍ତର୍ଜାତୀୟ ମ୍ୟାଚ୍ ହେବାର ପ୍ରଶ୍ନକୁ ନେଇ ସେ ସକାରାତ୍ମକ ଭାବନା ରଖିବାକୁ କହିଥିଲେ।

■ ସୟଦ ମୁସ୍ତାକ ଅଲି ଟି୨୦

ଓଡ଼ିଶାର ପ୍ରଥମ ବିଜୟ

କଟକ ଅଫିସ,୨୪।୨

ଓଡ଼ିଶା ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ଣ୍ଣାମେଣ୍ଟର ପ୍ରଥମ ବିଜୟ ପଏଣ୍ଟ ହାସଲ କରିଛି। ସ୍ଥାନୀୟ ଡ୍ରିମସ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ୯ ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଆ ସ୍ପିନର ପପୁ ରାୟ ଟି୨୦ ଫର୍ମାଟରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ୮ ରନ ଦେଇ ପପୁ ୩ଟି ଉଇକେଟ ଅକ୍ତିଆର କରିବା ସହ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାଛଡ଼ା ୩ଟି ମ୍ୟାଚ୍ ଶେଷ ସୁଦ୍ଧା ଏହି ଟୁର୍ଣ୍ଣାମେଣ୍ଟରେ ପପୁ ୬ ଉଇକେଟ ଅକ୍ତିଆର କରିବା ସହ ସର୍ବାଧିକ ଉଇକେଟ ଦଖଲକାରୀ ତାଲିକାର ଶ୍ରେଷ୍ଠ ୧୦ଜଣ ଭିତରେ ସ୍ଥାନ ପାଇଛନ୍ତି। ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ମିଜୋରାମ ୧ ରନରେ ପ୍ରଥମ ଉଇକେଟ ପତନ ଘଟାଇବା ସହ ୩୦ରନରେ ଓଡ଼ିଶା ବୋଲରମାନେ ମିଜୋରାମର ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ସାରିଥିଲେ। ବ୍ୟାଟ୍ସମ୍ୟାନଙ୍କ ବିଫଳତା ଫଳରେ ମିଜୋରାମର ଇନିଂସ ୯୧ ରନରେ ସୀମିତ ରହିଥିଲା। ଅଧିନାୟକ ତରୁୱାର କୋହଲି ସର୍ବାଧିକ ୩୭ ରନ କରିଥିଲେ। ପପୁଙ୍କ ବ୍ୟତୀତ ରାଜେଶ ମହାନ୍ତି ୨, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଜବାବରେ ୧୨.୫ ଓଭରରେ ଗୋଟିଏ ଉଇକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ପଦାର୍ପଣ କରିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ କ୍ଲିନ ବୋଲ୍ଡ ହୋଇଥିଲେ। ଉଇକେଟ କିପର ରାଜେଶ ଧୂପର(୩୮ରନ) ଓ ସନ୍ଦୀପ ପଟ୍ଟନାୟକ(୫୪ ରନ) ଅପରାଜିତ ରହି ଓଡ଼ିଶାକୁ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବିଜୟ ପ୍ରଦାନ କରିଛନ୍ତି।

ମନୀଷ ପାଣ୍ଡେ

ମନୀଷଙ୍କ ଧୂଆଁଧାର ଶତକ

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ରେ କର୍ଣ୍ଣାଟକ ୧୪୬ ରନରେ ଅରୁଣାଚଳ ପ୍ରଦେଶକୁ ହରାଇଥିଲା। କର୍ଣ୍ଣାଟକ ଅଧିନାୟକ ତଥା ଅନ୍ତର୍ଜାତୀୟ ଖେଳାଳି ମନୀଷ ପାଣ୍ଡେଙ୍କ ଧୂଆଁଧାର ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ୪ ଉଇକେଟ ହରାଇ ୨୨୬ ରନ କରିଥିଲା। ମନୀଷ ୪୩ ବଲରୁ ଶତକ ହାସଲ କରିବା ସହ ୧୧୧ରନରେ ଅପରାଜିତ ଥିଲେ। ଏହା ମଧ୍ୟରେ ୯ଟି ଚୌକା ଓ ୭ଟି ଛକା ସାମିଲ ଥିଲା। ଶ୍ରେୟାଶ ଗୋପାଳଙ୍କ ୫ ଉଇକେଟ ବଳରେ ଅରୁଣାଚଳ ପ୍ରଦେଶ ୮୦ରନରେ ଅଲଆଉଟ ହୋଇଥିଲା।

୩ ଉଇକେଟରେ ଜିତିଲା ବେଙ୍ଗଲ

ସେହିପରି ବାରବାଟୀରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବେଙ୍ଗଲ ୩ ଉଇକେଟରେ ହରିୟାଣାକୁ ପରାସ୍ତ କରିଛି। ହରିୟାଣା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟରେ ୧୪୧ ରନ ସଂଗ୍ରହ କରିଥିଲା। ଅନ୍ୟ ଏକ ମ୍ୟାଚରେ ଆସାମ ୫ ଉଇକେଟରେ ଛତିଶଗଡ଼କୁ ପରାସ୍ତ କରିଥିଲା।

ଅରବିନ୍ଦ ମେମୋରିଆଲ କ୍ରିକେଟ୍ ୩ରୁ

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ମାର୍ଚ୍ଚ ୩ରୁ ରାଜ୍ୟସ୍ତରୀୟ ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ (୧୫ ବର୍ଷରୁ କମ୍) ଆରମ୍ଭ ହେବ। ବିଜେବି ନଗରସ୍ଥିତ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୨ଟି ଅଗ୍ରଣୀ କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରୁ ସହିଦ୍ ସ୍ପୋର୍ଟିଂ, ପାରାମାଉଣ୍ଟ (ଏ), ପାରାମାଉଣ୍ଟ (ବି), ମୁକ୍ତେଶ୍ୱର କ୍ରିକେଟ କ୍ଲବ, ପ୍ରଗତୀ ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ, ଓସ୍କାର ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ଲବ ଭାଗନେବାକୁ ଥିବାବେଳେ କଟକରୁ ଜୁଭେନାଇଲ କ୍ରିକେଟ ଏକାଡେମୀ, ୟୁନିୟନ ସ୍ପୋର୍ଟିଂ, ବିଶ୍ୱଭାରତୀ ଓ ନିମପୁର କ୍ରିକେଟ ଏକାଡେମୀ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛନ୍ତି। ପାରାମାଉଣ୍ଟ (ବି) ଓ ଓସ୍କାର ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ।

ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ପ୍ରତ୍ୟେକ ଦିନ ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର, ବେଷ୍ଟ ଉଇକେଟ୍‌କିପର, ବେଷ୍ଟ ଫିଲ୍ଡର, ଶୃଙ୍ଖଳିତ ଦଳ ଆଦିକୁ ପୁରସ୍କୃତ କରାଯିବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ କ୍ଲବର ସଭାପତି ପ୍ରତାପ ଜେନା, ଉପସଭାପତି ଅମର ମହାପାତ୍ର, ସମ୍ପାଦକ ଅଶୋକ ପାତ୍ର, କୋଷାଧ୍ୟକ୍ଷ ସଞ୍ଜୀବ ରଥ ଓ କୋଚ୍ ମହମ୍ମଦ ଆଜାଦ ପ୍ରମୁଖ ଉପସ୍ଥିତ ରହିଥିଲେ।

ଟ୍ରଫି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ବାରବାଟୀରେ ଆଇପିଏଲ୍ ଚର୍ଚ୍ଚା

କଟକ ଅଫିସ,୨୪।୨

ଆଇପିଏଲ ୨୦୧୯ ସଂସ୍କରଣର କିଛି ମ୍ୟାଚ୍ ବାରବାଟୀରେ ହୋଇପାରେ ବୋଲି ଏବେ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆଇପିଏଲ ମ୍ୟାଚ୍ ହେବା ନେଇ ସ୍ପଷ୍ଟ ସୂଚନା ନ ଥିଲେ ମଧ୍ୟ ଆଶା ରହିଛି ବୋଲି କୁହାଯାଇଥିଲା। ତେଣୁ ରବିବାର ବିସିସିଆଇର କାର୍ଯ୍ୟକାରୀ ସଭାପତି ସି.କେ ଖାନ୍ନା ବାରବାଟୀରେ ପହଞ୍ଚିବା ପରେ ଏହି ଆଶା ଏବେ ଦୃଢ଼ୀଭୂତ ହୋଇଥିବା କ୍ରିକେଟ ପ୍ରେମୀ ତଥା ସଙ୍ଗଠକ କହିଛନ୍ତି। ଆଗକୁ ଦେଶରେ ସାଧାରଣ ନିର୍ବାଚନ ଦୃଷ୍ଟିରୁ ମ୍ୟାଚ ପାଇଁ ସୁରକ୍ଷା ବଡ଼ ସମସ୍ୟା। ଆଗାମୀ ଆଇପିଏଲ ସଂସ୍କରଣର ୧୭ଟି ମ୍ୟାଚ୍‌ର ଭେନ୍ୟୁ ଘୋଷଣା ହୋଇଛି। ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକର ଭେନ୍ୟୁ ସ୍ଥିର ହୋଇପାରିନାହିଁ। ଏହି ପରିସ୍ଥିତିରେ ହୁଏତ ବାରବାଟୀକୁ ଅନ୍ୟତମ ଭେନ୍ୟୁ ଭାବେ ଗ୍ରହଣ କରାଯାଇପାରେ। ସମ୍ପ୍ରତି ଏଠାରେ ବିସିସିଆଇ ଆନୁକୂଲ୍ୟରେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ଣ୍ଣାମେଣ୍ଟ ଗ୍ରୁପ ଡି'ର ମ୍ୟାଚ୍‌ଗୁଡ଼ିକ ଖେଳାଯାଉଛି। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, କାର୍ଯ୍ୟକାରୀ ସଭାପତି ଖାନ୍ନା ଓଡ଼ିଶା ବୁଲିବାକୁ ଆସିଥିଲେ। ଓଡ଼ିଶା ହାଇକୋର୍ଟର ଜଣେ ବିଚାରପତି ତାଙ୍କ ବନ୍ଧୁ ଅଟନ୍ତି। ଏଣୁ ସେ ସପରିବାର କଟକ ଆସିଥିଲେ। ବାରବାଟୀ ବୁଲିବା ଏକ ସୌଜନ୍ୟମୂଳକ କାର୍ଯ୍ୟକ୍ରମ ଥିଲା ବୋଲି ସଫେଇ ଦେଇଛନ୍ତି।

ପଶ୍ଚିମବଙ୍ଗକୁ ହରାଇ ଓଡ଼ିଶା ଚାମ୍ପିୟନ

ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ପୂର୍ବାଞ୍ଚଳ ବଧିର ଟି୨୦

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମ୍ଏମ୍‌ଟି) ଖେଳ ପଡ଼ିଆରେ ଅନୁଷ୍ଠିତ ୩ୟ ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆୟୋଜକ ଓଡ଼ିଶା ୭୦ ରନରରେ ପଶ୍ଚିମବଙ୍ଗକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିସହ ଓଡ଼ିଶା ସର୍ବଭାରତୀୟ ବଧିର ଟି୨୦ ଟୁର୍ଣ୍ଣାମେଣ୍ଟକୁ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲରେ ପଥରେ ଓଡ଼ିଶା ବିହାରକୁ ୭ ଉଇକେଟ୍‌ରେ ଓ ଝାଡ଼ଖଣ୍ଡକୁ ୧୦ ଉଇକେଟ୍‌ରେ ପରାସ୍ତ କରିଥିଲା। ଚାମ୍ପିୟନ ଦଳର ଆର୍.ଆର୍. ସାହାନି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସୁଶାନ୍ତ କୁମାର ଦାଶ ଶ୍ରେଷ୍ଠ ବୋଲର, ଶ୍ୟାମକିଶୋର ହରିଚନ୍ଦନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ନିତିଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଡ. ବି.ସି. ତ୍ରିପାଠୀ, ବି.ସି. ସାହୁ, ପ୍ରଫେସର କବୀର ମୋହନ ସେଠୀ, ରୋଟାରିଆନ ୱାଇ. ମହାପାତ୍ର, ବଧିର ମହିଳା ସଂଘର ସଭାନେତ୍ରୀ ଗୌରୀ ମିଶ୍ର, ସମରେନ ଲାଲ, ଆୟୋଜକ ସଭାପତି ସ୍ନେହାଶିଷ ପଟ୍ଟନାୟକ, ସମ୍ପାଦକ ନିରଞ୍ଜନ ଯୋଶୀ, ଅବଦୁଲ ରହିମ ଖାଁ, ଦୁର୍ଯ୍ୟୋଧନ ସେଠୀ, ସତ୍ୟରଞ୍ଜନ ପଟ୍ଟନାୟକ, ବିଜୟ କୁମାର ପରିଡ଼ା, ସଞ୍ଜୟ ପଣ୍ଡା, ଜେ.ଏନ୍. ମହିଦାର ଓ ରାଜେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

ସଂକ୍ଷେପରେ

ସୌଭାଗ୍ୟଙ୍କ ଶତକ ବୃଥା: ହାରିଲା ଓଡ଼ିଶା

କଟକ ଅଫିସ,୨୪।୨:ଗୁଜରାଟର ଶାସ୍ତ୍ରୀ ମୈଦାନଠାରେ ରବିବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୧୧୨ରନରେ ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୮ଉଇକେଟରେ ୩୦୫ରନ କରିଥିଲା। କରଣ ସିନ୍ଧେ ୧୧୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରୀତ କନୱର ସିଂ ଚୌହାନ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୯ ଉଇକେଟ ହରାଇ ୧୯୩ରନ କରିଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ୧୦୦ରନ କରି ଅପରାଜିତ ରହିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଓଡ଼ିଶା ପରାଜିତ ହୋଇଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ସି.କୌଶିକ ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ।

ମାଧୁରୀ-ସୁଶ୍ରୀଙ୍କ ଚମତ୍କାର ବ୍ୟାଟିଂ: ଓଡ଼ିଶା ବିଜୟୀ

କଟକ ଅଫିସ,୨୪।୨: ପୁଡୁଚେରୀର ପାଲମିରା କ୍ରିକେଟ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୨୦ରନରେ ବେଙ୍ଗଲକୁ ପରାସ୍ତ କରିଛି। ଟୁର୍ଣ୍ଣାମେଣ୍ଟର ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ବିଜୟ ସହ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି। ମ୍ୟାଚରେ ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ଅଧିନାୟିକା ମଧୁସ୍ମିତା ବେହେରା ୮, ସରିତା ମେହେର ୪, ପ୍ରଜ୍ଞା ମହାନ୍ତି ୧ ଓ ରାଣୀ ଟୁଡୁ ୪ରନରେ ଆଉଟ ହେବା ଯୋଗୁ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ମାତ୍ର ଓପନର ମାଧୁରୀ ମେହେଟା ଓ ମଧ୍ୟକ୍ରମର ବ୍ୟାଟ୍ସଓମ୍ୟାନ ସୁଶ୍ରୀ ଦିବ୍ୟଦର୍ଶିନୀ ଭାଗୀଦାରିରେ ୬୨ରନ ଯୋଗକରି ଓଡ଼ିଶାର ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ମାଧୁରୀ ୫୧ ଓ ସୁଶ୍ରୀ ୪୩ ରନ କରି ଅପରାଜିତ ରହିଥିଲେ। ଫଳରେ ଓଡ଼ିଶା ୪ ଉଇକେଟ ହରାଇ ୧୧୭ ରନ କରିଥିଲା। ୧୧୮ରନର ବିଜୟ ଲକ୍ଷ୍ୟକୁ ପିଛା କରି ବେଙ୍ଗଲ ୯୭ରନରେ ଅଲଆଉଟ ହୋଇଯାଇଥିଲା। ଅଧିନାୟିକା ତନୁଶ୍ରୀ ସରକାର ସର୍ବାଧିକ ୩୯ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରିମାଲକ୍ଷ୍ମୀ ଏକ୍କା ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା।

ହାଇ ଜମ୍ପର ତେଜସ୍ୱିନଙ୍କୁ ବିଗ୍ ୧୨ ଟାଇଟଲ

ନୂଆଦିଲ୍ଲୀ,୨୪।୨(ପିଟି): ଭାରତର ତେଜସ୍ୱିନ ଶଙ୍କର ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସଠାରେ ବିଗ୍ ୧୨ କଲିଜିଏଟ୍ ଆଥଲେଟିକ୍ ମିଟ୍ ପୁରୁଷ ହାଇଜମ୍ପ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ସେ ଜାତୀୟ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। କାନ୍ସାସ୍ ରାଜ୍ୟ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ତେଜସ୍ୱିନ ଅନ୍ତିମ ଉଦ୍ୟମରେ ୨.୨୮ ମିଟର ଲମ୍ଫ ପ୍ରଦାନ କରିଥିଲେ। ସେ ସମାନ ବ୍ୟବଧାନ ଗତବର୍ଷ ପଟିଆଲାଠାରେ ଅନୁଷ୍ଠିତ ୨୨ତମ ଫେଡେରେଶନ କପ୍‌ରେ ହାସଲ କରିଥିଲେ। ସେ କାନ୍ସାସ୍ ବିଶ୍ୱବିଦ୍ୟାଳୟର ୬ଷ୍ଠ ହାଇ ଜମ୍ପର ଭାବେ ବିଗ୍୧୨ ଟାଇଟଲ ଜିତିଛନ୍ତି। ୨୦ ବର୍ଷୀୟ ତେଜସ୍ୱିନ ୨୦୧୫ ରାଜ୍ୟଗୋଷ୍ଠୀ ଯୁଥ୍ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ବ୍ୟତୀତ ୨୦୧୬ ସାଉଥ ଏସିଆନ ଗେମ୍ସରେ ଏକ ରୌପ୍ୟ ପଦକ ହାସଲ କରିଥିଲେ।

ବ୍ରିଜଭୂଷଣ ପୁଣି ଡବ୍ଲ୍ୟୁଏଫ୍ଆଇ ସଭାପତି

ନୂଆଦିଲ୍ଲୀ,୨୪।୨(ପିଟି): ବ୍ରିଜଭୂଷଣ ଶରନ ସିଂ ରବିବାର ସର୍ବସମ୍ମତି କ୍ରମେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍ଆଇ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ କ୍ରମାଗତ ୩ୟ ଥର ପାଇଁ ବ୍ରିଜଭୂଷଣ ଏହି ପଦ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ଭଳି ପୂର୍ବ ପଦାଧିକାରୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ସେମାନେ ଦାୟିତ୍ୱ ସମ୍ଭାଳିବେ। ଅବସରପ୍ରାପ୍ତ ଜଷ୍ଟିସ୍ ଆର. ବି. ମିଶ୍ରା ରିଟର୍ଣ୍ଣିଂ ଅଫିସର ଭାବେ ନିର୍ବାଚନ ପରିଚାଳନା କରିଥିଲେ।

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହୋଇଥିଲେ ହେଁ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାର ସାମର୍ଥ୍ୟ ଆମ ନିକଟରେ ରହିଛି। –ଆନ୍ୟା ଶ୍ରବ୍‌ସୋଲ୍, ଇଂଲଣ୍ଡ ମହିଳା କ୍ରିକେଟର

ଆଇସିସି ମହିଳା କ୍ରିକେଟରେ ଟି୨୦ ଫର୍ମାଟର ପ୍ରସାର ପାଇଁ ବିଚାର କରୁଥିବାରୁ ଆମ ଦେଶରେ ମହିଳା ଆଇପିଏଲ ହେବା ଉଚିତ୍ –ମିଥାଲି ରାଜ୍, ଭାରତୀୟ ମହିଳା କ୍ରିକେଟର

ସଂକ୍ଷେପରେ

ଭାରତୀୟ କ୍ରିକେଟର କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ

ବିଶାଖାପଟନମ,୨୪।୨(ପି.ଟି.): ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ସମ୍ମାନରେ ଭାରତୀୟ କ୍ରିକେଟରମାନେ ରବିବାର ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ମ୍ୟାଚ୍‌ରେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ପୂର୍ବରୁ ମଧ ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉଦ୍‌ଘାଟନୀ ଉତ୍ସବକୁ ବାତିଲ କରିଛି। ଶହୀଦଙ୍କ ପରିବାରକୁ ପାଖାପାଖି ୧୫ କୋଟି ଟଙ୍କା ଦାନ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଶହୀଦମାନଙ୍କ ପରିବାର ପ୍ରତି ଆମେ ସମବେଦନା ଜଣାଉଛୁ। ଯେଉଁ ଘଟଣା ଘଟିଲା ଆମେ ସେଥିରେ ନିହାତି ଦୁଃଖିତ ଓ ମର୍ମାହତ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଭାରତ ମଧ ଆଗାମୀ ଜୁନ୍ ୧୬ ତାରିଖରେ ଖେଳାଯିବାକୁ ଥିବା ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରୁ ଓହରିଯିବା ନେଇ ଚର୍ଚ୍ଚା ହେଉଛି। ତେବେ ଏ ସଂକ୍ରାନ୍ତରେ ସରକାର ଯାହା ନିଷ୍ପତ୍ତି ନେବେ ଆମେ ତାହା ମାନିବୁ ବୋଲି କୋହଲି ସ୍ପଷ୍ଟ କରିଛନ୍ତି।

କର୍ମକର୍ତ୍ତାଙ୍କ ତ୍ରୁଟି: ବର୍ମା ଫାଇନାଲରୁ ବଞ୍ଚିତ

ନୂଆଦିଲ୍ଲୀ,୨୪।୨(ପିଟି): ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ପୁରୁଷ ବିଭାଗର ୧୦ ମିଟର ଏୟାର ପିସ୍ତଲର ଯୋଗ୍ୟତା ପର୍ଯ୍ୟାୟରେ କର୍ମକର୍ତ୍ତାଙ୍କ ତ୍ରୁଟି ଯୋଗୁ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ଅଭିଷେକ ବର୍ମା ଫାଇନାଲରୁ ବାଦ୍ ପଡ଼ିଛନ୍ତି। ବର୍ମା ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ସେଟ୍ ଶୁଟରଙ୍କ ସହ ଅଂଶଗ୍ରହଣ କରୁଥିଲେ। ଏହି ପର୍ଯ୍ୟାୟରେ ୫ମ ସିରିଜ ଶୁଟ ଚାଲୁଥିବାବେଳେ ବର୍ମାଙ୍କ ସହ ଜଣେ କାର୍ଯ୍ୟରତ କର୍ମକର୍ତ୍ତା କଥା ହେବାକୁ ଆସିଥିଲେ। ବର୍ମାଙ୍କୁ ଦର୍ଶକଙ୍କ ମଧ୍ୟରୁ ଜଣେ କେହି ଡାକୁଥିବା କହିଥିଲେ। ସେ ଥିଲେ ବର୍ମାଙ୍କ ବ୍ୟକ୍ତିଗତ କୋଚ ଓମେନ୍ଦର ସିଂ। ମାତ୍ର ଓମେନ୍ଦରଙ୍କୁ ବିଶ୍ୱକପ୍‌ରେ ଯୋଗଦେବାକୁ ଅନୁମତି ମିଳିନାହିଁ। କୋଚ୍‌ଙ୍କ ସହ ଆଲୋଚନା ଯୋଗୁ ଶୁଟିଂ ସିରିଜ ଶେଷ କରିବା ଲାଗି ଧାର୍ଯ୍ୟ ସମୟର ୧୦ ମିନିଟ୍‌ରୁ କମ୍ ସମୟ ବଳିଥିଲା। ବିଳମ୍ବ ଯୋଗୁ ବର୍ମାଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। ଏଥିଯୋଗୁ ବର୍ମା ୫୭୬ ସ୍କୋର କରିଥିଲେ, ଯାହାକି ଟପ୍ ୮ ବାହାରେ ଥିଲା।

ରାଇଜିଂ ଷ୍ଟୁଡେଣ୍ଟକୁ ହରାଇଲା ବିଡ଼ାନାସୀ

କଟକ ଅଫିସ, ୨୪।୨: ବିଡ଼ାନାସୀ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଫାଓ ମହିଳା ଲିଗ୍‌ର ଏକ ମ୍ୟାଚ୍‌ରେ ବିଡ଼ାନାସୀ କ୍ଲବ ୨-୧ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଛି। ରାଇଜିଂ ପକ୍ଷରୁ ୮ମ ମିନିଟରେ ସୁଭଦ୍ରା ସାହୁ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ବିଡ଼ାନାସୀ ପକ୍ଷରୁ ଜ୍ୟୋତ୍ସ୍ନା କିଶନ ୨୮ତମ ଓ ୭୦ତମ ମିନିଟରେ ୨ଟି ଗୋଲ ସ୍କୋର କରିଛନ୍ତି। ଏଠାରେ ସାଇ-ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା।

ଜାତୀୟ କାନୋଇଂ ସ୍ପ୍ରିଣ୍ଟ: ଓଡ଼ିଶାକୁ ୮ ପଦକ

କଟକ ଅଫିସ,୨୪।୨:ନୂଆଦିଲ୍ଲୀଠାରେ ଚାଲିଥିବା ୨୯ତମ ଜାତୀୟ କାନୋଇଂ ସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ମୋଟ୍ ୮ଟି ପଦକ ଜିତିଛି। ଏହା ମଧ୍ୟରେ ୨ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ରହିଛି। ୫୦୦ ମିଟର ଓ ୧ହଜାର ମିଟର ବିଭାଗରେ ସମସ୍ତ ପ୍ରତିଯୋଗିତା ହେଉଥିଲା। ରାଜ୍ୟ କାୟାକିଂ, କାନୋଇଂ ସଂଘ ସମ୍ପାଦକ ବିପିନ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

ଇଡେନରୁ ହଟାଯିବନି ପାକିସ୍ତାନ କ୍ରିକେଟରଙ୍କ ଫଟୋ

କୋଲକାତା,୨୪।୨: ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତର ବିଭିନ୍ନ କ୍ରିକେଟ ଆସୋସିଏଶନରେ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇ ଦିଆଯାଇଛି। ମାତ୍ର ଐତିହାସିକ ଇଡେନ ଗାର୍ଡେନ ଗ୍ୟାଲେରିରୁ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଯିବ ନାହିଁ ଏ ନେଇ କ୍ରିକେଟ ଆସୋସିଏଶନ୍ ଅଫ୍ ବେଙ୍ଗଲ (ସିଏବି) ସ୍ପଷ୍ଟ କରିଛି। ବିଜେପି ଯୁବ ମୋର୍ଚ୍ଚା (ବିଜେୱାଇଏମ୍) ପକ୍ଷରୁ ସିଏବି ମୁଖ୍ୟ କାର୍ଯ୍ୟାଳୟ ସାମ୍ନାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୬୦ ଭାଜପା ଯୁବ ମୋର୍ଚ୍ଚା କର୍ମୀ ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେବା ସହ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇବା ପାଇଁ ଦାବି କରିଥିଲେ। ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବତନ ଅଧିନାୟକ ତଥା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ୧୯୯୨ ବିଶ୍ୱକପ୍ ଧରିଥିବା ଫଟୋ ସିସି ରୟ୍ କ୍ଲବ ଲବିଠାରେ ଲଗାଯାଇଛି।

ଶେଷ ବଲ୍‌ରେ ଜିତିଲା ଅଷ୍ଟ୍ରେଲିଆ

ବିଶାଖାପାଟଣା, ୨୪।୨(ପି.ଟି.)

ସ୍ଥାନୀୟ ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଲୋ– ସ୍କୋରିଂ ରୋମାଞ୍ଚକ ପ୍ରଥମ ଟି୨୦ ମ୍ୟାଚ୍‌ରେ ଯଶପ୍ରୀତ ବୁମ୍‌ରାଙ୍କ ସାହସିକ ପ୍ରଦର୍ଶନ (୪–୦–୧୬–୩) ସତ୍ତ୍ୱେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଶେଷ ବଲ୍‌ରେ ଭାରତକୁ ୩ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ଶେଷ ବଲରେ ଆବଶ୍ୟକ ୨ ରନ କରି ଭ୍ରମଣକାରୀ ଦଳ ବାଜି ମାରିଛି। ଏଥିସହିତ ଅଷ୍ଟ୍ରେଲିଆ ୨ ମ୍ୟାଚ ବିଶିଷ୍ଟ

ପ୍ରଥମ ଟି୨୦

■ ନାଥନ କୁଲ୍ଟର-ନିଲ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍

ଏହି ସିରିଜ୍‌ରେ ୧–୦ରେ ଅଗ୍ରଣୀ ହାସଲ କରିଛି। ୧୨୭ ରନ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦଳ ମଧ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଗ୍ଲେନ୍ ମ୍ୟାକ୍ସୱେଲ୍ ୪୩ ବଲରୁ ୬ ଚୌକା, ୨ ଛକା ସହ ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି' ଆର୍ସି ଶର୍ଟ ୩୭, ପିଟର ହ୍ୟାଣ୍ଡସ୍କମ୍ବ ୧୩ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ୩, ଯୁଜବେନ୍ଦ୍ର ଚହଲ ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଆରମ୍ଭରୁ ତାରକା ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା ମାତ୍ର ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେ ଜାସନ ବେହେରେନଡୋର୍ଫଙ୍କ ବଲ୍‌ରେ ଆଡାମ ଜାମ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୩ ସପ୍ତାହର ବିଶ୍ରାମ ପରେ ଦଳକୁ ଫେରିଥିବା ଅଧିନାୟକ ବିରାଟ କୋହଲି ୧୭ ବଲରୁ ୩ ଚୌକା ସହ ୨୪ ରନ କରି ଜମିଆସୁଥିବା ବେଳେ ଜାମ୍ପାଙ୍କ ବଲ୍‌ରେ ନାଥନ କୁଲ୍ଟର–ନିଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦଳର ବିପର୍ଯ୍ୟୟ ଘଟିଥିଲା। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୭ଟି ବଲ୍ ଖେଳି ୨୯ ରନ କରି ଅପରାଜିତ ରହିଥିଲେ ମଧ ଅନ୍ୟମାନେ ବିଫଳ ହୋଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହେବା ପରେ ଓପନର ଲୋକେଶ ରାହୁଲ ୩୬ ବଲରୁ ୬ ଚୌକା, ୧ ଛକା ସହ ୫୦ ରନ କରି କୁଲ୍ଟର–ନିଲଙ୍କ ବଲ୍‌ରେ ଆରୋନ ଫିଞ୍ଚଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ କୋହଲି ଓ ରାହୁଲ ୫୫ରନ ସଂଗ୍ରହ କରିଥିଲେ। ସେହିପରି ଦୀନେଶ କାର୍ତ୍ତିକ୍ ୧, କ୍ରୁନାଲ ପାଣ୍ଡ୍ୟା ୧, ଉମେଶ ଯାଦବ ୨ ରନ କରି ଆଉଟ ହୋଇଥିବା ବେଳେ ଯୁଜବେନ୍ଦ୍ର ଚହଲ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁଲ୍ଟର– ନିଲ ସର୍ବାଧିକ ୩ ଉଇକେଟ ହାସଲ କରିଥିଲେ। ଭାରତୀୟ ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ଏହି ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ବଦଳରେ ଲୋକେଶ ରାହୁଲ, ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ବଦଳରେ ମାର୍କଣ୍ଡେଙ୍କୁ ଖେଳାଯାଇଥିଲା। ଭୁବନେଶ୍ୱର କୁମାରଙ୍କ ବଦଳରେ ଉମେଶ ଯାଦବ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଦଳରେ ପିଟର ହ୍ୟାଣ୍ଡସ୍କମ୍ବ ପଦାର୍ପଣ କରିଛନ୍ତି।

ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଗ୍ଲେନ୍ ମ୍ୟାକ୍ସୱେଲ ।

ସଂକ୍ଷିପ୍ତ ସ୍କୋର

■ ଭାରତ ୨୦ ଓଭରରେ ୧୨୬/୭ (ରାହୁଲ-୫୦, ଧୋନୀ- ୨୯*, କୋହଲି- ୨୪, କୁଲ୍ଟର-ନିଲ- ୩/୨୬)।

■ ଅଷ୍ଟ୍ରେଲିଆ ୨୦ ଓଭରରେ ୧୨୭/୭ (ମ୍ୟାକ୍ସୱେଲ- ୫୬, ଶର୍ଟ- ୩୭, ବୁମ୍‌ରା- ୩/୧୬)।

ସୌରଭ ଚୌଧାରୀଙ୍କୁ ସ୍ୱର୍ଣ୍ଣ ସହ ଅଲିମ୍ପିକ୍ କୋଟା

ନୂଆଦିଲ୍ଲୀ,୨୪।୨(ପିଟି)

୧୬ବର୍ଷୀୟ ଭାରତୀୟ ଶୁଟର ସୌରଭ ଚୌଧାରୀ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଆହୁରି ମଧ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ଡ. କାର୍ନି ସିଂ ଶୁଟିଂ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ସୌରଭ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ୍ ଗେମ୍ସ ଓ ୟୁଥ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକଧାରୀ ଫାଇନାଲରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ସେ ଫାଇନାଲରେ ୨୪୫.୦ ସ୍କୋର କରିଥିଲେ, ଯାହାକି ଏହି ଇଭେଣ୍ଟରେ ଏକ ବିଶ୍ୱ ରେକର୍ଡ। ସେ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଦାମିର ମିକେ (୨୩୯.୩)ଙ୍କୁ ୫.୭ ପଏଣ୍ଟରେ ହରାଇଥିଲେ। ରୌପ୍ୟ ପଦକ ଜିତିଥିବା ଦାମିରକୁ ଏହି ଇଭେଣ୍ଟର ଦ୍ୱିତୀୟ ଅଲିମ୍ପିକ୍ସ ଯୋଗ୍ୟତା ମିଳିଛି। ଫାଇନାଲ ରାଉଣ୍ଡ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୭ ସ୍କୋର ସହ ଶୀର୍ଷରେ ରହିଥିଲେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅଭିଷେକ ବର୍ମା (୫୭୬) ଓ ରବିନ୍ଦର ସିଂ (୫୭୬) ସ୍କୋର କରି ଫାଇନାଲରୁ ବାଦ୍ ପଡ଼ିଥିଲେ। ଟୁର୍ନାମେଣ୍ଟରେ ଏବେ ସୁଦ୍ଧା ଭାରତୀୟ ଦଳ ଦୁଇ ସ୍ୱର୍ଣ୍ଣ ପଦକ ଓ ୩ଟି ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛି। ସୌରଭଙ୍କ ପୂର୍ବରୁ ଅପୂର୍ବୀ ଚାଣ୍ଡେଲା ଓ ଅଞ୍ଜୁମ ମୁଦଗିଲ ଅଲିମ୍ପିକ୍ କୋଟା ପାଇସାରିଛନ୍ତି।

ଜନ୍ମେଜୟଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ସିନିୟର ବଡିବିଲ୍ଡିଂ

କେରଳର କନ୍ନୁରଠାରେ ଅନୁଷ୍ଠିତ ଜାତୀୟ ସିନିୟର ବଡିବିଲ୍ଡିଂ ଚାମ୍ପିୟନଶିପ୍‌ର ୫୬ତମ ସଂସ୍କରଣରେ ଓଡ଼ିଶାର ଜନ୍ମେଜୟ ମହାନ୍ତି ରୌପ୍ୟ ପଦକ ଜିତିଛନ୍ତି। ୭୦ କିଗ୍ରା ବର୍ଗରେ ଜନ୍ମେଜୟ ଏହି ସଫଳତା ପାଇଛନ୍ତି। ଏଥିସହ ଜନ୍ମେଜୟ ପୋଲାଣ୍ଡରେ ମେ'ରେ ହେବାକୁ ଥିବା ମିଷ୍ଟର ୱାର୍ଲ୍ଡ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଜାତୀୟ ଚାମ୍ପିୟନଶିପ୍ ପାଇଁ ଜନ୍ମେଜୟ ୧୫ ଦିନ ମଧ୍ୟରେ ୧୨ କେଜି ଓଜନ ହ୍ରାସ କରିଥିଲେ। ପ୍ରକାଶଯୋଗ୍ୟ, ଜନ୍ମେଜୟ ପୂର୍ବରୁ ଏସିଆରେ ୫ମ, ମିଷ୍ଟର ୟୁନିଭର୍ସରେ ୭ମ ସ୍ଥାନରେ ରହିଥିବାବେଳେ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ୨ଥର ରୌପ୍ୟ ପଦକ ହାସଲ କରିସାରିଛନ୍ତି। ଏଥିସହ ସେ ମିଷ୍ଟର ଇଷ୍ଟର୍ନ ଇଣ୍ଡିଆରେ ୩ଥର ସ୍ୱର୍ଣ୍ଣ, ଡାକଶ୍ରୀରେ ୬ଥର ସ୍ୱର୍ଣ୍ଣ ପଦକ ସହ ୪ଥର ଟାଇଟଲ ହାସଲ କରିଛନ୍ତି। ଜନ୍ମେଜୟ ୧୪ଥର ମିଷ୍ଟର ଭୁବନେଶ୍ୱର ଟାଇଟଲ ମଧ ଜିତିଛନ୍ତି।

କଟକ ଜିଲ୍ଲା ଚେସ୍ ସଂଘ ନିର୍ବାଚନ
ବିବେକ ସଭାପତି, ରଞ୍ଜନ ସମ୍ପାଦକ

କଟକ ଅଫିସ,୨୪।୨

କଟକ ଜିଲ୍ଲା ଚେସ୍ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ବଜ୍ରକବାଟୀସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ବିବେକ କୁମାର ଟିବରେୱାଲ ଓ ସମ୍ପାଦକ ଭାବେ ରଞ୍ଜନ ମହାନ୍ତି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ପରିଚାଳନା କରିଥିଲେ। ସିନିୟର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ସନ୍ତୋଷ କୁମାର ପୃଷ୍ଟି । ଏହାଛଡ଼ା ସଭାପତି ଭାବେ ପ୍ରଶାନ୍ତ କୁମାର, ରାଜେନ୍ଦ୍ର କୁମାର ସେଠୀ, ନୁରୁଦ୍ଦିନ ସରିଫ, ଫଣିନ୍ଦ୍ରନାଥ ମହାନ୍ତି, କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଭାବେ ସତ୍ୟରଞ୍ଜନ ପଟ୍ଟନାୟକ, ତାପସ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଅସିତ କୁମାର ମୁଖାର୍ଜୀ ମୁଖ୍ୟ ଉପଦେଷ୍ଟା ରହିଥିବା ବେଳେ ପ୍ରତିଯୋଗିତା ନିର୍ଦ୍ଦେଶକ, ଯୁଗ୍ମ ପ୍ରତିଯୋଗିତା ନିର୍ଦ୍ଦେଶକ, ଅଡିଟର ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ମଧ ବଛାଯାଇଥିଲା ।

ଜାତୀୟ ସବ୍‌ଜୁନିୟର ଭଲିବଲ୍
ଓଡ଼ିଶା ବାଳିକା ବିଜୟୀ

ଓଡ଼ିଶା ବାଳିକା ଭଲିବଲ ଦଳର ଖେଳାଳିମାନେ ।

ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଭଲିବଲ ଆସୋସିଏଶନ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କିଟ୍ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଅନୁଷ୍ଠିତ ବାଳିକା ବର୍ଗର ମ୍ୟାଚ୍‌ରେ ଓଡ଼ିଶା ୩–୨ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପୂର୍ବରୁ ଓଡ଼ିଶା ୧–୩ରେ କେରଳଠାରୁ ହାରିଥିଲା। ଦିବସର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମହାରାଷ୍ଟ୍ର ୩–୦ରେ ଉତ୍ତରାଖଣ୍ଡକୁ, ରାଜସ୍ଥାନ ୩–୦ରେ ଆନ୍ଧ୍ରପ୍ରଦେଶକୁ, କେରଳ ୩–୦ରେ ଦିଲ୍ଲୀକୁ, ହରିୟାଣା ୩–୦ରେ ପଣ୍ଡିଚେରୀକୁ, ପଶ୍ଚିମବଙ୍ଗ ୩–୦ରେ ଛତିଶଗଡ଼କୁ, କର୍ଣ୍ଣାଟକ ୩–୦ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଅପରପକ୍ଷରେ ବାଳକ ବର୍ଗରେ ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ୩–୦ରେ ଆସାମକୁ, ପଞ୍ଜାବ ୩–୨ରେ ଆନ୍ଧ୍ରପ୍ରଦେଶକୁ, ଉତ୍ତରପ୍ରଦେଶ ୩–୦ରେ ହିମାଚଳ ପ୍ରଦେଶକୁ, ଝାଡ଼ଖଣ୍ଡ ୩–୨ରେ ପଣ୍ଡିଚେରୀକୁ, ତାମିଲନାଡୁ ୩–୦ରେ କଶ୍ମୀରକୁ ଏବଂ ଉତ୍ତରାଖଣ୍ଡ ୩–୦ରେ ମଧ୍ୟପ୍ରଦେଶକୁ ହରାଇଛି।

ରଶିଦ୍‌ଙ୍କ ହ୍ୟାଟ୍ରିକ୍: ଆଫଗାନିସ୍ତାନର କ୍ଲିନ୍ ସୁଇପ୍

ଡେରାଡୁନ୍ (ଉତ୍ତରାଖଣ୍ଡ), ୨୪।୨

ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଆଫଗାନିସ୍ତାନ ୩୨ ରନ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏଥିସହିତ ଦଳ ସିରିଜକୁ ୩–୦ରେ ଜିତି ନେଇଛି। ଆଫଗାନିସ୍ତାନକୁ ଜିତାଇବାରେ ମହମ୍ମଦ ନବିଙ୍କ ଓ ରଶିଦ ଖାଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନବି ୩୬ ବଲ୍‌ରୁ ୮୧ରନ କରିଥିବା ବେଳେ ରଶିଦ ହ୍ୟାଟ୍ରିକ ସହ ୨୭ ରନରେ ୫ ଉଇକେଟ ଦଖଲ କରିଥିଲେ। ଅନ୍ତର୍ଜାତୀୟ ଟି୨୦ରେ ହ୍ୟାଟ୍ରିକ କରିବାରେ ରଶିଦ ବିଶ୍ୱର ୭ମ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ଟି୨୦ରେ ଆଫଗାନିସ୍ତାନର ଏହା ହେଉଛି କ୍ରମାଗତ ୧୦ମ ବିଜୟ।

ସଂକ୍ଷିପ୍ତ ସ୍କୋର

■ ଆଫଗାନିସ୍ତାନ: ୨୦ ଓଭରରେ ୨୧୦/୭ (ମହମ୍ମଦ ନବି-୮୧ ; ବୟଡ୍ ରାନ୍‌କିନ୍-୩/୫୩)।

■ ଆୟର୍ଲାଣ୍ଡ: ୨୦ ଓଭରରେ ୧୭୮/୮ (କେଭିନ ଓବ୍ରିଏନ୍- ୭୪ ;ରଶିଦ ଖାଁ ୫/୨୭)।

ଆଇ- ଲିଗ୍ ଫୁଟବଲ: କଶ୍ମୀର- ଆରୋଜ୍ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ରିୟଲ କଶ୍ମୀର ଓ ଘରୋଇ ଇଣ୍ଡିଆନ୍ ଆରୋଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨–୨ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଥିଲା। ଏଥି ସହିତ ବାହାର ମ୍ୟାଚ୍‌ଗୁଡ଼ିକରେ କଶ୍ମୀର ତା'ର ଅପରାଜେୟଧାରା ବଜାୟ ରହିଛି। ମ୍ୟାଚ୍‌ର ପ୍ରଥମ ୭୫ ମିନିଟରେ ଗୋଲ ସମ୍ଭବ ହୋଇପାରି ନ ଥିଲା। ତେବ ହଠାତ୍ ଏହା ପରେ ମ୍ୟାଚ୍‌ରେ ରୋମାଞ୍ଚ ଦେଖିବାକୁ ମିଳିଥିଲା ଓ ନିୟମିତ ସମୟର ଅନ୍ତିମ ୧୫ ମିନିଟ୍‌ରେ ୪ଟି ଗୋଲ ସ୍କୋର କରାଯାଇଥିଲା। ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଆରୋଜର ଅମରଜିତ୍ ସିଂ ପେନାଲ୍ଟି ସ୍ପଟ୍‌ରୁ ଶଟ୍ ମାରି ଗୋଲ ଦେଇଥିଲେ। ଏହାପରେ ୮୨ତମ ମିନିଟ୍‌ରେ କଶ୍ମୀର ଆବେଡନେଡୋ ମେଇଟେଇ ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନସ୍ଥିତିକୁ ଆଣିଥିଲେ। ଏହାପରେ ମାସନ ରବର୍ଟଶନ ୯୦ ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୨–୧ରେ ଅଗ୍ରଣୀ କରାଇବା ସହ ବିଜୟ ସମ୍ଭାବନା ସୃଷ୍ଟି କରି ଖେଳାଳିମାନେ ବେଶ୍ ଆନନ୍ଦିତ ହୋଇଥିଲେ। ତେବେ ଏହି ଖୁସି ବେଶି ସମୟ ତିଷ୍ଠି ପାରି ନ ଥିଲା। ଏହାର ମାତ୍ର ୬୦ ସେକେଣ୍ଡ ମଧ୍ୟରେ ତଥା ଇଞ୍ଜୁରୀ ଟାଇମ୍‌ର ପ୍ରଥମ ମିନିଟ୍‌ରେ ଆରୋଜ୍‌ର ରାହୁଲ କେପି ଅନୱର ଅଲିଙ୍କ ଏକ ପାସ୍‌କୁ ହେଡ କରି ଗୋଲରେ ପରିଣତ କରିଥିଲେ। ଏହା ପରେ ୪ ମିନିଟର ଖେଳରେ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲେ ମଧ ଗୋଲ ସମ୍ଭବ ହୋଇ ପାରି ନ ଥିଲା ଓ ଶେଷରେ ଫାଇନାଲ ହ୍ୱିସିଲ ବାଜିଥିଲା। ଫଳରେ ମ୍ୟାଚ ୨–୨ ଗୋଲରେ ଅମୀମାଂସିତ ହୋଇଥିଲା। ଆରୋଜ ତା'ର ଶେଷ ଘରୋଇ ମ୍ୟାଚ୍‌ରେ ଅନ୍ତିମ ମୁହୂର୍ତ୍ତରେ ଗୋଲ ଦେଇ ପରାଜୟରୁ ବର୍ତ୍ତିଯାଇଥିଲା। ଫଳରେ ମ୍ୟାଚ ଡ୍ର' ହୋଇଥିଲେ ମଧ ଆରୋଜ ଖେଳାଳି ବିଜୟ ଭଳି ଉତ୍ସବ ମନାଇଥିଲେ।

ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ପଏଣ୍ଟ ଭାଗ ହୋଇଥିଲା। ଏଥି ସହିତ କଶ୍ମୀର ମୋଟ ୧୭ଟି ମ୍ୟାଚ୍ ଖେଳି ୯ଟି ବିଜୟ, ୬ଟି ଡ୍ର ଓ ଦୁଇଟି ପରାଜୟ ସହ ମୋଟ ୩୩ ପଏଣ୍ଟ ପାଇଁ ପଏଣ୍ଟ ତାଲିକର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ଆରୋଜ୍ ଦଳ ୧୯ଟି ମ୍ୟାଚ୍ ଖେଳି ୫ ବିଜୟ, ୩ ଡ୍ର ଓ ୧୧ଟି ପରାଜୟ ସହ ୧୮ ପଏଣ୍ଟ ପାଇଁ ଗୋଟିଏ ସ୍ଥାନ ଉପରକୁ ଉଠିବା ସହ ପୁଣି ଥରେ ସପ୍ତମ ସ୍ଥାନକୁ ଫେରିଛି। ତେବେ ଚେନ୍ନାଇ ସିଟି ୧୭ଟି ମ୍ୟାଚ୍ ଖେଳି ୧୧ଟି ବିଜୟ, ୪ଟି ଡ୍ର ଓ ୨ଟି ପରାଜୟ ସହ ୩୭ ପଏଣ୍ଟ ପାଇ ପୂର୍ବପରି ଶୀର୍ଷସ୍ଥାନରେ ରହିଛି।

ରିୟଲ କଶ୍ମୀର ଓ ଇଣ୍ଡିଆନ୍ ଆରୋଜ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ମୁମ୍ବାଇ, ୨୪।୨ (ପି.ଟି.)

ଭାରତୀୟ ମହିଳା କ୍ରିକେଟ ଦଳ ସୋମବାର ଏଠାରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳିବ। ଘରୋଇ ଦଳ ପ୍ରଥମ ମ୍ୟାଚ ଜିତି ସାରିଥିବାରୁ ଏହାର ନୈତିକ ମନୋବଳ ଉଚ୍ଚା ରହିଛି। ସୋମବାର ମ୍ୟାଚ ଜିତି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବା ଲକ୍ଷ୍ୟ ରଖିଛି ଭାରତ। ଶୁକ୍ରବାର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଘରୋଇ ଦଳ ୬୬ ରନରେ ବର୍ତ୍ତମାନର ବିଶ୍ୱଚାମ୍ପିୟନ ଇଂଲଣ୍ଡକୁ ହରାଇ ଦେଇଥିଲା। ଏହି ବିଜୟ ଦ୍ୱାରା ଭାରତ ଆଇସିସି ମହିଳା ଚାମ୍ପିୟନଶିପ୍ ପାଇଁ ୨ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହାସଲ କରିଛି। ୨୦୨୧ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କ୍ଷେତ୍ରରେ ଏହା ସହାୟକ ହେବ। ୨୦୨୦ ସୁଦ୍ଧା ଭାରତ ଯଦି ବିଶ୍ୱ ର୍‍ୟାଙ୍କିଂରେ ଶ୍ରେଷ୍ଠ ୪ ମଧ୍ୟରେ ଏହା ସ୍ଥାନ ବଜାୟ ରଖିବାରେ ସମର୍ଥ ହୁଏ ତେବେ ୨୦୨୧ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିପାରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୫/୨୦୧୯ Bhubaneswar, Monday, February 25/2019

ସଂକ୍ଷେପରେ

ମାର୍ଚ୍ଚ ୧ରୁ କଲାବ୍ୟାଚ୍ ପିନ୍ଧିବ ରାଜ୍ୟ ଅମିନ ସଂଘ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ଅମିନମାନଙ୍କ ବିଭିନ୍ନ ଆର୍ଥିକ ଓ ଅଣ ଆର୍ଥିକ ଦାବିଗୁଡ଼ିକୁ ବିଗତ ୧୦ବର୍ଷ ହେବ ସରକାରଙ୍କ ପାଖରେ ବାରମ୍ବାର ଉପସ୍ଥାପନ କରାଯାଉଛି। ଏହା ସତ୍ତ୍ୱେ ଦାବି ପୂରଣ ଦିଗରେ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ୨୦୧୮ରେ ରାଜସ୍ୱ ମନ୍ତ୍ରୀ ନିଜ ତରଫରୁ ରାଜ୍ୟ ଅମିନ ସଂଘର କୋର୍ ମେମ୍ବରମାନଙ୍କ ସହ ଦାବିଗୁଡ଼ିକ ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହ ୧ ମାସ ମଧ୍ୟରେ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ଅଭିଯୋଗ କରିଛି ରାଜ୍ୟ ଅମିନ ସଂଘ। ରବିବାର ସ୍ଥାନୀୟ କର୍ମଚାରୀ ଭବନଠାରେ ସଂଘ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଗ୍ରେଡ୍ ପେ ୧୮୦୦ରୁ ୨୮୦୦କୁ ବୃଦ୍ଧି ସହ ଅମିନମାନଙ୍କ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇ ତଦ୍ ଅନୁଯାୟୀ କାମ କରାଇବା, ପଦବୀ ଅମିନ ପରିବର୍ତ୍ତେ ଭୂ ନିରୀକ୍ଷକ କରିବା, ଶିକ୍ଷାଗତ ଯୋଗ୍ୟତାକୁ ଯୁକ୍ତ୨ ପରିବର୍ତ୍ତେ ଯୁକ୍ତ୩ କରିବା ଓ ଚୁକ୍ତିଭିତ୍ତିକ ଅମିନଙ୍କୁ ସ୍ଥାୟୀ କରିବାକୁ ଦାବି କରିଛି ସଂଘ। ଯଦି ଉପରୋକ୍ତ ଦାବିଗୁଡ଼ିକ ପୂରଣ ନ ହୁଏ, ତେବେ ରାଜ୍ୟ ଅମିନ ସଂଘ କର୍ମଚାରୀମାନେ ଆସନ୍ତା ମାର୍ଚ୍ଚ ୧ରୁ ୩ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇବେ। ଏହା ସତ୍ତ୍ୱେ ଯଦି ଦାବି ପୂରଣ ନ ହୁଏ, ତା' ହେଲେ ଆଗାମୀ ଦିନରେ ସଚିବାଳୟ ସମ୍ମୁଖରେ ଆନ୍ଦୋଳନ ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସଭାପତି ମନୋଜ କୁମାର ଦାସ ଓ ସମ୍ପାଦକ ପଙ୍କଜ କୁମାର ନାୟକ ଚେତାବନୀ ଦେଇଛନ୍ତି।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ 'ପଲି ଫେଷ୍ଟ୍' ଉଦ୍‌ଘାଟନ କରି ଅତିଥିମାନେ ଛାତ୍ରୀଛାତ୍ରଙ୍କ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରୁଛନ୍ତି।

■ ପ୍ରଥମ ରାଜ୍ୟସ୍ତରୀୟ 'ପଲି ଫେଷ୍ଟ୍' ଉଦ୍‌ଘାଟିତ

ପଲିଟେକ୍‌ନିକ୍ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶରେ ସହାୟକ ହେବ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅନ୍ତର୍ଗତ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଦୁଇଦିନିଆ ରାଜ୍ୟସ୍ତରୀୟ 'ପଲି ଫେଷ୍ଟ୍–୨୦୧୯' ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ପଲିଟେକ୍‌ନିକ୍‌ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ ି କରିବା ଉଦ୍ଦେଶ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଏହି ରାଜ୍ୟସ୍ତରୀୟ ଫେଷ୍ଟ୍ ଅନୁଷ୍ଠିତ ହେଉଛି।

ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ 'ପଲି ଫେଷ୍ଟ୍'ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରଥମ ଥର ପାଇଁ ଆୟୋଜିତ ଏହି ଫେଷ୍ଟ୍ ପଲିଟେକ୍‌ନିକ୍ ଓ ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ। ଉତ୍ସବରେ ସିଇଓ, ଓଏସ୍‌ଡିଏ ତଥା ନିୟୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ 'ପଲି ଫେଷ୍ଟ୍'ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟର ୬ଟି ଜୋନ୍ କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଖୋର୍ଦ୍ଧା ଏବଂ ପୁରୀର ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନର ୮୬୨ଜଣ ଛାତ୍ରୀଛାତ୍ର ମାର୍ଚ୍ଚପାଷ୍ଟ କରି ଅଭିବାଦନ ଜଣାଇବା ପରେ ଶପଥ ନେଇଥିଲେ। ସେମାନଙ୍କ ମଧ୍ୟରେ ୨୭୪ଜଣ ଛାତ୍ରୀ ଥିଲେ। ସମୁଦାୟ ୩୩ ସରକାରୀ ଓ ୫୬ ବେସରକାରୀ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି ଫେଷ୍ଟ୍‌ରେ ଭାଗନେଇଛନ୍ତି। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଫୁଟବଲ୍, କ୍ରିକେଟ୍, ଆଥଲେଟିକ୍, ବ୍ୟାଡ୍‌ମିଣ୍ଟନ, ଭଲିବଲ୍, ତର୍କ, ପ୍ରବନ୍ଧ, କୁଇଜ୍ ଆଦି ପ୍ରତିଯୋଗିତା ସହ ଡ୍ରାମା, ସୋଲୋ ଡ୍ୟାନ୍ସ ଭଳି ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଫେବୃୟାରୀ ୨୬ରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ନିମନ୍ତେ 'ଆଇଟିଆଇ ଫେଷ୍ଟ୍' ଆୟୋଜନ ହେବ। କଳିଙ୍ଗ ଷ୍ଟାଡିୟମ୍‌ଠାରେ ହେବାକୁ ଥିବା ଏହି ଫେଷ୍ଟ୍ ସକାଳ ୮ଟାରେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି।

୨୬ରେ 'ଆଇଟିଆଇ ଫେଷ୍ଟ୍'

■ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ

ଯୁବକଙ୍କ କାନ କାମୁଡ଼ିଲେ ଆଇଟମ୍ ଗର୍ଲ

ଭୁବନେଶ୍ୱର,୨୪।୨ (ବ୍ୟୁରୋ)

ଖଣ୍ଡଗିରି ଯାତ୍ରାରେ ଏବେ ଅଶ୍ଳୀଳ ନୃତ୍ୟ ସବୁ ସୀମା ସରହଦ ଟପିଯାଇଛି। ଦର୍ଶକଙ୍କୁ ନିଜଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଯାତ୍ରାପାର୍ଟି ମଧ୍ୟରେ ଚାଲିଛି ପ୍ରତିଯୋଗିତା। ନୃତ୍ୟାଙ୍ଗନାମାନେ ମଞ୍ଚ ଉପରେ ଖୋଲାଖୋଲି ଅଙ୍ଗ ପ୍ରଦର୍ଶନ କରିବାକୁ ପଛାଉ ନାହାନ୍ତି। କେଉଁ ଯାତ୍ରା ପାର୍ଟି ରୁଷୀୟ ଯୁବତୀଙ୍କୁ ଆଣି ଆଇଟମ୍ ଡ୍ୟାନ୍ସ କରୁଛି ତ ଆଉ କିଏ ଝାଡ଼ଖଣ୍ଡ ଯୁବତୀଙ୍କୁ ଆଣି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। ଶନିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଯାତ୍ରାରେ ଏକ କୌତୂହଳ ଘଟଣା ଦେଖିବାକୁ ମିଳିଛି, ଯାହାକି ରବିବାର ଦିନ ତମାମ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି।

ଶନିବାର ରାତି ପ୍ରାୟ ୧ଟା ହେବ। ଏହି ସମୟରେ ମଞ୍ଚ ରଙ୍ଗିନ ଝିଲମିଲ୍ ଲାଇଟ୍ ଓ ସାଉଣ୍ଡରେ କମ୍ପୁଥିଲା। ଝାଡ଼ଖଣ୍ଡ ଆଇଟମ୍ ଗର୍ଲ ରାନୀ (ଛଦ୍ମନାମ) ସ୍ୱଳ୍ପ ବସ୍ତ୍ର ପରିଧାନ କରି ପ୍ରଥମେ ଏକ ଆଇଟମ୍ ଗୀତରେ ଡ୍ୟାନ୍ସ କରିଥିଲେ। ଏପରି କି ରାନୀ ନୃତ୍ୟ କରିବା ସମୟରେ ଦର୍ଶକ ମଞ୍ଚ ନିକଟକୁ ଚାଲିଯାଇଥିଲେ। ଆଉ କେହି ତାଙ୍କ ନୃତ୍ୟ କରିବା ଦୃଶ୍ୟ ନିଜର ମୋବାଇଲ୍‌ରେ ଭିଡିଓ କରି ନେଉଥିଲେ। ପ୍ରଥମ ଆଇଟମ୍ ଡ୍ୟାନ୍ସରେ ସବୁ ଠିକ୍‌ଠାକ୍ ଥିଲା। ଦ୍ୱିତୀୟ ଗୀତରେ କିଛି ଅଶ୍ଳୀଳତା ଥିବା ଦର୍ଶକ କହିଛନ୍ତି। ଦ୍ୱିତୀୟ ଗୀତରେ ଡ୍ୟାନ୍ସ କରୁଥିବା ବେଳେ ଜଣେ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ଏଥିରେ ସେ ରାଗିଯାଇଥିଲେ। ସେ ହଠାତ ମଞ୍ଚ ତଳକୁ ଆସି କମେଣ୍ଟ ମାରିଥିବା ଯୁବକଙ୍କ କାନକୁ କାମୁଡି ଦେଇଥିଲେ। ଯୁବକ ଜଣକ ଜୋରରେ ଚିତ୍କାର କରିବାରୁ ସେ ଛାଡି ଦେଇଥିଲେ। ଏଥିରେ ଯୁବକ ଜଣକ ଆହତ ହୋଇଥିଲେ। କିଛି ସମୟ ପାଇଁ ସେଠାରେ ଲୋକେ ରୁଣ୍ଡ ହୋଇଯାଇଥିଲେ। ପରେ ସ୍ୱେଚ୍ଛାସେବୀମାନେ ଆସି ବୁଝାଶୁଝା କରିବା ପରେ ପୁଣି ଯାତ୍ରା ଆରମ୍ଭ ହୋଇଥିଲା। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ଦୁଇ ଦିନ ତଳେ ଜଣେ ଡ୍ୟାନ୍ସ ଗର୍ଲ ମଞ୍ଚରେ ଡ୍ରେସ୍ ଖୋଲି ଅଙ୍ଗ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା।

ଅପରପକ୍ଷରେ ଯାତ୍ରାରେ ଏହି ଅଶ୍ଳୀଳ ନୃତ୍ୟରେ ରୋକ ଲଗାଇବାକୁ ନା ଅଛି ପୋଲିସ ନା ପ୍ରଶାସନ। ଫଳରେ ଯାତ୍ରା ଦେଖିବାକୁ ପରିବାର ସହ ଯାଉଥିବା ଲୋକେ ଏଭଳି ଡ୍ୟାନ୍ସ ନ ଦେଖି ଅଧାରୁ ଫେରି ଯାଉଥିବା ଜଣାପଡ଼ିଛି।

ବୌଦ୍ଧରୁ ଆସିବ ରଥକାଠ

ଗାର୍ଚ୍ଚ ୬ରେ ଯିବ ୪ ଜଣିଆ ଟିମ୍

ପୁରୀ ଅଫିସ,୨୪।୨

ଆସନ୍ତା ଜୁଲାଇ ୪ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ତିନିରଥ ନିର୍ମାଣ ନିମନ୍ତେ ଦ୍ୱିତୀୟ ବର୍ଷ ଲାଗି ବୌଦ୍ଧ ବନମଣ୍ଡଳରୁ ଆସିବ ରଥକାଠ। ଏଥିପାଇଁ ଆସନ୍ତା ମାର୍ଚ୍ଚ ୬ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ୪ ଜଣିଆ ଟିମ୍ ବୌଦ୍ଧ ଗସ୍ତ କରିବ। ତିନିଦିନ ସେଠାରେ ରହି ରଥକାଠ ଚୟନ କରିବ। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏହି ଟିମ୍‌ରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଓ ୱାର୍କ ସରକାର କୁଞ୍ଜ ଭୋଇ ଯିବେ। ବୌଦ୍ଧରୁ ଏଥର ମୋଟ ୨୨୪ ଖଣ୍ଡ କାଠ ଆସିବ ବୋଲି ଜଣାପଡିଛି। ତତ୍ତ୍ୱାବଧାରକ ମେକାପ କହିଛନ୍ତି, ଏଥର ନୟାଗଡ଼ ଏବଂ ବୌଦ୍ଧରୁ ମୋଟ ୬୭୦ ଖଣ୍ଡ କାଠ ଆସିବ। ଏଥିରୁ କଟକ ଖପୁରିଆସ୍ଥିତ ଶ' ମିଲ୍‌କୁ ୩୦୪ ଖଣ୍ଡ ଏବଂ ୩୬୬ ଖଣ୍ଡ କାଠ ରଥଖଳାକୁ ଆସିବା ଲାଗି ସ୍ଥିର ହୋଇଛି। ନୟାଗଡ଼ରୁ ଦୁଇଟି ପର୍ଯ୍ୟାୟରେ ୮୯ ଖଣ୍ଡ କାଠ ଆସି ପୁରୀରେ ପହଞ୍ଚିଛି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଫେବୃୟାରୀ, ୨୦୧୯



"ମୃତ୍ୟୁ ସମୟରେ ଯଦି ଆମ ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ, ତେବେ ମୁକ୍ତି ମିଳିଥାଏ।
-ଶିରିଡ଼ି ସାଇବାବା

ସଂକ୍ଷେପରେ

୨ ପରିବାରରେ ଗଣ୍ଡଗୋଳ, ୫ ଆହତ

ବାଙ୍କୀ,୨୪।୨(ସ୍ୱ.ପ୍ର.): କଟକ ଜିଲା ବାଙ୍କୀ ଥାନା ଅଧୀନ କରବର ଗାଁରେ ରବିବାର ସନ୍ଧ୍ୟାରେ ଦୁଇ ପରିବାର ମଧରେ କୌଣସି କାରଣରୁ ଗଣ୍ଡଗୋଳ ଘଟିଛି। ଏଥିସହିତ ଢେଲାପଥର ମାଡ଼ ହେବାରୁ ଉଭୟ ପରିବାରର ୫ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବାଙ୍କୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ଆହତଙ୍କ ପରିଚୟ ମିଳି ପାରିନାହିଁ। ଅନ୍ୟପକ୍ଷରେ ଘଟଣା ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସମୀର କୁମାର ପଣ୍ଡା କହିଛନ୍ତି।

ଉତ୍କଳ ଭାରତ ପାର୍ଟିର ଶୋଭାଯାତ୍ରା

ନରସିଂହପୁର,୨୪।୨(ସ୍ୱ.ପ୍ର.): ଆଗାମୀ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ବଡ଼ମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀରେ ଉତ୍କଳ ଭାରତ ପାର୍ଟି ନିର୍ବାଚନ ଲଢ଼ିବ। ଏହି ପରିପ୍ରେକ୍ଷୀରେ ଯୁବ ସଂଗଠକ ତଥା ଆଶାୟୀ ବିଧାୟକ ପ୍ରାର୍ଥୀ ପ୍ରିୟରଞ୍ଜନ ପ୍ରତାପସିଂହଙ୍କ ନେତୃତ୍ୱରେ ପାର୍ଟିର ଏକ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ପ୍ରଗଳା ମନ୍ଦିରଠାରୁ ବାହାରି ରଣସିଂହପୁର, ଅଲରା, କଠଉଖୋଜା, ନରସିଂହପୁର ଟାଉନ ପରିକ୍ରମା କରି ପାର୍ଟି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଟଙ୍କା ନେଇ ଭୋଟ ନ ଦେବା, ନିଜ ଚିନ୍ତାରେ ଭୋଟ ଦେବା ଆଦି ଉପରେ କର୍ମୀ ପ୍ଲାକାର୍ଡ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରାଇଥିଲେ। ବଡ଼ମ୍ବା -ନରସିଂହପୁରରେ ଦଳକୁ ମଜଭୁତ କରି ନିର୍ବାଚନ ଲଢ଼ିବୁ ବୋଲି ପ୍ରିୟରଞ୍ଜନ, ଉତ୍କଳ ଭାରତ ବ୍ଲକ ସଭାପତି ସନ୍ତୋଷ ବଳବନ୍ତରାୟ, ଅଶୋକ ପଣ୍ଡା ଓ ପ୍ରିୟବ୍ରତ ଅମାତ ପ୍ରମୁଖ ସୂଚନା ଦେଇଥିଲେ।

କୁଜୁମ୍ କନ୍‌ଭେଣ୍ଟ୍ ସ୍କୁଲ୍ ବାର୍ଷିକ ଉତ୍ସବ

ବଡ଼ମ୍ବା,୨୪।୨(ଡି.ଏନ.ଏ.): ବଡ଼ମ୍ବା କୁଜୁମ୍ କନ୍‌ଭେଣ୍ଟ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧିଛକସ୍ଥିତ ଟେନିସ୍ ପଡ଼ିଆରେ ପାଳିତ ହୋଇଯାଇଛି। ସ୍କୁଲ୍ ଅଧକ୍ଷା ରଞ୍ଜିତା ଭଟ୍ଟାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବିଦ୍ୟାଳୟର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଖବରଦାତା ପ୍ରଦୀପ୍ତ ମହାପାତ୍ର, ମୁଖ୍ୟବକ୍ତା ଚନ୍ଦ୍ରଶେଖର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ବଡ଼ମ୍ବା ରାଜାସାହେବ ତ୍ରିବିକ୍ରମଚନ୍ଦ୍ର ଦେବ ବୀରବର ମଙ୍ଗରାଜ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟମ୍ରକ ସଂଯୋଜନା କରିଥିଲେ। ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ମିର୍ ଅବ୍‌ଦୁଲ୍ ଶାହାଜାହାନ୍ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।

ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ବଡ଼ମ୍ବା,୨୪।୨(ଡି.ଏନ.ଏ.): ବଡ଼ମ୍ବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ବିଡିଓ ସଦାନନ୍ଦ ସେଠୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ନିଜିଗଡ଼ ସରପଞ୍ଚ ସୁଧାଂଶୁ କିଶୋର ମହାନ୍ତି ମୁଖ୍ୟଅତିଥି, ମୁଖ୍ୟବକ୍ତା ଗୋପମଥୁରା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ମହତ୍ତ୍ୱ ଉପରେ ବୁଝାଇଥିଲେ। ପରିଚାଳନା ସମିତି ସମ୍ପାଦକ ଦେବବ୍ରତ ମାନସ କୁମାର ମାନସିଂହ, ରାମକୃଷ୍ଣ ସୁବୁଦ୍ଧି ଓ ପ୍ରଧାନ ଆଚାର୍ଯ୍ୟ ପ୍ରହଲ୍ଲାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମୋହନସୁବୁଦ୍ଧି କଲେଜ କ୍ରୀଡ଼ା ଶିକ୍ଷକ ପ୍ରବୀଣ ଦେବ ସହଯୋଗ କରିଥିଲେ।

■ ଉଦ୍‌ଘାଟନକୁ ୨୪ ଘଣ୍ଟା ପୂରିଲାନି

ପୋଡ଼ିଗଲା ୩୩ କେ.ଭି. ଟ୍ରାନ୍ସଫର୍ମର

ନରସିଂହପୁର, ୨୪।୨(ସ୍ୱ.ପ୍ର.)

ନରସିଂହପୁରବାସୀଙ୍କୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ନରସିଂହପୁର ଟାଉନ୍‌ରେ ସରକାର ନୂତନଭାବେ ୨୨୦x୩୩ କେ.ଭି. ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ କରିଛନ୍ତି। ଏହି ସବ୍‌ଷ୍ଟେଶନକୁ ଶନିବାର ଅର୍ଥାତ୍ ୨୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନରସିଂହପୁର ଗସ୍ତ କରିଥିବାବେଳେ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହାଇ ଭୋଲ୍‌ଟେଜ୍ ବିଦ୍ୟୁତ୍ ଜଳିଥିଲା। କିନ୍ତୁ ଏହି ଉଦ୍‌ଘାଟନର ୨୪ ଘଣ୍ଟା ନ ପୁରୁଣୁ ୩୩ କେ.ଭି. ବିଦ୍ୟୁତ୍ ଫିଡରର ଟ୍ରାନ୍ସ ଫର୍ମର ରବିବାର ସକାଳ ୮ଟା ୩୦ରେ ପୋଡ଼ି ଯାଇଥିଲା। ଫଳରେ ଦିନ ତମାମ ନରସିଂହପୁର ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ଏହାଦ୍ୱାରା ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବୋହୁ ଚେଷ୍ଟା ପରେ ସନ୍ଧ୍ୟା ୬ଟାରେ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ନରସିଂହପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହା ଉପହାର ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ସଭା ମଞ୍ଚରେ ଘୋଷଣା କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲି ନୀତି ହେଉ କିମ୍ବା ଅନ୍ୟ କାରଣରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଲେ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଲାବୋଲି ବିଭାଗୀୟ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ହେଲେ ବିରୋଧୀଦଳମାନେ ଏକଥାକୁ ବିଶ୍ୱାସ କରୁନାହାନ୍ତି। ସେମାନେ ଏହାକୁ ନେଇ ସମାଲୋଚନା କରିଛନ୍ତି। ତେବେ ଆଗକୁ କିଭଳି ବିଦ୍ୟୁତ୍ ସେବା ମିଳୁଛି ତାହା ଦେଖିବାକୁ ଏବେ ଅଞ୍ଚଳବାସୀଙ୍କ ଅପେକ୍ଷା।

ନରସିଂହପୁର ଫିଡର୍
- ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା
- ଦିନ ତମାମ ବିଦ୍ୟୁତ୍ ସେବା ବନ୍ଦ
- ସନ୍ଧ୍ୟା ୬ଟାରେ ହେଲା ବିଦ୍ୟୁତ୍ ଯୋଗାଣ

୪୦ କୋଟିର ୧୪ ପ୍ରକଳ୍ପ ଶିଳାନ୍ୟାସ

ସାଲେପୁର,୨୪।୨(ଡି.ଏନ.ଏ.)

ସାଲେପୁର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରକାଶ ବେହେରାଙ୍କ ଦ୍ୱାରା ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୧୪ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଜଳସେଚନ ବିଭାଗ ପକ୍ଷରୁ ଖଇରା ପୋଲଠାରୁ ବାରବୋଡିଆ ପର୍ଯ୍ୟନ୍ତ କେନ୍ଦ୍ରାପଡା ବାମପାର୍ଶ୍ୱ ବନ୍ଧ ନିର୍ମାଣ ପାଇଁ ୩ କୋଟି ୯୭ ଲକ୍ଷ, ଡିଅସାହି ଓ ବାରିବୋଡିଆ ସେତୁ ପାଇଁ ୭୦ ଲକ୍ଷ, ବାରବୋଡିଆଠାରୁ ରାଘବପୁର ପର୍ଯ୍ୟନ୍ତ ଚିତ୍ରୋତ୍ପଳା ନଦୀ ବନ୍ଧ ସୁରକ୍ଷା ପାଇଁ ୫୭ ଲକ୍ଷ, ୬ ନମ୍ବର କେନାଲ୍ ବନ୍ଧ ଡାକପୋଲଠାରୁ ରୋଧପୁର ପର୍ଯ୍ୟନ୍ତ ୯୭ ଲକ୍ଷ, ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ ମୁର୍କୁଣ୍ଡିଠାରୁ କୁରୁଳୀ ନଦୀବନ୍ଧ ସୁରକ୍ଷା ବାବଦ ୧କୋଟି ୧୦ ଲକ୍ଷ, ପୂର୍ତ୍ତ ବିଭାଗ ପକ୍ଷରୁ ଖଇରା ପୋଲଠାରୁ ତେନ୍ତୋଳର ରୋଧପୁର ପର୍ଯ୍ୟନ୍ତ ୧୨କୋଟି, ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଢ଼େଇ ବାଟିଆ ସେତୁ ପାଇଁ ୨ କୋଟି ୮୦ ଲକ୍ଷ, ଜଳହରି ସେତୁ ପାଇଁ ୩ କୋଟି, ମାଛୁଆଡି ପୁରୁଷୋତ୍ତମ ରାସ୍ତା ପାଇଁ ୨୨ ଲକ୍ଷ, ଚନ୍ଦ୍ରାଦେଇପୁର ସାଲେପୁର ରଥଦାଣ୍ଡ ପାଇଁ ୨୨ଲକ୍ଷ ଟଙ୍କା ବ୍ୟୟ କରାଯିବ। ବିଧାୟକ ଏ ସବୁ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଆଗାମୀ ଦିନରେ ନିର୍ବାଚନମଣ୍ଡଳୀକୁ ରାଜ୍ୟର ଶ୍ରେଷ୍ଠ ନିର୍ବାଚନମଣ୍ଡଳୀ ରୂପେ ଗଢ଼ି ତୋଳିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ସାଲେପୁର ବ୍ଲକ ଅଧକ୍ଷା ମମତା ରାଉତ, ଆମ୍ବ ସଭାପତି ସମ୍ରାଟ କେଶରୀ ଲେଙ୍କା, ବିଶ୍ୱରଞ୍ଜନ ଦାଶ, ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, ରବୀନ୍ଦ୍ର ରାଉତ ଓ ସନ୍ତୋଷ ଭୂୟାଁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ।

■ ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ୍

ଜଗା ୟୁନାଇଟେଡ୍ ଚାମ୍ପିୟନ

ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ସାଲେପୁର, ୨୪।୨(ଡି.ଏନ.ଏ.)

ସାଲେପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଓ ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ ମଧରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଜଗା ୟୁନାଇଟେଡ୍ ସ୍ପୋର୍ଟ୍ସ ହଷ୍ଟେଲକୁ ୪-୩ ଗୋଲ୍‌ରେ ହରାଇ ଚାମ୍ପିୟନ ହୋଇଛି। ସଙ୍ଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ଟ୍ରାଇବେକର ଜରିଆରେ ଜଗା ୟୁନାଇଟେଡ୍ ଚାମ୍ପିୟନ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଗ୍ରାମାଞ୍ଚଳରେ ଫୁଟବଲ୍ ଖେଳ ପ୍ରତି ଆଗ୍ରହ ପ୍ରକାଶ ପାଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟା ଗୀତା ଦାସ, ଡା.ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ ଅଧକ୍ଷା ମମତା ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ମୁଖ୍ୟ ଅତିଥି ଟ୍ରଫି ସହ ୧୦ହଜାର ଟଙ୍କା ଓ ରନସ୍‌ଅପ୍ ଟିମ୍‌କୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଜଗା ୟୁନାଇଟେଡ୍ ଶ୍ରେଷ୍ଠ ଗୋଲ୍‌କିପର୍ ଓ ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ପୁରସ୍କୃତ ହୋଇଥିଲା। ଅନୁଷ୍ଠାନ ଅଧକ୍ଷ ଶ୍ରୀକାନ୍ତ ପଣ୍ଡା, ସଭାପତି ପ୍ରଦୀପ୍ତ କର, ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, କୋଷାଧକ୍ଷ ସେକ୍ ରହିମ୍ ବକ୍ସ, ଉପସଭାପତି ପରଭେଜ୍ ଅଲ୍ଲୀ, ସହସମ୍ପାଦକ କମଳାକାନ୍ତ ପତି, ନଳୀନି ଜେନା, ସମ୍ପିତ ଦାସ, ଦେବବ୍ରତ ସାହୁ ଓ ସଞ୍ଜୟ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରେଫରିଭାବେ ଏମ୍.ଡି. ଜହୁର, ରସାନନ୍ଦ ସାମଲ, ପ୍ରଦୀପ ମହାନ୍ତି, ଏସ୍. କେ. ହୟାଦ, ଜୀବନଜ୍ୟୋତି ନାୟକ ଉପସ୍ଥିତ ଥିଲେ।

■ ତରତରେ କଂଗ୍ରେସ କର୍ମୀ ସମାବେଶ

ପ୍ରତ୍ୟେକ ପରିବାରକୁ ସଚେତନ କରିବେ କର୍ମୀ

ବୈଠକରେ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ।

ନିଶ୍ଚିନ୍ତକୋଇଲି,୨୪।୨(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ। ତଥାପି ଗାଁଠୁ ସହର ପର୍ଯ୍ୟନ୍ତ ନିର୍ବାଚନୀ ଉଷ୍ମତା ଦେଖିବାକୁ ମିଳିଲାଣି। ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ହାତେଇବା ପାଇଁ ନିର୍ବାଚନୀ ମୁଦ୍ଦା ପ୍ରସ୍ତୁତ କରି ବୈଠକ ଚଳାଇଥିବାବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାହାଙ୍ଗାରେ କଂଗ୍ରେସକୁ କ୍ଷମତାସୀନ କରିବା ପାଇଁ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ନିଜ ଗାଁ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତରତରୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିଜେଡି ଓ ଭାଜପାର ଗୋଷ୍ଠୀ କନ୍ଦଳର ଫାଇଦା ନେବା ପାଇଁ ଦଳ ରଣ କୌଶଳ ପ୍ରସ୍ତୁତ କରିଛି। ପ୍ରତ୍ୟେକ ପରିବାର ପାଖରେ କର୍ମୀ ପହଞ୍ଚି ଚାଷୀଙ୍କ ପାଇଁ ଋଣଛାଡ, ବେକାର ସମସ୍ୟା ଓ ବିଜେଡିର ଦୁର୍ନୀତି ଶାସନ ବିରୋଧରେ ଜନ ସଚେତନ କରିବା ପାଇଁ ପିସିସି ସମ୍ପାଦକ ଦାସ କର୍ମୀଙ୍କୁ ଆହ୍ୱାନ ନେଇଛନ୍ତି। ଶନିବାର ତରତ ପଞ୍ଚାୟତ ବଇଁପଡା ଗ୍ରାମରେ ଆୟୋଜିତ ସମାବେଶରେ ବରିଷ୍ଠ କର୍ମୀ ହେମନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପିସିସି ସମ୍ପାଦକ ଦାସ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ହେଲେ ପ୍ରଥମେ କର୍ମୀ ନିଜ ନିଜ ମଧରେ ଏକମନ ଏକ ପ୍ରାଣ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ କହିଥିଲେ। ସଭାରେ କଟକ ଜିଲା ସାଧାରଣ ସମ୍ପାଦକ ଦିଲୀପ ରାଉତ ଓ ଅମିୟ ବିଶ୍ୱାଳ ଯୋଗଦେଇ ଗାଁ ଗହଳିରେ ଲୋକଙ୍କ ସମସ୍ୟା ଓ ଗାଁର ବିକାଶ ପାଇଁ କେବଳ କଂଗ୍ରେସ ସରକାର ହିଁ ଚିନ୍ତା କରୁଛନ୍ତି। ଯେଉଁ ରାଜ୍ୟରେ କଂଗ୍ରେସ ସରକାର ଅଛି ସେଠାରେ କୃଷକ ଶ୍ରମିକ ଓ ବେକାରଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି। ଯାହାକି ଓଡିଶାରେ ଦେଖିବାକୁ ମିଳୁନି ବୋଲି କହିଥିଲେ। ସମ୍ମାନିତ ଅତିଥି ସଞ୍ଜୟ ବେହେରା ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସୁଦୃଢ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଜିଲା ସମ୍ପାଦକ ଅଜିତ ରାୟ, ଜ୍ୟୋତିରଞ୍ଜନ ନାୟକ, ବିଚିତ୍ରାନନ୍ଦ ପରିଡା, ସୁରେନ୍ଦ୍ର ଦାସ, ଅଚ୍ୟୁତାନନ୍ଦ ବେହେରା, ସାଧୁଚରଣ ସ୍ୱାଇଁ, ଅଚ୍ୟୁତାନନ୍ଦ ଦାସ, ମଧୁସୁଦନ ସ୍ୱାଇଁ, ମାଧବାନନ୍ଦ ନାୟକ ଓ ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ ମଜଭୁତ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ନିଶ୍ଚିନ୍ତକୋଇଲି ବ୍ଲକରୁ ଅଦ୍ୟାବଧି କୌଣସି ଦଳ ପ୍ରାର୍ଥୀ ଦେଇ ନ ଥିବାରୁ ଚଳିତ ନିର୍ବାଚନରେ କଂଗ୍ରେସ ଏହି ବ୍ଲକରେ ଥିବା ୨୭ଟି ପଞ୍ଚାୟତ ମଧ୍ୟରୁ ପ୍ରାର୍ଥୀ ଦେବା ପାଇଁ ବରିଷ୍ଠ ନେତାମାନେ ଅଣ୍ଟା ଭିଡିଥିବା ଆଲୋଚନା ହୋଇଥିଲା।

ସ୍କୁଲ ପରିଚାଳନା କମିଟି ବୈଠକ

ବାଙ୍କୀ,୨୪।୨(ସ୍ୱ.ପ୍ର.)

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବିବେକାନନ୍ଦ ପବ୍ଲିକ୍ ସ୍କୁଲର ପରିଚାଳନା କମିଟି ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମିଳିତ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଆଦିତ୍ୟ ପ୍ରସାଦ ପାଣି ଏଥିରେ ଅଧକ୍ଷତା କରି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହି ବୈଠକରେ ସେ ସବୁର ଆଲୋଚନା କରାଯାଇଥିଲା। ସମ୍ପାଦକ ରମେଶ ଚନ୍ଦ୍ର ବେହେରା ବୈଠକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କୋଷାଧକ୍ଷ ସତ୍ୟନାରାୟଣ ସାହୁ ଆୟବ୍ୟୟ ଉପସ୍ଥାପନ କରିବାପରେ ତା'ର ତର୍ଜମା କରାଯାଇ ମଞ୍ଜୁର କରାଯାଇଥିଲା। ନିଜସ୍ୱ ଜାଗାରେ ସ୍କୁଲର ନୂତନ ଗୃହ ନିର୍ମାଣ, ଛାତ୍ରୀଛାତ୍ରଙ୍କୁ ପୋଷାକ ଯୋଗାଣ, ଉନ୍ନତ ଶିକ୍ଷାଦାନ ଓ ନାମ ଲେଖା ଫି' ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପରିଚାଳନା କମିଟି ସଭ୍ୟ ରଞ୍ଜନ ସାମନ୍ତରାୟ, ପ୍ରଭାତ ଚନ୍ଦ୍ର ରାଜ, ପ୍ରିୟନାଥ ମହପାତ୍ର, ସନ୍ତୋଷ ରଣା, ଶରତ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ପ୍ରସନ୍ନ ବେହେରା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧରେ ପ୍ରୀତିମଞ୍ଜରୀ ସାହୁ, ସୁଜାତା ବେହେରା, ସୁରଜିତା ପଣ୍ଡା, ସ୍ନେହାମୟୀ ସ୍ୱାଇଁ, ଆଦ୍ୟାଶ୍ରୀ ମହାପାତ୍ର, ସ୍ନିଗ୍ଧାରାଣୀ ସାହୁ ଏବଂ ଜ୍ଞାନେଶ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଆଠଗଡ଼ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

'ସାଧନା ବଳରେ ସାହିତ୍ୟର ବିକାଶ ଘଟିଥାଏ'



ସାହିତ୍ୟ ସମାଜ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି।

ଆଠଗଡ଼,୨୪।୨(ସ୍ୱ.ପ୍ର.)

ଆଠଗଡ଼ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ମହାତ୍ମା ଗାନ୍ଧୀ ଇଂଲିଶ ମିଡିୟମ ସ୍କୁଲରେ ପାଳିତ ହୋଇଯାଇଛି। ସଭାପତି ପ୍ରାଣକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ସାଧନା ବଳରେ ସାହିତ୍ୟର ବିକାଶ ଘଟିଥାଏ ବୋଲି କହିବାସହ ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନଙ୍କ ପାଇଁ ନୀରବ ପ୍ରାର୍ଥନା ଓ ଶୋକସଭା କରା ଯାଇଥିଲା। ସମ୍ମାନିତ ଅତିଥି ବିଜ୍ଞାନ କବି ଚନ୍ଦ୍ର ଶେଖର ମହାନ୍ତି, ସାମ୍ୟବାଦୀ କବି ଧ୍ରୁବ ରଣା, ବ୍ୟଙ୍ଗ କବି ଚନ୍ଦ୍ରଶେଖର, ମୁଖ୍ୟବକ୍ତା ସାହିତ୍ୟିକ ତଥା ସମାଲୋଚକ ଡ. ନାରାୟଣ ପଣ୍ଡା ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଆଠଗଡ ସାହିତ୍ୟ ସମାଜ ସମ୍ପାଦକ ଲଲାଟେନ୍ଦୁ ସେନାପତି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ସାହିତ୍ୟ ସମାଜର ୨ ଦିନିଆ ରୌପ୍ୟଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଭ୍ୟ ସାରଙ୍ଗଧର ଜେନା ବଂଶୀ ବାଦନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁରେଶଚନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର ସମ୍ମିଳନୀ

କଟକ ଅଫିସ, ୨୪।୨

ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ ରବିବାର ନେମାଳଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ଜିଲା ସଭାପତି ରାଜକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ସଙ୍ଗଠନର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ପାଦକ ପରମାନନ୍ଦ ସେଠୀ, ମୁଖ୍ୟବକ୍ତା ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସମ୍ପାଦକ କମ୍ରେଡ ବିଶ୍ୱାବସୁ ଦାସ, ଅନ୍ୟତମବକ୍ତା ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ଅଫିସ ସମ୍ପାଦକ କମ୍ରେଡ ଖଗେଶ୍ୱର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ନିର୍ମାଣ ଶ୍ରମିକଙ୍କୁ ଘର ଯୋଗାଇଦେବା, ବନ୍ଧୁପୁର ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସକ ନିଯୁକ୍ତି କରିବା, ପ୍ରତି ପଞ୍ଚାୟତରେ ଧାନମଣ୍ଡିର ଅବ୍ୟବସ୍ଥା ଦୂରକରିବା, ଶୀତଳଭଣ୍ଡାର ସ୍ଥାପନ କରିବା ପାଇଁ ଦାବି କରାଯାଇଥିଲା।

ଗ୍ରାମାଞ୍ଚଳ କ୍ରିକେଟ: ମନ୍ତ୍ରୀ ସାହି କ୍ଲବ ଚାମ୍ପିୟନ

ବାଙ୍କୀ, ୨୪।୨(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଅଧୀନ ରଗଡ଼ି ପଞ୍ଚାୟତ ଯୁବକଙ୍କ ସହଯୋଗରେ ଭେଲେଇପଦା ଖେଳପଡ଼ିଆଠାରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ରଗଡ଼ି କ୍ରିକେଟ କ୍ଲବ ଓ ମନ୍ତ୍ରୀ ସାହି କ୍ରିକେଟ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ରଗଡ଼ିକୁ ହରାଇ ମନ୍ତ୍ରୀ ସାହି ଚାମ୍ପିୟନ ହୋଇଥିଲା। ଟସ୍ ଜିତି ମନ୍ତ୍ରୀସାହି ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ରନ୍ କରିଥିଲା। ଦଳ ପକ୍ଷରୁ ରାଜେନ୍ଦ୍ର ମନ୍ତ୍ରୀ ୨୨ ବଲ୍ ଖେଳି ୫ଟି ଚୌକା ସହ ୨୯ ରନକରିଥିବାବେଳେ ସରୋଜ ମନ୍ତ୍ରୀ ୨୦ ବଲ୍ ଖେଳି ୨ ଛକା ଓ ୨ଟି ଚୌକା ସହ ୨୬ରନ କରିଥିଲେ। ବିପକ୍ଷ ଦଳର ବଣ୍ଟି ବେହେରା ୪ ଉଇକେଟ ଓ ମନୋରଞ୍ଜନ ସାହୁ ୩ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ରନ୍‌ର ପିଛାକରି ରଗଡ଼ି ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ରନ୍ ସଂଗ୍ରହ କରିଥିଲା। ଫଳରେ ୩୨ରନ୍‌ରେ ରଗଡ଼ିକୁ ପରାସ୍ତକରି ମନ୍ତ୍ରୀସାହି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦ ମ୍ୟାଚ ମନୋରଞ୍ଜନ ସାହୁ ଏବଂ ମ୍ୟାନ ଅଫ୍ ଦ ସିରିଜ୍ ସରୋଜ ମନ୍ତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି କ୍ରୀଡା ସଂଗଠକ ଦ୍ୱୈତ୍ୟାରୀ ରାଜ ଓ ବିଭୂପ୍ରସାଦ ଦାସ ଯୋଗ ଦେଇଥିଲେ।

ମଦମୁକ୍ତ ଦୋଳ ମେଳଣ ପାଇ ନିଷ୍ପତ୍ତି

ସାଲେପୁର,୨୪।୨(ଡି.ଏନ.ଏ.)

ସ୍ଥାନୀୟ ଚାଟେଶ୍ୱର ପୀଠରେ ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟୀ ଗୋଲଖ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜଗତପୁର ଥାନା ସହଅଧିକାରୀ ମାନସ ରଞ୍ଜନ ମିଶ୍ର, ମୃତ୍ୟୁଞ୍ଜୟ ଦାସ, ସର୍ବେଶ୍ୱର ସାହୁ, ଲକ୍ଷ୍ମୀଧର ଭୂୟାଁ, ଦେବେନ୍ଦ୍ର ସ୍ୱାଇଁ, ବିଚିତ୍ରାନନ୍ଦ ଦାସ, ନିମାଇ ପରିଡା, ଫୁଲ ମହାରଣା, ବିଜୟ ପୁଝାରୀ ଓ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ମଦମୁକ୍ତ ମେଳଣ ପାଇଁ ନିଷ୍ପତ୍ତି ହୋଇଥିଲା।

■ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ

ଲୋକାର୍ପଣ ପରେ ଉଦ୍‌ଘାଟନ

ସାଲେପୁର,୨୪।୨(ଡି.ଏନ.ଏ.)

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ୩୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଥରେ ଲୋକର୍ପିତ ହେବା ପରେ ଆଉ ଥରେ ଉଦ୍‌ଘାଟିତ ହୋଇଛି। ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ କଟକ ଆସିଥିବାବେଳେ ରିମୋଟ୍ ଯୋଗେ ଏହାର ଲୋକର୍ପଣ କରିଥିଲେ। ଏହି ଲୋକର୍ପଣକୁ ସାତ ଦିନ ନ ପୂରୁଣୁ ସ୍ଥାନୀୟ ବିଧାୟକ ପ୍ରକାଶ ବେହେରା ରବିବାର ପୁଣି ସେହି ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଗୋଟିଏ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପରେ ତାହାକୁ ପୁଣିଥରେ ବିଧାୟକ ଉଦ୍‌ଘାଟନ କରିବା ଘଟଣାକୁ ଅଞ୍ଚଳବାସୀ ଜାଣିପାରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୁଖ୍ୟମନ୍ତ୍ରୀଙ୍କ ଲୋକାର୍ପଣବେଳେ ଗୋଟିଏ ଫଳକ ଲାଗିଥିବାବେଳେ ବିଧାୟକଙ୍କ ଉଦ୍‌ଘାଟନବେଳେ ଆଉ ଏକ ଫଳକ ଲଗାଯାଇଛି। ୨୦୧୪ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଘବପୁର ବ୍ୟାରେଜ୍ ପଡିଆଠାରେ ଏକ ଉତ୍ସବରେ ଯୋଗଦେଇ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ନିର୍ବାଚନରେ ବିଜୟୀ ହେବାପରେ ବିଧାୟକ ବେହେରା ପୁଣି ଏହି ପ୍ରକଳ୍ପକୁ ୨ବର୍ଷ ପରେ ଶିଳାନ୍ୟାସ କରିଥିଲେ। ଏ ସମ୍ପର୍କରେ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ବିଧାୟକ କିମ୍ବା ଅନ୍ୟ କୌଣସି ଅଧିକାରୀଙ୍କ ମତାମତ ମିଳି ପାରିନାହିଁ। ଏହାକୁ ନେଇ ସାଲେପୁର ରାଜନୀତି ସରଗରମ ହୋଇଛି। ଏବେ ଦେଖିବାକୁ ଅପେକ୍ଷା ଆଗକୁ କ'ଣ ଘଟୁଛି।

- ୧୭ରେ ମୁଖ୍ୟମନ୍ତ୍ରୀ କରିଥିଲେ ଲୋକାର୍ପଣ
- ୨୪ରେ ବିଧାୟକ କଲେ ଉଦ୍‌ଘାଟନ
- ସାଲେପୁର ରାଜନୀତି ଚର୍ଚ୍ଚା ଜୋର୍
- ପୂର୍ବରୁ ମଧ ୨ ଥର ଶିଳାନ୍ୟାସ ହୋଇଥିଲା



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛଆଡ଼କୁ ନୁହେଁ।
- ଆବ୍ରାହିମ୍ ଲିଙ୍କନ୍

ସଂକ୍ଷେପରେ

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରୁ ବଞ୍ଚିତ ରାଉତସାହି

ଭୋଟ୍ ବର୍ଜନ ଚେତାବନୀ

କଟକ ସଦର, ୨୪।୨(ଡି.ଏନ୍.ଏ.): ୨୦୧୮-୧୯ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତ ରାଜହଂସ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ କେନ୍ଦ୍ର ସରକାର ସାମିଲ କରିଛନ୍ତି। ଉକ୍ତ ଗ୍ରାମର ୪ଟି ୱାର୍ଡ ମଧ୍ୟରୁ ୧୫ନଂ. ୱାର୍ଡ ରାଉତସାହିକୁ ଏହି ଯୋଜନାରୁ ବଞ୍ଚିତ କରାଯାଇଛି। ଏହାର ପ୍ରତିବାଦରେ ଉକ୍ତ ସାହିର ସମସ୍ତ ଭୋଟର ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ରବିବାର ରାଉତସାହି ଯୁବକ ସଂଘ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଲ, ସମିତିସଭ୍ୟ ପ୍ରଭାକର ବେହେରା, ଶରତ ଚନ୍ଦ୍ର ରାଉତରାୟ ଓ ବିଭୂତି ଭୂଷଣ ରାଉତରାୟ ପ୍ରମୁଖ ଭୋଟ୍ ବର୍ଜନ ସମ୍ପର୍କରେ ସୂଚନା ଦେଇଥିଲେ। ବିବରଣୀରୁ ପ୍ରକାଶ, ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୫୪ ଲକ୍ଷ ଟଙ୍କା ତଫସିଲଭୁକ୍ତଜାତି ଲୋକମାନଙ୍କ ସାମୂହିକ ବିକାଶ ପାଇଁ ପ୍ରଦାନ କରିଛନ୍ତି। ପ୍ରକଳ୍ପ ତାଲିକା ପ୍ରସ୍ତୁତ ପାଇଁ ଗ୍ରାମସଭା ହୋଇଥିଲା। ଏଥିରେ ୧୫ନଂ. ୱାର୍ଡ ପାଇଁ ସୁପାରିସ କରାଯାଇଥିବା ପ୍ରକଳ୍ପ ମଧ୍ୟରୁ କୌଣସି ଗୋଟିଏ ହେଲେ ଚୂଡାନ୍ତ ତାଲିକା ସାମିଲ କରାଯାଇ ନ ଥିଲା। ତେଣୁ ଗ୍ରାମବାସୀ ଏ ସମ୍ପର୍କରେ ଜିଲାପାଳ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୂର୍ବରୁ ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ସମ୍ମିଳନୀରେ ଦାବି କରାଯାଇଛି। ଏଥିରେ ହୃଷୀକେଶ ଭୋଇ, ଲୋକନାଥ ମଲ୍ଲିକ, ବନମାଳି ଭୋଇ ଓ ନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

କଟକ ଅଫିସ, ୨୪।୨: ସ୍ଥାନୀୟ ହାଡିଆପଠାଠାରେ ଅଭିନେତା ତଥା ବିଜେଡି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଯୁବ ଓ ଛାତ୍ରଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କିଭଳି ଭାବେ ଲୋକଙ୍କ ନିକଟରେ ପହଞ୍ଚିବ ଓ ତୃଣମୂଳସ୍ତରରେ ଦଳକୁ ସଙ୍ଗଠିତ କରିବାକୁ ଛାତ୍ର ଓ ଯୁବନେତାଙ୍କ ସହ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଏଥିରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ଅଭିନେତା ଅରିନ୍ଦମ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବାଶିଷ ସାମନ୍ତରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଜିଲା ଯୁବ ସଭାପତି ଜ୍ଞାନେନ୍ଦ୍ରଗିରି ଗୋସ୍ୱାମୀ, ବିଜୁ ଛାତ୍ର ଜନତା ଦଳର କଟକ ଜୋନ ସଭାପତି ସ୍ମୃତିରଞ୍ଜନ ଦାସ, ଜିଲା ଛାତ୍ର କାର୍ଯ୍ୟକାରୀ ସଭାପତି ଆସିଫ ଅମିନ୍‌ଙ୍କ ସମେତ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଓ ଯୁବକ ଉପସ୍ଥିତ ଥିଲେ।

■ ହିନ୍ଦୁସ୍ତାନ ନିର୍ମାଣ ଦଳର ଓଡ଼ିଶା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବ ଦଳ

କଟକ ଅଫିସ,୨୪।୨

ସମ୍ମିଳନୀରେ ରାଷ୍ଟ୍ରବାଦୀ ନେତା ପ୍ରବୀଣ ଭାଇ ତୋଗାଡ଼ିଆ ଉଦ୍‌ବୋଧନ ଦେଉଛନ୍ତି।

ହିନ୍ଦୁସ୍ତାନ ନିର୍ମାଣ ଦଳର ଓଡ଼ିଶା କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର କଟକ ବାଲିଯାତ୍ରା ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଷ୍ଟ୍ରବାଦୀ ନେତା ପ୍ରବୀଣ ଭାଇ ତୋଗାଡ଼ିଆ ଉଦ୍‌ଘାଟନ କରିବା ସହିତ ନୂତନ କାର୍ଯ୍ୟକାରିଣୀ ଘୋଷଣା କରିଛନ୍ତି। ସେ କହିଛନ୍ତି, ତାଙ୍କ ଦଳ ମିଥ୍ୟା ପ୍ରତିଶ୍ରୁତି ନୁହେଁ, ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବ। ଦେଶର କୃଷକ, ଶ୍ରମିକ, ଛୋଟ ଓ ମଧ୍ୟମ ଧରଣର ବ୍ୟବସାୟୀ ଏବଂ ସମାଜର ଉପେକ୍ଷିତ ବର୍ଗର ସରକାର ହେବ। ହିନ୍ଦୁ ସମାଜର ସମ୍ମାନ, ସମୃଦ୍ଧି, ସ୍ୱାଭିମାନର ସୁରକ୍ଷା କରିବ। ସୋମନାଥ ମନ୍ଦିର ପରି ସଂସଦରେ ଆଇନ ଆଣି ଅଯୋଧ୍ୟାରେ ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ। କଶ୍ମୀରରୁ ବିସ୍ଥାପିତ ହିନ୍ଦୁ ଓ ଶିଖ୍‌ଙ୍କୁ ପୁନର୍ବାର ସୁରକ୍ଷିତ ଭାବେ ସ୍ୱଗୃହ ପ୍ରତ୍ୟାବର୍ତ୍ତନର ବ୍ୟବସ୍ଥା କରିବ। ହୁ ହୁ ବଢୁଥିବା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଆଣିବ। କୃଷକର ସମୃଦ୍ଧି ପାଇଁ କୃଷିଋଣ ଛାଡ଼, କୃଷକଙ୍କୁ ସ୍ୱାମୀନାଥନ କମିଟିର ସୁପାରିସ ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଏବଂ କୃଷକଙ୍କ ଜମି ଅଧିଗ୍ରହଣ ନୀତିର ପୁନର୍ବିଚାର କରିବ। ଭୁଲ୍ ଆର୍ଥିକ ନୀତି ଯୋଗୁ ବର୍ତ୍ତମାନ ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ବଢିଚାଲିଛି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଯୋଗୁ ଦେଶରେ ବେରୋଜଗାରି ବୃଦ୍ଧି ପାଇଛି। କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟୀ ବହୁ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଠିକ୍ ଆର୍ଥିକ ନୀତି ଦ୍ୱାରା ହିନ୍ଦୁସ୍ତାନ ନିର୍ମାଣ ଦଳ (ହିନ୍ଦ୍) ଏହି ସମସ୍ୟାର ସମାଧାନ କରିବ।

ଆଗାମୀ ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ

ଓଡ଼ିଶାର ସମସ୍ୟା ସମ୍ପର୍କରେ ତୋଗାଡ଼ିଆ କହିଥିଲେ, ଓଡ଼ିଶା, ବାଂଲାଦେଶୀ ଅନୁପ୍ରବେଶକାରୀ ଓ ଜେହାଦୀ ଆତଙ୍କବାଦୀଙ୍କ ଚରାଭୂଇଁ ପାଲଟିଛି। ଓଡ଼ିଶାରୁ ଅବାଧରେ ଗୋ'ଚାଲାଣ ହେଉଛି। ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟସେବା ଦୟନୀୟ ସ୍ଥିତିରେ ପହଞ୍ଚିଛି। ଆଗାମୀ ନିର୍ବାଚନରେ ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ନିର୍ବାଚନମଣ୍ଡଳୀରେ ହିନ୍ଦୁସ୍ତାନ ନିର୍ମାଣ ଦଳ ପ୍ରାର୍ଥୀ ଦେବ ବୋଲି ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ଫେବୃୟାରୀ ୯ ତାରିଖ ତୋଗଡ଼ିଆଙ୍କ ନେତୃତ୍ୱରେ ଦିଲ୍ଲୀରେ ହିନ୍ଦୁସ୍ତାନ ନିର୍ମାଣ ଦଳ ଗଠିତ ହୋଇଥିଲା।


କଟକ ଇଷ୍ଟକୋଷ୍ଟ ରେଲୱେ ଖେଳପଡ଼ିଆରେ ରବିବାର ଶ୍ରମିକ କଂଗ୍ରେସ ପକ୍ଷରୁ ଆୟୋଜିତ ସାଧାରଣ ଅଧିବେଶନକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

ଭାଜପା ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କଟକ ସଦର, ୨୪।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ବିରିବାଟୀଠାରେ ରବିବାର ଭାଜପା ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିସ୍ତାରକ ଗୌରବ ଆଣ୍ଡିଆ ଓ କେଦାର ବେହେରା ଯୋଗଦେଇ ଆଗାମୀ ନିର୍ବାଚନ ସମ୍ପର୍କରେ ଦଳୀୟ କର୍ମୀମାନଙ୍କୁ ସୂଚନା ଦେଇଥିଲେ। ତୃଣମୂଳସ୍ତରରେ ଭାଜପାର ପ୍ରତିଷ୍ଠାତା ସଭ୍ୟମାନଙ୍କୁ ଅଣଦେଖା କରାଯାଉଛି ବୋଲି ଯୁବମୋର୍ଚ୍ଚାର କର୍ମୀ ଅଶୋକ ସାହୁ ଓ ବଟ ସାମନ୍ତରାୟ ବିସ୍ତାରକ ଦ୍ୱୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ରାଧାକାନ୍ତ ମଲ୍ଲିକ, ସ୍ୱପ୍ନେଶ୍ୱର ପଣ୍ଡା, ବିନୋଦ ଦାଶ, ବିଜୟାନନ୍ଦ ମହାନ୍ତି ଓ ମନୋଜ ସେଠୀ ପ୍ରମୁଖ କେନ୍ଦ୍ର ସରକାରଙ୍କ ସଫଳତାକୁ ଘରେ ଘରେ ପହଞ୍ଚାଇ ଦଳୀୟ ସ୍ଥିତି କଟକ ସଦର ନିର୍ବାଚନ ମଣ୍ଡଳୀରେ ସୁଦୃଢ ପାଇଁ ଆହ୍ୱାନ ଜଣାଇଥିଲେ। ଦଳର ବରିଷ୍ଠ କର୍ମକର୍ତ୍ତା ଅଭିମନ୍ୟୁ ସାହୁ, ଚିନୁ ଜେନା, ଅର୍ଚ୍ଚନା କାଣ୍ଡି, ମନୋଜ ସେଠୀ, ସୁରେଶ ଜେନା, ସଞ୍ଜୟ ସିଂହ ଓ ପ୍ରଫୁଲ୍ଲ ସାହୁଙ୍କୁ ଦଳକୁ ମଜଭୁତ କରିବା ପାଇଁ ସେଠୀ ଦାୟିତ୍ୱ ଦେଇଥିଲେ।

କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ସମ୍ବର୍ଦ୍ଧନା ସଭା

କଟକ ଅଫିସ,୨୪।୨

କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନ ପକ୍ଷରୁ ରବିବାର ମଧ୍ୟାହ୍ନରେ ବାଦାମବାଡ଼ି ସ୍ଥିତ ଏକ ହୋଟେଲରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବ୍ୟାଙ୍କ କର୍ମଚାରୀ ନେତା, ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ଉପସାଧାରଣ ସମ୍ପାଦକ ତଥା କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନ ଓଡ଼ିଶା ରାଜ୍ୟ କମିଟିର ପ୍ରାକ୍ତନ ସମ୍ପାଦକ କମ୍ରେଡ ବିପିନ ବିହାରୀ ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ୟୁନିୟନର ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ ବିପିନ ବିହାରୀଙ୍କ କର୍ମମୟ ଜୀବନ ଏବଂ ସଂଗଠନ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। କାନାରା ବ୍ୟାଙ୍କ ଓଡ଼ିଶା ସର୍କଲର ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ଦାଶ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ସୌରୀବନ୍ଧୁ କର, ଏଆଇବିଓଏର ପ୍ରାକ୍ତନ ସଭାପତି ଜ୍ୟୋତିଷ ପଟ୍ଟନାୟକ, ଶ୍ରମିକ ନେତା କିଶୋର ଜେନା, ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସଭାପତି ସୁଭାଷ ଚନ୍ଦ୍ର ବୋଷ, କାନାରା ବ୍ୟାଙ୍କ ଏଜିଏମ୍ ବିଦ୍ୟୁତ କୁମାର ରଥ, କାନାରା ବ୍ୟାଙ୍କ ଅଫିସର ସଂଘର ପି.କେ. ମହାନ୍ତି, ବି.କେ. ସିଂ, ଅକ୍ଷୟ ଦାସ, ହରିହର ପାଣି ପ୍ରମୁଖ ଉପସ୍ଥିତ ଥିଲେ। କୀର୍ତ୍ତିରଞ୍ଜନ ବିଶ୍ୱାଳ, ଦେବୀ ପ୍ରସାଦ ସାହୁ, ମାନସ ରଞ୍ଜନ, ଜାନକୀ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ତୀର୍ଥ କରିବାକୁ ଗଲେ ୨୪୮ ବରିଷ୍ଠ ନାଗରିକ

କଟକ ଅଫିସ, ୨୪।୨

ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ଧାର୍ମିକ ଏବଂ ଆଧ୍ୟାତ୍ମିକ ସ୍ଥଳକୁ ତୀର୍ଥଯାତ୍ରାର ସୁବିଧା ଦେବା ପାଇଁ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କରିଛନ୍ତି। କଟକ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ୨୪୮ ଜଣ ବରିଷ୍ଠ ନାଗରିକ ରବିବାର ଏହି ଯୋଜନାରେ କଲିକତା ଦକ୍ଷିଣକାଳୀ ଏବଂ ଆସାମର କାମାକ୍ଷା ଅଭିମୁଖେ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନାନନ୍ଦ ପଟ୍ଟନାୟକ, ଡିପିଆରଓ ଅଶୋକ କୁମାର ଷଡଙ୍ଗୀ, ଅତିରିକ୍ତ ଲୋକସମ୍ପର୍କ ଅଧିକାରୀ ଆଶୁତୋଷ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରେ ବାଲିଯାତ୍ରା ପଡ଼ିଆରୁ ୬ଟି ବସ୍‌ରେ ବରିଷ୍ଠ ନାଗରିକମାନେ ଭୁବନେଶ୍ୱର ରେଳଷ୍ଟେଶନ ଅଭିମୁଖେ ଯାଇଥିଲେ। ସେଠାରୁ ସେମାନେ ଟ୍ରେନ୍‌ରେ ଯାଇ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ତୀର୍ଥଯାତ୍ରା କରିବେ। ସେମାନଙ୍କୁ ସହଯୋଗ କରିବା ପାଇଁ ୬ ଜଣ ଏସକର୍ଟ ଅଫିସର ସେମାନଙ୍କ ସହ ଯାଇଛନ୍ତି।

ଶହୀଦଙ୍କ ଉଦ୍ଦେଶ୍ୟରେ ସର୍ବଧର୍ମ ପ୍ରାର୍ଥନା ସଭା

ନିଆଳି/ଚୌଦ୍ୱାର, ୨୪।୨(ଡି.ଏନ୍.ଏ.)

ନିଆଳି ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ଶହୀଦ୍ ମନୋଜ ବେହେରାଙ୍କ ଏକାଦଶାହ କାର୍ଯ୍ୟ ରବିବାର ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ସମୀର ରଞ୍ଜନ ଦାଶ, ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକ, ଏମ୍‌ପି କୁଳମଣି ସାମଲ, କଂଗ୍ରେସର ଜିଲା ସଭାପତି ଗୁରୁପଦ ନନ୍ଦ, ଜଗତ୍‌ସିଂହପୁର ଲୋକସଭା ଯୁବକଂଗ୍ରେସ ସଭାପତି ଶଶିକାନ୍ତ ଲେଙ୍କା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କେଦାରନାଥ ସାହୁ, ଭାଜପା ନେତା ବାଇଧର ମଲ୍ଲିକ, ଛବି ମଲ୍ଲିକ, ସୁଶାନ୍ତ ମଲ୍ଲିକ, ବିଜେଡି ନେତା ଆର୍ତ୍ତତ୍ରାଣ ମଲ୍ଲିକ, ବ୍ଲକ ଆମ୍ବାର ଅଧ୍ୟକ୍ଷ ଆଦିତ୍ୟ ପାଣିଙ୍କ ସହ ନିଆଳି ଅଞ୍ଚଳର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇ ଶହୀଦ ମନୋଜଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

ସେହିପରି ରବିବାର ସନ୍ଧ୍ୟାରେ ଚୌଦ୍ୱାରସ୍ଥିତ ଶିଶୁ ସଦନରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ମୌଲାନା ସାହାବୁଦ୍ଦିନ ସକାଫ୍, ମୌଲାନା ଅସରଫ୍, ପାଷ୍ଟର ଷ୍ଟିଫେନ ମନି ଘାଣ୍ଟ ଓ ପଣ୍ଡିତ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପବ୍ଲିକ ୱେଲଫେୟାର ସୋସାଇଟିର ସମ୍ପାଦକ ପଞ୍ଚାନନ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସାହାଣୀ ଓ ଶିଶୁ ସଦନର କର୍ମକର୍ତ୍ତାମାନେ ସଭା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଗତ ୧୪ ତାରିଖରେ ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣରେ ୨ ଓଡ଼ିଆ ଯବାନ ଶହୀଦ ହୋଇଥିଲେ।

ମଦମୁକ୍ତି ଅଭିଯାନ ଶୋଭାଯାତ୍ରା

କଣ୍ଟାପଡା, ୨୪।୨(ଡି.ଏନ୍.ଏ.)

ମଦ ବିରୋଧରେ ଆରମ୍ଭ ହୋଇଥିବା ମଦମୁକ୍ତି ଅଭିଯାନ ରବିବାର ଅଡଶପୁରରେ ପହଞ୍ଚିଛି। ଭୁବନେଶ୍ୱରରୁ ବହାରିଥିବା ଏହି ଯାତ୍ରା ପିପିଲି, ଡେଲାଙ୍ଗ, କଣାସ, ପୁରୀ, କାକଟପୁର, ନିଆଳି ଆଦି ସ୍ଥାନ ପରିକ୍ରମା କରି ରବିବାର ଅଡଶପୁର ସ୍ଥିତ କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଅଭିଯାନକୁ ସ୍ଥାନୀୟ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଯାତ୍ରାରେ ମଦମୁକ୍ତି କାର୍ଯ୍ୟକର୍ତ୍ତା ରାଜ୍ୟର ୧୧ଟି ଜିଲା ପରିକ୍ରମା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିବେ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ଅଭିଯାତ୍ରୀ ଦଳରେ ଉମାକାନ୍ତ ମଣ୍ଡଳ, ଅପର୍ଣ୍ଣା ନାୟକ, କେନ୍ଦ୍ରୀୟ କମିଟି ସଦସ୍ୟ ଇନ୍ଦୁମତି ସାହୁ, ମଳୟ ତ୍ରିପାଠୀ, ପ୍ରିୟନାଥ ଆଚାର୍ଯ୍ୟ, ଅତିଶ କୁମାର ରାଉତ, ସତ୍ୟବ୍ରତ ପୃଷ୍ଟି, ଲଲାଟେନ୍ଦୁ ପାତ୍ର, ଓ ସସ୍ମିତା ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି।

■ ସିପିଆଇ(ଏମ୍)ର କଟକ ଜିଲା କର୍ମୀ ସମ୍ମିଳନୀ

ରାଜ୍ୟରେ କୃଷକ, ଶ୍ରମିକ, ମହିଳାଙ୍କ ସ୍ଥିତି ଶୋଚନୀୟ

କଟକ ଅଫିସ, ୨୪।୨

ଦେଶର ମାତ୍ର ୯ଟି ପରିବାରର ଦିନକୁ ସମ୍ପଦ ବଢୁଛି ୨୨୦୦ କୋଟି ଟଙ୍କା। ଅଥଚ ୭୦ଭାଗ ପରିବାରର ଦିନକୁ ଆୟ ମାତ୍ର ୩୦୦ ଟଙ୍କା। କେଉଁଥିପାଇଁ ରାଜ୍ୟ ତଥା ଦେଶରେ ଏଭଳି ଆର୍ଥିକ ବୈଷମ୍ୟ ବଢିଚାଲିଛି ଆଗାମୀ ସାଧାରଣ ନିର୍ବାଚନରେ ଏ ପ୍ରଶ୍ନ ଶାସକ ଦଳଗୁଡିକୁ ପଚାରିବା ଆବଶ୍ୟକତା ରହିଛି। ସ୍ଥାନୀୟ ଗଣ୍ଡରପୁରସ୍ଥିତ ଯୋଗମାୟା ମନ୍ଦିର ନିକଟରେ ଅନୁଷ୍ଠିତ ସିପିଆଇ(ଏମ୍) କଟକ ଜିଲା କମିଟିର କର୍ମୀ ସମ୍ମିଳନୀରେ ଯୋଗଦେଇ ଦଳର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଓ ବରିଷ୍ଠ ନେତା ଜନାର୍ଦ୍ଦନ ପତି ଏହା କହିଛନ୍ତି। ଦଳର ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଳି କହିଥିଲେ, ଆସନ୍ତା ନିର୍ବାଚନରେ କୃଷକ ବିରୋଧୀ, ଶ୍ରମିକ ବିରୋଧୀ ତଥା ଦେଶ ବିରୋଧୀ ମୋଦି ସରକାରକୁ ପରାସ୍ତ କରିବାକୁ ପଡ଼ିବ। ଅନ୍ୟତମ ବକ୍ତା ଜନାର୍ଦ୍ଦନ କହିଥିଲେ, ରାଜ୍ୟରେ କୃଷକ, ଶ୍ରମିକ, ବେକାର ଯୁବକ, ଦଳିତ ଆଦିବାସୀ ତଥା ମହିଳାମାନଙ୍କର ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଏଥିପାଇଁ ଦାୟୀ। ଏହି ସମ୍ମିଳନୀରେ ଟାଙ୍ଗୀ-ଚୌଦ୍ୱାର କମିଟି ସମ୍ପାଦକ ବିଷ୍ଣୁ ବେହେରା, କୃଷକ ନେତା ମଧୁସୂଦନ ପତି, ଡମ୍ବରୁଧର ସାହୁ, ଶ୍ରମିକ ନେତା ଅଭୟ ସ୍ୱାଇଁ, ପୀତାମ୍ବର ଲେଙ୍କା, ଗୋକୁଳାନନ୍ଦ ବେହେରା ଓ ରଶ୍ମି ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

■ ଶହୀଦଙ୍କ ସମ୍ପର୍କୀୟଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଘଟଣାର ପ୍ରତିବାଦ

ନଗର କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା

କଟକ ଅଫିସ, ୨୪।୨

ଶହୀଦ ମନୋଜ ବେହେରାଙ୍କ ସମ୍ପର୍କୀୟଙ୍କୁ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ଦୁର୍ବ୍ୟବହାର କରିବା ଘଟଣା ପ୍ରତିବାଦରେ ରବିବାର କଟକ ନଗର କଂଗ୍ରେସ କମିଟି ପକ୍ଷରୁ ବାଇକ୍ ଶୋଭାଯାତ୍ରା


ନଗର କଂଗ୍ରେସ ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ଅନୁଷ୍ଠିତ ହୋଇଥିଲା। ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିବା ଏହି ଶୋଭାଯାତ୍ରା ଖାନ୍‌ନଗର, ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, ମଙ୍ଗଳାବାଗ, ମଣିସାହୁ ଛକ, ବକ୍ସିବଜାର, ଚଣ୍ଡିଛକ, କନିକା ଛକ, ଦେଉଳସାହି, ବିଡ଼ାନାସୀ, ସତୀଚଉରା, ଚାନ୍ଦିନୀଚୌକ, ଚୌଧୁରୀବଜାର ଦେଇ ପୁରୀଘାଟଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ ବିଧାୟକଙ୍କୁ ତୁରନ୍ତ ଗିରଫ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ସ୍ଲୋଗାନ ଦେଇଥିଲେ। ସୂର୍ଯ୍ୟକାନ୍ତ ରାଉତ, ଗିରିବାଳା ବେହେରା, ବୀରେନ୍ଦ୍ର ଦାସ, ସନ୍ତୋଷ କୁମାର ଲେଙ୍କା, ଯୁବନେତା ମହମ୍ମଦ ଅଲିମ୍, ଲିଆକତଉଦ୍ଦିନ ଅହମ୍ମଦ ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ କଟକ ଜିଲା ନିଆଳି ବ୍ଲକ ଅଧୀନ ଗଜାବର ଗ୍ରାମର ମନୋଜ ବେହେରା ଶହୀଦ ହୋଇଥିଲେ। ଗତ ୧୬ ତାରିଖରେ ମନୋଜଙ୍କ ପାର୍ଥିବ ଶରୀରକୁ ଗାଁରେ ଗାର୍ଡ ଅଫ ଅନର ଦିଆଯିବା ପରେ ସତ୍କାର କରାଯାଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବିଧାୟକ ସାମନ୍ତରାୟ ଶହୀଦଙ୍କ ସମ୍ପର୍କୀୟ ଦାଦାଙ୍କୁ ଟାଣି ଆଣି ବେକକୁ ଧରି ଜୋରରେ ତଳକୁ ମାଡ଼ି ଦେଇଥିଲେ। ଏ ସମ୍ପର୍କରେ ଖବର ପ୍ରକାଶ ପାଇଥିବାବେଳେ ବିଧାୟକ ମଧ୍ୟ କ୍ଷମାପ୍ରାର୍ଥନା କରିଥିଲେ।

■ କୁନ୍ତଳା କୁମାରୀ ସ୍ମୃତିସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ସମାରୋହ

କୁନ୍ତଳା କୁମାରୀ ଥିଲେ ଉଚ୍ଚକୋଟୀର କବୟିତ୍ରୀ, ଔପନ୍ୟାସିକ

କଟକ ଅଫିସ,୨୪।୨

କଟକ ସାରଳା ଭବନଠାରେ ରବିବାର ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ କୁନ୍ତଳା କୁମାରୀ ସ୍ମୃତିସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ରଘୁବୀର ଦାସ ଉଦ୍‌ଘାଟନ କରି କହିଥିଲେ, କୁନ୍ତଳା କୁମାରୀ ଥିଲେ ଭାରତୀୟ ସାହିତ୍ୟରେ ଜଣେ ଅନନ୍ୟ ପ୍ରତିଭା। କବି ଓ ଔପନ୍ୟାସିକ ଭାବେ ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ। ସେ ମଧ୍ୟ ଜଣେ ଉତ୍ତମ ଚିକିତ୍ସାବିତ ଥିଲେ। ଫାଉଣ୍ଡେଶନର ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ, କୁନ୍ତଳା କୁମାରୀ ଥିଲେ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣର ଦିଗ୍‌ଦର୍ଶକ। ତାଙ୍କର ଉପନ୍ୟାସ ଭ୍ରାନ୍ତି, ନଅତୁଣ୍ଡି, କାଳିବୋହୂ, ପରଶମଣି ଆଦି ଓଡ଼ିଆ


ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

ସାହିତ୍ୟର ଅମୂଲ୍ୟ ସମ୍ପଦ। ସେହିପରି ମୁଖ୍ୟବକ୍ତା ଭାବେ ଅତିଥି ସାହିତ୍ୟିକା ମନୋରମା ମହାପାତ୍ର କହିଥିଲେ, କୁନ୍ତଳା କୁମାରୀ ଜଣେ ଉଚ୍ଚକୋଟୀର କବୟିତ୍ରୀ ଓ ଔପନ୍ୟାସିକ ଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ଅନ୍ୟାୟ ଓ ଅତ୍ୟାଚାର ବିଭରୋଦ୍ଧରେ ସ୍ୱର ଉତ୍ତୋଳନ କରି ସେ ସମାଜକୁ ସୁଧାରିବାକୁ ପ୍ରୟାସ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଭେଷଜ ବିଜ୍ଞାନୀ ଓ ଲେଖକ ଡା. ନିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ କଥାଶିଳ୍ପୀ ରୁମ୍‌ଝୁମ୍ ନାୟକଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ, ଚିକିତ୍ସା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ପ୍ରଫେସର ଡା. ରବୀନ୍ଦ୍ରନାଥ ସାହୁ, ପ୍ରଫେସର ଜନ୍ମେଜୟ ନାୟକ, ଡା. ଉଦୟନାଥ ମିଶ୍ର ଓ ଡା. ପ୍ରସନ୍ନ କୁମାର ଦେବତାଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ଚିକିତ୍ସାବିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ କବି ଓ କଥାକାର ପ୍ରବୋଧ କୁମାର ରାଉତଙ୍କ ଲିଖିତ ପୁସ୍ତକ 'ଅଳ୍ପ ଆଶିଷ ପାପ' ଏବଂ 'ଦି ମିଷ୍ଟ୍ରି ଅଫ ଦି ବ୍ରୋକେନ ଟ୍ରଙ୍କ' ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେଶନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ, ଡ. ବିରଞ୍ଚି କୁମାର ସାହୁ, ମଞ୍ଜୁଶ୍ରୀ ଶାସ୍ତ୍ରୀ, ଶିଖା ମହାନ୍ତି ମାନପତ୍ର ପାଠ ଏବଂ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛଆଡ଼କୁ ନୁହେଁ।
-ଆବ୍ରାହିମ୍ ଲିଙ୍କନ୍

ସଂକ୍ଷେପରେ

ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୨୪।୨(ଡ଼ି.ଏନ.ଏ.): ପୂର୍ବତଟ ରେଳପଥ ଅଧୀନସ୍ଥ ବାଲୁଗାଁ ଷ୍ଟେଶନର ୪ନଂ. ରେଳଧାରଣାରୁ ରେଳବାଇ ପୋଲିସ ରବିବାର ଜଣେ ଅଚିହ୍ନା ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି। ଅପରାହ୍ନ ପ୍ରାୟ ୧ଘଟିକା ସମୟରେ ୪ନଂ ପ୍ଲାଟଫର୍ମ ଦେଇ ଏକ ମାଲବାହୀ ଟ୍ରେନ୍ ଅତିକ୍ରମ କରୁଥିବା ବେଳେ ହଠାତ୍ ଯୁବକ ଜଣକ ରେଳଧାରଣାରେ ମୁଣ୍ଡ ଦେଖାଇଦେଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ମୃତକଙ୍କ ଆନୁମାନିକ ବୟସ ୩୫ରୁ ୪୦ବର୍ଷ ମଧ୍ୟରେ ହେବ। ରେଳବାଇ ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିବା ସହ ୨୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ନବନିର୍ମାଣ କୃଷକ ସଂଗଠନର ବୈଠକ

ବୋଲଗଡ଼,୨୪।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମରେ ରବିବାର ସନ୍ଧ୍ୟାରେ ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି । ସଂଗଠନର ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ସୁରେସ ଚନ୍ଦ୍ର ମାନସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କୃଷକମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୁଲ୍ୟ ୨୯୩୦ ଟଙ୍କା ଦେବାପାଇଁ ଦାବି ହୋଇଥିଲା। ସେହିପରି ୫ହଜାର ଟଙ୍କା ଚାଷୀ ସୁରକ୍ଷା ଭତ୍ତା ପ୍ରଦାନ ସହ ଚାଷୀଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ଦାବି ହୋଇଥିଲା। ସରକାର ଏହି ଦାବିଗୁଡିକ ମାନିନେବା ପର୍ଯ୍ୟନ୍ତ ନବନିର୍ମାଣ କୃଷକ ସଂଗଠନକୁ ପ୍ରତି ୱାର୍ଡସ୍ତରରୁ ମଜଭୁତ କରିବା ପାଇଁ ବୈଠକରେ ସୁରେଶ ମାନସିଂହ ଆହ୍ୱାନ ଦେଇଥିଲେ। ବୈଠକରେ ନିଳମଣି ପଣ୍ଡା, ଅଭୟ କୁମାର ଜେନା , ଯୋଗେନ୍ଦ୍ର ନାୟକ, ମଙ୍ଗୁଳି ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଅଖିଳ ନାୟକ, କାଶିନାଥ ପଣ୍ଡା ଓ ବାଉରୀ ବନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀଚଣ୍ଡେଶ୍ୱରଦେବଙ୍କ ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଓରା ଗାଁରେ ଶ୍ରୀ ଶ୍ରୀଚଣ୍ଡେଶ୍ୱରଦେବଙ୍କ ୧୬ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଗ୍ରାମର ସଭାପତି ଅଜୟ କୁମାର ଦଳବେହେରା, ସମ୍ପାଦକ ଦିଗମ୍ବର ତରେଇ ଏବଂ ମନ୍ଦିର ପରିଚାଳନା ସମ୍ପାଦକ ସୁଦର୍ଶନ ପଲେଇଙ୍କ ନେତୃତ୍ୱ ଓ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ହୋମଯଜ୍ଞ, ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ବ୍ଲକର ସମସ୍ତ ଗ୍ରାମରୁ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇଥିଲେ।

ହାଡପଦାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଅଫିସ,୨୪।୨: ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ନରଣଗଡ ପଞ୍ଚାୟତ ହାଡପଦାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କୀ ବାତ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପରଦା ଟିଭି ମାଧମରେ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡେୟତରାୟ, ଜିଲା ଓବିସି ସେଲ୍‌ର ସମ୍ପାଦକ କେଲୁ ଚରଣ ଜଗଦେବ, ଓରବରସିଂହ ସରପଞ୍ଚ ଲୋକନାଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଟାଙ୍ଗୀ(ଖୋର୍ଦ୍ଧା),୨୪।୨(ଡି.ଏନ.ଏ.): ସୋରଣ ଭଗବତୀ ହାଇସ୍କୁଲ ୨୦୦୫ ବ୍ୟାଚ୍‌ର ବନ୍ଧୁମିଳନ ମା' ଭଗବତୀଙ୍କ ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। ଶିକ୍ଷକ ସାଗରେନ୍ଦ୍ର ବେହେରା, କ୍ରୀଡା ଶିକ୍ଷକ ଭିକାରୀ ଚରଣ ସାହୁ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାସ୍କର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଙ୍କ ମଧ୍ୟରେ କାହ୍ନୁଚରଣ ବେହେରା, ସନ୍ତୋଷ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫୁଲୱାମାଠାରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଅତୀତ ସ୍ମୃତିର ରୋମନ୍ଥନ ସହ ପାରସ୍ପରିକ ଭାବର ଆଦାନପ୍ରଦାନ କରାଯାଇଥିଲା। ସେହିପରି ହାଟବରଡି ଚିଲିକା ଉଚ୍ଚ ବିଦ୍ୟାପୀଠ ୨୦୦୧ ବ୍ୟାଚ୍‌ର ବନ୍ଧୁମିଳନ ମା'ବୋଇତିଆଣି ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ସଞ୍ଜୟ ଜେନା, ହେମନ୍ତ ଭୋଳ, ବନଲତା ବେହେରା, ବିଜୟ ସ୍ୱାଇଁ, ପ୍ରଦୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

■ ବେଗୁନିଆ ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ସ୍କୁଲରେ ଛାତ୍ର ବୋହିଲେ ପଥର

ବେଗୁନିଆ,୨୪।୨ (ଡି.ଏନ.ଏ.)

ରାଜ୍ୟରେ ସାକ୍ଷରତା ହାର ଓ ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଶେଷକରି ପ୍ରାଥମିକ ସ୍ତରରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ପକ୍ଷରୁ ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଛାତ୍ରମାନଙ୍କୁ କୌଣସି କାମରେ ନ ଲଗାଇବାକୁ ନିୟମ ରହିଛି। ହେଲେ ଏହି ସମସ୍ତ ନିୟମ କାନୁନକୁ ଫୁ କରି ଉଡାଇ ଦେଉଛନ୍ତି ଶିକ୍ଷକମାନେ। କେହି ଏହାକୁ ମାନିବାକୁ ପ୍ରସ୍ତୁତ ଥିବା ପରି ମନେ ହେଉନି। ସ୍କୁଲରେ ଛାତ୍ରଙ୍କୁ ପାଠ ପଢାଯିବା ସମୟରେ ସେମାନଙ୍କୁ ମାଙ୍କଡା ପଥର ବୋହିବା କାମରେ ନିୟୋଜିତ କରାଯାଇଛି। ଏଭଳି ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡବେରେଣା ପଞ୍ଚାୟତର ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ହେଲେ ଶିକ୍ଷକମାନେ ଛାତ୍ରଙ୍କୁ କାହିଁକି ମାଙ୍କଡା ପଥର ବୋହିବା କାମରେ ଲଗାଇଛନ୍ତି ତାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍କୁଲର ପାରିପାର୍ଶ୍ୱିକ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ବ୍ୟବସ୍ଥା କରାଯାଇଛି। ଶ୍ରମିକଙ୍କୁ ଡାକି କାମ କରାଇବା ବଦଳରେ ଛାତ୍ରମାନଙ୍କୁ ଏହି କାର୍ଯ୍ୟରେ କାହିଁକି ଲଗାଯାଉଛି ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସେମାନଙ୍କ କହିବା ମୁତାବକ, ପିଲା ସ୍କୁଲକୁ ଯାଉଛନ୍ତି ପାଠ ପଢିବାକୁ। ସେମାନେ ପାଠ ପଢି ଭଲ ମଣିଷ ହେବା ପାଇଁ ମାତାପିତା ଆଶା କରିଥାନ୍ତି। ଛୋଟ ପିଲାଙ୍କ ହାତରେ ପେନ ଜାଗାରେ ପଥର ବୋହିବା କାମ ଆଦୌ ଉଚିତ ନୁହେଁ। ସେମାନେ କାମ କରିବା ସମୟରେ ଯଦି ପଥର ପଡି କୌଣସି ଛାତ୍ରଙ୍କ ଗୋଡ ଓ ହାତ ଭାଙ୍ଗି ଯାଏ ବା କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବେ। ଶିକ୍ଷା ବିଭାଗ ଯଦି ନିଜର ନୈତିକତା ମୂଲ୍ୟବୋଧକୁ ହରାଇ ଦିଏ, ତେବେ ପିଲାମାନଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯିବ ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ମୁତନ ଦେଇଙ୍କୁ ପଚାରିବାରେ, ମୁଁ ଏ ସମ୍ପର୍କରେ ଜାଣି ନ ଥିଲି। ଛାତ୍ରମାନେ ଆଗ୍ରହର ସହ ବିଦ୍ୟାଳୟ ପରିସରରେ ବଗିଚା ପ୍ରସ୍ତୁତ ଲାଗି ସ୍ୱଇଚ୍ଛାରେ ମାଙ୍କଡା ପଥର ଟେକି ନେଉଥିଲେ। ଏହି କାମ ସମୟରେ ଉପସ୍ଥିତ ଥିବା ଶିକ୍ଷକଙ୍କୁ ଛାତ୍ରଙ୍କୁ କ'ଣ ପାଇଁ ପଥର ବୋହିବାରେ ନିୟୋଜିତ କରିଥିଲ ବୋଲି ତାଗିଦ୍ କରାଯାଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଲଛମନ ପରିଡାଙ୍କୁ ପଚାରିବାରେ, ଅନେକ ଅଭିଯୋଗ ମୋ ପାଖକୁ ଆସିଛି। ମୋ ପକ୍ଷରୁ ଅନୁଧ୍ୟାନ କରାଯାଉଛି। ପଦକ୍ଷେପ ନେବା ପାଇଁ ବିଧି ବଦ୍ଧ ପ୍ରକ୍ରିୟା ଜାରି ରହିଛି। କ'ଣ ପାଇଁ ଏଭଳି ବ୍ୟତିକ୍ରମ ହେଉଛି ତା'ର କାରଣ ଖୋଜା ଯାଉଥିବା ସେ କହିଛନ୍ତି।

ସ୍କୁଲ ପରିସରରେ ଛାତ୍ରମାନେ ପଥର ଟେକି ନେଉଛନ୍ତି।

ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଙ୍କୁ କାମରେ ନିୟୋଜିତ

ବଜ୍ରପାତରେ ୩ ଆହତ

ନିରାକାରପୁର,୨୪।୨(ଡି.ଏନ.ଏ.)

ରବିବାର ଅପରାହ୍ନ ୫ଟାରେ ଅଦିନିଆ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବାଲିଗାଁ (କପିଳେଶ୍ୱରପୁର)ଗ୍ରାମର ୩ ମହିଳା ବଜ୍ରପାତରେ ଆହତ ହୋଇଛନ୍ତି। ସେମାନେ ହେଲେ ଶିବାନୀ ପରିଡ଼ା (୧୯), ରମାମଣୀ ମହାପାତ୍ର(୫୦) ଓ ପ୍ରଣିତା ମହାପାତ୍ର(୪୦)। ଏହାବ୍ୟତୀତ ବଜ୍ରପାତରେ ଏହି ଗ୍ରାମର କାର୍ତ୍ତିକ ମହାପାତ୍ରଙ୍କ ବାରିପଟେ ଥିବା ୩୦ଫୁଟ ଉଚ୍ଚତାର ଏକ ନଡ଼ିଆ ଗଛ ପୋଡିଯାଇଛି। ଶିବାନୀ ଘରେ ଥିବାବେଳେ ବଜ୍ରପାତରେ ତାଙ୍କ ବେକ ଓ ହାତରେ ଆଘାତ ଲାଗିଛି। ରମାମଣୀ ବାରିପଟକୁ ଯାଇଥିବାବେଳେ ତାଙ୍କ ଉପରେ ବଜ୍ରାଘାତ ହେବାରୁ ସେ ମଧ୍ୟ ଆହତ ହୋଇଛନ୍ତି। ପ୍ରଣତି ଗୁହାଳକୁ ଯାଇଥିବାବେଳେ ବଜ୍ରପାତ ହେବାରୁ ସେ ଚେତାଶୂନ୍ୟ ପଡ଼ିଥିଲେ। ମଞ୍ଜୁ ଜେନା କୁହନ୍ତି, ଘଡ଼ଘଡ଼ି ନଡିଆ ଗଛରେ ପଡ଼ିଯିବାରୁ ଏହା ଜଳିଯାଇ ଆମ ଘର ଉପରେ ନିଆଁ ପଡୁଥିବାବେଳେ ପଡ଼ୋଶୀଙ୍କ ଡାକ ଶୁଣି ପାଣି ଢାଳି ଆମେ ନିଆଁ ଲିଭାଇଥିଲୁ। ଡୋମୀ ଜେନା(୫୪) କୁହନ୍ତି, ମୁଁ ଓ ମୋ ବୋହୂ ଘଡ଼ଘଡ଼ି ମାରୁଥିବା ସମୟରେ ଛାତ ଉପରେ ଧାନ ରଖୁଥିଲୁ। ତେବେ ଆମେ ଅଳ୍ପକେ ରକ୍ଷା ପାଇଯାଇଛୁ। ଏ ସମୟରେ ଗ୍ରାମବାସୀଙ୍କ ବିଦ୍ୟୁତ୍ ସାମଗ୍ରୀ ମଧ୍ୟ ପୋଡିଯାଇଛି।

ଚାକିରି ଦେବା ନାଁରେ ଠକେଇ

ଖୋର୍ଦ୍ଧା ଅଫିସ,୨୪।୨

ଯୁବକ ଜେଲ ଗଲେ

ଚାକିରି ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଯୁବକଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ପଙ୍ଗାରସିଂହ ଗ୍ରାମର ପ୍ରଶାନ୍ତ କୁମାର ଦେହୁରି(୩୧)ଙ୍କୁ ଖୋର୍ଦ୍ଧା ଜେଲ ଯିବାକୁ ପଡିଛି। ପଙ୍ଗାରସିଂହ ତଳଗଡ଼ ଗ୍ରାମର ବିଷ୍ଣୁ ଚରଣ ବେହେରାଙ୍କ ପୁଅ ଅନିତ୍ୟଙ୍କୁ ଚାକିରି କରାଇ ଦେବା କହି ୨୦୧୪ ଅଗଷ୍ଟରେ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଶାନ୍ତ ନେଇଥିଲେ। ତେବେ ଚାକିରି ଦେଇ ପାରି ନ ଥିଲେ। ଏପରି କି ଟଙ୍କା ବି ଫେରାଇ ନ ଥିଲେ। ଏଣୁ ଆନିତ୍ୟ ୨୦୧୮ ଅଗଷ୍ଟରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭତ୍ତି କରି ପୋଲିସ ଦଫା ୩୨୩, ୪୨୦, ୫୦୬, ୨୯୪ ରେ ନଂ. ୪୬୧/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

ଘରେ ତାଲା ଝୁଲୁଥିବା ଦେଖି ଚୋରି

ଖୋର୍ଦ୍ଧା ଅଫିସ,୨୪।୨

ପି.ଏନ. କଲେଜର ପୂର୍ବତନ ଅଧ୍ୟାପକ ଗୋବିନ୍ଦ ଦାସ କାନୁନ୍‌ଗୋଙ୍କ ଖୋର୍ଦ୍ଧା ଆଦର୍ଶ ଥାନା ସିଦ୍ଧେଶ୍ୱର ମାର୍ଗ ଘରୁ ଶନିବାର ରାତିରେ ଚୋରି ହୋଇଛି। ତାଲା ଝୁଲୁଥିବା ଦେଖି ଦୁର୍ବୃତ୍ତମାନେ ଟାର୍ଗେଟ କରି ଘରେ କଳାକନା ବୁଲାଇ ଦେଇଛନ୍ତି। ଘରୁ ୫୦ ହଜାର ଟଙ୍କା, ୧୫ ଭରି ସୁନା ଅଳଙ୍କାର ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଗୋବିନ୍ଦଙ୍କ ପରିବାର ଲୋକେ ବାଲେଶ୍ୱର ଶନିବାର ଯାଇଥିଲେ। ଦାଣ୍ଡପଟ କବାଟ ଭଙ୍ଗା ଯାଇଥିବା ଦେଖି ସ୍ଥାନୀୟ ଲୋକ ସନ୍ଦେହ କରି ପୋଲିସକୁ ଖବର ଦେବା ସହ ଗୋବିନ୍ଦଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ପାଇ ପୋଲିସ ଦଫା ୪୫୭, ୩୮୦ ରେ ନଂ. ୪୯/୧୯ରେ ମାମଲା ରୁଜୁ କରି ଚୋରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଯଜ୍ଞ ପାଇଁ ଶ୍ରଦ୍ଧାଳୁଙ୍କ କଳସ ଯାତ୍ରା।

ମା'ବଘାଇ ମନ୍ଦିର ବାର୍ଷିକୋତ୍ସବ, ଯଜ୍ଞ

ବୋଲଗଡ଼,୨୪।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ବିଜେ ଗ୍ରାମ ଦେବତୀ ମା'ବଘାଇଦେବୀଙ୍କ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଆୟୋଜିତ ହୋଇଛି ମାତୃକୃପା ଭିକ୍ଷା ଯଜ୍ଞ। ଚମ୍ପାଇଲୋ ଓ ସାନବାଡ଼ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁରହିବ। ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଜଳଭାର ଆଣିଥିଲେ। ଏହି ଅବସରରେ ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ଓ ପୂଜାର୍ଚ୍ଚନାଦି ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜଗତସିଂହପୁରରୁ ଆସିଥିବା ଗାୟକ ପ୍ରସନ୍ନ କୁମାର ପଟ୍ଟନାୟକ ଓ ସାଥି ଏବଂ ଗାୟକ ନିରଞ୍ଜନ ବାହିନୀପତି ଓ ସାଥି ପାଲା ପରିବେଷଣ କରିଥିଲେ ।

ନିଶା ବିରୋଧୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ଖୋର୍ଦ୍ଧା ଅଫିସ,୨୪।୨

ଖୋର୍ଦ୍ଧା ଗୀତାଭବନ ପରିସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟି ସଭ୍ୟ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଓ ଜିଲା କମିଟିର ସଭାପତି ରାମଶଙ୍କରଙ୍କ ଆବାହକତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ଜିଲାରେ ଚାଲିଥିବା ନିଶା କାରବାର ଉପରେ ଲଗାମ ନ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବାକୁ ନିଷ୍ପତ୍ତି ହୋଇଛି। ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ଚରଣ ସାମନ୍ତରାୟ, ଉତ୍କଳ ସମ୍ମିଳନୀ ଜିଲା ସଭାପତି ଶକ୍ତି ଶଙ୍କର ମିଶ୍ର, ସମ୍ପାଦକ ବିଚିତ୍ରାନନ୍ଦ ବଡ଼ଜେନା, ଆଇନଜୀବୀ ବସନ୍ତ କୁମାର ଦାଶ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ଜ୍ଞାନ ରଞ୍ଜନ ଦାଶ, ଯାଁଳା ଉତ୍କଳ ସେବା ଅନୁଷ୍ଠାନର ରମାକାନ୍ତ ଦାଶ, ଜଟଣୀ ବ୍ଲକ ଜାତୀୟ ଯୁବ ପ୍ରକଳ୍ପ, ବୋଲଗଡ ବ୍ଲକ ମଦମୁକ୍ତ ଯୁବବାହିନୀର ସଦସ୍ୟମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ କହିଥିଲେ, ଖୋର୍ଦ୍ଧା ଏକଦା ଓଡ଼ିଶାର ରାଜଧାନୀ ଥିଲା। ଏବେ ଏହା ନିଶା ସାମ୍ରାଜ୍ୟର ରାଜଧାନୀରେ ପରିଣତ ହୋଇଛି। ବିଡ଼ିଏ କଲୋନୀ ନିକଟରେ ମଦ ଦୋକାନ ଖୋଲିଥିବାରୁ ଚୋରି ବୃଦ୍ଧି ପାଇଥିବା ବେଳେ ଲୋକ ଭୟରେ ଦିନ କାଟୁଛନ୍ତି। ନିଶା ନିବାରଣ ପ୍ରସଙ୍ଗରେ ନଳିନୀପ୍ରଭା ଦାଶ, ଜ୍ୟୋତିପ୍ରଭା ପଟ୍ଟନାୟକ, ବିଷ୍ଣୁପ୍ରିୟା ପ୍ରତାପସିଂହ ଓ ରାଜକିଶୋର ବଳିଆରସିଂହ କବିତା ପାଠ କରିଥିଲେ। ଜବାହରଲାଲ ସୁବୁଦ୍ଧି ସ୍ୱାଗତ ଭାଷଣ ଓ ବ୍ରଜେଶ୍ୱର ପତି ଧନ୍ୟବାଦ ଦେଇଥିଲେ।

କ୍ରିକେଟ୍: ବଳରାମପୁର ଟିମ୍ ଚାମ୍ପିୟନ

ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବୁଦ୍ଧିବର ପଞ୍ଚାୟତର ମା' ସର୍ବମଙ୍ଗଳା କ୍ରିକେଟ୍ ଟିମ୍ (ସାହାବାଜପୁର) ଆନୁକୂଲ୍ୟରେ ୭ମ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମା' ଜୟଦୁର୍ଗା କ୍ରିକେଟ୍ କ୍ଲବ୍ (ବଳରାମପୁର)ଚାମ୍ପିୟନ ହୋଇଛି। ବାବା ଆଖଣ୍ଡଳେଶ୍ୱର କ୍ରିକେଟ୍ ଟିମ୍ (ଗୋପାଳପୁର) ଓ ଜୟଦୁର୍ଗା କ୍ରିକେଟ ଟିମ୍(ବଳରାମପୁର)ମଧ୍ୟରେ ମ୍ୟାଚ୍ ହୋଇଥିଲା। ବଳରାମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୮୯ ରନ୍ କରିଥିବାବେଳେ ଗୋପାଳପୁର ଦଳ ଆବଶ୍ୟକୀୟ ରନ୍ ସଂଗ୍ରହ କରି ନ ପାରି ହାରିଯାଇଥିଲା । ଖେଳକୁ ରାଜ୍ୟ ଭାଜପା ଯୁବ ସଂଯୋଜିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଜୟରାମ ଦାସ, ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ବୁଦ୍ଧିବର ସରପଞ୍ଚ ପ୍ରଶାନ୍ତ କୁମାର ମାନସିଂହ, ଯୁବନେତା ସଦାନନ୍ଦ ପ୍ରଧାନ, ବ୍ଲକ ମିଡିଆ ସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦେବେନ୍ଦ୍ର ବାରିକୀ, ଟୁକୁନା ସାହୁ ଖେଳ ପରିଚାଳନା କରିଥିଲେ। ସବ୍ୟସାଚିପ୍ରଧାନ ମ୍ୟାନ୍‌ଅଫ୍‌ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ଆୟୋଜକ ଦଳର ମୁଖ୍ୟ ପ୍ରଶାନ୍ତ କୁମାର ବାରିକୀ, ସାମ୍ୟ କୁମାର ସାହୁ, ଦଣ୍ଡପାଣି ବାରିକୀ ପ୍ରମୁଖ ସହଯୋଗ କରିଥିଲେ।

ବ୍ୟବସାୟୀ ସଂଘର କ୍ୟାଣ୍ଡେଲ୍ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ରାଜା ବଜାରରେ ବ୍ୟବସାୟୀ ସଂଘ ତରଫରୁ ପୁଲୱାମାଠାରେ ହୋଇଥିବା ଶହୀଦଙ୍କ ପାଇଁ ରବିବାର କ୍ୟାଣ୍ଡେଲ୍ ଶୋଭାଯାତ୍ରା ଆୟୋଜିତ ହୋଇଛି। ବ୍ୟବସାୟୀମାନେ ମାଲୁଦ ପଞ୍ଚୁଦୋଳ ପଡିଆଠାରୁ ରାଜା ବଜାର ପର୍ଯ୍ୟନ୍ତ କ୍ୟାଣ୍ଡେଲ୍ ଧରି ଶୋଭାଯାତ୍ରାରେ ବୁଲିଥିଲେ। ଆତଙ୍କବାଦ କାର୍ଯ୍ୟକୁ ନିନ୍ଦାକରି ଏଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାର ଜବାବରେ ଭାରତ ପାକିସ୍ତାନକୁ ଧୂଳିସାତ୍ କରିଦେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବ୍ୟବସାୟୀ ସଂଘ ତରଫରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରା।

ଶହୀଦ ସ୍ମରଣେ କବିତାଞ୍ଜଳି

ଖୋର୍ଦ୍ଧା ଅଫିସ,୨୪।୨

ପୁଲୱାମାରେ ସଙ୍ଗଠିତ ବିସ୍ଫୋରଣରେ ଦିବଂଗତ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ଶହୀଦ ସ୍ମରଣେ କବିତାଞ୍ଜଳି ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଓ କବିମାନେ ପ୍ରଦୀପ ପ୍ରଜ୍ୱଳନ କରି ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ନନ୍ଦ, ଉପସଭାପତି ସସ୍ମିତା ପଟ୍ଟନାୟକ ଓ କବୟିତ୍ରୀ କବିତା ପଟ୍ଟନାୟକଙ୍କ ସଂଯୋଜନାରେ କବିତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରମୋଦ ଚନ୍ଦ୍ର ଦାଶ, ଅଶୋକ କୁମାର ନନ୍ଦ ପ୍ରମୁଖ ନିଜର ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ଦିଲୀପ ରଣଜିତ, ବୃନ୍ଦାବନ ପଣ୍ଡା, ରବି ପ୍ରଧାନ, ରମାକାନ୍ତ ମାଝି, ଅମ୍ଳାନ ପ୍ରହରାଜ, କଳା ଚାନ୍ଦ, ବୈଜୟନ୍ତୀ ସାହୁ, ବିଷ୍ଣୁପ୍ରସାଦ ମିଶ୍ର, କବିତା ମହାନ୍ତି କବିତା ଆବୃତ୍ତି କରିଥିଲେ।

କବିତାଞ୍ଜଳିରେ ଯୋଗଦେଇଥିବା ଅତିଥିମାନେ।

ଅଣକୃଷି କାର୍ଯ୍ୟରେ କୃଷି ଯନ୍ତ୍ରପାତି

ଖୋର୍ଦ୍ଧା ଅଫିସ,୨୪।୨

■ ଟ୍ରାକ୍ଟର ଓ ପାୱାର ଟିଲରର ଅପବ୍ୟବହାର

■ ଖଣି ଖନନରେ ନିୟୋଜିତ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ

ଖୋର୍ଦ୍ଧା ଜିଲାରେ ଅଣକୃଷି କାର୍ଯ୍ୟରେ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର କରାଯାଉଛି। ସରକାର ଚାଷୀମାନଙ୍କୁ ରିହାତି ଦରରେ ଯୋଗାଇ ଦେଉଥିବା ଟ୍ରାକ୍ଟର ଓ ପାୱାର ଟିଲରକୁ ପଥର ମାଫିଆମାନେ କମ୍ ଟଙ୍କାରେ କିଣି ନେଉଛନ୍ତି। ଏହାକୁ ନେଇ ସେମାନେ ମାଙ୍କଡା ଓ କଳା ମୁଗୁନି ପଥର, ଗ୍ରାନାଇଟ ଖଣି ଖନନ ସହ ପଥର ଚୋରିରେ ବ୍ୟବହାର କରୁଛନ୍ତି। ଫଳରେ ସରକାର ଚାଷ କ୍ଷେତ୍ରରେ ଓ ଚାଷୀଙ୍କ ଉନ୍ନତି ଚିନ୍ତା କରୁଥିବାବେଳେ ସେମାନେ ଏହାର ଅପବ୍ୟବହାରକୁ ପ୍ରୋତ୍ସାହନ ଦେଉଛନ୍ତି। ଖଣି ମାଫିଆମାନେ ଲାଭବାନ ହେଉଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି।

ଖୋର୍ଦ୍ଧା କୃଷି ଜିଲାର ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ, ଜଟଣୀ ତହସିଲ ଅଞ୍ଚଳରେ ମାଙ୍କଡା ଓ କଳାମୁଗୁନି ପଥର ବେଆଇନ ଭାବେ ଖନନ ଚାଲିଛି। ନିଲାମ ନ ହୋଇଥିବା ଖଣିରୁ ମାଫିଆମାନେ ପଥର ଖୋଳି ଚାଲିଛନ୍ତି। କୃଷି ଯନ୍ତ୍ରପାତିର ଅପବ୍ୟବହାର ଚାଲିଥିଲେ ମଧ୍ୟ ଏଥିରେ ପ୍ରଶାସନ ରୋକ୍ ଲଗାଇ ପାରୁନାହିଁ। କୃଷି ପାଇଁ ଯୋଗାଇ ଦିଆଯାଉଥିବା କୃଷି ଉପକରଣ କେଉଁ କାର୍ଯ୍ୟରେ ଲାଗୁଛି ସେନେଇ ସରକାରୀ ସ୍ତରରେ ଖୋଳତାଡ କରାଯାଉନାହିଁ। ତହସିଲ, ପୋଲିସ ପକ୍ଷରୁ କେତେବେଳେ କେମିତି ଖଣିଗୁଡିକ ଉପରେ ଚଡାଉ କରି ଟ୍ରକ, ଟ୍ରାକ୍ଟର, ଜେସିବି ଓ ପାୱାର ଟିଲର ଆଦି ଜବତ କରି ଜରିମାନା ଆଦାୟ ପରେ ଛାଡି ଦିଆଯାଉଛି। ଏପରିସ୍ଥଳେ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ଏସବୁ ସତ୍ତ୍ୱେ ବେଆଇନ ପଥର ଖନନ ଓ ଅଣ କୃଷି କାର୍ଯ୍ୟରେ ଟ୍ରାକ୍ଟର ଓ ପାୱାର ଟିଲର ବ୍ୟବହାର ରୋକିବାରେ ପ୍ରଶାସନ ବିଫଳ ହୋଇଛି।

ଜିଲାରେ ଦିନ ଓ ରାତିବେଳା ପଥର ଭଙ୍ଗା ଏବଂ ଖନନ କାର୍ଯ୍ୟ ଚାଲିଛି। ମାଙ୍କଡା ପଥର ଖଣ୍ଡ ଖଣ୍ଡ କରି କାଟିବାକୁ ହୁଏ। ସେହିପରି କଳାମୁଗୁନି ପଥରର ସାଇଜ ମୁତାବକ ଖଣ୍ଡ ଖଣ୍ଡ କରି କଟାଯାଏ। ପଥର କାଟିବାକୁ ବଜାରରେ ମିଳୁଥିବା ମେଶିନର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ବେଆଇନ ପଥର ଖନନ କାର୍ଯ୍ୟରେ ଏଭଳି ମେଶିନ୍ ବ୍ୟବହାର କରିବାକୁ ମାଫିଆମାନେ ଭୟ କରୁଛନ୍ତି। ଚଢାଉ ସମୟରେ ଧରାପଡିଲେ କ୍ଷତି ସହିବାକୁ ପଡିବ। ତେଣୁ ସେମାନେ କୃଷି ଯନ୍ତ୍ରପାତିକୁ ବ୍ୟବହାର କରୁଛନ୍ତି। ସରକାର ରିହାତି ଦରରେ ଯୋଗାଉଥିବା କୃଷି ଯନ୍ତ୍ରପାତିକୁ ପଥର ମାଫିଆମାନେ ନିଜ ନାମରେ ଅଥବା ସମ୍ପର୍କୀୟଙ୍କ ନାମରେ ଟ୍ରାକ୍ଟର ଓ ପାୱାରଟିଲର ପରି ଯନ୍ତ୍ର ବ୍ୟାଙ୍କରୁ ଋଣ ନେଇ ଫାଇଦା ଉଠାଉଛନ୍ତି। ୨୦୧୮-୧୯ ଖରିଫ ଋତୁରେ ଲକ୍ଷ୍ୟଧାର୍ଯ୍ୟ ୪୬ ଟ୍ରାକ୍ଟରରୁ ୪୬ ଓ ୨୩୨ରୁ ୨୧୦ ପାୱରଟିଲର କୃଷକମାନଙ୍କୁ ରିହାତି ଆକାରରେ ଯୋଗାଇ ଦିଆଯାଇଛି। ପାୱାର ଟିଲରରେ କଟର ଲଗାଯାଇ ପଥର କଟା ଯାଉଛି। ପଥରକୁ କାଟିବା ପରେ ତାହାକୁ ଟ୍ରାକ୍ଟର ଓ ଟ୍ରକ ଯୋଗେ ପରିବହନ କରାଯାଉଛି। ଏ ସମ୍ପର୍କରେ ଜଣେ ପଥର ଚୋର ନିଜ ନାଁ ଗୋପନ ରଖି କହିଛନ୍ତି, ଏହି କାରବାରକୁ ଅବାଧରେ ଚଳାଇବାକୁ ମାସିକ ଖର୍ଚ୍ଚ ପ୍ରଶାସନକୁ ଦେବାକୁ ପଡିଥାଏ। ବିନା ହାତଗୁଞ୍ଜା କାରବାରରେ ଯନ୍ତ୍ରପାତିର ବ୍ୟବହାର ଓ ଖଣି ଖନନ ସମ୍ଭବ ନୁହେଁ। ଯଦି କେଉଁ ମାସରେ ହାତଗୁଞ୍ଜା ଦିଆ ନ ଯାଏ ଚଢ଼ାଉ ଓ ଧରପଗଡର ଭୟ ରହିଥାଏ। ଏଣୁ କାମ ହେଉ ବା ନ ହେଉ ପ୍ରତିମାସରେ ହାତଗୁଞ୍ଜା ଦିଆଯାଏ ବୋଲି କହିଥିଲେ। ଏ ସମ୍ପର୍କରେ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁଙ୍କୁ ପଚାରିବାରେ ବେଆଇନ ଖଣି ଖନନ, ମାଙ୍କଡା ଓ କଳାମୁଗୁନି ପଥର କାରବାର ଏବଂ ଅଣକୃଷି କାର୍ଯ୍ୟରେ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ରୋକ୍ ଲଗାଇବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛଆଡ଼କୁ ନୁହେଁ।
-ଆବ୍ରାହିମ୍ ଲିଙ୍କନ୍

ସଂକ୍ଷେପରେ

ମହଙ୍ଗା ପଡ଼ିଲା ଉପରିସ୍ଥ ଅଧିକାରୀଙ୍କୁ ଦୁର୍ବ୍ୟବହାର ବଦଳିଲେ କନଷ୍ଟେବଲ

ପୁରୀ ଅଫିସ, ୨୪।୨: ଚନ୍ଦନପୁର ଥାନାରେ କାର୍ଯ୍ୟରତ କନଷ୍ଟେବଲ ଦୁର୍ଗା ମହାନ୍ତିଙ୍କୁ ଉପରିସ୍ଥ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡ଼ିଛି। ରବିବାର ଏସ୍‌ପି ଉମାଶଙ୍କର ଦାଶ ତାଙ୍କୁ ପୁରୀ ରିଜର୍ଭକୁ ବଦଳି କରିଛନ୍ତି। ଦୁର୍ଗା ଏହି ଥାନାରେ ଦୀର୍ଘବର୍ଷ ଧରି ରହିଥିଲେ। ଶୁକ୍ରବାର କୌଣସି କାରଣକୁ ନେଇ ଦୁର୍ଗାଙ୍କର ଥାନାର ଅନ୍ୟ ଉପରିସ୍ଥ ଅଧିକାରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏପରି କି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏନେଇ ଗଣମାଧମରେ ଖବର ପ୍ରକାଶ ପରେ ଏସ୍‌ପି ଦାଶ ଏସଡିପିଓ ଦାୟିତ୍ୱରେ ଥିବା ଦେବ ଦାସଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସଡିପିଓଙ୍କ ରିପୋର୍ଟକୁ ଭିତିକରି ଏସ୍‌ପି ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ଅଗ୍ନିକାଣ୍ଡରେ ୧୮ବୁଦା ବାଉଁଶ, ୩୦ ବୁଦା ପାଖୁଡ଼ି ଭସ୍ମୀଭୂତ

କାକଟପୁର, ୨୪।୨(ଡି.ଏନ୍.ଏ.): କାକଟପୁର ବ୍ଲକ ଓଥକା ପଞ୍ଚାୟତ ଚନ୍ଦପୁର ଗ୍ରାମର ରବିବାର ଅଗ୍ନିକାଣ୍ଡ ଘଟି ହୃଷିକେଶ ରାଉତଙ୍କ ୧୮ବୁଦା ବାଉଁଶ ଏବଂ ୩୦ ବୁଦା ପାଖୁଡ଼ି ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ଅସ୍ତରଙ୍ଗ ଦମକଳକେନ୍ଦ୍ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଜଣେ ନିଆଁ ଲଗାଇଦେଇଥିବା ହୃଷିକେଶ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ

ପିପିଲି, ୨୪।୨(ଡି.ଏନ୍.ଏ.):ପିପିଲି ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବତ୍ୟା ଆଶ୍ରୟସ୍ଥଳୀ ଗୃହରେ ରବିବାର ପିପିଲି ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର ଅଧିକାରୀ ମଳୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୨ଜଣ ଅଧିକାରୀ ଉନ୍ନତ ଧରଣର ଯନ୍ତ୍ର ବ୍ୟବହାର କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ପରିସ୍ଥିତିରେ ମୁକାବିଲା କରାଯାଇପାରିବ ଏ ନେଇ ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଆଶ୍ରୟସ୍ଥଳୀର ସମ୍ପାଦକ ଅଜୟକୁମାର ଲେଙ୍କା ଓ ନୋଡାଲ ଏନ୍‌ଜିଓ ଦିନ ଇ ଇଲାଦି ଏଜୁକେଶନ ଏବଂ ୱେଲଫେୟାର ଟ୍ରଷ୍ଟର ଅଧକ୍ଷ ଶଖାୱତ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

ଅଟୋ ଚାଳକ ସଂଘର ସାଧାରଣ ବୈଠକ

ପୁରୀ ଅଫିସ, ୨୪।୨: ବାବା ଆଖଣ୍ଡଳମଣି ଅଟୋ ଚାଳକ ଆସୋସିଏଶନର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଦେଶମାତୃକା ଲାଗି ବଳିଦାନ ଦେଇଥିବା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘ ସଭାପତି ଆଇନଜୀବୀ ଶ୍ରୀକାନ୍ତ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ବସନ୍ତ ରାଉତ, ଦାଶରଥୀ ସାହୁ, ଗଦାଧର ବେହେରା, ସୋମନାଥ ସାହୁ, ଯୋଗେନ୍ଦ୍ର ମହାନ୍ତି, ହେମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସହରରେ ଅଟୋ ଚଳାଇବା ଲାଗି ପରମିଟ୍, ଫିଟ୍‌ନେଶ ଦେବାରେ ଆରଟିଓ କାର୍ଯ୍ୟାଳୟର ଅସହଯୋଗ ମନୋବୃତ୍ତିକୁ ନେଇ ଆଲୋଚନା ହୋଇଥିଲା।

■ ଗୋପରେ ବେଆଇନ ଇଟାଭାଟି

ରାଜସ୍ୱ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ: ବଢ଼ୁଛି ପ୍ରଦୂଷଣ

ଗୋପ, ୨୪।୨(ଡି.ଏନ୍.ଏ.)

ଗୋପ ଅଞ୍ଚଳରେ ଗଢ଼ିଉଠିଥିବା ବେଆଇନ ଇଟାଭାଟି।

ଗୋପ ତହସିଲ ଅଞ୍ଚଳରେ ବେଆଇନ୍ ଇଟାଭାଟି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ରାଜସ୍ୱ ବିଭାଗ ପକ୍ଷରୁ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ କରା ନ ଯିବାରୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ ସ୍ଥାନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବେଆଇନ୍ ଇଟାଭାଟି ଚାଲିଥିବାବେଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏହା ଜାଣି ମଧ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଗୋପ ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ବେଆଇନ୍ ଇଟାଭାଟି ଗଢ଼ି ସ୍ଥାନୀୟ ଲୋକଙ୍କୁ ଚଢ଼ା ଦରରେ ବିକ୍ରି କରିଥାନ୍ତି। ଏ ସମ୍ପର୍କରେ ତହସିଲ ଓ ପ୍ରଦୂଷଣ ବୋର୍ଡ଼ରୁ କୌଣସି ଅନୁମତି ଆଣିନଥାନ୍ତି। ବେଆଇନ୍ ଇଟାଭାଟି ମାଲିକମାନେ ରାଜସ୍ୱ ବିଭାଗ ସଙ୍ଗେ ସଲାସୁତରା କରି ରାସ୍ତା କଡ଼ରେ ଏହି କାର୍ଯ୍ୟ ନିର୍ବିଘ୍ନରେ ଚଳାଉଛନ୍ତି। ଏହା ଦ୍ୱାରା ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଗୋପ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି ଇଟାଭାଟି ଦୁର୍ନୀତିର ଚେର ତଳୁ ଉପର ଯାଏ ଲମ୍ବିଥିବା ଅଭିଯୋଗକାରୀ ନାଗପୁର ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ଚନ୍ଦ୍ରମଣି ସାହୁ, ରାମଚନ୍ଦ୍ର ପରମାଣିକ, ଗୋବିନ୍ଦ ଚନ୍ଦ୍ର ବେହେରା, ବିଜୟ କୁମାର ବେହେରା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରେ ସେ କୁହନ୍ତି, ବେଆଇନ୍ ଇଟା ଭାଟି ନେଇ ମୋ ନିକଟରେ କୌଣସି ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ।

ପୁରୀ ୮ନମ୍ବର ୱାର୍ଡରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ ଅଫିସ, ୨୪।୨:

ଜମ୍ମୁ-କାଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୮ନମ୍ବର ୱାର୍ଡ ଅନ୍ତର୍ଗତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିରେ ଶିକ୍ଷାବିତ୍ ଦିବାକର ତ୍ରିପାଠୀ, ସାମାଜିକ କର୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଓମଶ୍ରୀ, ସୂର୍ଯ୍ୟମୁଖୀ, ସମଲାଇ, ହରଚଣ୍ଡୀ, କନକ ଦୁର୍ଗା, ମହାଲକ୍ଷ୍ମୀ, ଭଗବତୀ, ବୃନ୍ଦାବତୀ ପ୍ରଭୃତି ଏସଏଚଜିର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୀପ ପ୍ରଜ୍ୱଳନ କରାଯାଇଥିଲା।

■ ସର୍ବୋଦୟ କର୍ମୀ ଗଙ୍ଗାଧର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ମଣିଷ କର୍ମକୁ ନେଇ ପରିଚୟ ସୃଷ୍ଟି କରେ

ପୁରୀ ଅଫିସ,୨୪।୨:

ଅତିଥିମାନେ ଲୋକନାଥ ଦାଶ ଓ କବିତାରାଣୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସଭା କକ୍ଷରେ ରବିବାର ବିଶିଷ୍ଟ ସର୍ବୋଦୟ କର୍ମୀ ଶିକ୍ଷାବିତ୍ ଗଙ୍ଗାଧର ମିଶ୍ରଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମିଶ୍ର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସଭାରେ ଅନୁଷ୍ଠାନର ସଭାପତି ଅମରନାଥ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆ, ବିଶିଷ୍ଟ କବିପ୍ରସନ୍ନକୁମାର ଜେନା ସମ୍ମାନିତ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୁସେନ୍ ରବି ଗାନ୍ଧୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମଣିଷ ନିଜ କର୍ମକୁ ନେଇ ନିଜର ପରିଚୟ ସୃଷ୍ଟି କରେ। ଗଙ୍ଗାଧର ମିଶ୍ର ଥିଲେ ଜଣେ ପବିତ୍ର ଚିନ୍ତା, ପ୍ରଶସ୍ତ ହୃଦୟ, ପ୍ରଚଣ୍ଡ ସ୍ୱାଭିମାନ, ପ୍ରଗତିବାଦୀ ଚିନ୍ତାଧାରାର ବ୍ୟକ୍ତିତ୍ୱ। ସଂସ୍କାର ଭଲ ଥିଲେ ଜନ୍ମ ପରେ ମଣିଷଟିଏ ଆଦର୍ଶ ମଣିଷ ଭାବେ ସମାଜରେ ପ୍ରକାଶିତ ହୁଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଲୋକନାଥ ଦାଶଙ୍କୁ ସଂସ୍କୃତି ଓ ସମାଜସେବା ସମ୍ମାନ ଏବଂ ନିଶାମୁକ୍ତି ଆନ୍ଦୋଳନର ନେତ୍ରୀ କବିତାରାଣୀ ପରିଡ଼ାଙ୍କୁ ସମାଜସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ଅନୁଷ୍ଠିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଉପହାର ଦିଆଯାଇଥିଲା।

ଆରମ୍ଭରେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ସଦାଶିବ ମିଶ୍ର ସମ୍ପାଦକୀୟ ବିବରଣୀ, ଉପସଭାପତି ଶିବସୁନ୍ଦର ମିଶ୍ର ପ୍ରାରମ୍ଭିକ ସୂଚନା, ଉପଦେଷ୍ଟା ରାଜକୃଷ୍ଣ ମହାନ୍ତି ଗଙ୍ଗାଧର ମିଶ୍ରଙ୍କ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଲୋକସମ୍ପର୍କ ସଂଯୋଜକ ଶ୍ୟାମପ୍ରକାଶ ସେନାପତି ସମ୍ବର୍ଦ୍ଧନା ପର୍ବ ସଞ୍ଚାଳନ କରିଥିଲେ।

ଶହୀଦ ଯବାନଙ୍କ ପାଇଁ ଦୀପଦାନ

ପୁରୀ ଅଫିସ,୨୪।୨:

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଏକାଦଶାହ ଅବସରରେ ରବିବାର ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଥିଲା। ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଆହତ ଯବାନଙ୍କ ଆରୋଗ୍ୟ କାମନା କରି ଏହି ଦୀପଦାନ କରାଯାଇଥିଲା। ପରେ ଶହୀଦଙ୍କ ସ୍ମରଣାର୍ଥେ ମଞ୍ଚ କାର୍ଯ୍ୟାଳୟ ମଙ୍ଗଳ ମଣ୍ଡପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସିଦ୍ଧେଶ୍ୱର ପ୍ରସାଦ ପଟ୍ଟନାୟକ, କୃତ୍ତିବାସ କାମଲା, ବିଶ୍ୱନାଥ ପରିଚ୍ଛା, ଜଗତ୍‌ବନ୍ଧୁ ପଟ୍ଟନାୟକ, ଗୋପୀନାଥ ମହାନ୍ତି, ଯଦୁମଣି ସାହୁ, ଗୋବିନ୍ଦ ପ୍ରଧାନ, ଭୀମସେନ ପଣ୍ଡା, ଗୋପାଳକୃଷ୍ଣ ସାମନ୍ତରାୟ, ବୃନ୍ଦନାଥ ସେଠୀ, ପ୍ରକାଶ ସେଠୀ, ରାଜକିଶୋର ନାୟକ, ପୂର୍ଣ୍ଣଚନ୍ଦ୍ର ନନ୍ଦ, ନରସିଂହ ଦାଶ, ଯଜ୍ଞେଶ୍ୱର ଭୂଜବଳ ପ୍ରମୁଖ ଯୋଗଦେଇଥିଲେ।

୨୬ରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ର ଶିଳାନ୍ୟାସ

ଖବରଦାତା ସମ୍ମିଳନୀରେ ଅଧକ୍ଷ ରାମଚନ୍ଦ୍ର ଦାସମହାପାତ୍ର ଓ ଅନ୍ୟମାନେ।

ପୁରୀ ଅଫିସ, ୨୪।୨:

ବହୁ ପ୍ରତୀକ୍ଷିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ଆଉଟ୍‌ଡୋର ନିର୍ମାଣ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୬ ତାରିଖରେ ଏହାର ଶିଳାନ୍ୟାସ ହେବ। ଅବଢ଼ା ଯୋଜନାରେ ନିର୍ମାଣ ହେବାକୁ ଥିବା ଏହି ଷ୍ଟାଡିୟମ୍ ଲାଗି ପ୍ରଥମ ପର୍ଯ୍ୟାୟରେ ୨୭କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ରବିବାର ୟୁଥ ହଷ୍ଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ନିର୍ମାଣ କମିଟି ଅଧକ୍ଷ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି। ଏଥିରେ ଜାତୀୟସ୍ତରୀୟ ସୁଇମିଂ ପୁଲ, କ୍ରିକେଟ୍ ଓ ଫୁଟ୍‌ବଲ ଗ୍ରାଉଣ୍ଡ ସହ ୪ ମିଟର ଟ୍ରାକ୍ ନିର୍ମାଣ କରାଯିବ। ୧୨ଶହ ବିଶିଷ୍ଟ ଗ୍ୟାଲେରି ଏବଂ ଖେଳାଳିଙ୍କ ଲାଗି ଏକ ଅଡିଟୋରିୟମ୍ ନିର୍ମାଣ ହେବ ବୋଲି ରାମଚନ୍ଦ୍ର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା, କ୍ରୀଡ଼ାବିତ୍ ରବି ନାରାୟଣ ସେନାପତି, ବକ୍ସିଂ ସମ୍ପାଦକ ସବ୍ୟସାଚୀ ରଥ, ହକି ସମ୍ପାଦକ ପ୍ରଦୀପ ସାହୁ, କୋଚ୍ ସବିତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପା ସଂକଳ୍ପପତ୍ର ସମାବେଶ

ପୁରୀ ଅଫିସ,୨୪।୨:

ସ୍ଥାନୀୟ ରାଧାବଲ୍ଲଭ ସତ୍‌ସଙ୍ଗ ସଭାଗୃହରେ ରବିବାର ଭାଜପା ପୁରୀ ଜିଲା ସଂକଳ୍ପପତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ସଂକଳ୍ପପତ୍ର ରାଜ୍ୟସ୍ତରୀୟ କମିଟି ଅଧକ୍ଷ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟ ଅତିଥିଙ୍କ ମଧରେ ରାଜ୍ୟ ସଂକଳ୍ପ କମିଟି ଆବାହକ ସୁଦର୍ଶନ ନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଦାମୋଦର ପ୍ରଧାନୀ, ନାରାୟଣ ପାତ୍ର, ଜ୍ୟୋତି ମହାପାତ୍ର, ଜିଲା ସଂକଳ୍ପ କମିଟି ଆବାହକ ଅଜିତ କୁମାର ମିଶ୍ର, ଯୁଗ୍ମ ଆବାହକ ଡ. କାଶ୍ୟପ ଏବଂ ଜିଲା ସଂଯୋଜକ କଲ୍ୟାଣ କୁମାର ଚାଟାର୍ଜୀ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ସଂକଳ୍ପ ପତ୍ର ନିମନ୍ତେ ସବୁ ଜିଲା ଭଳି ପୁରୀ ଜିଲାରେ ଏହି ସମାବେଶ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ସଙ୍ଗଠନର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇ ନିର୍ବାଚନ ଇସ୍ତାହାର ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ।

ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ଆୟୋଜିତ ନାଟକ 'ସୁବର୍ଣ୍ଣ ଫଳର' ଏକ ଦୃଶ୍ୟ।

ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମଗିରି, ୨୪।୨(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ବ୍ରହ୍ମଗିରି ବଜାରରେ ପରିବା ଦୋକାନ କରିଥିବା ପୂର୍ଣ୍ଣଚନ୍ଦ୍ର ପାଣିଙ୍କୁ ରବିବାର ରାତିରେ ଦୋକାନରେ ଥିବା ସମୟରେ ଜଣେ ଦୁର୍ବୃତ୍ତ ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ଖଣ୍ଡା ଚୋଟରେ ଆହାତ ହୋଇଛନ୍ତି। ଏହି କାଣ୍ଡ ଘଟାଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସ କାହାରିକୁ ଧରିବାରେ ସକ୍ଷମ ହୋଇ ନ ଥିଲା। ବ୍ରହ୍ମଗିରି ଅଞ୍ଚଳରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହବାକୁ ଲାଗିଲାଣି। ଜନ ଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଦୁର୍ବୃତ୍ତମାନେ ଖୁଲମଖୁଲା ଖଣ୍ଡା ବୁଲାଇ ଆକ୍ରମଣ କରିବା ଦ୍ୱାରା ଜନ ସାଧାରଣ ଆତଙ୍କିତ ହୋଇପଡିଲେଣି।

ମଦ ବିରୋଧୀ ପଦଯାତ୍ରା

କାକଟପୁର, ୨୪।୨(ଡି.ଏନ୍.ଏ.)

ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ରବିବାର ମଦ ବିରୋଧୀ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପର୍ଣ୍ଣା ନାୟକ, ସତ୍ୟବ୍ରତ ପୃଷ୍ଟି, ଇନ୍ଦୁମତି ସାହୁ, ମଳୟ ତ୍ରିପାଠୀ, ଅଭିଜିତ ପାତ୍ର, ରାଜେଶ ଦେଓଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ସାମାଜିକ କର୍ମୀ ରବିବାର ଅସ୍ତରଙ୍ଗ ବଜାର ପରିକ୍ରମା କରି ମଦ ବିକ୍ରୀ ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲେ। ଶେଷରେ ଅସ୍ତରଙ୍ଗର ଜାଗୁଲାଇ ପଡ଼ିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଦକୁ ପରିତ୍ୟାଗ କରିବାକୁ ସାମାଜିକ କର୍ମୀମାନେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

ପଦଯାତ୍ରାରେ ସାମିଲ ହୋଇଥିବା କର୍ମୀମାନେ।

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ତୀର୍ଥ କରିବାକୁ ଗଲେ ପୁରୀର ୧୫୪ ବରିଷ୍ଠ ନାଗରିକ

ପୁରୀ ଅଫିସ,୨୪।୨:

ଉପଜିଲାପାଳ ଭବତାରଣ ସାହୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ଧାର୍ମିକ ଏବଂ ଆଧାତ୍ମିକ ସ୍ଥଳକୁ ତୀର୍ଥଯାତ୍ରାର ସୁବିଧା ଦେବା ପାଇଁ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କରିଛନ୍ତି। ପୁରୀର ୧୫୪ ବରିଷ୍ଠ ନାଗରିକ ଏହି ଯୋଜନାରେ ରବିବାର କୋଲକାତା ଏବଂ ଗୁଆହାଟୀ ଅଭିମୁଖେ ଯାତ୍ରା କରିଛନ୍ତି। ସକାଳେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ନିକଟରୁ ୩ଟି ବସ୍‌ରେ ଏମାନେ ଭୁବନେଶ୍ୱର ଯାଇଥିଲେ। ଉପଜିଲାପାଳ ଭବତାରଣ ସାହୁ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀ ଭୁବନେଶ୍ୱର ଷ୍ଟେଶନରୁ ଟ୍ରେନ୍‌ରେ ଯାତ୍ରା କରିଛନ୍ତି।

ଏହି ଯୋଜନାରେ ତୀର୍ଥଯାତ୍ରା କରିଥିବା ବ୍ରହ୍ମଗିରି ଗମ୍ଭାରୀର ତାରା ପରିଡ଼ା (୬୫) କହିଛନ୍ତି, ସରକାରଙ୍କ ଏହା ଏକ ଭଲ ଯୋଜନା। ମୋ ଭଳି ଅନେକ ଏହାର ସୁଯୋଗ ନେଇପାରିବେ। ପୂର୍ବରୁ ତୀର୍ଥସ୍ଥଳ ବୁଲିବାକୁ ଇଚ୍ଛା କରିଥିଲେ ମଧ ଯାଇପାରୁ ନ ଥିଲି। କିନ୍ତୁ ଏହି ଯୋଜନାରେ ଏବେ ଆମେ ୬ ଦିନ ବିଭିନ୍ନ ସ୍ଥାନ ବୁଲି ଦେଖିବୁ। ସେହିପରି ନିମାପଡ଼ା ଅଳକୁଣ୍ଡର ନିରଞ୍ଜନ ନାୟକ (୬୬) ମଧ ଏହି ଯୋଜନା ଲାଗି ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ପରିଣତ ବୟସରେ ବିଭିନ୍ନ ତୀର୍ଥସ୍ଥଳ ବୁଲିବାର ଯେଉଁ ଆଶା ରହିଛି ତାହା ଏହି ଯୋଜନା ଦ୍ୱାରା ପୂରଣ ହୋଇପାରିବ ବୋଲି କହିଥିଲେ।

ଉପଜିଲାପାଳ ସାହୁ କହିଛନ୍ତି, ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀରୁ ୧୫୪ ବୃଦ୍ଧାବୃଦ୍ଧ ବିଭିନ୍ନ ତୀର୍ଥସ୍ଥାନ ବୁଲିବାକୁ ଯାଉଛନ୍ତି। ଏମାନେ କୋଲକାତାର ଦକ୍ଷିଣକାଳୀ, ଗୁଆହାଟୀର କାମାକ୍ଷା ମନ୍ଦିର ସମେତ ବହୁତ ତୀର୍ଥସ୍ଥଳ ପରିଦର୍ଶନ କରିବେ। ନିଶ୍ଚିତ ଏହା ବରିଷ୍ଠ ନାଗରିକଙ୍କୁ ଖୁସି ଆଣି ଦେବ। ଏହି ଅବସରରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ୨୫ ଫେବୃୟାରୀ, ୨୦୧୯

ମୃତ୍ୟୁ ସମୟରେ ଯଦି ଆମ ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ, ତେବେ ମୁକ୍ତି ମିଳିଥାଏ।
–ଶିରିଡ଼ି ସାଇବାବା

ସଂକ୍ଷେପରେ

ଯୁବତୀଙ୍କୁ ବ୍ଲାକମେଲିଂ, ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୨୪।୨: ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ନେଇ ଧମକ ଦେବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ରବିବାର ଜଣକୁ ଗିରଫ କରିଛି। ସେ ହେଲେ ଦୀପକ କୁମାର ସାହୁ(୩୭)। ପ୍ରକାଶ ଯେ, ଗିରଫ ଅଭିଯୁକ୍ତ ଦୀପକ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରାଇଦେବାକୁ କହି ତାଙ୍କ ପରିବାର ସହ ମଧ୍ୟସ୍ଥତା କରିଥିଲେ। ହେଲେ ପରିବାର ଲୋକେ ଯୁବତୀଙ୍କର ଅନ୍ୟତ୍ର ବିବାହ କରାଇ ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୀପକ ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇଥିବା ଏବଂ ଏହାକୁ ଭାଇରାଲ କରିଦେବାକୁ କହି ପରିବାର ଲୋକଙ୍କୁ ଧମକ ଦେଇଥିଲେ। ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ନିମାପଡ଼ାରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମ

ନିମାପଡ଼ା,୨୪।୨(ଡି.ଏନ୍.ଏ.): ଭାଜପା ପକ୍ଷରୁ ସ୍ଥାନୀୟ ପୂର୍ଣ୍ଣେଶ୍ୱର ସାହିଠାରେ ରବିବାର ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ କିଷାନ ଯୋଜନା ଉଦ୍‌ଘାଟନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ନିମାପଡ଼ା ବ୍ଲକର ଉଛୁପୁର ଗ୍ରାମ ପଞ୍ଚାୟତର ଜଣେ ମହିଳା ଚାଷୀ ଗୌରୀ ଦାସଙ୍କ ସହିତ ସିଧାସଳଖ କଥା ହୋଇଥିଲେ । ଏଥିରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ପୂର୍ବତନ ବିଧାୟକ ବାଇଧର ମଲିକ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ଭାଜପାର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

କାଞ୍ଚି ଅଭିଯାନ ସହ ଭାବକୁଣ୍ଡଳେଶ୍ୱରଙ୍କ ସମ୍ପର୍କ ରହିଛି

ବ୍ରହ୍ମଗିରି, ୨୪।୨(ଡି.ଏନ୍.ଏ.): ଭାବକୁଣ୍ଡେଳଶ୍ୱର ଦେବଙ୍କ ପୀଠରେ ରବିବାର ଶ୍ରୀ ଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ତରଫରୁ ଐତିହ୍ୟରେ ଭାବକୁଣ୍ଡଳେଶ୍ୱର ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ହରପ୍ରସାଦ ମିଶ୍ର ଯୋଗଦେଇଥିଲେ। ୧୪୮୭ରେ ଗଜପତିଙ୍କ କାଞ୍ଚି ଅଭିଯାନ ସମୟରେ ଜଗନ୍ନାଥ ବଳଭଦ୍ର ମାଣିକ ପାଟଣାଠାରେ ନିଜ କର୍ଣ୍ଣର କୁଣ୍ଡଳକୁ ଶିବରୂପେ ସ୍ଥାପନ କରି ସେଠାରେ ଦହି ପାନ କରିଥିଲେ। ସେବେ ଠାରୁ ଠାକୁରଙ୍କ ନାମ ଭାବକୁଣ୍ଡଳେଶ୍ୱର ନାମରେ ନାମିତ। ଏହା ମାଦଳା ପାଞ୍ଜି ସମ୍ମତ ବୋଲି ଅତିଥିମାନେ କହିଥିଲେ। ଏହି ଆଲୋଚନା ଚକ୍ରରେ ଅନ୍ୟାନ୍ୟ ଅତିଥି ଭାବେ ଗବେଷକ ମଦନ ମୋହନ ମହାପାତ୍ର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର

ଗୋପ, ୨୪।୨(ଡି.ଏନ୍.ଏ.): ଗୋପ ମହାବିଦ୍ୟାଳୟରେ ଶନିବାର ସାମାଜିକ ସଙ୍ଗଠନ ଉନ୍ନୟନ ସହାୟତାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟାପକ ଶରତ କୁମାର ସାହୁ, ବିଭୂତି ଭୂଷଣ ସେନାପତି, ଶୈଳେନ୍ଦ୍ର କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଗାଡ଼ି ଚାଳନା କରିବା ସହ ଟ୍ରାଫିକ୍ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିତାଭ୍ ମହାନ୍ତି, ଶାଶ୍ୱତ ରଞ୍ଜନ ପ୍ରଧାନ, ଅଧ୍ୟାପିକା ପ୍ରତିମା ଦେଈ, ଉନ୍ନୟନ ସଂଯୋଜକ ବୃନ୍ଦାବନ ସାହୁ, ସୁଲ୍‌ତାନ ଖାତୁନ୍ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଓ ନିରାପଦ ଗାଡ଼ିଚାଳନା ନିମନ୍ତେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।

■ ହିନ୍ଦୁସ୍ଥାନ ନିର୍ମାଣ ଦଳର ଓଡ଼ିଶା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବ ଦଳ

ଆଗାମୀ ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ

କଟକ ଅଫିସ,୨୪।୨

ହିନ୍ଦୁସ୍ଥାନ ନିର୍ମାଣ ଦଳର ଓଡ଼ିଶା କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର କଟକ ବାଲିଯାତ୍ରା ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଷ୍ଟ୍ରବାଦୀ ନେତା ପ୍ରବୀଣ ଭାଇ ତୋଗଡ଼ିଆ ଉଦ୍‌ଘାଟନ କରିବା ସହିତ ନୂତନ କାର୍ଯ୍ୟକାରିଣୀ ଘୋଷଣା କରିଛନ୍ତି। ସେ କହିଛନ୍ତି, ତାଙ୍କ ଦଳ ମିଥ୍ୟା ପ୍ରତିଶ୍ରୁତି ନୁହେଁ, ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବ। ଦେଶର କୃଷକ, ଶ୍ରମିକ, ଛୋଟ ଓ ମଧ୍ୟମ ଧରଣର ବ୍ୟବସାୟୀ ଏବଂ ସମାଜର ଉପେକ୍ଷିତ ବର୍ଗର ସରକାର ହେବ। ହିନ୍ଦୁ ସମାଜର ସମ୍ମାନ, ସମୃଦ୍ଧି, ସ୍ୱାଭିମାନର ସୁରକ୍ଷା କରିବ। ସୋମନାଥ ମନ୍ଦିର ପରି ସଂସଦରେ ଆଇନ ଆଣି ଅଯୋଧ୍ୟାରେ ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ। କଶ୍ମୀରରୁ ବିସ୍ଥାପିତ ହିନ୍ଦୁ ଓ ଶିଖ୍‌ଙ୍କୁ ପୁନର୍ବାର ସୁରକ୍ଷିତ ଭାବେ ସ୍ୱଗୃହ ପ୍ରତ୍ୟାବର୍ତ୍ତନର ବ୍ୟବସ୍ଥା କରିବ। ହୁ ହୁ ବଢୁଥିବା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଆଣିବ। କୃଷକର ସମୃଦ୍ଧି ପାଇଁ କୃଷିଋଣ ଛାଡ଼, କୃଷକଙ୍କୁ ସ୍ୱାମୀନାଥନ କମିଟିର ସୁପାରିସ ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଏବଂ କୃଷକଙ୍କ ଜମି ଅଧିଗ୍ରହଣ ନୀତିର ପୁନର୍ବିଚାର କରିବ। ଭୁଲ୍ ଆର୍ଥିକ ନୀତି ଯୋଗୁ ବର୍ତ୍ତମାନ ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ବଢ଼ିଚାଲିଛି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଯୋଗୁ ଦେଶରେ ବେରୋଜଗାରୀ ବୃଦ୍ଧି ପାଇଛି। କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟୀ ବହୁ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ସଠିକ୍ ଆର୍ଥିକ ନୀତି ଦ୍ୱାରା ହିନ୍ଦୁସ୍ଥାନ ନିର୍ମାଣ ଦଳ (ହିନ୍ଦ) ଏହି ସମସ୍ୟାର ସମାଧାନ କରିବ। ଓଡ଼ିଶାର ସମସ୍ୟା ସମ୍ପର୍କରେ ତୋଗଡ଼ିଆ କହିଥିଲେ, ଓଡ଼ିଶା, ବାଂଲାଦେଶୀ ଅନୁପ୍ରବେଶକାରୀ ଓ ଜେହାଦୀ ଆତଙ୍କବାଦୀଙ୍କ ଚରାଭୂଇଁ ପାଲଟିଛି। ଓଡ଼ିଶାରୁ ଅବାଧରେ ଗୋ'ଚାଲାଣ ହେଉଛି। ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟସେବା ଦୟନୀୟ ସ୍ଥିତିରେ ପହଞ୍ଚିଛି। ତେଣୁ ଅବକିବାର ପବ୍ଲିକ କି ସରକାର ହେବ ବୋଲି ସେ ଘୋଷଣା କରିଥିଲେ। ଆଗାମୀ ନିର୍ବାଚନରେ ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ନିର୍ବାଚନମଣ୍ଡଳୀରେ ହିନ୍ଦୁସ୍ଥାନ ନିର୍ମାଣ ଦଳ ପ୍ରାର୍ଥୀ ଦେବ ବୋଲି ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ଫେବୃୟାରୀ ୯ ତାରିଖ ତୋଗଡ଼ିଆଙ୍କ ନେତୃତ୍ୱରେ ଦିଲ୍ଲୀରେ ହିନ୍ଦୁସ୍ଥାନ ନିର୍ମାଣ ଦଳ ଗଠିତ ହୋଇଥିଲା।

ସମ୍ମିଳନୀରେ ରାଷ୍ଟ୍ରବାଦୀ ନେତା ପ୍ରବୀଣ ଭାଇ ତୋଗାଡ଼ିଆ ଉଦ୍‌ବୋଧନ ଦେଉଛନ୍ତି।

ଅତିଥିଙ୍କଠାରୁ ଅଙ୍ଗନୱାଡି କର୍ମୀ ମିନତି ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

ବଉଲାଙ୍ଗ ଗାଁ କଲ୍ୟାଣ ସମିତି ପୁରସ୍କୃତ

ଗୋପ, ୨୪।୨(ଡି.ଏନ୍.ଏ.)

ସୁସ୍ଥ ଗାଁ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋପ ବ୍ଲକ ଅଧୀନ ବଉଲାଙ୍ଗ ଗାଁ କଲ୍ୟାଣ ସମିତି ପୁରସ୍କୃତ ହୋଇଛି। ଗ୍ରାମଗୁଡ଼ିକର ସଫାସୁତରା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଗ୍ରାମରେ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲାଗି ସରକାର ଗାଁ କଲ୍ୟାଣ ସମିତି ଆରମ୍ଭ କରିଥିଲେ। ଏହି ଗାଁ କଲ୍ୟାଣ ସମିତି ମାଧ୍ୟମରେ ଗାଁ ସଫେଇ ଓ ଆଲୋକୀକରଣ ଆଦି ବ୍ୟବସ୍ଥା କରାଯାଇଥିଲା। ଏହି ସୁସ୍ଥ ଗାଁ ପୁରସ୍କାର ପ୍ରମାଣପତ୍ର ଓ ଟ୍ରଫିକୁ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପର୍ଶୁରାମ ଚମ୍ପତିରାୟ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଶିବପ୍ରସାଦ ମଙ୍ଗରାଜ, ଡ. ଯସ୍ମିନ୍ ଆଫ୍ରୋଜ୍, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଅଙ୍ଗନୱାଡ଼ି କର୍ମୀ ମିନତି ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ।

ମଦମୁକ୍ତି ଅଭିଯାନକୁ କୋଣାର୍କରେ ସ୍ୱାଗତ

ଶୋଭନୀୟ ଶିକ୍ଷାଶ୍ରମରେ ମଦମୁକ୍ତି ଯାତ୍ରାକୁ ସ୍ୱାଗତ କରାଯାଉଛି।

କୋଣାର୍କ, ୨୪।୨(ଡି.ଏନ୍.ଏ.)

ଓଡ଼ିଶାରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବି ନେଇ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଏବଂ ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ଗତ ୨୩ ତାରିଖରୁ ଭୁବନେଶ୍ୱରରୁ ମଦମୁକ୍ତି ଯାତ୍ରା ରବିବାର ଦିବା ୧୦ ଘଟିକାରେ କୋଣାର୍କରେ ପହଞ୍ଚି ଥିଲା। ଏହି ଅଭିଯାନ ଦଳକୁ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ରୁକ୍ମିଣୀ ଦେବୀ ଶୋଭନୀୟ ବିଦ୍ୟାଳୟ ନିକଟରେ ସ୍ୱାଗତ କରିଥିଲେ। ସେଠାରେ ଅଭିଯାନର କର୍ମକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କୁ ମଦର କୁପ୍ରଭାବ ଉପରେ ବୁଝାଇ ସଚେତନ କରିଥିଲେ। ପରେ କୋଣାର୍କ ମେଡିକାଲ ଛକଠାରେ ଅଭିଯାନ ଦଳ ପକ୍ଷରୁ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ସେଠାରେ ସେମାନେ ମଦ ବିରୋଧୀ ମନ୍ତବ୍ୟ ଦେବା ସହ ଜନସାଧାରଣଙ୍କୁ ମଦ ବିରୋଧରେ ସ୍ୱର ଉତ୍ତୋଳନ ନିମନ୍ତେ କହିଥିଲେ। ମଦର ଭୟାଭୟତା ଓ ସମସ୍ୟା ଉପରେ ସହର ସହର ବୁଲି ପ୍ରଚାର କରିବା ଓ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା ଲକ୍ଷ୍ୟ ବୋଲି ଅଭିଯାନ ଦଳ ପକ୍ଷରୁ କୁହାଯାଇଛି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ଅନ୍ୟ ମାନଙ୍କ ମଧ୍ୟରେ ରମାକାନ୍ତ ମଣ୍ଡଳ, ମଳୟ ତ୍ରିପାଠୀ, ଅପର୍ଣ୍ଣା ନାୟକ, ଇନ୍ଦୁମତି ସାହୁ , ସତ୍ୟବ୍ରତ ପୃଷ୍ଟି, ଅଭିଜିତ ପାତ୍ର, ହିମାଂଶୁ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ଧରମୁ ସାମନ୍ତରାୟ, ରିନାରାଣୀ ଜେନା ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇ ସହଯୋଗ କରିଥିଲେ।

ସାରଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ମହିଳା ସମାବେଶ

ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

ଗୋପ, ୨୪।୨(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ମହିଳାମାନେ ଆତ୍ମ ନିର୍ଭରଶୀଳ ହୋଇ ନିଜ ପରିବାର ପ୍ରତିପୋଷଣ କରିବା ସହ ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିପାରିଛନ୍ତି ବୋଲି ରବିବାର କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ବନାଖଣ୍ଡି ଗ୍ରାମପଞ୍ଚାୟତସ୍ଥିତ ସାରଡ଼ା ବାତ୍ୟା ଆଶ୍ରୟସ୍ଥଳୀଠାରେ ମହିଳା ମହାସମାବେଶରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ମତବ୍ୟକ୍ତ କରିଛନ୍ତି। ମହିଳାଙ୍କ ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବାବେଳେ ୫୦ ପ୍ରତିଶତ ଆସନ ସଂରକ୍ଷଣ କରିଛନ୍ତି। ବନାଖଣ୍ଡି ସରପଞ୍ଚ ଜିତେନ୍ଦ୍ର ନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମା' ସିଦ୍ଧେଶ୍ୱରୀ ମହିଳା ଶକ୍ତି ସଂଗଠନ ସଭାନେତ୍ରୀ ମମତା ମଲ୍ଲ ଯୋଗଦେଇଥିଲେ। ରାଜ୍ୟ ସରକାର ମହିଳାଙ୍କ ପାଇଁ ଆରମ୍ଭ କରିଥିବା ଯୋଜନା ସମ୍ପର୍କରେ ମଲ୍ଲ ସୂଚନା ଦେବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଲାଗି ଦେଉଥିବା ଆର୍ଥିକ ପ୍ରୋତ୍ସାହନ ରାଶି ସମ୍ପର୍କରେ ସୂଚନା ଦେଇଥିଲେ। ସମିତି ସଭ୍ୟ ଜଟାଧାରୀ କାଣ୍ଡି, ମା' ସିଦ୍ଧେଶ୍ୱରୀ ମହିଳା ଶକ୍ତି ସଂଗଠନ ସମ୍ପାଦିକା ରେଣୁବାଳା ନାୟକ, ଏମ୍‌ବିକେ ମାନସୀ ବରାଳଙ୍କ ସମେତ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ବାସନ୍ତୀ ପାତ୍ର, ରେଣୁବାଳା ବାରିକ୍ ପ୍ରମୁଖ ପରିଚାଳନା କରିଥିଲେ।

ବକୁଳବନ ମହୋତ୍ସବ ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ, ୨୪।୨(ଡି.ଏନ୍.ଏ.)

ଐତିହାସିକ ସତ୍ୟବାଦୀ ବକୁଳବନ ନାମରେ ଆରମ୍ଭ ହୋଇଥିବା 'ବକୁଳବନ ମହୋତ୍ସବ' ମାର୍ଚ୍ଚ ୧୨ ତାରିଖରେ ଅନୁଷ୍ଠିତ ହେବ। ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ରବିବାର ଅପରାହ୍ନରେ ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ବାର୍ଷିକ ଏହି ମହୋତ୍ସବକୁ ପରମ୍ପରା, ସଂସ୍କୃତି ଆଧାରରେ ସରସ ସୁନ୍ଦର କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାରମ୍ଭରେ ମହୋତ୍ସବ କମିଟି ସମ୍ପାଦକ କବି ସଚିକାନ୍ତ ବିଶ୍ୱାଳ ପ୍ରତିବର୍ଷ ପରି ପ୍ରକାଶ ପାଉଥିବା ବକୁଳବନର ବାର୍ତ୍ତା ନିମନ୍ତେ ପ୍ରବନ୍ଧ ଓ କବିତା ଆହ୍ୱାନ କରିଥିଲେ। ଉପସଭାପତି ରବୀନ୍ଦ୍ରନାଥ ଷଡ଼ଙ୍ଗୀ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିକାଶ ପରିଷଦ ସଭାପତି ଗୁଣ୍ଡିଚା ବରାଳ, ଚନ୍ଦ୍ରଶେଖର ହୋତା, ଅଞ୍ଜନ କୁମାର ହୋତା, ଅମର ନନ୍ଦ, ଯଯାତି କେଶରୀ ରାୟ, ଶଙ୍କର୍ଷଣ ମିଶ୍ର, ଦେବତିକ୍ତ ମିଶ୍ର, ଧିରଞ୍ଜନ ବିଶ୍ୱାଳ, ରାଜକିଶୋର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ପୁଲଓ୍ୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ବିଜେଡିର କର୍ମୀ ବୈଠକ, ମିଶ୍ରଣ ପର୍ବ

କୋଣାର୍କ, ୨୪।୨(ଡି.ଏନ୍.ଏ.)

କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ବନାଖଣ୍ଡି ଗ୍ରାମପଞ୍ଚାୟତର ବିଜୁ ଜନତା ଦଳ କର୍ମୀମାନଙ୍କୁ ନେଇ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରୁ ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବନାଖଣ୍ଡି ପଞ୍ଚାୟତର ପୂର୍ବତନ ସଭାପତି ପୁଷ୍ପାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମୀ ବୈଠକରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ, ରାଜକିଶୋର ମହାପାତ୍ର, ତୃପ୍ତି ଦାସ, ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳକୁ ସୁଦୃଢ଼ କରିବା ସହ ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ କିଭଳି ସୁରୁଖୁରୁରେ ପାର ହୋଇପାରିବେ, ସେ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ବନାଖଣ୍ଡି ପଞ୍ଚାୟତ ଭାଜପା ସଭାପତି ଅକ୍ଷୟ ପ୍ରଧାନଙ୍କ ସମେତ ୩୦ରୁ ଅଧିକ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ।

ବ୍ୟବସାୟୀ ସଂଘର କ୍ୟାଣ୍ଡେଲ୍ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ରାଜା ବଜାରରେ ବ୍ୟବସାୟୀ ସଂଘ ତରଫରୁ ପୁଲଓ୍ୱାମାଠାରେ ହୋଇଥିବା ଶହୀଦଙ୍କ ପାଇଁ ରବିବାର କ୍ୟାଣ୍ଡେଲ୍ ଶୋଭାଯାତ୍ରା ଆୟୋଜିତ ହୋଇଛି । ବ୍ୟବସାୟୀମାନେ ମାଲୁଦ ପଞ୍ଚୁଦୋଳ ପଡିଆଠାରୁ ରାଜା ବଜାର ପର୍ଯ୍ୟନ୍ତ କ୍ୟାଣ୍ଡେଲ୍ ଧରି ଶୋଭାଯାତ୍ରାରେ ବୁଲିଥିଲେ। ଆତଙ୍କବାଦ କାର୍ଯ୍ୟକୁ ନିନ୍ଦାକରି ଏଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହାର ଜବାବରେ ଭାରତ ପାକିସ୍ତାନକୁ ଧୂଳିସାତ୍ କରିଦେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବ୍ରହ୍ମଗିରିଠାରେ ଅନୁଷ୍ଠିତ ମହିଳା ସମାବେଶ।

ନାରୀଶକ୍ତି ମହିଳା ସଙ୍ଗଠନ ତରଫରୁ ସମାବେଶ

ବ୍ରହ୍ମଗିରି, ୨୪।୨(ଡି.ଏନ୍.ଏ.)

ବ୍ରହ୍ମଗିରି ନାରୀ ଶକ୍ତି ମହିଳା ସଂଗଠନ ତରଫରୁ ରବିବାର ମା' ସାଥୀଭଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ନାରୀ ଶକ୍ତି ମହିଳା ସଂଗଠନର ଆବାହିକା ପ୍ରୀତିସ୍ମିତା ପ୍ରଧାନଙ୍କ ଆହ୍ୱାନରେ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ସୁମିତ୍ରା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ମହିଳାମାନେ କିପରି ସ୍ୱାବଲମ୍ବୀ ଓ ସଶକ୍ତ ହୋଇ ପାରିବେ ସେଥି ପ୍ରତି ସେମାନଙ୍କୁ ଆହ୍ୱାନ କରାଯାଇଥିଲା । ଗ୍ରୀନକାର୍ଡ ଯୋଗାଇ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ ମନ୍ତବ୍ୟ ଦେଇଥିଲେ। ଏହାସହ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ମହିଳାମାନଙ୍କୁ ନିର୍ବାଚନରେ ଲଢ଼ିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା। ଏହି ସଭାରେ ପୁରୀ ଜିଲା ମହିଳା ସଭାନେତ୍ରୀ ସରସ୍ୱତୀ ପ୍ରଧାନ, ପ୍ରଦେଶ କଂଗ୍ରେସ ଉପସଭାନେତ୍ରୀ ଭାଗ୍ୟଶ୍ରୀ ପ୍ରଧାନ, ସାଧାରଣ ସମ୍ପାଦିକା ମଞ୍ଜୁଲତା ବାରିକ, ସୁରେନ୍ଦ୍ର ଜେନା ଓ ଭୀମସେନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

■ କୁନ୍ତଳା କୁମାରୀ ସ୍ମୃତିସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ସମାରୋହ

କୁନ୍ତଳା କୁମାରୀ ଥିଲେ ଉଚ୍ଚକୋଟୀର କବୟିତ୍ରୀ, ଔପନ୍ୟାସିକ

କଟକ ଅଫିସ,୨୪।୨

କଟକ ସାରଳା ଭବନଠାରେ ରବିବାର ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ କୁନ୍ତଳା କୁମାରୀ ସ୍ମୃତିସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ରଘୁବୀର ଦାସ ଉଦ୍‌ଘାଟନ କରି କହିଥିଲେ, କୁନ୍ତଳା କୁମାରୀ ଥିଲେ ଭାରତୀୟ ସାହିତ୍ୟରେ ଜଣେ ଅନନ୍ୟ ପ୍ରତିଭା। କବି ଓ ଔପନ୍ୟାସିକ ଭାବେ ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ। ସେ ମଧ୍ୟ ଜଣେ ଉତ୍ତମ ଚିକିତ୍ସାବିତ ଥିଲେ। ଫାଉଣ୍ଡେଶନର ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଦ୍ମଶ୍ରୀ ଡ. ପ୍ରତିଭା ରାୟ କହିଥିଲେ, କୁନ୍ତଳା କୁମାରୀ ଥିଲେ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣର ଦିଗ୍‌ଦର୍ଶକ। ତାଙ୍କର ଉପନ୍ୟାସ ଭ୍ରାନ୍ତି, ନଅତୁଣ୍ଡି, କାଳିବୋହୂ, ପରଶମଣି ଆଦି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସେହିପରି ମୁଖ୍ୟବକ୍ତା ଭାବେ ଅତିଥି ସାହିତ୍ୟିକା ମନୋରମା ମହାପାତ୍ର କହିଥିଲେ, କୁନ୍ତଳା କୁମାରୀ ଜଣେ ଉଚ୍ଚକୋଟିର କବୟିତ୍ରୀ ଓ ଔପନ୍ୟାସିକ ଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ସମାଜକୁ ସୁଧାରିବାକୁ ପ୍ରୟାସ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଭେଷଜ ବିଜ୍ଞାନୀ ଓ ଲେଖକ ଡା. ନିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ କଥାଶିଳ୍ପୀ ରୁମ୍‌ଝୁମ୍ ନାୟକଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ, ଚିକିତ୍ସା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ପ୍ରଫେସର ଡା. ରବୀନ୍ଦ୍ରନାଥ ସାହୁ, ପ୍ରଫେସର ଜନ୍ମେଜୟ ନାୟକ, ଡା. ଉଦୟନାଥ ମିଶ୍ର ଓ ଡା. ପ୍ରସନ୍ନ କୁମାର ଦେବତାଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ଚିକିତ୍ସାବିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ କବି ଓ କଥାକାର ପ୍ରବୋଧ କୁମାର ରାଉତଙ୍କ ଲିଖିତ ପୁସ୍ତକ 'ଅଳ୍ପ ଆଶିଷ ପାପ' ଏବଂ 'ଦି ମିଷ୍ଟ୍ରି ଅଫ ଦି ବ୍ରୋକେନ ଟ୍ରଙ୍କ' ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେଶନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ, ଡ. ବିରଞ୍ଚି କୁମାର ସାହୁ, ମଞ୍ଜୁଶ୍ରୀ ଶାସ୍ତ୍ରୀ, ଶିଖା ମହାନ୍ତି ମାନପତ୍ର ପାଠ ଏବଂ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।